

ହିମାଚଳ ପାଇଁ ୧୫ ଶହ କୋଟିର ପ୍ୟାକେଜ
ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 170 | ଭାଗ ୩୩ | ସଂଖ୍ୟା ୧୭୦ Wednesday 10 September 2025 | Page 8 Rs. 5.00 ● ଭୁବନେଶ୍ୱର ବୁଧବାର ୧୦ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ରାଧାକ୍ରିଷ୍ଣନ ପଞ୍ଚଦଶ ଉପରାଷ୍ଟ୍ରପତି

### ୧୫୨ ଭୋଟ୍‌ରେ ଜିତିଲେ ଏନ୍‌ଡିଏ ପ୍ରାର୍ଥୀ

### ସପକ୍ଷରେ ୪୫୨, ବିପକ୍ଷରେ ପଡ଼ିଲା ୩୦୦ ଭୋଟ

### ୧୪ ବିରୋଧୀ ସାଂସଦଙ୍କ କ୍ରସ୍‌ଭୋଟିଂ ସନ୍ଦେହ



ନୂଆଦିଲ୍ଲୀ,୯।୯: ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଭାରତର ନୂଆ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଜଗଦୀପ ଧନଖଡ଼ ଗତ ଜୁଲାଇ ୨୧ ତାରିଖରେ କାର୍ଯ୍ୟକାଳ ପୂରିବା ପୂର୍ବରୁ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେବା ପରେ ଉପରାଷ୍ଟ୍ରପତି ପଦଟି ଖାଲି ପଡ଼ିଥିଲା। ଦେଶର ପରବର୍ତ୍ତୀ ଉପରାଷ୍ଟ୍ରପତି ବାଛିବା ସକାଶେ ଆଜି ସଂସଦରେ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଶ୍ରୀ ରାଧାକ୍ରିଷ୍ଣନ ୧୫୨ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ମୋଟ ୭୬୭ ଜଣ ଭୋଟ୍ ଦେଇଥିବାରୁ ବିଜୟ ପାଇଁ ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କୁ ୩୭୭ଟି ଭୋଟ୍‌ର ଆବଶ୍ୟକତା ଥିଲା। ତେବେ ସେ ମୋଟ ୪୫୨ ଜଣ ସାଂସଦଙ୍କ ସମର୍ଥନ ପାଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଇଣ୍ଡି ମେଣ୍ଟ ପ୍ରାର୍ଥୀ ଜଷ୍ଟିସ ସୁଦର୍ଶନ ରେଡ୍ଡୀଙ୍କୁ ୩୦୦ଟି ପ୍ରଥମ ପସନ୍ଦ ଭୋଟ ମିଳିଥିଲା। ଭୋଟ ଗଣତି ପରେ ରାଜ୍ୟସଭାରେ ମହାସଚିବ ପିସି ମୋଦି ଫଳାଫଳ ଘୋଷଣା କରିବା ପରେ ଦେଶର ପଞ୍ଚଦଶ ଉପରାଷ୍ଟ୍ରପତି ଭାବେ ଶ୍ରୀ ରାଧାକ୍ରିଷ୍ଣନ୍ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଏହି ଭୋଟ୍‌ଦାନରେ ୩ଟି ଆଞ୍ଚଳିକ ଦଳ ବିଜେଡି, ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଓ ଶିରୋମଣି ଅକାଳୀ ଦଳ ଭାଗ ନେଇନଥିଲେ। ଭୋଟ୍ ଗ୍ରହଣ ପ୍ରକ୍ରିୟା ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିବା ବେଳେ ସନ୍ଧ୍ୟା ୬ଟାରେ ଗଣତି ହୋଇଥିଲା। ତେବେ ଏହି ନିର୍ବାଚନରେ ବିରୋଧୀ ଦଳର ୧୪ ଜଣ ସାଂସଦ କ୍ରସ୍ ଭୋଟିଂ କରିଥିବା ସନ୍ଦେହ କରାଯାଉଛି।

ଆଜିର ଭୋଟ୍ ଗ୍ରହଣ ପ୍ରକ୍ରିୟାରେ ମୋଟ ୭୮୮ ଜଣ ସାଂସଦ ମତଦାନ ସକାଶେ ଅଧିକୃତ ହୋଇଥିଲେ ହେଁ ସେମାନଙ୍କ ମଧ୍ୟରୁ ୭୮୧ ଜଣ ଭୋଟ୍‌ଦାନରେ ଅଂଶଗ୍ରହଣ କରିବାର ଥିଲା। କିନ୍ତୁ ତିନିଟି ଦଳ ମତଦାନ ପ୍ରକ୍ରିୟାରୁ ଓହରିଯିବାରୁ ୭୬୭ ଜଣ ସାଂସଦ ଭୋଟ୍ ଦେଇଥିଲେ। ଫଳତଃ ମୋଟ ଭୋଟଦାନ ପ୍ରତିଶତ ୯୮.୨ ପ୍ରତିଶତ ରହିଥିଲା। ବାଲଟ୍ ବକ୍ସରେ ମୋଟ ୭୬୭ଟି ଭୋଟ ପଡ଼ିଥିବା ବେଳେ ସେଥିରୁ ୭୫୨ ଭୋଟ ବୈଧ ସାବ୍ୟସ୍ତ ହୋଇଥିବା ଶ୍ରୀ ମୋଦି ସୂଚନା ଦେଇଛନ୍ତି। ଆଜି ଭୋଟ୍ ଆରମ୍ଭ ହେବା ପରେ ସର୍ବପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଲଟ୍‌ରେ ତାଙ୍କ ଚିରକୁଟି ପକାଇଥିଲେ। ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ୍, ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀ, ବିଜେପି ରାଷ୍ଟ୍ରୀୟ ଅଧକ୍ଷ ତଥା ➪ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ



ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ): ନବନିର୍ବାଚିତ ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍‌ଙ୍କୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆପଣଙ୍କର ଗଭୀର ପ୍ରଶାସନିକ ଅଭିଜ୍ଞତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଗଭୀର ପ୍ରତିବଦ୍ଧତା ସଂସଦ ତଥା ଦେଶର ମର୍ଯ୍ୟାଦା ଓ ଗରିମାକୁ ବୃଦ୍ଧି କରିବ। ଏହି ମର୍ଯ୍ୟାଦାପୂର୍ଣ୍ଣ ପଦବିରେ ଦେଶର ସେବା କରିବା ନିମନ୍ତେ ନିର୍ବାଚିତ ହୋଇଥିବାରୁ ଆପଣଙ୍କୁ ଅନେକ ଅନେକ ଶୁଭକାମନା

## ରେକର୍ଡ ସ୍ତରରେ ପହଞ୍ଚିଲା ସୁନା ଦର

ନୂଆଦିଲ୍ଲୀ,୯।୯: ଗତ କିଛି ଦିନ ହେଲା ସୁନା ଦର ଲଗାତାର ଭାବେ ବଢ଼ିଚାଲିଥିବା ବେଳେ ଏବେ ଏହା ରେକର୍ଡ ସ୍ତରରେ ପହଞ୍ଚିଛି। ଲକ୍ଷେ ଟପିଲା ସୁନା ଦର। ୨୨ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ଦର ୧ ଲକ୍ଷ ଟଙ୍କା ଟପିଛି। ଲଗାତାର ୩ ସପ୍ତାହ ହେବ ବଢ଼ୁଛି ଦର। ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ରହିଛି ୧ ଲକ୍ଷ ୧୧ ଶହ ଟଙ୍କା। ସେହିପରି ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ଦର ରହିଛି ୧ ଲକ୍ଷ ୧୦ ହଜାର ୨୯୦ ଟଙ୍କା। ଗତକାଲି ୨୨ କ୍ୟାରେଟ ସୁନାଦର ୧୦ ଗ୍ରାମ ପିଛା ୯୯ ହଜାର ୮୫୦ ଟଙ୍କା ଥିଲା। ଆଜି ଏହି ଦର ୧୨୫୦ ଟଙ୍କା ବଢ଼ି ୧ ଲକ୍ଷ ୧୧ ଶହ ଟଙ୍କା ହୋଇଛି। ଆଜିର ସୁନା ଦର ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ସୁନାର ଏପରି ଅହେତୁକ ଦର ବୃଦ୍ଧି ପଛରେ କେତେକ ପ୍ରମୁଖ କାରଣ ରହିଛି। ପ୍ରଥମତଃ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ପ୍ଲାନ ଯୋଗୁ ବିଶ୍ୱ ବଜାରରେ ଅନିଶ୍ଚିତତା ଦେଖାଦେଇଛି। ଶେୟାର ମାର୍କେଟରେ ନିବେଶକମାନେ ➪ପୃଷ୍ଠା-୬

**୨୨ କ୍ୟାରେଟ୍ ୧୦ ଗ୍ରାମ୍ ସୁନାକୁ ଲକ୍ଷେ**

**ଆହୁରି ବଢ଼ିବା ନେଇ ଆକଳନ**

### ରେଳ କ୍ଷେତ୍ରର ବିକାଶ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ-ରେଳମନ୍ତ୍ରୀ ବୈଠକ

## ଓଡ଼ିଶାରେ ୯୦ ହଜାର କୋଟିର କାର୍ଯ୍ୟାନ୍ୱୟନ ହେଉଛି: ଧର୍ମେନ୍ଦ୍ର

**ରାଜ୍ୟର ୪ ସାଂସଦଙ୍କ ଯୋଗଦାନ**

**ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ସମସ୍ୟା ଉପରେ ବିଚାରବିମର୍ଶ**



ନୂଆଦିଲ୍ଲୀ,୯।୯(ସଂଚାର ବ୍ୟୁରୋ): ଓଡ଼ିଶାରେ ରେଳ କ୍ଷେତ୍ରର ବିକାଶ, ନାଗରିକଙ୍କ ଯାତାୟତ ସହ ପରିବହନ ପଥକୁ ସୁଗମ କରିବା ତଥା ରେଳ ନେଟୱାର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ନେଇ ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଓଡ଼ିଶାର ଦଳୀୟ ସାଂସଦମାନଙ୍କ ମଧ୍ୟରେ ସବିଶେଷ ଆଲୋଚନା ହୋଇଛି। ଶ୍ରୀ ପ୍ରଧାନ ଆଲୋଚନା ପରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ନାଗରିକଙ୍କ ଯାତାୟାତ, ଶିଳ୍ପ ଓ ଖଣିଜ କ୍ଷେତ୍ରର ବିକାଶ ସହ କୃଷି ଉତ୍ପାଦିତ ସାମଗ୍ରୀକୁ ଦେଶ ବଜାର ସହ ଯୋଡ଼ିବାରେ ରେଳ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ➪ପୃଷ୍ଠା-୬

## ନେପାଳ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଇସ୍ତଫା

**ଦୁବାଇ ପଳାୟନ ଲାଗି ଓଲିଙ୍କ ଯୋଜନା**

**ବିକ୍ଷୋଭକାରୀଙ୍କ ପୋଡ଼ାଜଳା ଜାରି**



କାଠମାଣ୍ଡୁ, ୯।୯: ଜେନ୍ ଜେଡ୍ ଆନ୍ଦୋଳନ ତୀବ୍ର ହେଉଥିବା ବେଳେ ନେପାଳରେ ଶାସନ ପରିବର୍ତ୍ତନ ହୋଇଛି। ବିକ୍ଷୋଭକାରୀଙ୍କ ଚାପ ଓ ସେନା ମୁଖ୍ୟଙ୍କ ନିର୍ଦ୍ଦେଶ ପରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି କେପି ଓଲି ଶର୍ମା। ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ମଧ୍ୟ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ପରେ ରାମଚନ୍ଦ୍ର ମଧ୍ୟ ଦେଶ ଛାଡ଼ିବାକୁ ଚାହୁଁଥିବା ଜଣାପଡ଼ିଛି। କଡ଼ା ସୁରକ୍ଷା ଓ ସେନା ମୁତୟନ ସତ୍ତ୍ୱେ ଆଜି ବିକ୍ଷୋଭକାରୀମାନେ ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଛନ୍ତି। ବିକ୍ଷୋଭକାରୀଙ୍କ ଆକ୍ରୋଶରୁ ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ଦହଲ ଓରଫ ପ୍ରଚଣ୍ଡ ଓ ଶେର ବାହାଦୂର ଦେଉବା ଓ ଶକ୍ତି ମନ୍ତ୍ରୀ ଦୀପକ ଖାଡକାଙ୍କ ଘର ମଧ୍ୟ ବର୍ତ୍ତି ➪ପୃଷ୍ଠା-୬

### ଫେରିଆସିଲା ୨ ଭାରତୀୟ ବିମାନ

ନୂଆଦିଲ୍ଲୀ: ଭାରତରୁ ନେପାଳ ଯାଉଥିବା ୨ଟି ବିମାନ ଆଜି ଅଧା ବାଟରୁ ଫେରିଆସିଛି। ତ୍ରିଭୁବନ ବିମାନବନ୍ଦରରେ ଅବତରଣ ଅନୁମତି ନ ମିଳିବାରୁ ଦିଲ୍ଲୀ ଓ ମୁମ୍ବାଇରୁ କାଠମାଣ୍ଡୁ ଯାଉଥିବା ଏହି ଇଣ୍ଡିଗୋ ବିମାନଦ୍ୱୟ ଫେରିଆସିଛନ୍ତି। ଏପରିକି ଦିଲ୍ଲୀରୁ କାଠମାଣ୍ଡୁ ଯିବାକୁ ଥିବା ଏୟାର ଇଣ୍ଡିଆର ୩ଟି ବିମାନର ଉଡ଼ାଣକୁ ମଧ୍ୟ ବାତିଲ କରିଦିଆଯାଇଛି। ନେପାଳର ସାମ୍ପ୍ରତି ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ-ନେପାଳ ସୀମାନ୍ତରେ ହାଇ ଆଲର୍ଟ ବି ଜାରି କରାଯାଇଛି।

### ବାଣିଜ୍ୟ ଓ ପରିବହନ ବିଭାଗ ଆଣିଲା ଚିଠା ଇଭି ନୀତି

## ୨୦୪୭ ସୁଦ୍ଧା ଚାଲିବ ୮୦% ଇଭି ଗାଡ଼ି

**ଭୁବନେଶ୍ୱର, ୯।୯ (ସଂଚାର ବ୍ୟୁରୋ):** ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ଓ କାର୍ବନ ନିର୍ଗମନ ହ୍ରାସ କରିବାକୁ ସରକାର ନୂଆ ଚିଠା ବୈଦ୍ୟୁତିକ ନୀତି -୨୦୨୫ ଆଣିଛନ୍ତି। ଚିଠା ନୀତି ଉପରେ ଆଜିଠୁ ସାଧାରଣ ଲୋକଙ୍କ ମତାମତ ମଗାଯାଇଛି। ଏହି ନୀତି କାର୍ଯ୍ୟକାରୀ ହେବା ପରେ, ରାଜ୍ୟରେ ଇଭି ଗାଡିର ବ୍ୟବହାର ୨୦୩୬ ସୁଦ୍ଧା ରାଜ୍ୟରେ ୭୦ ପ୍ରତିଶତ ଓ ୨୦୪୭ ସୁଦ୍ଧା ୮୦ ପ୍ରତିଶତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ନୀତି ୨୦୩୦ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ।

୨୦୨୧ରେ ତତ୍କାଳୀନ ସରକାର ରାଜ୍ୟରେ ବୈଦ୍ୟୁତିକ ନୀତି ଲାଗୁ କରିଥିଲେ। ସେ ସମୟରେ ୪ ବର୍ଷ ମଧ୍ୟରେ ରାଜ୍ୟରେ ଇଭି ଗାଡିର ବ୍ୟବହାର ୨୦ ପ୍ରତିଶତକୁ ବୃଦ୍ଧି କରିବାକୁ ଟାର୍ଗେଟ କରାଯାଇଥିଲା। କିନ୍ତୁ ଏଥିରେ ସରକାର ସଫଳ ହୋଇନଥିଲେ। ୨୦୨୫ ଜୁନ ସୁଦ୍ଧା ଇଭି ଗାଡିର ବ୍ୟବହାର ୮.୮ ପ୍ରତିଶତ ଥିବା ବେଳେ ଏବେ ସୁଦ୍ଧା ବୈଦ୍ୟୁତିକ ଗାଡିର ବ୍ୟବହାର ମାତ୍ର ୯ ପ୍ରତିଶତକୁ ବଢ଼ିଛି। ପୂର୍ବ ସରକାର ଇଭି ନୀତି ଲୋକଙ୍କୁ ଉତ୍ସାହିତ କରିପାରିନଥିବାରୁ ରାଜ୍ୟ ସରକାର ନୂଆ ନୀତି ଆଣିବାକୁ ଯାଉଛନ୍ତି।

ନୂଆ ନୀତିରେ ରାଜ୍ୟରେ ଇଭି ଗାଡିର ବ୍ୟବହାର ବୃଦ୍ଧି ସହ ଉତ୍ପାଦନ ଓ ରିସର୍ଚ୍ଚକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ନୂଆ ନୀତି ଅନୁଯାଇ ତିନିଚକିଆ ଅଟୋରେ ୨୦ହଜାରୁ ୩୦ ହଜାର ପର୍ଯ୍ୟନ୍ତ ରିହାତି ଦିଆଯିବ। ଚାରି ଚକିଆ ବ୍ୟକ୍ତିଗତ ବ୍ୟବହାର ପାଇଁ ଉଦ୍ଦିଷ୍ଟ କାରରେ ଦେଢ଼ ଲକ୍ଷ ଓ ଟ୍ୟାକ୍ସି ପାଇଁ ୨ ➪ପୃଷ୍ଠା-୬

**ବଦଳିବ ସବୁ ସରକାରୀ ଗାଡ଼ି**

**୫ ବର୍ଷ ପର୍ଯ୍ୟନ୍ତ ବଦଳିପାରିବନି ମାଲିକାନା**



## ଦକ୍ଷିଣ ଓଡ଼ିଶାରେ ଭାଙ୍ଗିଲା ବିଜେଡି ଗଡ଼



**ଦଳ ଛାଡ଼ିଲେ ଭାସ୍କର ରାଓ ଓ ହିମିରିକା**

**ଗଢ଼ିବେ ବିଜୁ ସ୍ୱାଭିମାନ ମଞ୍ଚ**

**ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ):** ଦିନକୁ ଦିନ ଦୁର୍ବଳ ହେଉଛି ବିଜେଡି। ବିଶେଷକରି ଆଜି ଦଳକୁ ଦକ୍ଷିଣ ଓଡ଼ିଶାରେ ଜବରଦସ୍ତ ଝଟ୍‌କା ଲାଗିଛି। ଦୁଇ ହେଭିୱେଟ୍ ନେତା। ପୂର୍ବତନ ସାଂସଦ ଏନ୍. ଭାସ୍କର ରାଓ ଓ ପୂର୍ବତନ ମନ୍ତ୍ରୀ ଲାଲ୍ ବିହାରୀ ହିମିରିକା ଦଳରୁ ଇସ୍ତଫା ଦେଇଛନ୍ତି। ଉଭୟ ବିଜେଡିର ପ୍ରାଥମିକ ସଦସ୍ୟ ପଦ ଛାଡ଼ିଥିବା ନେଇ ଆଜି ବିଧିବଦ୍ଧ ଘୋଷଣା କରିଛନ୍ତି। ନିଜ ସମର୍ଥକଙ୍କ ସହ ଆଲୋଚନା ପରେ ସେମାନେ ଇସ୍ତଫା ଦେଇଛନ୍ତି। ଇସ୍ତଫା ସମ୍ପର୍କରେ ସୂଚନା ଦେବା ସମୟରେ ଶ୍ରୀ ରାଓ ବିଜୁ ସ୍ୱାଭିମାନ ମଞ୍ଚ ଗଠନ କରିବେ ବୋଲି କହିଛନ୍ତି। ଶ୍ରୀ ଭାସ୍କର ରାଓ ବିଜେଡିର ବରିଷ୍ଠ ନେତା ଓ ଦୃଢ଼ ସଂଗଠକଙ୍କ ମଧ୍ୟରେ ଅନ୍ୟତମ ଥିଲେ। ଯେଉଁଥିପାଇଁ ଦଳ ତାଙ୍କୁ ଗତ ୨୦୧୬ରେ ରାଜ୍ୟସଭା ➪ପୃଷ୍ଠା-୬

### ବିବାଦରେ ଶ୍ରୀମନ୍ଦିର ପ୍ରଶାସନ

## କୋଉଠି ଖର୍ଚ୍ଚ କଲେ ୨ କିଲୋ ସୁନା?



'ଦାନ ସୁନା, ରୁପା ରତ୍ନ ଭଣ୍ଡାରରେ ରଖ'

ପୁରୀ, ୯।୯(ସଂଚାର ବ୍ୟୁରୋ): ଶ୍ରୀମନ୍ଦିରରେ ପରିଚାଳନା କମିଟି ମୁଖ୍ୟ। ପରିଚାଳନା କମିଟିର ବିନାନୁମୋଦନରେ ଟଙ୍କାଟିଏ ଖର୍ଚ୍ଚ ହୋଇ ପାରିବ ନାହିଁ। ଯଦି ସେତିକି ଗୁରୁତ୍ୱପୂର୍ଣ୍ଣ ଥାଏ ତେବେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ ଖର୍ଚ୍ଚ କରି ପରେ ପରିଚାଳନା କମିଟିର ଅନୁମୋଦନ ନେବ। ତାହା ପୁଣି ଉଚିତ୍ ବା ଯଥେଷ୍ଟ କାରଣ ଦର୍ଶାଇ। କିନ୍ତୁ ପରିଚାଳନା କମିଟିର ବିନାନୁମତିରେ ସୁନା ଓ ରୁପା ଖର୍ଚ୍ଚ କରି ଶ୍ରୀମନ୍ଦିର ପ୍ରଶାସନ ବିବାଦକୁ ଆସିଛି। ୨କେଜି ୫୮୩ ଗ୍ରାମ୍ ୯୧୪ ମିଲିଗ୍ରାମ୍ ସୁନା ଓ ୧୪୭ କେଜି ୧୦୩ ଗ୍ରାମ୍ ୮୧୧ ମିଲିଗ୍ରାମ୍ ରୁପା କେଉଁଠି ଖର୍ଚ୍ଚ ହୋଇଛି ତାହାର ହିସାବ ନାହିଁ। ଯେଉଁଠି ଏହି ଖର୍ଚ୍ଚ ପ୍ରଶାସନ ଦର୍ଶାଉଛି ତାହାର କୌଣସି ଆବଶ୍ୟକତା ନଥିଲା। ଯେଉଁ ସୁନାରେ ମୂର୍ତ୍ତି ତିଆରି ହୋଇଛି ତାହା ଶତପ୍ରତିଶତସୁନା ବୋଲି ପ୍ରମାଣିତ ମଧ୍ୟ ହୋଇ ନାହିଁ। ଫଳରେ ସୁନାରୁପା ଖର୍ଚ୍ଚ ହୋଇଛି ନା ବାଣ୍ଟିକୁଣ୍ଟି ନେଇ ଯାଇଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି।

ଶ୍ରୀମନ୍ଦିର ପ୍ରଶାସନର ହିସାବ ମୁତାବକ, ୨୦୨୧-୨୨, ୨୦୨୨-୨୩, ୨୦୨୩-୨୪ରେ ଶ୍ରୀମନ୍ଦିର ପ୍ରଶାସନ ୧୨କେଜି ୨୮୪ ଗ୍ରାମକ୍ ୪୨୪ ମିଲିଗ୍ରାମ୍ ସୁନା ଓ ୨୧୪ କେଜି ୧୨୯ ଗ୍ରାମ୍ ୬୩୫ ମିଲିଗ୍ରାମ୍ ରୁପା ଦାନସୂତ୍ରରେ ପାଇଥିଲା। ଏଥିମଧ୍ୟରୁ ୨କେଜି ୫୮୩ ଗ୍ରାମ୍ ୯୧୪ ମିଲିଗ୍ରାମ୍ ସୁନା ଓ ୧୪୭ କେଜି ୧୦୩ ଗ୍ରାମ୍ ୮୧୧ ମିଲିଗ୍ରାମ୍ ରୁପା ଶ୍ରୀମନ୍ଦିର ପ୍ରଶାସନ ଖର୍ଚ୍ଚ କରିଥିବା ଦର୍ଶାଇଛି। କିନ୍ତୁ କୌଣସି ପରିଚାଳନା କମିଟି ବୈଠକରେ ଏହି ଖର୍ଚ୍ଚ ବାବଦରେ ସୂଚନା ଦିଆଯାଇ ନାହିଁ କିମ୍ବା ବୈଠକରେ ଆଲୋଚନା କରାଯାଇ ସ୍ୱୀକୃତି ନିଆଯାଇନାହିଁ। ଏଣୁ ଏହି ଖର୍ଚ୍ଚ ଉପରେ ➪ପୃଷ୍ଠା-୬



### କାନ ଡେରିଥା

ନେତା ଛାଡିଯିବେ ଦଳ
ଭାଙ୍ଗିଯିବ
ମୁଖିଆଙ୍କୁ ବଡ଼ ଧକ୍କା
ଏମିତି ଲୋକଟେ ପାଖରେ
ଅଛି ଯେ
ଏମାନଙ୍କୁ ମିଳେ ମୌକା
ଦଳ କାର୍ଯ୍ୟକର୍ତ୍ତା ଜଳକା...
ନିଜେ ଏବେ ସିଏ ସୁରକ୍ଷିତ ହେବେ
ଲାଗୁଛି ଅଜଣା ଝଟକା।

■ ଦେବାଶିଷ

**ସାବାସ ସୂର୍ଯ୍ୟବଂଶୀ**

## ବାଣୀବିହାରରେ ଦାଦାଗିରିକୁ ଦମନ

ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସରେ ଯାହା ହୋଇନଥିଲା ତାହା କରି ଦେଖାଇଚନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଗୋଟିଏ ନିର୍ଦ୍ଦେଶରେ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଆଡ୍ଡା ଜମାଇଥିବା ଅଣଛାତ୍ରଙ୍କୁ ତଡିଛନ୍ତି। ଦୀର୍ଘଦିନ ପରେ ହଷ୍ଟେଲରୁ ଦାଦାଗିରି ହଟିଥିବାରୁ ସୂର୍ଯ୍ୟବଂଶୀଙ୍କୁ ଏବେ ସବୁଠାରୁ ପ୍ରଶଂସା ମିଳିବାରେ ଲାଗିଛି।

**ଉତ୍କଳ ଇତିହାସରେ ପ୍ରଥମ**

ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରାବାସକୁ ସର୍ବଦା ଅଣଛାତ୍ରମାନେ ଦଖଲ କରି ରଖିଥାନ୍ତି। ଅଧିକାଂଶ ଅଣଛାତ୍ର ନିଜେ ରହିବା ବଦଳରେ ଛାତ୍ରାବାସ କୋଠରୀକୁ ଭଡା ଦେଇଥାନ୍ତି। କେଉଁ କୋଠରୀରେ ଡ୍ରାଇଭର ଭଡାରେ ଥାନ୍ତି ତ ଆଉ କେଉଁ କୋଠରୀରେ ନିଶା ବେପାରୀ। ଏମାନଙ୍କ ଦୌରାତ୍ମ୍ୟରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ତ୍ରାହି ତ୍ରାହି ଡାକିଥାନ୍ତି।





ଅବସ୍ଥା ଏଭଳି ହୋଇଥାଏ ଯେ ଯେଉଁ ମେଧାବୀ ପିଲାମାନଙ୍କର ହଷ୍ଟେଲ ଆବଶ୍ୟକ ସେମାନେ ସହଜରେ ତାହା ପାଇନଥାନ୍ତି। ଅଣଛାତ୍ରମାନେ ବାଣୀବିହାର ପରିସରକୁ ସେମାନଙ୍କ ନିରାପଦ ନିଶାସେବନ ସ୍ଥଳୀରେ ପରିଣତ କରିଥିଲେ। ରାଜନୈତିକ ଚାପ ଓ ଅଣଛାତ୍ରଙ୍କ ନାଲିଆଖିରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ପ୍ରକାର ମୂକ ଦର୍ଶକ ସାଜିଥାନ୍ତି।

ଏହି ଅଣଛାତ୍ରଙ୍କର ସବୁଠାରୁ ବଡ କାରନାମା ହେଲା ଏମାନେ ବିଶ୍ୱବିଦ୍ୟାଳୟର ଛାତ୍ର ରାଜନୀତିକୁ ନିୟନ୍ତ୍ରଣ କରିଥାନ୍ତି। ବର୍ଷସାରା କୋଠରୀ ଭଡାରେ ଲଗାଇଥିବା ଅଣଛାତ୍ରମାନେ ଛାତ୍ରସଂସଦ ନିର୍ବାଚନ ସମୟରେ ବିଶ୍ୱବିଦ୍ୟାଳୟ ପରିସରକୁ ଫେରି ଆନ୍ଦୋଳନ, ଧର୍ମଘଟରେ ମାତିଥାନ୍ତି। ପାଠପଢା ବ୍ୟାହତ କରିଥାନ୍ତି। ଏମାନଙ୍କ ପଛରେ ରାଜନୈତିକ ଆର୍ଶୀବାଦ ଥିବାରୁ ଅଣଛାତ୍ରମାନେ ଗଣ୍ଡଗୋଳ କରିବା ସହିତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏପରିକି ଛାତ୍ରଛାତ୍ରୀମାନଙ୍କ ଆକ୍ରମଣ କରିବାକୁ ପଛାଇ ନଥାନ୍ତି। ତେବେ ରାଜ୍ୟରେ ➪ପୃଷ୍ଠା-୬

● ମହାକାଳପଡ଼ା ବସ୍‌ଷ୍ଟାଣ୍ଡ ଚଟାଣ ଧସିବା ଘଟଣା

## ଖବର ପ୍ରକାଶ ପରେ ହେଲା ମରାମତି



**ମହାକାଳପଡ଼ା,୯।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମହାକାଳପଡ଼ା ବସ୍ ଷ୍ଟାଣ୍ଡ ଭିତର ଚଟାଣ ଧସି ପଡ଼ିଥିବା ଖବର ଗତକାଲି ସଂଚାର ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଗାର୍ଡ ୱାଲ୍ ନଥିବାରୁ ବାଲି ଧସିବା ସହିତ ଫେବର ବ୍ଲକ ମଧ୍ୟ ଧସିଯାଇ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ପାଇଥିଲେ। ଏହାପରେ ଏହାର ମରାମତି ପାଇଁ ବିଡ଼ିଓ ନିର୍ଦ୍ଦେଶ ଦେବା ପରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଗତ ସରକାରଙ୍କ ସମୟରେ ଅର୍ଥାତ୍ ୧୨ ମାର୍ଚ୍ଚ ୨୦୨୪ ରେ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଏହି ବସ୍ ଷ୍ଟାଣ୍ଡ ଲୋକାର୍ପିତ ହୋଇଥିଲା।

## ଚୋରା ମଦ ଜବତ, ଦୁଇ ମହିଳାଙ୍କ ସମେତ ୮ କୋର୍ଟ ଚାଲାଣ



**କେନ୍ଦ୍ରାପଡ଼ା,୯।୯(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ରାଜକନିକା, କେନ୍ଦ୍ରାପଡ଼ା ଟାଉନ, ତନ୍ତିଆପାଳ ମେରାଇନ ଓ ଆଳି ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମଢ଼ିଆଳ ଗ୍ରାମର ରବୀନ୍ଦ୍ର କୁମାର ସାହୁ (୪୫)ଙ୍କ ଠାରୁ ୧୯ ଲିଟର ଦେଶୀ ରନ୍ଧା ମଦ, ବଳଗଣ୍ଡି ଗ୍ରାମର ଚିରଞ୍ଜନ ସାହୁ (୫୭)ଙ୍କ ଠାରୁ ୨୧ ଲିଟର ଦେଶୀ ରନ୍ଧା ମଦ, କଜଳା ଗ୍ରାମର ରାହାସ ଦାସ(୬୨)ଙ୍କ ଠାରୁ ୨୮ ଲିଟର ଦେଶୀ ମଦ, ତନ୍ତିଆ ଗ୍ରାମର ବକୁଳ ଜେନା(୫୩)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ବାଜରପୁର ଗ୍ରାମର ନରୋମ ବିଶ୍ୱାଳ(୪୪)ଙ୍କ ଠାରୁ ୧୩ ଲିଟର ଦେଶୀ ମଦ, ବଂଶରିଆ ଗ୍ରାମର ଦ୍ରୁପଦୀ ମଳିକ(୬୯)ଙ୍କ ଠାରୁ ୧୧ ଲିଟର ବିଦେଶୀ ମଦ, ବାଲକାଟୀ ଗ୍ରାମର ଆରତୀ ମଳିକ(୪୫)ଙ୍କ ଠାରୁ ୧୬ ଲିଟର ବିଦେଶୀ ମଦ ଓ ସୁନିତି ଗ୍ରାମର ପାନନ ମଳିକ(୫୧)ଙ୍କ ଠାରୁ୨୭ ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୧୬୬ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ମଦ ଜବତ କରାଯାଇ ୨ ମହିଳାଙ୍କ ସମେତ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ, ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ନରେଶ କୁମାର ପଣ୍ଡା, କଳ୍ପନା ରାଉତଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ସାଉଥ ଆଫ୍ରିକାରେ ଓଡ଼ିଆ ଯୁବକଙ୍କ ଆତ୍ମହତ୍ୟା

**ରାଜନଗର,୯।୯(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଡାଙ୍ଗମାଳ ଗାଁର ବସୁଦେବ ବେହେରାଙ୍କ ବଡପୁଅ ନିଶିଦେବ ବେହେରା (୨୭ ବର୍ଷ) ଆଜି ଭୋର୍ ସମୟରେ ଆତ୍ମହତ୍ୟା କରିଛନ୍ତି। ସୁଦୂର ସାଉଥ ଆଫ୍ରିକାରେ ନିଶିଦେବ ଆତ୍ମହତ୍ୟା କରିଛନ୍ତି। ନିଶିଦେବ ୧୮ ମାସ ତଳେ ସାଉଥଆଫ୍ରିକା କୁ କାମ କରିବାକୁ ଯାଇଥିଲେ। ଗତକାଲି ରାତି ପ୍ରାୟ ୩ ଘଟିକା ସମୟରେ ଘରକୁ ଫୋନ କରି କଥା ହୋଇଥିଲେ। ମାତ୍ର ଭୋରୁ ଭୋରୁ ସେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଘରକୁ ଫୋନ ଆସିଥିଲା। ସେଠାରେ ରହୁଥିବା ରାଜକନିକା ଅଞ୍ଚଳର ଯୁବକ ନିଶିଦେବଙ୍କ ଘରକୁ ଫୋନ କରି ଜଣାଇଥିଲେ। ନିଶିଦେବ ଅଢେଇ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଦେଢ ବର୍ଷର ଗୋଟିଏ ପୁଅ ରହିଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ।

# ରାସ୍ତାରେ ଲହଡ଼ି ମାରୁଛି ବର୍ଷାପାଣି, ଯାତାୟାତରେ ସମସ୍ୟା



**ଗରଦପୁର,୯।୯(ସଂଚାର ବ୍ୟୁରୋ):** ଟିକିଏ ବର୍ଷା ହେଲେ ଜମୁଛି ଆଣ୍ଠିଏ ଉଚ୍ଚର ବର୍ଷା ପାଣି। ଦୀର୍ଘଦିନ ଧରି ଏହି ସମସ୍ୟା ଦେଖାଦେଉଥିଲେ ସୁଦ୍ଧା ଏଥିପ୍ରତି ପ୍ରଶାସନ ଦୃଷ୍ଟି ମଧ୍ୟ ଦେଉନଥିବା ଅଭିଯୋଗ ହୋଇଛି। ଏମିତି ସମସ୍ୟା ଗତ କିଛିବର୍ଷ ଧରି ଦେଖା

**ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ**

ଦେଉଛି। ଗ୍ରାମର ନିର୍ମାଣ ହୋଇଥିବା ଢଳେଇ ରାସ୍ତା ଉପରେ ବର୍ଷା ପାଣି ଜମି ରହୁଥିବାରୁ ଯାତାୟାତରେ ସମସ୍ୟା ଦେଖାଯାଇଛି । ଢଳେଇ ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ କରି ରାସ୍ତାରେ ଯାତାୟାତର ସୁବିଧା କରିବା ପାଇଁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ପୂର୍ବରୁ ଦାବି ଜଣାଇଛନ୍ତି। କିନ୍ତୁ ସମସ୍ୟା ଭୋଗୁଥିବା ଗ୍ରାମବାସୀଙ୍କ ଦୁଃଖ ପ୍ରଶାସନ ଶୁଣୁନି ।

ଗରଦପୁର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ନୂଆପଡା ଗ୍ରାମର ଗୋଚ୍ଛାୟତ ସାହି ଲୋକଙ୍କ ଯାତାୟାତ ପାଇଁ ଗ୍ରାମରେ କିଛି ବର୍ଷ ପୂର୍ବରୁ ଢଳେଇ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ସାହିରେ ୩୫ ପରିବାର ବସବାସ କରୁଛନ୍ତି। ବର୍ଷା ହେଲେ ପାଣି ନିଷ୍କାସିତ ହୋଇ ପାରୁନାହିଁ। ସାହିର ମଳୟ ଗୋଚ୍ଛାୟତଙ୍କ ଘର ପାଖରୁ ସର୍ବେଶ୍ୱର ବେହେରାଙ୍କ ଘର ପର୍ଯ୍ୟନ୍ତ ପ୍ରାୟ ୩୦ ଫୁଟରୁ ଊର୍ଦ୍ଧ୍ୱ ରାସ୍ତାରେ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ଜମି ରହୁଛି। ଏଥିପାଇଁ ସାହି ଲୋକମାନେ ଏହି ବର୍ଷା ପାଣିରେ ପଶି ଦୈନିକ ଯାତାୟାତ କରିବାକୁ ବାଧ ହେଉଛନ୍ତି। ବର୍ଷା ଲାଗି ରହିଥିବାରୁ ରାସ୍ତା ଉପରୁ ବର୍ଷା ପାଣି ହଟୁନାହିଁ। ଫଳରେ ସାହି ଲୋକମାନେ ଏବଂ ଛୋଟଛୋଟ ସ୍କୁଲ ପିଲା ଦୈନିକ ବର୍ଷା ପାଣି ଭର୍ତ୍ତି ରାସ୍ତା ଉପରେ ଯାତାୟାତ କରୁଛନ୍ତି।

ଏଥିପାଇଁ ସାହି ଲୋକଙ୍କ ମଧ୍ୟରୁ ଅନେକଙ୍କୁ ଥଣ୍ଡା, ଜ୍ୱର ଓ କାଶ ହେଉଛି। ଏପରିସ୍ଥଳେ ପଞ୍ଚାୟତ ପକ୍ଷରୁ ଢଳେଇ ରାସ୍ତା ପାର୍ଶ୍ୱରେ ଏକ ଡ୍ରେନ୍ ନିର୍ମାଣ କରି ବର୍ଷା ପାଣିକୁ ବାହାରକୁ ନିଷ୍କାସିତ କରିବା ପାଇଁ ସାହିର ମଳୟ ଗୋଚ୍ଛାୟତ, ଭାଗବତ ଗୋଚ୍ଛାୟତ ଆଶିଷ ଗୋଚ୍ଛାୟତ ଓ ଭାଗବତ ବେହେରା ପ୍ରମୁଖ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି । ସେହିପରି ଏହି ସାହି ନିକଟ ବେହେରା ସାହିରେ ମଧ୍ୟ ଅନୁରୂପ ଭାବେ ଢଳେଇ ରାସ୍ତା ଉପରେ ବର୍ଷା ପାଣି ଜମି ରହୁଛି । ସାହିର ପ୍ରାୟ ୨୦ ଫୁଟରୁ ଊର୍ଦ୍ଧ୍ୱ ରାସ୍ତା ଉପରେ ଦୀର୍ଘଦିନ ଧରି ବର୍ଷା ପାଣି ଜମି ରହୁଥିବାରୁ ସାହିର ଲୋକେ ବର୍ଷା ଦିନରେ ପାଣି ଭରି ରାସ୍ତା ଉପରେ ଯାତାୟାତ କରୁଥିବାର ଦେଖାଯାଇଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାହି ବାସିନ୍ଦାମାନେ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।

# ତୀର୍ଥଯାତ୍ରାରେ ଗଲେ କେନ୍ଦ୍ରାପଡ଼ାର ୧୦୮ ବରିଷ୍ଠ ନାଗରିକ

**କେନ୍ଦ୍ରାପଡ଼ା,୯।୯(ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଆଜି ପ୍ରଥମ ପର୍ଯ୍ୟାୟରେ ଅଯୋଧ୍ୟା-ବାରଣାସୀ ଅଭିମୁଖେ କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ ୧୦୮ ଜଣ ବରିଷ୍ଠ ନାଗରିକ ସମେତ ୪ ଜଣ ଏସକୋର୍ଟ ଅଫିସର ତୀର୍ଥଯାତ୍ରାରେ ବାହାରିଛନ୍ତି। ଆଳି ବ୍ଲକରୁ ଜଣେ, ଗରଦପୁର ଏବଂ ପଟ୍ଟାମୁଣ୍ଡାଇ ବ୍ଲକରୁ ୩ ଜଣ ଲେଖାଏ,ରାଜନଗରରୁ ୪ ଜଣ, ରାଜକନିକାରୁ ୫ ଜଣ, ଡେରାବିଶରୁ ୧୭ ଜଣ, ମାର୍ଶାଘାଇରୁ ୧୮ ଜଣ, ମହାକାଳପଡ଼ାରୁ ୨୦ ଜଣ ଏବଂ କେନ୍ଦ୍ରାପଡ଼ାରୁ ୩୭ ଜଣ ଯାତ୍ରା କରିଛନ୍ତି। ସେଥିମଧ୍ୟରୁ ୬୬ ଜଣ ପୁରୁଷ ଏବଂ ୪୨ ଜଣ ମହିଳା ଅଛନ୍ତି। ସମସ୍ତ ବରିଷ୍ଠ ନାଗରିକଙ୍କ ଆଜି ସକାଳେ ପଞ୍ଜିକରଣ ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ଅପରାହ୍ନରେ ତିନୋଟି ସ୍ୱତନ୍ତ୍ର ବସ ଯୋଗେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ




ବାହାରିଛନ୍ତି। ଜିଲ୍ଲାପାଳ ରଘୁରାମ ଆର ଆୟାର ପତାକା ଦେଖାଇ ଯାତ୍ରର ଶୁଭାରମ୍ଭ କରିଛନ୍ତି।

ବରିଷ୍ଠ ନାଗରିକମାନେ ଆଜି ଭୁବନେଶ୍ୱରରେ ରହଣି କରିବେ ଏବଂ ଆସନ୍ତାକାଲି ୧୧ ଘଟିକାରେ ସ୍ୱତନ୍ତ୍ର ଟ୍ରେନଯୋଗ ଭୁବନେଶ୍ୱର ରେଳ ଷ୍ଟେସନରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଏହି ଯୋଜନାର ଶୁଭାରମ୍ଭ କରିବେ। ସୂଚନା ଯେ, କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଖୋର୍ଦ୍ଧା, କଟକ, ପୁରୀ, ଢେଙ୍କାନାଳ ଜିଲ୍ଲାର ମୋଟ ୭୭୫ ଜଣ ବରିଷ୍ଠ ନାଗରିକ ଏବଂ ୨୫ ଜଣ ଏସ୍କୋର୍ଟ ଅଫିସର ଯାତ୍ରା କରିବେ। ଆସନ୍ତାକାଲି ଅର୍ଥାତ ୧୦ ତାରିଖଠାରୁ ୧୫ ସେପ୍ଟେମ୍ବର ପର୍ଯ୍ୟନ୍ତ ତୀର୍ଥଯାତ୍ରା ପରିଭ୍ରମଣ କରିବେ।

## ସାଲେପୁର ବ୍ଲକର ୧୫ ପ୍ୟାକ୍ସକୁ ରିହାତି ସାର ଯୋଗାଣ ପାଇଁ ଦାବି

**ସାଲେପୁର,୯।୯(ସଂଚାର ବ୍ୟୁରୋ):** ସାଲେପୁର ଅଞ୍ଚଳରେ ଖରିଫ ଋତୁରେ ୧୪ହଜାର ହେକ୍ଟର ରୁ ଊର୍ଦ୍ଧ ଜମିରେ ଚାଷୀ ମାନେ ଧାନ ଚାଷ ପାରମ୍ପରିକ ଓ ଉନ୍ନତ ମାନର ବିହନରେ କରିଛନ୍ତି । ସାଲେପୁର ବ୍ଲକ ର ୧୫ ଟି ସମବାୟ ସମିତି ଥିଲେ ମଧ ସେମାନେ ଚାଷୀ ମାନଙ୍କ ପାଇଁ ବିଭିନ୍ନ ପ୍ରକାରର ସାର ରିହାତି ଦରରେ ଉଠାଇ ଚାଷୀ ମାନଙ୍କୁ ଦେଉନାହାନ୍ତି। ବର୍ତ୍ତମାନ ୟୁରିଆ, ଡିଏପି ୧୮-୪୬, ପଟାସ, ଗ୍ରୋମର, ସାର ଚାଷୀମାନେ ବାଧ ହୋଇ ଉଚ୍ଚ ଦରରେ ବେପାରୀମାନଙ୍କ ଠାରୁ କିଣୁଛନ୍ତି । ସାଲେପୁର ବ୍ଲକର ସମସ୍ତ ୧୫ଟି ସମବାୟ ସମିତି ସେମାନଙ୍କର ମୌଳିକ ଅଧିକାର ଭୁଲିଯାଇ ସାର ଉଠାଉ ନାହାନ୍ତି । ଫଳରେ ଚାଷୀମାନେ ନାହିଁ ନଥିବା ସମସ୍ୟାର ଶିକାର ହେଉଛନ୍ତି । ସାର ଖୋଲା ବଜାରରେ ନାହିଁ ନଥିବା ଚଢା ଦରରେ ବିକ୍ରି କରାଯାଉଛି । ଯାହା ଫଳରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ସାର କ୍ରୟ କରିବା ପାଇଁ ସାହସ କରିପାରୁନାହାନ୍ତି। କେତେକ ଧାନ ଜମି ଖାଦ୍ୟ ଅଭାବ ରୁ ଧାନ ଗଛ ପାଚିଲା ପଡି ଗଲାଣି । ବିଭାଗୀୟ ମନ୍ତ୍ରୀ ସାର ପ୍ରଚୁର ପରିମାଣ ରେ ମହଜୁଦ ଅଛି ବିଲି କହିଥିଲେ ମଧ ଗ୍ରାମାଞ୍ଚଳରେ ଏହି ସୁବସିଡି ସାର ପହଞ୍ଚି ପାରୁନଥିବାରୁ, ସାଲେପୁର ଅଞ୍ଚଳର ସମସ୍ତ ପ୍ୟାକ୍ସ ରେ ଯୁଦ୍ଧ କାଳୀନ ଭିତ୍ତିରେ ସବସିଡି ସାର ଯୋଗାଇ ଦେବାପାଇଁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି ।

# ଭିତରକନିକାରେ ବଢ଼ିଲେ ଦେଶୀୟ ପକ୍ଷୀ



**ରାଜନଗର,୯।୯(ସଂଚାର ବ୍ୟୁରୋ):** ବିଶ୍ୱ ପ୍ରସିଦ୍ଧ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଗତ ବର୍ଷ ଠାରୁ ବୃଦ୍ଧି ପାଇଛି। ଗତବର୍ଷ ଭିତରକନିକାରେ ୧,୩୦,୧୨୩ ଦେଶୀୟ ପକ୍ଷୀ ଭିଡ ଜମାଇଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ୧,୩୦,୭୯୬ କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତ ବର୍ଷ ଠାରୁ ଚଳିତ ବର୍ଷ ୬୭୩ ଅଧିକ ସଂଖ୍ୟକ ପକ୍ଷୀ ଭିତରକନିକାରେ

**ଗତବର୍ଷ ଠାରୁ ୬୭୩ ଅଧିକ ପକ୍ଷୀ**

ଭିଡ ଜମାଇଛନ୍ତି। ଚଳିତବର୍ଷ ୧୪୦୯ ଗଛରେ ୨୭,୬୪୬ ବସାରେ ଏହି ପକ୍ଷୀଙ୍କୁ ଗଣନା କରାଯାଇଛି।

ରାଜନଗର ଡିଏଫଓଙ୍କ ସୂଚନା ମୁତାବକ ଅଗଷ୍ଟ ୨୮ ତାରିଖ ଠାରୁ ସେପ୍ଟେମ୍ବର ୧ ତାରିଖ ଯାଏଁ ୩ ଦିନ ଧରି ଭିତରକନିକାର ମଠଆଡିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ସମେତ ରାଜନଗର ରେଂଜର ବ୍ରାହ୍ମଣୀ ନଦୀ ମଧ୍ୟରେ ଥିବା ବାଲିଡିଆ ଆଇଲ୍ୟାଣ୍ଡରେ ପକ୍ଷୀ ଗଣନା କରାଯାଇଥିଲା। ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ବନ ବିଭାଗର ୩ଟି ଟିମ ପକ୍ଷୀ ଗଣନା କରିଥିବା ବେଳେ ଭିତରକନିକା ଜାତୀୟ ଉଦ୍ୟାନ ବାହାରେ ଦୁଇଟି ଟିମ୍ ପକ୍ଷୀ ଗଣନା କରିଥିଲେ। ଚଳିତ ବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ ୧୦ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଛି। ପକ୍ଷୀଗୁଡିକ ମଧ୍ୟରେ ଗେଣ୍ଡାଳିଆ, ରାଣୀବଗ, ମଝିଆବଗ, ଛୋଟବଗ, ଖଇରାବଗ, ମାଟିଆବଗ, ପାଣିକୁଆ, ଅନ୍ଧାରିଆବଗ, କାପରଖାଇ, ଦା ବେଣ୍ଟିଆ ପ୍ରଭୃତି ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ମଠଆଡିଆରେ ୧୩୨୬୧ ବସାରେ ୨୬, ୫୨୨ ବଡ ପକ୍ଷୀ ଓ ୩୭୦୪୨ ଶାବକ, ଲକ୍ଷ୍ମୀପ୍ରସାଦଡିଆରେ ୨୭୧୮ ବଡପକ୍ଷୀ ଓ ୩୬୩୬୪ ଶାବକ, ଦୁର୍ଗାପ୍ରସାଦଡିଆରେ ୧୧୮ ବଡପକ୍ଷୀ ଓ ୧୫୪ ଶାବକ, ବାଲିଡିଆରେ ୧୪୬୪ ବଡପକ୍ଷୀ ଓ ୧୯୪୪ ଶାବକ ପକ୍ଷୀଙ୍କୁ ଗଣନା ସମୟରେ ଠାବ କରଯାଇଥିଲା।

## ତୁଷାରକାନ୍ତ ବେହେରାଙ୍କୁ ନାଟ୍ୟଗୁରୁ ସମ୍ମାନ



**ରାଜକନିକା,୯।୯(ସଂଚାର ବ୍ୟୁରୋ):** ମୂର୍ଚ୍ଛନା ଓ ଓଡ଼ିଶା କଲ୍‌ଚରାଲ ଏକାଡେମୀ ପକ୍ଷରୁ ଗୁରୁ ଉତ୍ସବ ରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ପରିସରରେ ତୁଷାର କାନ୍ତ ବେହେରାଙ୍କୁ ନାଟ୍ୟ ଗୁରୁ ସମ୍ମାନ ରେ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ବସନ୍ତ କୁମାର ଦାସ ଓ ବିଶିଷ୍ଟ ଅତିଥି ଭାବରେ ଚଳଚ୍ଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମ, ଓଡ଼ିଶୀ ଗୁରୁ କେଶବ ଚନ୍ଦ୍ର ରାଉତ, ବିଣାପାଣି ନାୟକ, ସମାଜସେବୀ ଶଶଧର ପଣ୍ଡା,ଚଳଚ୍ଚିତ୍ର ଅଭିନେତା ଅଭିନବ ସିଂ, ଅଭିନେତ୍ରୀ ମାମା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବରେ ଓଡିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ଅଧିକାରୀ ତ୍ରିଲୋଚନ ବରାଳ ଯୋଗ ଦେଇ ଶ୍ରୀ ମଲ୍ଲିକଙ୍କୁ ମାନପତ୍ର ଉତ୍ତରୀୟ ଫଳକ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଖବର ପାଇବା ପରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ଅଭିନନ୍ଦନ ଜଣାଇଛନ୍ତି।

## ଭିତରକନିକା ଜଙ୍ଗଲରେ ୬ ଦିନ ଜୁଆର ପାଣି ପିଇ, ଗଛ ଉପରେ ବସି ରହିଥିଲେ



**ରାଜନଗର,୯।୯(ସଂଚାର ବ୍ୟୁରୋ):** ଭିତରକନିକା ଜଙ୍ଗଲରେ ୬ ଦିନ ହେଲା ବାଟବଣା ହୋଇ ନିଖୋଜ ହୋଇଯାଇଥିବା ମାଆ ପୁଅଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବନବିଭାଗ ପକ୍ଷରୁ ୧୦ଟି ଟିମରେ ପ୍ରାୟ ୧୦୦ ଜଣ ଆଜି ସକାଳୁ ତନଖି ପକ୍ରିୟା ମାଆ ପୁଅଙ୍କୁ ଠାବ କରି ସୁରକ୍ଷିତ ଉଦ୍ଧାର କରିଛି। ନିଘଞ୍ଚ ଜଙ୍ଗଲ ମଧ୍ୟରେ ଗାଁ ଠାରୁ ପ୍ରାୟ ୨୦ କିମି ଦୂରରେ ମାଆ ପୁଅଙ୍କୁ ଠାବ କରାଯାଇଥିଲା। ଜଙ୍ଗଲ ମଧ୍ୟରେ ୫ ଦିନ ଧରି କିଛି ନଖାଇ କେବଳ ପାଣି ପିଇ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବା ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ପଞ୍ଚାଯତ ଦେବେନ୍ଦ୍ରନାରାୟଣପୁର ଗାଁର ଦିଲ୍ଲୀପ ମିର୍ଦ୍ଧାଙ୍କ ପତ୍ନୀ ଅଞ୍ଜନା ମିର୍ଦ୍ଧା ଓ ତାଙ୍କ ପୁଅ ରତିକାନ୍ତ ମିର୍ଦ୍ଧାଙ୍କ କହିବା କଥା ହେଲା ସେମାନେ କଙ୍କଡା ଧରିବାକୁ ଯାଇ ବାଟବଣା ହୋଇ ଯାଇଥିଲେ। ବାଟ ଖୋଜୁ ଖୋଜୁ ନିଘଞ୍ଚ ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲେ। ରାତି ହେବ ପରେ ଆଉ ବାଟ ପାଇଁଥିଲେ। କୌଣସି ପ୍ରକାରେ ପ୍ରଥମ ଦିନ ଗଛ ଉପରେ ରହି ଯାଇଥିଲେ। ତା ପରଦିନ ବାଟ ଖୋଜି ଖୋଜି ୧୦/୧୫ କିମି ଚାଲିବ ପରେ ବି ବାଟ ପାଇଁଥିଲେ। ଏହା ପରେ ଜୁଆର ପାଣି ପିଇ ଗଛ ଉପରେ ବସି ରହିଥିଲେ। ୬ଦିନ କାଳ କେବଳ ଜୁଆର ପାଣି ପିଇ କିଛି ନ୍ୟୁ ବଞ୍ଚି ରହିଥିଲେ। ବଞ୍ଚିବାର ସବୁ ଆଶା ଛାଡି ଦେଇଥିଲେ। ମାତ୍ର ୬ଦିନ ଦିନ ବୋଟ ଶବ୍ଦ ସୂନୀ ଡ଼ାକିଥିଲୁ। ଆମ ଡାକ ବୋଟ ପାଖରେ ପହଞ୍ଚିଥିଲା। ସେମାନେ ଆମକୁ ଉଦ୍ଧାର କରି ଆଣିଥିଲେ। ଭଗବାନଙ୍କ ଦୟରୁ ଆମେ ନୂଆ ଜୀବନ ପାଇଛୁ ବୋଲି ଅଞ୍ଜନା ଓ ରତିକାନ୍ତ କହିଛନ୍ତି।

# ପଟ୍ଟାମୁଣ୍ଡାଇ ସହରରୁ ଜବରଦଖଲ ହଟାଇବା ପାଇଁ ନିଷ୍ପତ୍ତି

**ପଟ୍ଟାମୁଣ୍ଡାଇ,୯।୯(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ସହରରେ ଜବର ଦଖଲ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହାଫଳରେ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଗୁରୁତର ଟ୍ରାଫିକ ସମସ୍ୟା ଯୋଗୁଁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଆଗକୁ ଶାରଦୀୟ ଦୂର୍ଗା ପୂଜା ଉତ୍ସବ ଆସୁଥିବାରୁ ପୂଜା ଉତ୍ସବ ପାଇଁ ଜବରଦଖଲ ସମସ୍ୟା ଏକ ଆହ୍ୱାନ ଭାବେ ଦେଖାଦେଇଛି। ପୂଜା ଉତ୍ସବରେ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମିବାର ସମ୍ଭାବନା ଥିବାରୁ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି । ଗୁରୁତର ଟ୍ରାଫିକ ସମସ୍ୟା ଯୋଗୁଁ ଦୁର୍ଘଟଣା ଘଟିବା ସହିତ ଆଇନଶୃଙ୍ଖଳା ବ୍ୟାହତ ହେବାର ସମ୍ଭାବନା ମଧ ରହିଛି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶରେ ସହରରୁ ଜବରଦଖଲ ହଟାଇବା ପାଇଁ ପଟ୍ଟାମୁଣ୍ଡାଇ ପୌର ପରିଷଦ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

ଏହି ବୈଠକରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ପଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ ନାୟକ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର, ପୌର ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ କୃପାସିନ୍ଧୁ ଧଳ,ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି ) ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା,ଉଠା



ଦୋକାନୀ ସଂଘ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ଓ ବିଦ୍ୟାଧର ସେଠୀଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ବୈଠକରେ ରାସ୍ତା ଅବରୋଧ କରି ଦୋକାନ କରିଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା, ଖାଲି ଥିବା ଭେଣ୍ଡିଂ ଜୋନ ଗୃହ ଆବଣ୍ଟନ, ପୌର ପରିଷଦ ବିନା ଅନୁମତିରେ ଭେଣ୍ଡିଂ ଜୋନ ଗୃହରେ ହୋଇଥିବା ଦୋକାନ ଚିହ୍ନଟ, ଅସ୍ଥାୟୀ ପରିବା ଦୋକାନକୁ ଆର ଏମ ସି ମାର୍କେଟ କମ୍ପ୍ଲେକ୍ସ ପିଣ୍ଡି କୁ ସ୍ଥାନାନ୍ତର, ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ଗାଇ ଗୋରୁ ହଟାଇବା, ତାତନା ଠାରେ ଗୋ ଶାଳା ନିର୍ମାଣ ସର୍ବୋପରି ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ଆସନ୍ତା ୩ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ବୈଠକ ରେ ସୂଚନା ଦିଆଯାଇଥିଲା ।

## ସାଂସଦ ଖେଳକୁଦ ମହୋତ୍ସବର ପ୍ରସ୍ତୁତି ବୈଠକ



**ମହାକାଳପଡ଼ା,୯।୯(ସଂଚାର ବ୍ୟୁରୋ):** ଖେଳ କୁଦ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ମହାକାଳପଡା ବ୍ଲକ ଅନ୍ତର୍ଗତ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ବ୍ଲକ ସଂଯୋଜକ ତଥା ସମିତି ସଭ୍ୟ କୃଷ୍ଣ ପଦ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲ୍ଲା ସଂଯୋଜକ ସୁନାକର ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ମହୋତ୍ସବ ର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକାରିତା ବିଷୟରେ ଉପସ୍ଥିତ ଶକ୍ତିକେନ୍ଦ୍ର ସଂଯୋଜକ, ମଣ୍ଡଳ ସଭାପତି ଓ ବ୍ଲକ ସଂଯୋଜକ ମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ମହୋତ୍ସବ ପାଇଁ ପଞ୍ଜୀକରଣ ଆସନ୍ତା ସେପ୍ଟେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ଦ୍ୱାରା ଯୁବପ୍ରତିଭା ମାନଙ୍କର ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିବାରେ ସହାୟକ ହେବ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ସେଠୀ, ପ୍ରତାପ ଚନ୍ଦ୍ର ଦାସ, ମାନସ ରଞ୍ଜନ ମହାନ୍ତି, ପ୍ରତାପ ପାଇକରାୟ, ସୌବଲ୍ୟା ବାହାଲିଆ, ତ୍ରିଲୋଚନ ରାଉତ, ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇ ଏହି ମହୋତ୍ସବରେ ଅଧିକ ରୁ ଅଧିକ ଯୁବକ ପଞ୍ଜିକରଣ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରୁଦ୍ରନାରାୟଣ ମୁଦୁଲି, ତୋଫାନ ମଣ୍ଡଳ, ପ୍ରିୟରଂଜନ ନାୟକ, ରୋହିତ ରାଉତ, ବିଜ୍ଞାନ ସାମଲ, ବିଶ୍ୱଜିତ୍ ମହାପାତ୍ର, ଶୁଭ ବେହେରା, ସତ୍ୟ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ନୂତନ ବସଷ୍ଟାଣ୍ଡରେ ପୁଳାପୁଳା କଫ ସିରପ୍ ଘଟଣା

# କାର୍ଯ୍ୟାନୁଷ୍ଠାନ ନେବାକୁ ଏସ୍‌ପିଙ୍କୁ ଗୃହ ବିଭାଗର ନିର୍ଦ୍ଦେଶ

**କେନ୍ଦ୍ରାପଡା,୯।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସହର ମଧ୍ୟରେ ଗତ କିଛିଦିନ ହେବ ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ ବଢ଼ିବାରେ ଲାଗିଛି । ଯାହାକୁ ନେଇ ପୁରା ସହରବାସୀ ଚିନ୍ତାରେ ପଡିଯାଇଛନ୍ତି । ଯୁବପିଢ଼ିମାନେ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ବେବହାର କରୁଥିବା ବେଳେ ସେଥି ମଧ୍ୟରୁ ଏବେ ମେଡ଼ିସିନ୍ ପାଇଁ ବ୍ୟବହାର ହେଉଥିବା କଫ ସିରପ୍‌କୁ ବହୁମାତ୍ରାରେ କିଣି ନିଶାସକ୍ତ ହେଉଥିବା ଦେଖିବାକୁ ମିଳିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ପ୍ରଶାସନର ନିଦ ଭାଙ୍ଗିଛି ।

ଦୀର୍ଘ ଦିନ ଧରି ସହରର ବହୁ ଅସାମାଜିକ ଯୁବକ କିଛି ନିର୍ଦ୍ଦିଷ୍ଟ ସ୍ଥାନକୁ ନିଜର ଏହି ଆଡ୍ଡା ସ୍ଥଳୀ ଭାବେ ଗ୍ରହଣ କରିଥିବା ବେଳେ ସହରର ମଧ୍ୟରେ ଥିବା ନୂତନ ବସ୍ ଷ୍ଟାଣ୍ଡରେ ତାହା ସର୍ବାଧିକ ବ୍ୟବହାର କରୁଥିଲେ । ଯାହାକୁ ନେଇ ଗତ କାଲି 'ସଂଚାର'ରେ ଖବର ପ୍ରକାଶ ପାଇଥିଲା।



ଏହି ଖବର ପ୍ରକାଶ ପାଇବା ପରେ କେନ୍ଦ୍ରାପଡାର ଯୁବ ସାମାଜିକ କର୍ମୀ ପ୍ରଭାତ କୁମାର ଜେନା ଏକ୍ସ ମାଧମରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ରାଜ୍ୟ ଗୃହ ବିଭାଗ ଗୁରୁତର ସହ ନେଇ ତୁରନ୍ତ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କେନ୍ଦ୍ରାପଡା ଏସପି ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗୃହ ବିଭାଗ ଏହି ନିର୍ଦ୍ଦେଶ ଦେବାପରେ କେନ୍ଦ୍ରାପଡା ସହରରେ ବଢୁଥିବା ନିଶା କାରବାର ଏବଂ କଫ ଶିରଫ ବ୍ୟବହାର ଉପରେ ରୋକ ଲାଗିପାରିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

ଅନ୍ୟପଟେ ଉକ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୋଦ କୁମାର ପ୍ରହରାଜ କହିଛନ୍ତି ଏହା କେଉଁଠି ଏବଂ କିଏ ବିକ୍ରି କରୁଛି ତାହା ଜଣାପଡ଼ିନାହିଁ। ଏହା କେବଳ ନିଶା ସେବନ ପାଇଁ ବ୍ୟବହାର ହୋଇଥାଇପାରେ କିନ୍ତୁ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନି। ଏନେଇ ଏକ ଟିମ୍ ତଦନ୍ତ କରିବ ଏହା କେଉଁଠୁ ଆସୁଛି ଯଦି ତାହା ଔଷଧ ଦୋକାନରେ ବିକ୍ରି ହେଉଥିବା ଜଣାପଡେ ତେବେ ଆଇନ୍ ଅନୁଯାୟୀ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ।

● ଉପଭୋକ୍ତା ଓ ବିଦ୍ୟୁତ୍ ବିଭାଗ ଅଡୁଆ ହେଲା ସମାଧାନ

# ଡିସେମ୍ବର ସୁଦ୍ଧା ଟ୍ରାନ୍ସଫର୍ମର କ୍ଷମତା ବଢ଼ାଇବାକୁ ଦେଲା ପ୍ରତିଶ୍ରୁତି

**କେନ୍ଦ୍ରାପଡ଼ା,୯।୯(ସଂଚାର ବ୍ୟୁରୋ):** ବିଦ୍ୟୁତ୍ ଉପୋଭୋକ୍ତାଙ୍କ ଉପରେ ବିଦ୍ୟୁତ୍ ବିଭାଗର ଜୁଲମର ଖବର ବାରମ୍ବାର 'ସଂଚାର'ରେ ପ୍ରକାଶ ପାଇବା ପରେ ଆଜି ଦାନପୁର ଉପଖଣ୍ଡ ବିଦ୍ୟୁତ୍ ବିଭାଗ ଏବଂ ଉପଭୋକ୍ତାଙ୍କ ଅଡୁଆ କେନ୍ଦ୍ରାପଡ଼ା ସଦର ଥାନାରେ ସମାଧାନର ବାଟ ବାହାରିଛି। ପ୍ରକାଶ ଥାଉକି ଗତ ୧ ମାସ ତଳୁ "ଲୋ" ଭୋଲ୍ଟେଜର ସମସ୍ୟା ପାଇଁ ଦାନପୁର ଉପଖଣ୍ଡ ବିଦ୍ୟୁତ୍ ବିଭାଗ ଏବଂ ଭାଣ୍ଡିଲୋ ଟ୍ରାନ୍ସଫର୍ମର ଅଧୀନରେ ଥିବା ଉପୋଭୋକ୍ତାଙ୍କ ମଧ୍ୟରେ ବିବାଦ ଜୋର୍ ଧରିଥିଲା। ଏକ ୬୩ କେଭିଏ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ବିଭାଗ କ୍ଷମତା ବାହାରେ ଲୋଡ ଦେଉଥିବାରୁ ଉପଭୋକ୍ତା ବିରୋଧ ପ୍ରଦର୍ଶନ କରି ଟ୍ରାନ୍ସଫର୍ମରର କ୍ଷମତା ନବଢ଼ିଲା ପର୍ଯ୍ୟନ୍ତ ଆଉ ଲୋଡ୍ ଦିଆ ନଯାଉ ବୋଲି ବିଭାଗର ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅଧିକ୍ଷଣ ଯନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ। ପରେ ଗ୍ରାମାଞ୍ଚଳର ଜଣେ ଠିକାଦାର ଜବରଦସ୍ତି ଘଟଣା ସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପୂର୍ବରୁ ଲୋଡ୍ ଦେବା ପାଇଁ ଚେଷ୍ଟା କରିବାରୁ ଉପୋଭୋକ୍ତା ଏବଂ ଠିକାଦାରଙ୍କ ଗଣ୍ଡଗୋଳ ପୂର୍ବକ ଅଚରଣକୁ ନେଇ ସମସ୍ତ ଉପଭୋକ୍ତା ପୁଲିସ ସହାୟତା ନମ୍ବର ୧୧୨ ଏବଂ ପରେ କେନ୍ଦ୍ରାପଡ଼ା ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ। ସଦର ଥାନାର ଭାରାପ୍ରାପ୍ତ ଅଧିକାରୀଙ୍କ ଉଦ୍ୟମରେ ଯନ୍ତ୍ରୀଙ୍କୁ ଥାନାକୁ ଡ଼କାଇ ସମାଧାନ କରିବାକୁ କରାଯାଇଥିଲା। ଥାନା ଅଧିକାରୀଙ୍କ ସମ୍ମୁଖରେ ବିଦ୍ୟୁତ୍ ବିଭାଗର ଉପରିସ୍ଥ ଅଧିକାରୀ ତଥା କେନ୍ଦ୍ରାପଡ଼ା ଖଣ୍ଡ-୧ ପରିଚାଳକ ଏବଂ ଅଧିକ୍ଷଣ ଯନ୍ତ୍ରୀ ଡିସେମ୍ବର ପୂର୍ବରୁ ଭାଣ୍ଡିଲୋ ୬୩ କେଭିଏ ଟ୍ରାନ୍ସଫର୍ମରର କ୍ଷମତା ବଢ଼ାଇବାକୁ ପ୍ରତିଶ୍ରୁତି ମିଳିବା ପରେ ଉପୋଭୋକ୍ତା ସେହି ଟ୍ରାନ୍ସଫର୍ମର ରୁ ଆହୁରି ଅଧିକ ଲୋଡ୍ ଦେବାକୁ ରାଜି ହୋଇଥିଲେ ।

**ବାଣୀବିହାରରୁ ଅଣଛାତ୍ରଙ୍କୁ ବିଦା ପ୍ରସଙ୍ଗ**

# ୱି ଫର ଭୁବନେଶ୍ୱର ଓ ଭୌମ ନଗର ନାଗରିକ ସଂଘର ସାଧୁବାଦ

**ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ):** ଗୌରବମୟ ଉତ୍କଳ ବିଶ୍ୱବଦ୍ୟାଳୟର ଶୈକ୍ଷିକ ବାତାବରଣକୁ ଦୀର୍ଘ ଦଶନ୍ଧି ଧରି କଳୁଷିତ କରି ରଖିବାକୁ ଚେଷ୍ଟା କରୁଥିବା ଅଣଛାତ୍ରମାନଙ୍କୁ ଗତକାଲି ପୁଲିସ୍ ବିଦା କରିଦେଇଛି। ଏପରି ଏକ ଉଦ୍ୟମକୁ ଭୁବନେଶ୍ୱରର ବରିଷ୍ଠ ନାଗରିକ ମଞ୍ଚ ଓ ଭୁବନେଶ୍ୱର ଅଗ୍ରଣୀ ଅନୁଷ୍ଠାନ 'ୱି ଫର ଭୁବନେଶ୍ୱର' ପକ୍ଷରୁ ସ୍ୱାଗତ କରାଯିବା ସହ ଏଥିସକାଶେ ସାଧୁବାଦ ଜ୍ଞାପନ କରାଯାଇଛି। ନିଶାମୁକ୍ତ ଓ ଜବରଦଖଲମୁକ୍ତ ଗୌରବମୟ ଉତ୍କଳ ବିଶ୍ୱବିଦ୍ୟାଳୟର ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ବର୍ତ୍ତମାନର ପ୍ରଶାସନ ଓ ସରକାର ନିଷ୍ପତ୍ତିକୁ ମଧ୍ୟ ଉଭୟ ଅନୁଷ୍ଠାନ ପକ୍ଷରୁ ଦୃଢ଼ ସମର୍ଥନ କରାଯାଇଛି। ଏଥିସହ ଉଭୟ ଅନୁଷ୍ଠାନର କର୍ମକର୍ତ୍ତାମାନେ ଶିକ୍ଷାମନ୍ତ୍ରୀ ଓ ସରକାରଙ୍କ ଏପରି ଉଦ୍ୟମକୁ ପ୍ରଶଂସା କରିବା ସହ ସମଗ୍ର ରାଜ୍ୟରେ ଏହି ଧାରା ବଳବତ୍ତର ରଖିବାକୁ ଆହ୍ୱାନ ଦେଇଛନ୍ତି। ଆଜି ପ୍ରାତଃ ଆଲୋଚନାଚକ୍ରରେ ବହୁ ଗଣମାନ୍ୟ ବ୍ୟକ୍ତି ଓ 'ୱି ଫର ଭୁବନେଶ୍ୱର'ର ପଦ୍ମନାଭ ଦାଶ, ଉମାନାଥ ମିଶ୍ର, ନରେନ୍ ସାହୁ, ଗୁରୁଚରଣ ସାହୁ, ପ୍ରଣବ ସ୍ୱାଇଁ, ସନ୍ତୋଷ ସାମନ୍ତରାୟ, ଦୁଃଶାସନ ମାଝୀ ପ୍ରମୁଖ ସାଧୁବାଦ ଜଣାଇଛନ୍ତି।

## ବନଲତା କ୍ରିଏଟିଭ୍‌ସର ବାର୍ଷିକୋତ୍ସବ



**ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ):** ଗତ ୫ ତାରିଖରେ ବନଲତା କ୍ରିଏଟିଭସ୍‌ର ଭୁବନେଶ୍ୱର କାର୍ଯ୍ୟାଳୟ ପରିସରରେ ଏହାର ଦ୍ୱିତୀୟ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଦୁଇଟି କ୍ଷୁଦ୍ର ନାଟକ ଅଭିନୀତ ହେବା ସହ ଅନେକ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓମ୍ କୁମାର ପାତ୍ର ଓ ଇନ୍ଦ୍ରପୋଲିସ ଗ୍ରୁପ୍ ମଧ୍ୟ ଏଠାରେ ନିଜର କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ବନଲତା କ୍ରିଏଟିଭସ୍‌ର ସମ୍ପାଦକ ଜୟଶ୍ରୀ ଗୌଡ଼ ପରିଚାଳନା କରିଥିଲେ। ଏଠାରେ ସଂସ୍କାର ପରିଚାଳକ ବିଶ୍ୱଜିତ୍ ଦାଶ, ମହୁଆ ମହାରଣା, ସ୍ୱାଗତିକା ସେଠୀଙ୍କ ସହ ବିଭିନ୍ନ କଳାକ୍ଷେତ୍ର, ସାମାଜିକ କାର୍ଯ୍ୟକର୍ତ୍ତା ଲୋରା ମହାପାତ୍ର, ସବିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବନଲତା କ୍ରିଏଟିଭସ୍‌ର ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଅଦ୍ୟାବଧି ୩୦ ଜଣ ବନଲତା କ୍ରିଏଟିଭସରେ ସଦସ୍ୟତା ଗ୍ରହଣ କରିଥିବା ବେଳେ ଏହାର ଦ୍ୱାର କଳାପ୍ରେମୀଙ୍କ ପାଇଁ ସବୁବେଳେ ଉନ୍ମୁକ୍ତ ବୋଲି କୁହାଯାଇଛି।

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ରାଜ୍ୟପାଳ**

# ଉନ୍ନତ ମାନର ଶିକ୍ଷା ପାଇଁ ଗୁଣାତ୍ମକ ଶିକ୍ଷକ ଆବଶ୍ୟକ




**କୋରାପୁଟ,୯।୯(ସଂଚାର ବ୍ୟୁରୋ):** ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆଜି ସ୍ଥାନୀୟ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ବିକାଶମୁଖୀ କାର୍ଯ୍ୟ ଓ ପ୍ରଗତି ଉପରେ ସମୀକ୍ଷା କରିଥିଲେ। ଏଥିସହ ରାଜ୍ୟପାଳ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟପାଳଙ୍କୁ ଭାରପ୍ରାପ୍ତ କୁଳପତି ପଫେସର ନରସିଂହ ଚରଣ ପଣ୍ଡା, ଭାରପ୍ରାପ୍ତ କୁଳସଚିବ ଡ. ରାକେଶ କୁମାର ଲେଙ୍କା, ବିତ୍ତ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ବରିଷ୍ଠ ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ କୁଳପତି ପ୍ରଫେସର ପଣ୍ଡା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ ଭବିଷ୍ୟତ ଯୋଜନା ବିଷୟରେ ସୂଚନା ଦେଇଥିଲେ। ରାଜ୍ୟପାଳ କହିଥିଲେ ଯେ ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ ସକାଶେ ଗୁଣାତ୍ମକ ଶିକ୍ଷକ ଅତ୍ୟନ୍ତ ଆବଶ୍ୟକ। ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ଓ ଗୁଣାତ୍ମକ ଶିକ୍ଷକଙ୍କୁ ଦୃଷ୍ଟିରେ ରଖି କେଉଁ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବେ, ତାହା ବାଛିପାରିବା ଅଧିକାର ରଖନ୍ତି। ଏଥିସହ ରାଜ୍ୟପାଳ ବିଶ୍ୱବିଦ୍ୟାଳୟର ମାନ୍ୟତା ବଢ଼ାଇବା ପାଇଁ ଦୁଇଟି ପ୍ରଧାନ ମାନକ ଉପରେ ଜୋର ଦେଇଥିଲେ ଓ ସେଗୁଡ଼ିକ ଗୁଣାତ୍ମକ ଶିକ୍ଷକ ଚୟନ ଓ ରାଙ୍କିଂ/ଗ୍ରେଡିଂ ପ୍ରଣାଳୀରେ ଉନ୍ନତି। ଏହି ଅବସରରେ ରାଜ୍ୟପାଳ ଡ଼. କମ୍ଭମପାଟି ବିଶ୍ୱବିଦ୍ୟାଳୟରେ ନାମଲେଖା ହ୍ରାସ ପଛର ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ସେଗୁଡ଼ିକର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ସେ ବସ୍ତୁନିଷ୍ଠ ଓ ସ୍ଥାୟୀ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି ଆବଶ୍ୟକ ଥିବା କଥା ମଧ୍ୟ କହିଥିଲେ। ସେ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ବିଷୟରେ ଜାଣି ସନ୍ତୋଷ ପ୍ରକାଶ କରିବା ସହ ସଦ୍ୟ ଆରମ୍ଭ ହୋଇଥିବା ବିଭିନ୍ନ ବିଷୟ ଭବିଷ୍ୟତମୁଖୀ ବୋଲି କହିଛନ୍ତି। ଏହି ଅବସରରେ ପ୍ରଫେସର ପଣ୍ଡା ରାଜ୍ୟପାଳଙ୍କୁ ଉତ୍ତରୀୟ, ସ୍ମୃତିଚିହ୍ନ ଓ ତାଙ୍କର ଗ୍ରନ୍ଥ 'ବୌଦ୍ଧ ସ୍ତୂପ: ଭାରତ ଓ ଦକ୍ଷିଣ ପୂର୍ବ ଏସିଆରେ' ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ପରିଦର୍ଶନ ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ ବିଧାୟକ ରୂପୁ ଭତ୍ରା, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ଡ. ଲଳିତେନ୍ଦୁ ସାହୁ, ରାଜ୍ୟପାଳଙ୍କ ଏଡିଜି କୁଳଦୀପ୍ ମୀଣ, ପ୍ରଫେସର ରତିକାନ୍ତ କୁମ୍ଭାର, ପ୍ରଫେସର ଭାରତ କୁମାର ପଣ୍ଡା, ବିଭିନ୍ନ ବିଭାଗୀୟ ମୁଖ୍ୟ, ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ଡିନ ଡ. ରମେନ୍ଦ୍ର ପାଢ଼ୀ, ଉପ କୁଳସଚିବ ଡ଼. ଦିଲ୍ଲୀପ କୁମାର ପଟ୍ଟନାୟକ, ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ନିର୍ବାହୀ ଇଞ୍ଜିନିୟର ଶ୍ରୀରାମ ପାଢ଼ୀ, ସୁରକ୍ଷା ଅଧିକାରୀ ପ୍ରଦୀପ ସାମନ୍ତରାୟ ଉପସ୍ଥିତ ଥିଲେ।

## ଦେଶୀମଦ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

**ଜୟପୁର, ୯।୯(ସଂଚାର ବ୍ୟୁରୋ):** ଦେଶୀ ଓ ବିଦେଶୀ ମଦ ଚାଲାଣ ବେଳେ ଚଢଉ କରିଛି ଜୟପୁର ଅବକାରୀ ଥାନା। ସୂଚନା ଅନୁଯାଇ ବିଦେଶି ମଦ ଚାଲାଣ ବେଳେ ଝିଲିମିଲିଗୁଡା ରାସ୍ତାରେ ଚଢଉ କରି ଅଭିଯୁକ୍ତ ସୁନାଧର ଗାଦବାକୁ ଗିରଫ କରି ତା ଠାରୁ ୭ ଲିଟର ବିଦେଶି ମଦ ଜବତ କରିଛି। ସେହିପରି ମୁଳାସର ଗ୍ରାମ ରାସ୍ତାରେ ଚଢଉ କରି ବାପି ହରିଜନ ଠାରୁ ୭୦ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତକୁ ଗିରଫ କରଛି। ସେହିପରି ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ମୁଳାସର ଜଙ୍ଗଲରେ ଚଢଉ କରିଛି। ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୪ ହଜାର ୫ ଶହ ଲିଟର ପୋଚ ଓ ୨୫୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ଅବକରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ସଂକ୍ରାନ୍ତ କର୍ମଶାଳା




**ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ):** କଟକ ଜେକେବିକେ କଲେଜଠାରେ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଓ ପ୍ରମୁଖ ବିଦ୍ୟୁତ ନୀରିକ୍ଷକ କାର୍ଯ୍ୟାଳୟ ସହଭାଗିତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଓ ଶକ୍ତି ସଂରକ୍ଷଣ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଆଜି ସମୟରେ ଶକ୍ତି ସଂରକ୍ଷଣ କେବଳ ଜରୁରୀ ନୁହେଁ, ଏକ ଜୀବନଶୈଳୀ। ଏହାକୁ ସାର୍ଥକ କରିବା ପାଇଁ ଜେକେବିକେ କଲେଜରେ ଏନର୍ଜି କ୍ଲବ ଉଦ୍‌ଘାଟିତ ହୋଇଛି। ଏଥିରେ ଅତିଥି ଭାବେ କଟକର ଏସ୍‌ଇ ତଥା ଡିଇଆଇ ସ୍ୱାଗତ ମହାନ୍ତି, ସିଟି ଓ ଜିଏସଟି ଉପାୟୁକ୍ତ ନିତିଜା ମିଶ୍ର, କଲେଜ ଅଧ୍ୟକ୍ଷା ପ୍ରଫେସର ପଦ୍ମଜା ପଣ୍ଡିତ ଯୋଗଦେଇ ବିଦ୍ୟୁତ ଶକ୍ତି ସଂରକ୍ଷଣ ଓ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଉପରେ ଚର୍ଚ୍ଚା କରିଥିଲେ। ଡିଏନ ସୋଲାର ପକ୍ଷରୁ ଦର୍ଶନ ସାହୁ ସୋଲାର ପ୍ୟାନେଲର କାର୍ଯ୍ୟକାରିତା, ବିଦ୍ୟୁତ ସଂରକ୍ଷଣ ଓ ସୂର୍ଯ୍ୟଘର ଯୋଜନାରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପ୍ରଦାନ କରୁଥିବା ରିଆତି ସମ୍ପର୍କରେ ସୂଚନା ଦେଇଥିଲେ। ମନୋଜ ପଟ୍ଟନାୟକ ଷ୍ଟାଣ୍ଡାର୍ଡ ଆଣ୍ଡ ଲେବଲିଂ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିବା ବେଳେ କାର୍ଯ୍ୟକ୍ରମରେ କଲେଜର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

**ଏନର୍ଜି କ୍ଲବ୍ ଉଦ୍‌ଘାଟିତ**

## ଆତ୍ମସମର୍ପଣ କଲେ ୭ ଫେରାର୍ ଶିକାରୀ

**ବାରିପଦା,୯।୯(ସଂଚାର ବ୍ୟୁରୋ):** ବନ୍ୟଜନ୍ତୁ ଶିକାର ଘଟଣାରେ ଜଡିତ ୭ ଜଣ ଫେରାର ଶିକାରୀ ବନ ବିଭାଗ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଶିମିଳିପାଳ ବନ୍ୟଜନ୍ତୁ ବୁଦ୍ଧିମତା ନେଟୱର୍କ, ବନ କର୍ମଚାରୀ ଏବଂ ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କ ସହାୟତା ଯୋଗୁଁ ସେମାନେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଶରତ ଥାନା ଅନ୍ତର୍ଗତ କାଟୁରିଆ ଗ୍ରାମର ଚମ୍ପାଇ ସିଂ(୪୮), ପ୍ରଧାନ ସିଂ(୨୮), କର ସିଂ(୩୦), କନ୍ଦ ଗାଗରାଇ (୩୫), ଅଇଁଠୁ ସିଂ(୪୦), ରାମ ସିଂ ଗାଗରାଇ(୨୫) ଓ ଠାକୁରା ସୋରେନ(୨୫)। ସେମାନଙ୍କ ପାଖରୁ ୫ଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଶିକାର ଘଟଣାରେ ଜଡିତ ଥାଇ ଏମାନେ ଫେରାର ରହିଥିଲେ। ଆଜି ପୋଡାଡିହା ବନ୍ୟ ରେଞ୍ଜ କାର୍ଯ୍ୟାଳୟରେ ସରପଞ୍ଚ ଏବଂ ୱାର୍ଡ ମେମ୍ବରଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି।

**● ଜଟଣୀ-କପିଳପ୍ରସାଦ ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟ ପ୍ରସଙ୍ଗ**

# ହାଇକୋର୍ଟରେ ପିଆଇଏଲ୍ ରୁଜୁ



**ଜଟଣୀ,୯।୯(ସଂଚାର ବ୍ୟୁରୋ):** ଜଟଣୀ-କପିଳପ୍ରସାଦ ମୁଖ୍ୟ ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟ ବସାଇବା ଘଟଣାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ଓଡିଶା ସରକାର, ଶକ୍ତି ବିଭାଗ ପ୍ରମୁଖ ସଚିବ, ଖୋର୍ଦ୍ଧା ଜିଲ୍ଲାପାଳ, ଭୁବନେଶ୍ୱର ପୂର୍ତ୍ତ ବିଭାଗ ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ, ଟିପିସିଓଡିଏଲ୍‌ଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏଥିରେ ପକ୍ଷଭୁକ୍ତ କରାଯାଇଛି। ସାମାଜିକ କର୍ମୀ ହୃଦାନନ୍ଦ କୋଦମାସିଂହ ଏହି ମାମଲା ଦାୟର କରିଥିବା ବେଳେ ଆଇନଜୀବୀ ଅଖଣ୍ଡ ଏହାକୁ ପରିଚାଳନା କରୁଛନ୍ତି। ଘଟଣା ଅନୁଯାୟୀ, ଜଟଣୀ-କପିଳପ୍ରସାଦ ରାସ୍ତାକୁ ୪ ଲେନ୍ କରିବାକୁ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଫଳରେ ରାସ୍ତା ଉପରେ ଥିବା ବିଦ୍ୟୁତ ଖୁଣ୍ଟଗୁଡିକୁ ରାସ୍ତାର ବାହାର ପଟକୁ ସ୍ଥାନାନ୍ତର ପ୍ରକ୍ରିୟା ଗତ କିଛି ମାସ ହେଲାଣି ଚାଲିଛି। କିନ୍ତୁ ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର କାର୍ଯ୍ୟ କରୁଥିବା ସଂସ୍ଥା ଖୁଣ୍ଟଗୁଡିକୁ ରାସ୍ତାର ବାହାର ପଟରେ ପୋତିବା ବଦଳରେ ପୁନର୍ବାର ସେହି ରାସ୍ତା ଉପରେ ଅର୍ଥାତ ଡ୍ରେନକୁ ଲଗାଇ ପୋତି ଚାଲିଛି। ଏହାକୁ ନେଇ ଗତ ମାର୍ଚ୍ଚରେ ଜଟଣୀ ବ୍ଲକ ପଧାନସାହି ପଞ୍ଚାୟତ କାର୍ଯ୍ୟାଳୟଠାରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଶ୍ରୀ କୋଦମାସିଂହ ଲିଖିତ ଭାବେ ଅଭିଯୋଗ କରିଥିଲେ। କିନ୍ତୁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିଲା ଓ ବାକି ଥିବା ସମସ୍ତ ବିଦ୍ୟୁତ ଖୁଣ୍ଟ ରାସ୍ତା ଉପରେ ପୋତା ହୋଇଥିଲା। ପରେ ଗତ ମେ'ରେ ଅନଲାଇନ ଯୋଗେ ଜିଲ୍ଲାପାଳଙ୍କୁ ଅଭିଯୋଗ ମଧ୍ୟ କରାଯାଇଥିଲା। କିନ୍ତୁ ସେଥିରେ ବି କୌଣସି ସୁଫଳ ନ ମିଳିନଥିଲା। ତେଣୁ ଗତ ଜୁନ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୂର୍ତ୍ତ ବିଭାଗ, ଶକ୍ତି ବିଭାଗ, ଟିପିସିଓଡିଏଲଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। କିନ୍ତୁ ଏତେସବୁ ପରେ ବି କୌଣସି ସୁଫଳ ମିଳିପାରି ନଥିଲା। ବରଂ ବାକି ଥିବା ଖୁଣ୍ଟଗୁଡିକୁ ପୋତିବା ସହ ତାର ଟାଣିବା ପ୍ରକ୍ରିୟା ମଧ୍ୟ ସଂସ୍ଥା ପକ୍ଷରୁ ଆରମ୍ଭ ହୋଇଥିଲା। ଏହି ମାମଲାରେ ଆବେଦନକାରୀ ଶ୍ରୀ କୋଦମାସିଂହ ଗତ ମାସରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁଯାୟୀ ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟ ପୋତାଯାଇ ସମ୍ପୃକ୍ତ ସଂସ୍ଥା ସୁରକ୍ଷା ମାନଦଣ୍ଡକୁ ଉଲ୍ଲଂଘନ କରିଛି। ଏହା ଜୀବନ ଓ ଯାନବାହନ ଚଳାଚଳ କ୍ଷେତ୍ରରେ ଏକ ଗୁରୁତର ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଏହି ମାମଲାରେ ଆବେଦନକାରୀ ଯୁକ୍ତି ଦର୍ଶାଇଛନ୍ତି ଯେ ଏହା ଜନସାଧାରଣଙ୍କ ସୁରକ୍ଷାକୁ ବିପଦରେ ପକାଇବ ଓ ରାସ୍ତା ସମ୍ପ୍ରସାରଣ ପ୍ରକଳ୍ପର ଉଦ୍ଦେଶ୍ୟ ସାଧିତ ହେବନାହିଁ। ଏବେ ଯେହେତୁ ପୁରୁଣା ଖୁଣ୍ଟରେ ବିଦ୍ୟୁତ ସରବରାହ ଜାରି ରହିଛି, ତେଣୁ ନୂଆ ଖୁଣ୍ଟକୁ ଉପଯୁକ୍ତ ସ୍ଥାନରେ ପୋତିବା ପରେ ହିଁ ସେଥିରେ ବିଦ୍ୟୁତ ସରବରାହ କରାଯିବା ଉଚିତ। ଅନ୍ୟଥା ଏହା ଅଧିକ ବିପଜ୍ଜନକ ସ୍ଥିତି ସୃଷ୍ଟି କରିବ। ସମ୍ପୃକ୍ତ ଘଟଣାରେ ପିଆଇଏଲ୍ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ଘୂର୍ଣ୍ଣିବଳୟ ସକ୍ରିୟ: ଏହି ଦିନଠାରୁ କମିବ ବର୍ଷା

**ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ):** ବଙ୍ଗୋପସାଗର ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୫ ଜିଲାରେ ଅତିପ୍ରବଳ ବର୍ଷା ହୋଇଥିବାବେଳେ ୨ ଜିଲାରେ ପ୍ରବଳ, ୬ ଜିଲାରେ ସ୍ୱାଭାବିକ, ୪ ଜିଲାରେ ଅଭାବୀ, ୧୧ ଜିଲାରେ ଅତିଅଭାବୀ ଏବଂ ବାକି ୨ ଜିଲାରେ ବର୍ଷା ହୋଇନାହିଁ। ଝାରସୁଗୁଡ଼ା ଜିଲା ଲଇକେରା ଅଞ୍ଚଳରେ ସର୍ବାଧିକ ୧୨.୨୪ ସେ.ମି ଓ ବରଗଡ଼ ଜିଲା ଝରବନ୍ଧ ଅଞ୍ଚଳରେ ଦ୍ୱିତୀୟ ସର୍ବାଧିକ ୭.୮ ସେ.ମି ବର୍ଷା ହୋଇଛି। ତେବେ ଆଉ ୪ଦିନ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ସତର୍କତା ଜାରି ହୋଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି। ଅପରପକ୍ଷରେ ୧୨ ତାରିଖ ଶୁକ୍ରବାରଠାରୁ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇବ। ୧୩ ତାରିଖଠାରୁ ନୂଆପଡ଼ା ଓ ନବରଙ୍ଗପୁର ଜିଲା ବ୍ୟତୀତ ବାକି ସବୁଠି ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ମନୋରମା କହିଛନ୍ତି। ତାଙ୍କ ସୂଚନାନୁସାରେ, ମଙ୍ଗଳବାର ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ କୌଣସି ଜିଲାକୁ ସତର୍କତା ଜାରି ହୋଇ ନ ଥିବାବେଳେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ପଶ୍ଚିମ ଓଡ଼ିଶାର ରାସ୍ତା ନିର୍ମାଣ କାର୍ଯ୍ୟର ସମୀକ୍ଷା



**ଭୁବନେଶ୍ୱର,୮।୯(ସଂଚାର ବ୍ୟୁରୋ):** ସମ୍ପ୍ରତି ପଶ୍ଚିମ ଓଡ଼ିଶାରେ ଚାଲୁଥିବା ପୂର୍ତ୍ତ ବିଭାଗ ଅଧୀନରେ ଚାଲୁଥିବା ରାସ୍ତା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଏହି ସମୀକ୍ଷା ସମୟରେ ପୂର୍ତ୍ତ, ଆଇନ ତଥା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଉପସ୍ଥିତ ଥିଲେ। ପଶ୍ଚିମ ଓଡ଼ିଶା ବିଶେଷ କରି ବଲାଙ୍ଗୀର ଓ ସୋନପୁରଠାରେ ଚାଲିଥିବା ରାସ୍ତା, ବ୍ରିଜ ନିର୍ମାଣ କାର୍ଯ୍ୟର ଅଗ୍ରଗତି ବିଷୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସମୀକ୍ଷା କରିଛନ୍ତି। ଏଥିରେ ବଲାଙ୍ଗୀର, ସୋନପୁର, ପାଟଣାଗଡ଼ ବାଇପାସ୍ ଇତ୍ୟାଦି ରହିଛି। କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରି ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କିଛିଦିନ ପୂର୍ବରୁ ଦିଲ୍ଲୀ ଗସ୍ତ ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହି ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଠାରୁ ଉପରୋକ୍ତ ପ୍ରକଳ୍ପର ପରିବେଶ ମଞ୍ଜୁରୀ ପ୍ରାପ୍ତ କରାଇଥିଲେ। ଏହି ସବୁ ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହେଲେ ପଶ୍ଚିମ ଓଡିଶାର ଲୋକେ ଯାତାୟାତ ତଥା ପରିବହନରେ ବିଶେଷରୂପେ ଉପକୃତ ହୋଇପାରିବେ ଏବଂ ଏହା ସ୍ଥାନୀୟ ଅଞ୍ଚଳକୁ ଏକ ଆଧୁନିକ ଢାଞ୍ଚା ପ୍ରଦାନ କରିବ । ରାସ୍ତା ସମ୍ପ୍ରସାରଣ କରି ଚାରି ଥାକିଆ କରିବା ବା ନୂତନ ଭାବେ ରାସ୍ତା ନିର୍ମାଣ ସମୟରେ ସେହି ସ୍ଥାନରେ ଥିବା ବୃକ୍ଷ ଗୁଡିକୁ ନ କାଟି ଏହାର ପ୍ରତିରୋପଣ କରିବା ପାଇଁ ପରାମର୍ଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ । ସମୀକ୍ଷା ବୈଠକରେ ପୂର୍ତ୍ତ ବିଭାଗ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

**● ବନ୍ୟା ପାଣି ଉଜାଡ଼ିଦେଲା ବର୍ଷକ ଆହାର**

## ହେକ୍ଟର ହେକ୍ଟର ଚାଷ ଜମିରେ ଜମିଛି ବନ୍ୟା ଜଳ



**ମାର୍ଶାଘାଇ,୮।୯(ସଂଚାର ବ୍ୟୁରୋ):** ଉଜୁଡ଼ି ଗଲା ବର୍ଷକର ଆହାର । ଲଗାଣ ବର୍ଷା ଯୋଗୁ ଏକର ଏକର ଚାଷ ଜମିରେ ଜମି ରହିଛି ବର୍ଷା ଜଳ । ବିଭିନ୍ନ ସ୍ଥାନରୁ ଧାର କରଜ କରି ଚାଷ କରିଥିଲା ଚାଷୀ । ଆଉ ଲଘୁଚାପ ବର୍ଷା ଯୋଗୁ ସବୁକିଛି ଉଜୁଡ଼ି ଯାଇଛି । ଏବେ ବି ଚାଷ ଜମିରେ ପାଣି ଜମି ରହିଛି । ଏହିଭଳି କିଛି ଘଟଣା କେନ୍ଦ୍ରାପଡା ମାର୍ଶାଘାଇ ବ୍ଲକରେ ଦେଖିବାକୁ ମିଳିଛି । ଚାଷୀ ନଦୀ ପଠାରେ ଚାଷ କରିଥିବା ପୋଟଳ, ଜହ୍ନି, କାକୁଡ଼ି, କଖାରୁ ଆଦି ବିଭିନ୍ନ ପ୍ରକାରର ପନିପରିବା ସହିତ ଧାନ ଫସଲ କରିଥିଲା। ହେଲେ ସବୁ ବର୍ଷା ପାଣିରେ ପଚି ସଢ଼ି ନଷ୍ଟ ହୋଇଯାଇଛି । ଏବେ ବି ପାଣି ଘେରରେ ରହିଛି ଜମି । ଜଳ ନିଷ୍କାସନ ହୋଇନଥିବା ବେଳେ ଫସଲ ସବୁ ନଷ୍ଟ ହୋଇଯାଇଛି । ଦୁଇ ପଇସା ରୋଜଗାର ଆଶା ରଖିଥିବା ଚାଷୀ କିଭଳି ପରିବାର ଚଳାଇବ ସେ ନେଇ ମୁଣ୍ଡରେ ହାତ ଦେଇ ବସିଛି । ସେପଟେ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ନଦୀ ପଠାରେ ପଚି ଯାଇଥିବା ଫସଲର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦାବି କରିଛନ୍ତି ଚାଷୀ । ଏକର ଏକର ଫସଲ ବନ୍ୟା ଜଳରେ ନଷ୍ଟ ହୋଇଯାଇଛି । ଦୁର୍ଦ୍ଦଶା ଭିତରେ ଦୟନୀୟ ସ୍ଥିତିରେ ଚାଷୀ ଥିବା ବେଳେ ଖୁବଶୀଘ୍ର କିଛି ସାହାଯ୍ୟ ସହଯୋଗ କରାଯିବା ଜରୁରୀ ହୋଇପଡ଼ିଛି ।

## ପରିତ୍ୟକ୍ତ ପୋଖରୀରୁ ଗଳିତ ମୃତଦେହ ଉଦ୍ଧାର

**ବାରିପଦା,୯।୯(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅନ୍ତର୍ଗତ ଗାଙ୍ଗରାଜ ଅଞ୍ଚଳର ଏକ ପରିତ୍ୟକ୍ତ ପୋଖରୀରୁ ଅଚିହ୍ନା ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତଦେହଟି ଜଣେ ଯୁବକଙ୍କ ବୋଲି ପୁଲିସ ଅନୁମାନ କରିଛନ୍ତି। ମଙ୍ଗଳବାର ଅପରାହ୍ନ ସମୟରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଶୌଚ ହେବାକୁ ଯିବାବେଳେ ଦୁର୍ଗନ୍ଧ ହୋଇଥିଲା। ଯାହାକୁନେଇ ସେ ଖୋଜା ଖୋଜି କରିବାରୁ ପୋଖରୀରେ ମୃତଦେହ ପଡ଼ିଥିବାର ଦେଖିବାକୁ ପାଇଥିଲେ। ଘଟଣା ବାବଦରେ ପୁଲିସକୁ ଖବର ଦେଇଥିଲେ। କୁଳିଅଣା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତଦେହ ସମ୍ପୂର୍ଣ୍ଣ ଭାବେ ଗଳିତ ହୋଇ ଯାଇଥିବା ବେଳେ କେହି ଜଣେ ହତ୍ୟା କରି ମୃତଦେହ ପକାଇ ଦେଇଥିବା ନେଇ ସନ୍ଦେହ କରାଯାଉଛି। ସାଇଂଟିଫିକ ଟିମ୍ ଘଟଣାସ୍ଥଳରେ ପହଁଚି ମୃତଦେହ ଓ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ନମୁନା ସଂଗ୍ରହ କରିଛନ୍ତି। ମୃତଦେହକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଯାଇଛି। ଏନେଇ କୁଳିଅଣା ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## କଟକ ଜିଲ୍ଲାରେ ରାଜସ୍ୱ ଓ ଭୂଅର୍ଜନ ସମ୍ବନ୍ଧୀୟ ସମୀକ୍ଷା ବୈଠକ



**କଟକ,୯।୯(ସଂଚାର ବ୍ୟୁରୋ):** କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ଆଜି ରାଜସ୍ୱ ଓ ଭୂଅର୍ଜନ ସମ୍ବନ୍ଧୀୟ ସମୀକ୍ଷା ବୈଠକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଯୋଗଦେଇ ପୂର୍ବ ସର୍ବେକ୍ଷଣ ଅନୁଯାୟୀ ବସୁନ୍ଧରା ଯୋଜନା ଅନ୍ତର୍ଗତ ଭୂମିହୀନ ପରିବାରକୁ ଜମିପଟ୍ଟା ପ୍ରଦାନ, ପୂର୍ବରୁ ପ୍ରଦାନ କରାଯାଇଥିବା ଘରବାଡି ଜମିର ଚିହ୍ନଟ, ଜଙ୍ଗଲ ଅଧିକାର ଆଇନରେ ପ୍ରଦାନ କରାଯାଇଥିବା ପଟ୍ଟା ବଣ୍ଟନ, ସିକିମ୍, ବନ୍ଦୋବସ୍ତ ଓ ଜଙ୍ଗଲ ଜମି ଅଧିକାର ଅଧିନିୟମ ଅନ୍ତର୍ଗତ ବିଭିନ୍ନ ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଗୋଚର ଜମିରେ ରହୁଥିବା ଲୋକଙ୍କୁ ଥଇଥାନ କରାଇବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇ ବୃଦ୍ଧ, ଅସହାୟ ଓ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଲୋକଙ୍କ ସମସ୍ୟା ଉପରେ ଯଥା ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସେହିପରି କ୍ୟାପିଟାଲ ରିଜିଅନ୍ ରିଙ୍ଗ୍ ରୋଡ (ସିଆରଆରଆର) ନିମନ୍ତେ ଜମି ଅଧିଗ୍ରହଣକୁ ସୁଗମ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବୈଠକରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ,ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଧନ୍ୟବାଦ ଦେଇଥିଲେ।

**ଏସ୍‌ପିସିବିର ଗାଡ଼କଣ ଅଳିଆ ଗଦା ସ୍ଥିତି ସମୀକ୍ଷା**

# ଧରାପଡ଼ିଲା ମିଛ, ସ୍ୱୀକାର କରିବାକୁ ବିଏମ୍‌ସି ନାରାଜ



**ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ):** ଆଜି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ଏକ ଅନୁଧ୍ୟାନକାରୀ ଟିମ ବିଏମସି ଏବଂ ସୈନିକ ସ୍କୁଲ ବଞ୍ଚାଅ ଓ୍ ଅଳିଆ ଗଦା ହଟାଅ ଅଭିଯାନର ପ୍ରତିନିଧିଙ୍କ ଉପସ୍ଥିତିରେ ଗାଡ଼କଣ ଅଳିଆ ଗଦାର ବାସ୍ତବିକ ସ୍ଥିତି ଅନୁଧ୍ୟାନ କରିଥିଲା। ଏହି ଅନୁଧ୍ୟାନ ସମୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ସବୁ ମିଛ ଧରା ପଡିଯାଇଥିଲେ ହେଁ ଅଧିକାରୀ ଏହାକୁ ଗାଲୁ ମାରି ଉଡ଼ାଇ ଦେବାକୁ ଉଦ୍ୟମ କରିଥିଲେ। ପୂର୍ବରୁ ଏକାଧିକ ବାର ବିଏମ୍‌ସି ପକ୍ଷରୁ କୁହାଯାଇଛି ଯେ ଗାଡ଼କଣ ଅଳିଆ ଗଦାରେ ଏହାର ଅଳିଆ ପଡୁନାହିଁ, କିନ୍ତୁ ଆଜି ବୋର୍ଡର ଅନୁଧ୍ୟାନକାରୀ ଟିମ୍ ଅଳିଆର ପାହାଡ଼ ଦେଖି ବିଏମ୍‌ସି ଅଧିକାରୀଙ୍କ ଉପରେ କ୍ଷୁବ୍ଧ ହେବା ସହ ଖୁବ୍‌ଶୀଘ୍ର ନୋଟିସ୍ ଜାରି କରାଯିବ ବୋଲି କହିଛନ୍ତି। ଏଥିସହ ବିଏମ୍‌ସିକୁ ବୋର୍ଡର ଟିମ୍ ମଧ୍ୟ ତୁରନ୍ତ ଅଳିଆ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଏମ୍‌ସି ପାଖରେ ଗାଡ଼କଣରେ ଥିବା ୩ଟି ପ୍ରକ୍ରିୟାକରଣ ୟୁନିଟ୍‌ରେ ଦୈନିକ ମାତ୍ର ୧୫ ଟନ୍ ଅଳିଆ ପ୍ରୋସେସିଂ ପାଇଁ ବୋର୍ଡଠାରୁ ଅନୁମତି ରହିଛି। ଗତ ୧୨ ତାରିଖରେ ମଧ୍ୟ ଏହି ଅନୁମତିର ଅବଧି ସରିଯାଇଛି। କିନ୍ତୁ ପ୍ଲାଣ୍ଟ୍ ଏବେ ବି ଚାଲୁ ରହିଛି, ଯାହାକି ବିଏମ୍‌ସିର ଆଉ ଆଇନ୍ ବହିର୍ଭୂତ କାର୍ଯ୍ୟ। ଏ ସମ୍ପର୍କରେ ଅନୁଧ୍ୟାନ ଟିମ୍‌ର ସଦସ୍ୟମାନେ କହିଛନ୍ତି ଯେ ପୂର୍ବରୁ ଭେରିଫିକେସନ ସମୟରେ ଉକ୍ତ ୩ଟି ପ୍ରକ୍ରିୟାକରଣ ୟୁନିଟ୍ ବନ୍ଦ ଥିଲା। ସେହିପରି ଟିମ୍ ପକ୍ଷରୁ ବିଏମ୍‌ସିକୁ ପ୍ଲାଣ୍ଟ୍‌ରୁ ବାହାରୁଥିବା ବର୍ଜ୍ୟକୁ ସିଧାସଳଖ ବାହାରକୁ ନ ଛାଡ଼ି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ବି ବିଏମ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ତା'ଛଡ଼ା ପ୍ରୋସେସିଂ ପାଇଁ ଆସୁଥିବା ଅଳିଆକୁ ଜାଲରେ ଆବଦ୍ଧ କରିବା ସକାଶେ ମଧ୍ୟ କୁହାଯାଇଛି।

ସୂଚନାଯୋଗ୍ୟ ଯେ ବିଏମ୍‌ସି ବିନା କୌଣସି ସ୍ୱୀକୃତିରେ ଗାଡ଼କଣଠାରେ ଦୀର୍ଘ ବର୍ଷ ଧରି ଅଳିଆ ଗଦାଇ ଆସୁଥିବାରୁ ଆଖପାଖ ଲୋକେ ହଇରାଣ ହରକତ ହେଉଥିବା ବେଳେ ରାଜ୍ୟର ଗୌରବ ସୈନିକ ସ୍କୁଲର ଜମିକୁ ବି ମାଡ଼ି ବସିଛି। ଏହା ବିରୋଧରେ ଅନେକ ଆନ୍ଦୋଳନ ମୁଣ୍ଡ ଟେକିଛି। ବିଶେଷକରି ସୈନିକ ସ୍କୁଲ ବଞ୍ଚାଅ ଓ୍ ଅଳିଆ ଗଦା ହଟାଅ ଅଭିଯାନ ବେଶ୍ ତ୍ୱରାନ୍ୱିତ ହୋଇଛି। ପୂର୍ବରୁ ଏଠାରେ ଅଳିଆ ଗଦା କରିବା ପ୍ରସଙ୍ଗରେ ପ୍ରଦୂଷଣ ବୋର୍ଡ ବିଏମସିକୁ ଗତ ୩ ତାରିଖ ସୁଦ୍ଧା ଅଭିଯୋଗ ନେଇ ଉତ୍ତର ରଖିବାକୁ କହିଥିଲା। କିନ୍ତୁ ବିଏମସି ଏଥିରେ ଖିଲାପ କରିବାରୁ ଆଜି ଗାଡ଼କଣ ଅଳିଆ ଗଦାର ସ୍ଥିତି ଯାଞ୍ଚ କରିଛନ୍ତି। ଗତକାଲିର ନିଷ୍ପତ୍ତି ଅନୁଯାୟୀ ବୋର୍ଡର ବରିଷ୍ଠ ବୈଜ୍ଞାନିକ ଡ଼. ଉଷାରାଣୀ ପଟ୍ଟନାୟକ, ଭୁବନେଶ୍ୱର ଆଞ୍ଚଳିକ ଅଧିକାରୀ ଯାଞ୍ଚ ସମୟରେ ଦାୟିତ୍ୱରେ ଥିବା ବିଏମସି ଡେପୁଟି କମିଶନର, ସୈନିକ ସ୍କୁଲ ବଞ୍ଚାଅ ଅଳିଆ ଗଦା ହଟାଅ ଅଭିଯାନର ଆବାହକ ଭିକ୍ଷାକାରୀ ତ୍ରିପାଠୀ, ଦିଲ୍ଲୀପ ଦାସ ଶର୍ମା, ଚିନ୍ତାମଣି ବାରିକ, ପ୍ରସନ୍ନ ବିଷୋୟୀ, ଶଙ୍କର୍ଷଣ ବାରିକ ଉପସ୍ଥିତ ଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ବୁଧବାର ୧୦ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର

Wednesday 10 September 2025, Bhubaneswar

# ସାମାଜିକ ମାଧ୍ୟମ ଏବଂ ଘରୋଇ ହିଂସା

ଆଧୁନିକ ଯୁଗରେ ସାମାଜିକ ମାଧ୍ୟମ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହୋଇପଡ଼ିଛି। ଫେସବୁକ୍, ଟ୍ୱିଟର୍, ଇନଷ୍ଟାଗ୍ରାମ୍ ଏବଂ ହ୍ୱାଟ୍ସଆପ୍ ଭଳି ପ୍ଲାଟଫର୍ମଗୁଡ଼ିକ ସୂଚନା ବିନିମୟ, ସମ୍ପର୍କ ଗଠନ ଏବଂ ମନୋରଞ୍ଜନର ମାଧ୍ୟମ ହୋଇଛନ୍ତି। କିନ୍ତୁ ଏହି ଡିଜିଟାଲ୍ ବିପ୍ଳବର ଅନ୍ୟ ପାର୍ଶ୍ୱରେ ରହିଛି ଘରୋଇ ହିଂସା ଉପରେ ଏହାର ଗଭୀର ପ୍ରଭାବ। ଓଡ଼ିଶା ଭଳି ରାଜ୍ୟରେ, ଯେଉଁଠାରେ ଘରୋଇ ହିଂସା ଏକ ଗୁରୁତର ସାମାଜିକ ସମସ୍ୟା, ସାମାଜିକ ମାଧ୍ୟମର ଭୂମିକା ଦ୍ୱିଧାବିଭକ୍ତ। ଏହା କେତେବେଳେ ସହାୟକ ହୁଏ ତ କେତେବେଳେ ବିନାଶକାରୀ।



ପ୍ରଥମେ ସାମାଜିକ ମାଧ୍ୟମର ସକାରାତ୍ମକ ପ୍ରଭାବ ବିଷୟରେ ଆଲୋଚନା କରିବା। ଏହା ଘରୋଇ ହିଂସାର ପୀଡ଼ିତମାନଙ୍କୁ ସ୍ୱର ଦେଇଛି। ହ୍ୟାଶଟ୍ୟାଗ୍ କ୍ୟାମ୍ପେନ୍ ଯେମିତି #METOO ଏବଂ #BREAKTHESILENCE ଭଳି ଆନ୍ଦୋଳନଗୁଡ଼ିକ ମହିଳାମାନଙ୍କୁ ନିଜର ଅନୁଭୂତି ସେୟାର୍ କରିବାକୁ ପ୍ରୋତ୍ସାହିତ କରିଛି। ଓଡ଼ିଶାରେ ଅନେକ ଏନଜିଓ ଏବଂ ସମାଜସେବୀ ସାମାଜିକ ମାଧ୍ୟମ ମାଧ୍ୟମରେ ହେଲ୍ପଲାଇନ୍ ନମ୍ବର୍ ଏବଂ ଆଇନଗତ ସହାୟତା ବିଷୟରେ ସୂଚନା ପ୍ରଚାର କରୁଛନ୍ତି। ଉଦାହରଣ ସ୍ୱରୂପ, ରାଜ୍ୟର ମହିଳା ଓ ଶିଶୁ ବିକାଶ ବିଭାଗର କ୍ୟାମ୍ପେନ୍ଗୁଡ଼ିକ ଫେସବୁକ୍ ଏବଂ ଟ୍ୱିଟର୍ରେ ବ୍ୟାପକ ପ୍ରସାର ପାଇଛି, ଯାହା ଫଳରେ ଅନେକ ପୀଡ଼ିତା ସାହାଯ୍ୟ ପାଇଛନ୍ତି। ଏହା ସମାଜରେ ଜାଗରଣ ସୃଷ୍ଟି କରିଛି ଏବଂ ହିଂସାର ବିରୋଧରେ ଏକତା ଗଠନ କରିଛି। କିନ୍ତୁ ସାମାଜିକ ମାଧ୍ୟମର ନକାରାତ୍ମକ ପ୍ରଭାବ ମଧ୍ୟ ଅଣଦେଖା କରାଯାଇ ପାରିବ ନାହିଁ। ଏହା ଘରୋଇ ହିଂସାକୁ ବଢ଼ାଇବାରେ ସହାୟକ ହୋଇଛି। ସାଇବର୍ ବୁଲିଙ୍ଗ୍ ଏବଂ ଅନଲାଇନ୍ ହାରାସମେଣ୍ଟ୍ ଭଳି ସମସ୍ୟାଗୁଡ଼ିକ ଘରେ ହିଂସାର ରୂପ ଧାରଣ କରୁଛି। ଅନେକ କ୍ଷେତ୍ରରେ ସ୍ୱାମୀ କିମ୍ବା ପରିବାର ସଦସ୍ୟମାନେ ସାମାଜିକ ମାଧ୍ୟମରେ ପତ୍ନୀର ଫଟୋ କିମ୍ବା ବ୍ୟକ୍ତିଗତ ସୂଚନା ସେୟାର୍ କରି ତାଙ୍କୁ ଅପମାନିତ କରୁଛନ୍ତି, ଯାହା ଶାରୀରିକ ହିଂସାର କାରଣ ହେଉଛି। ଓଡ଼ିଶାରେ ଅନେକ ଘଟଣାରେ ଦେଖାଯାଇଛି ଯେ ସାମାଜିକ ମାଧ୍ୟମରେ ପ୍ରେମ ସମ୍ପର୍କ ଭାଙ୍ଗିବା ପରେ ଯୁବକମାନେ ରିଭେଞ୍ଜ୍ ପର୍ଣ୍ଣ ଭଳି କଣ୍ଟେଣ୍ଟ୍ ସେୟାର୍ କରୁଛନ୍ତି, ଯାହା ପୀଡ଼ିତାଙ୍କୁ ଆତ୍ମହତ୍ୟା ପର୍ଯ୍ୟନ୍ତ ଠେଲି ଦେଉଛି। ଏହା ବ୍ୟତୀତ, ମିଥ୍ୟା ସୂଚନା ଏବଂ ହିଂସାତ୍ମକ କଣ୍ଟେଣ୍ଟ ପ୍ରସାର ସମାଜରେ ଅସହିଷ୍ଣୁତା ବଢ଼ାଉଛି, ଯାହା ଘରୋଇ ପରିବେଶରେ ପ୍ରତିଫଳିତ ହେଉଛି। ଘରୋଇ ହିଂସାର ପ୍ରଭାବ ବିଶେଷକରି ମହିଳା ଏବଂ ଶିଶୁମାନଙ୍କ ଉପରେ ପଡୁଛି। ରାଷ୍ଟ୍ରୀୟ ଅପରାଧ ରେକର୍ଡ଼ ବ୍ୟୁରୋର ତଥ୍ୟ ଅନୁସାରେ, ଭାରତରେ ଘରୋଇ ହିଂସାର ମାମଲା ବଢ଼ୁଛି, ଏବଂ ଓଡ଼ିଶାରେ ମଧ୍ୟ ଏହା ଏକ ଚିନ୍ତାର ବିଷୟ। ସାମାଜିକ ମାଧ୍ୟମ ଏହି ସମସ୍ୟାକୁ ଆହୁରି ଜଟିଳ କରିଛି। ଉଦାହରଣ ସ୍ୱରୂପ, ଲକଡାଉନ୍ ସମୟରେ ଅନଲାଇନ୍ କଣ୍ଟେଣ୍ଟ ବ୍ୟବହାର ବଢ଼ିବା ସହ ଘରୋଇ ହିଂସାର ଘଟଣା ମଧ୍ୟ ବଢ଼ିଛି। ଏହା ଦର୍ଶାଉଛି ଯେ ଡିଜିଟାଲ୍ ଦୁନିଆର ଅପବ୍ୟବହାର ବାସ୍ତବ ଜୀବନରେ ହିଂସାକୁ ଉତ୍ତେଜିତ କରୁଛି।

ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ହେଉଛି ସଚେତନତା ଏବଂ ନିୟନ୍ତ୍ରଣ। ସରକାର ଏବଂ ପ୍ଲାଟଫର୍ମଗୁଡ଼ିକ ମିଳିତ ଭାବେ ହିଂସାତ୍ମକ କଣ୍ଟେଣ୍ଟକୁ ରୋକିବା ପାଇଁ କଡ଼ା ନିୟମ ପ୍ରଣୟନ କରିବା ଉଚିତ୍। ଓଡ଼ିଶା ସରକାର ସ୍କୁଲ୍ ଏବଂ କଲେଜ୍ରେ ଡିଜିଟାଲ୍ ସାକ୍ଷରତା କାର୍ଯ୍ୟକ୍ରମ ଚଳାଇବା ଦ୍ୱାରା ଯୁବପିଢ଼ିକୁ ସଚେତନ କରିପାରିବେ। ବ୍ୟକ୍ତିଗତ ସ୍ତରରେ ଆମେ ସମସ୍ତେ ଦାୟିତ୍ୱବାନ୍ ହେବା ଉଚିତ୍ — ସେୟାର୍ କରିବା ପୂର୍ବରୁ ଚିନ୍ତା କରିବା ଏବଂ ପୀଡ଼ିତମାନଙ୍କୁ ସମର୍ଥନ ଦେବା। ଉପସଂହାରରେ କହିବାକୁ ଗଲେ, ସାମାଜିକ ମାଧ୍ୟମ ଏକ ଶକ୍ତିଶାଳୀ ଉପକରଣ, କିନ୍ତୁ ଏହାର ବ୍ୟବହାର ନିର୍ଭର କରୁଛି ଆମ ଉପରେ। ଏହା ଘରୋଇ ହିଂସାକୁ ହ୍ରାସ କରିବାରେ ସହାୟକ ହୋଇପାରିବ ଯଦି ଆମେ ଏହାକୁ ସଠିକ୍ ଭାବେ ବ୍ୟବହାର କରିବା। ଓଡ଼ିଶା ଭଳି ରାଜ୍ୟରେ ଏହି ବିଷୟରେ ଆହୁରି ଆଲୋଚନା ଏବଂ କାର୍ଯ୍ୟାନ୍ୱୟନ ଆବଶ୍ୟକ। ଆସନ୍ତୁ ଏକ ନିରାପଦ ଏବଂ ସମାନତାପୂର୍ଣ୍ଣ ସମାଜ ଗଠନ କରିବା।

# 'ରଘୁ ଦହିବରା'...କଟକ ଦହିବରାର ବ୍ରାଣ୍ଡ ଆମ୍ବାସଡ଼ର



**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ବୋଧେ ଦୁଇ ବର୍ଷ ତଳର କଥା, ଟାଟା ନଗରରୁ କଟକର ସିଡିଏ ଯାଉଥିବାବେଳେ ବିଡ଼ାନାସୀ ବନ୍ଧଛକ ବାମପଟେ ଏକ ଶୃଙ୍ଖଳିତ ଗହଳି ଦୃଷ୍ଟି ଆକର୍ଷଣ କରିଥିଲା। ସାଙ୍ଗରେ ଥିବା ଜଣେକ ବନ୍ଧୁ 'ଇଏ କଟକର ପ୍ରସିଦ୍ଧ ରଘୁ ଦହିବରା ସେଣ୍ଟର' ବୋଲି କହିବାରୁ କିଛି ଦୂରରେ ଗାଡ଼ି ରଖି ତାଙ୍କ ହାତ ପରଷା ଦହିବରା ଖାଇଥିଲି। ଶାଳପତ୍ର ଦାନାରେ ନରମ ନରମ ଦହିବରା ଉପରେ ରାଗୁଆ ରାଗୁଆ ଗରମ ଆଳୁଦମ ବିଛାଇ ବେଶ ହସ ହସ ଚେହେରାର ରଘୁବାବୁ ଆଉ ଯେ ନାହାନ୍ତି ଖବର କାଗଜରୁ ଜାଣିବା ପରେ ମନ ଭିତରଟା କିଛି କ୍ଷଣ ପାଇଁ ତାଙ୍କ ପାଖରେ ଅଟକିଗଲା। ହଜାର ବର୍ଷର ସହର କଟକ। ଆଉ କଟକର ଦହିବରା କହିଲେ ପ୍ରଥମେ 'ରଘୁ' ନାମଟି ହିଁ ଆସିଥାଏ। ଅନେକ ହୁଏତ ଜାଣିନଥିବେ ସେ ଏପରି ଜଣେ ପ୍ରସିଦ୍ଧ ଦହିବରାର କାରିଗର ଥିଲେ ଯିଏକି ତାଙ୍କ ଦୋକାନ ଖୋଲିବା ପୂର୍ବରୁ ଲୋକେ ତାଙ୍କୁ ଅପେକ୍ଷା କରିଥାନ୍ତି। ଏମିତିରେ କଟକିଆଙ୍କ ପ୍ରିୟ ଖାଦ୍ୟ କହିଲେ ଦହିବରାକୁ ବୁଝାଏ। ଆଉ ରଘୁ ଦହିବରା ହେଉଛନ୍ତି କହିବାକୁଗଲେ ଅଘୋଷିତ ବ୍ରାଣ୍ଡ ଆମ୍ବାସଡ଼ର। ୯୪ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି। ପାଖାପାଖି ଆଠ ଦଶନ୍ଧି ଧରି ନିଜ ହାତର ସ୍ୱାଦିଷ୍ଟ ଦହିବରାରେ ସେ ହଜାର ହଜାର ଲୋକଙ୍କ ପ୍ରିୟ ଭାଜନ ହୋଇଥିଲେ ଆଉ କଟକରେ ଆଳୁଦମ ଦହିବରା ବେପାରର ସେ ଏକ ପ୍ରକାର ଖାଣ୍ଟି ସ୍ୱତନ୍ତ୍ର ଛାପ ଛାଡ଼ିବା ସହ ନିଜସ୍ୱ ବ୍ରାଣ୍ଡ ମଧ୍ୟ ଗଢ଼ିତୋଳି ପାରିଥିଲେ। ୧୯୩୪ ମସିହା ଜୁନ ୬ ତାରିଖରୁ ବିଡ଼ାନାସୀ ଗୋପାଳ ସାହିରେ ଜନ୍ମ ଗ୍ରହଣ କରିଥିବା ରଘୁବାବୁ ପରିବାରରେ ପ୍ରତିପୋଷଣ ଦାୟିତ୍ୱ ମୁଣ୍ଡାଇ ମାତ୍ର ୧୪ ବର୍ଷ ବୟସରେ ଦହିବରା ଆଳୁଦମ ବେପାରକୁ ଆସିଥିଲେ। ପାଠ ବସ୍ତାନୀରେ ଡୋରି ବାନ୍ଧି ପରିବାରକୁ ଆର୍ଥିକ ସାହାଯ୍ୟ ଯୋଗାଇବାର ବାଧବାଧକତାକୁ ନିଜ ମୁଣ୍ଡକୁ ହିଁ ନେଇଥିଲେ। ତାଙ୍କ ବେପାର ଆରମ୍ଭ ହୋଇଥିଲା ସେ ସମୟରେ ସେ ନିଜେ କାନ୍ଧରେ ବୋହି ସହରର ବିଭିନ୍ନ ସାହି ଓ ଗଳି ବୁଲି ବୁଲି ବିକୁଥିଲେ ପରେ ବାରବାଟୀ ଷ୍ଟାଡ଼ିୟମ ପ୍ରତିଷ୍ଠା ହେବା ପରେ ପାଖାପାଖି ୪୦ ବର୍ଷ ବାରାବାଟୀ ସାମ୍ନାରେ ହିଁ ସେ ପସରା ଖୋଲିଥିଲେ। ପରେ ବିଡ଼ାନାସୀ ବନ୍ଧଛକରେ ତାଙ୍କ ଉଠା ଦୋକାନ ଗଢ଼ି ଉଠିଥିଲା। ସେବେଠାରୁ ତାଙ୍କ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ବିଡ଼ାନାସୀ ଛକର ଟିକିଏ ଆଗକୁ ତାଙ୍କର ବ୍ୟବସାୟ ଚାଲିଥିଲା।

ରଘୁ ବାବୁଙ୍କ ଦହିବରାର ଖାସିୟତ ଥିଲା ଏହିପରି, ସେଥିରେ ନାଁ ଘୁଘୁନି ରହୁଥିଲା ନାଁ ପିଆଜା ନାଁ ସେଓ ନାଁ କଟା କଞ୍ଚାଲଙ୍କା। କେବଳ ଦହିବରା ଆଉ ପତଳା ଝୋଳର ଆଳୁଦମ ଭିତରେ ତାଙ୍କ ସ୍ୱତନ୍ତ୍ର ପରିଚୟ ରହୁଥିଲା। ବଜାର ମସଲା ଆଦୌ ଗ୍ରହଣ ନକରି ଘରେ ମସଲା ତାଙ୍କରି ପ୍ରସ୍ତୁତିରେ ହିଁ ତିଆରି ହେଉଥିଲା। ଆଳୁଦମ ଉପରେ ଲଙ୍କାଲୁଣ ମରିଚ ଗୁଣ୍ଡର ଛିଟିକା ସ୍ୱାଦ ଆହୁରି ଲାଳ ଗଡ଼ାଉଥିଲା ଦହିବରା ଖିଆଳିଙ୍କ ଭିତରେ। ରଘୁବାବୁଙ୍କ ଦହିବରାର ଆଉ ଏକ ଉଲ୍ଲେଖନୀୟ ଦିଗଟି ହେଉଛି ପ୍ରତିଦିନ ମାତ୍ର ସେ ୨୦୦ ଲୋକଙ୍କ ପାଇଁ ହିଁ ଦହିବରା ବନାଉଥିଲେ। ଖୁବ ହେଲେ ଚାଳିଶ ପଇଁଚାଳିଶ ମିନିଟ ଭିତରେ ତାଙ୍କ ବେପାର ସରିଯାଉଥିଲା। ଆଶ୍ଚର୍ଯ୍ୟର କଥା ଗ୍ରାହକ ଫେରି ଯାଉଥିଲେ ମଧ୍ୟ ସେ ଲୋଭଗ୍ରସ୍ତ ହୋଇ ଦୁଇ ଶହରୁ ଅଧିକ ହିଁ ବନାଉ ନଥିଲେ। ୨୦୧୭ ନୂଆ ଦିଲ୍ଲୀରେ ଅନୁଷ୍ଠିତ ଓଡ଼ିଶା ଉତ୍ସବର ସେ ଯୋଗ ଦେଇଥିଲେ। ତାଙ୍କ ପ୍ରକୃତ ନାମ ଥିଲା ରଘୁନାଥ ସାସମଲ। ରଘୁ ବାବୁଙ୍କ ଦହିବରାର ଆଉ ଏକ ସ୍ୱତନ୍ତ୍ର ଦିଗ ବି ଥିଲା। ଦହିବରାର ଝୋଳ ଟିକେ ରାଗୁଆ ରହୁଥିବାରୁ ଦହିବରା ଆଳୁଦମ ସହିତ ଘରୋଇ ପ୍ରସ୍ତୁତିର ଖୁଆପେଡ଼ା ମଧ୍ୟ ରଖୁଥିଲେ। ହଜାର ବର୍ଷର କଟକ ସହରରେ ଅନେକ ସେପରି ଚର୍ଚ୍ଚା ନ ହୋଇ ମଧ୍ୟ ଯେଉଁ କ୍ୱଚିତ ନିଜ ଅନନ୍ୟ ଓ ସ୍ୱତନ୍ତ୍ର ଖାଦ୍ୟ ଭଣ୍ଡାରର ଯୁଗ ଯୁଗ ପାଇଁ କିମ୍ବଦନ୍ତୀ ହୋଇ ରହିଛନ୍ତି ରଘୁଦହିବରା ତାଙ୍କ ଭିତରୁ ଜଣେ। ଲେଖାଟି ପ୍ରସ୍ତୁତ କଲାବେଳକୁ ମନେ ପଡ଼ୁଛି ସେହି କଟକ ଦହିବରାର ଅଘୋଷିତ ବ୍ରାଣ୍ଡ ଆମ୍ବାସଡ଼ର ରଘୁବାବୁଙ୍କ ମୁହାଁ। ଯଦିଓ ତାଙ୍କ ଶେଷ ସମୟ ବେଳକୁ ଦୋକାନରେ ସେ କେବଳ ବସି ରହୁଥିଲେ, ତାଙ୍କ ପୁଅମାନେ ବିକ୍ରିବଟା କରୁଥିଲେ। କଟକ ଯେବେ ବି ଆଉ ଯିବି ବିଡ଼ାନାସୀ ବନ୍ଧଛକ ପରେ ଆଉ ସେ ରଘୁ ଦହିବରାର ଗହଳି ପାଇପାରିଲେ ମଧ୍ୟ ହସ ହସ ମୁହଁର ରଘୁ ବାବୁଙ୍କୁ ଆଉ ପାଇବିନାହିଁ। ତାଙ୍କ ଅମର ଆତ୍ମାର ସଦଗତି କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତାଙ୍କ ପାଇଁ ପ୍ରାର୍ଥନା କରୁଛି।

**ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ମୋବାଇଲ୍: ୭୪୮୮୯୯୮୫୩୨**



# ଜ୍ୟୋତିଷଶାସ୍ତ୍ର ଏକ ଛଦ୍ମ ବିଜ୍ଞାନ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଜ୍ୟୋତିଷଶାସ୍ତ୍ର ଏକ ଛଦ୍ମ ବିଜ୍ଞାନ ଅଟେ, ଯାହା ଖଗୋଳିୟ ପିଣ୍ଡର ଚଳଣୀ ଏବଂ ସାପେକ୍ଷ ସ୍ଥିତିର ଅଧ୍ୟୟନ କରି ମନୁଷ୍ୟ ସମ୍ବନ୍ଧୀୟ ବିଷୟ ଏବଂ ସାଂସାରିକ ଘଟଣା ସମ୍ବନ୍ଧରେ ଦିବ୍ୟ କଥାବସ୍ତୁର ଦାବି କରିଥାଏ। ଏହି ଶାସ୍ତ୍ରଦ୍ୱାରା ମନୁଷ୍ୟ ତଥା ପୃଥିବୀର ଗ୍ରହ ଏବଂ ତାରାମାନଙ୍କର ଶୁଭ ତଥା ଅଶୁଭ ପ୍ରଭାବର ଅଧ୍ୟୟନ କରାଯାଇ ପାରେ। ଜ୍ୟୋତିଷ ଶବ୍ଦର ଅର୍ଥ ଗ୍ରହ ତଥା ନକ୍ଷତ୍ରଦ୍ୱାରା ସମ୍ବନ୍ଧିତ ରଖୁଥିବା ବିଦ୍ୟା। ଯଦିଓ ଏହି ଶବ୍ଦରୁ ଗଣିତ ଜ୍ୟୋତିଷର ମଧ୍ୟ ବୋଧ ହୋଇଥାଏ, ତଥାପି ସାଧାରଣ ଲୋକ ଜ୍ୟୋତିଷ ବିଦ୍ୟାଦ୍ୱାରା ଫଳିତ ବିଦ୍ୟାର ଅର୍ଥ ବୋଲି ଭାବି ନିଅନ୍ତି। ଭାରତୀୟ ଜ୍ୟୋତିଷରେ ସୂର୍ଯ୍ୟ ସିଦ୍ଧାନ୍ତ ଆଦି ଗ୍ରନ୍ଥରୁ ଆସୁଥିବା ବିନ୍ଦୁ ହିଁ ମେଷ ଆଦିର ଗଣନା କରାଯାଏ। ଏହିପ୍ରକାରେ ପାଶ୍ଚାତ୍ୟ ଗଣନା ପ୍ରଣାଳୀ ତଥା ଭାରତୀୟ ଗଣନା ପ୍ରଣାଳୀରେ ପାଖାପାଖି ୨୩ ଅଂଶର ଅନ୍ତର ପଡିଥାଏ। ଭାରତରେ ୧୨ଟି ରାଶିକୁ ୨୭ଟି ବିଭାଗରେ ଭାଗ କରାଯାଇଛି , ଯାହାକୁ ନକ୍ଷତ୍ର କୁହାଯାଏ। ଫଳାଫଳର ବିଚାର ପାଇଁ ଚନ୍ଦ୍ରମା' ନକ୍ଷତ୍ରର ବିଶେଷ ଉପଯୋଗ କରାଯାଏ। ଜ୍ୟୋତିଷ ଶାସ୍ତ୍ର ପ୍ରାଚୀନ ଗ୍ରୀକ ଭାଷା ଶବ୍ଦ ଏଷ୍ଟ୍ରୋନ୍ (ତାରା ସମୂହ) ଏବଂ ଲୋଜି ଅଧ୍ୟୟନରୁ ନିଆ ଯାଇଥିବା ବିଷୟ। ଏହି ତନ୍ତ୍ର ପରମ୍ପରା ପ୍ରଥା ଏବଂ ବିଶ୍ୱାସର ସମୂହ ଅଟେ ଯାହା ଜରିଆରେ ଖଗୋଳିୟ ପିଣ୍ଡ ତଥା ଆକାଶୀୟ ପିଣ୍ଡର ତୁଳନାତ୍ମକ ସ୍ଥିତି ଏବଂ ଅନ୍ୟ ସମ୍ବନ୍ଧୀୟ ବିବରଣୀର ଆଧାରରେ ବ୍ୟକ୍ତିତ୍ୱ, ମନୁଷ୍ୟର ଜୀବନରେ ଜଡ଼ିତ ମାମଲା ଏବଂ ଅନ୍ୟ ସାଂସାରିକ ବିଷୟକୁ ବୁଝି ତାହାର ବ୍ୟାଖ୍ୟା କରାଯାଏ ଏବଂ ଏହି ସନ୍ଦର୍ଭରେ ସୂଚନା ଗୁଡିକୁ ସଂଗଠିତ କରାଯାଏ। ଜ୍ୟୋତିଷର ବିଶ୍ୱାସ ଥାଏ ଯେ, ଖଗୋଳିୟ ପିଣ୍ଡର ଚଳଣୀ ଓ ତାହାର ସ୍ଥିତି ହୁଏତ ପୃଥିବୀକୁ ସିଧା ଉପାୟରେ ପ୍ରଭାବିତ କରିଥାଏ କିମ୍ବା କୌଣସି ପ୍ରକାରେ ମାନବଦ୍ୱାରା ଅନୁଭବ କରାଯାଉଥିବା ଘଟଣାରେ ସମ୍ବନ୍ଧ ହୋଇଥାଏ। ଆଧୁନିକ ଜ୍ୟୋତିଷଦ୍ୱାରା ଜ୍ୟୋତିଷକୁ ଏକ ପ୍ରତୀକାତ୍ମକ ଭାଷା ଏକ କଳା ରୂପେ କିମ୍ବା ଭବିଷ୍ୟ କଥନ, ପୂର୍ବଭାଷା ରୂପେ ପରିଭାଷିତ କରାଯାଇଛି। ବହୁ ବୈଜ୍ଞାନିକମାନେ ଏହାକୁ ଏକ ଛଦ୍ମ ବିଜ୍ଞାନ (PSEUDOSCIENCE) କିମ୍ବା ଅନ୍ଧବିଶ୍ୱାସ (SUPERSTITION)ର ନାମ ଦେଇଛନ୍ତି। ପରିଭାଷାରେ ଅନ୍ତର ହେବା ପରେ ମଧ୍ୟ, ଜ୍ୟୋତିଷ ବିଦ୍ୟାର ଏକ ସାମାନ୍ୟ ଧାରଣା ରହିଛି ଯେ, ଖଗୋଳିୟ ପିଣ୍ଡ ନିଜ କ୍ରମ ସ୍ଥାନରୁ ଭୂତ ଏବଂ ବର୍ତ୍ତମାନର ଘଟଣା ଓ ଭବିଷ୍ୟବାଣୀ (PREDICTION) କୁ ବୁଝିବାରେ ସାହାଯ୍ୟ କରିପାରେ। ଏକ ମତଦାନରେ ୩୧% ଆମେରିକୀୟମାନେ ଜ୍ୟୋତିଷ ଉପରେ ନିଜର ବିଶ୍ୱାସ ପ୍ରକଟ କରିଥିଲେ ଏବଂ ଏକ ଅନ୍ୟ ଅଧ୍ୟୟନ ଅନୁସାରେ, ୩୯% ଲୋକ ଏହାକୁ ବିଜ୍ଞାନ ବୋଲି ମାନିଛନ୍ତି। ଜ୍ୟୋତିଷ ଶାସ୍ତ୍ର ରେ କୁଣ୍ଡଳୀ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ L କୁଣ୍ଡଳୀ ଏପରି ଏକ ଚକ୍ର, ଯାହାଦ୍ୱାରା କୌଣସି ଇଷ୍ଟ କାଳରେ ରାଶି ଚକ୍ର "କ୍ରାନ୍ତି ଚକ୍ର"ଦ୍ୱାରା ସମ୍ବନ୍ଧିତ ହୋଇଥାଏ , ଯାହାର ସ୍ଥିତି ଅକ୍ଷାଂଶର ଭିନ୍ନତା କାରଣରୁ ବିଭିନ୍ନ ଦେଶରେ ଏକାପରି ହୋଇ ନଥାଏ। ଅତଏବ ରାଶି ଚକ୍ରର ସ୍ଥିତି ଜାଣିବା ପାଇଁ ସ୍ଥାନୀୟ ସମୟ ତଥା ନିଜ ସ୍ଥାନରେ ରହିଥିବା ରାଶିମାନଙ୍କର ଉଦୟ ସ୍ଥିତି ଜ୍ଞାନ ଆବଶ୍ୟକ ଅଟେ। ରାଶି ମାନଙ୍କର ଅଙ୍କଦ୍ୱାରା ବ୍ୟକ୍ତ କରାଯାଏ। ଏହିପ୍ରକାର ରାଶିଚକ୍ରକୁ କୁଣ୍ଡଳୀ କୁହାଯାଏ। ଭାରତୀୟ ପଦ୍ଧତିରେ ୭ଟି ଗ୍ରହ ହେଲେ : ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୃହସ୍ପତି, ଶନି, ରାହୁ ଓ କେତୁ। ପାଶ୍ଚାତ୍ୟ ପ୍ରଣାଳୀରେ (୧) ମେଷ, (୨) ବୃଷ, (୩) ମିଥୁନ, (୪) କର୍କଟ, (୫) ସିଂହ, (୬) କନ୍ୟା, (୭) ତୁଳା, (୮) ବିଛା, (୯) ଧନୁ, (୧୦) ମକର , (୧୧) କୁମ୍ଭ, (୧୨) ମୀନ ରାଶି L (୧) ବୁଧ, (୨) ଶୁକ୍ର, (୩) ପୃଥିବୀ, (୪) ମଙ୍ଗଳ, (୫) ଗୁରୁ, (୬) ଶନି, (୭) ବାରୁଣୀ, (୮) ବରୁଣ, ତଥା (୯) ଯମ ଗ୍ରହ L

ଆଧୁନିକ ବିଜ୍ଞାନ ଅନୁସାରେ ସୂର୍ଯ୍ୟ କିମ୍ବା କୌଣସି ଅନ୍ୟ ତାରାମାନଙ୍କ ଚାରିପଟେ ପରିକ୍ରମା କରୁଥିବା ଖଗୋଳ ପିଣ୍ଡକୁ ଗ୍ରହ କୁହାଯାଏ। ଅନ୍ତରାଷ୍ଟ୍ରୀୟ ଖଗୋଳୀୟ ସଂଘ ଅନୁସାରେ ଆମ ସୌର ମଣ୍ଡଳରେ ଆଠୋଟି ଗ୍ରହ ରହିଛି: ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରାନସ, ନେପଚୁନ। ଏହାର ଅତିରିକ୍ତ ତିନୋଟି ବାମନ ଗ୍ରହ ରହିଛି : ସୀରୀସ, ପ୍ଲୁଟୋ, ଏରୀସ। ପ୍ରାଚୀନ ଖଗୋଲୀୟ ଶାସ୍ତ୍ରୀମାନେ ତାରା ଏବଂ ଗ୍ରହ ମାନଙ୍କ ମଧ୍ୟରେ ଅନ୍ତର ଏହି ପ୍ରକାର କରିଥିଲେ : ରାତିରେ ଆକାଶରେ ଚମକୁଥିବା ଅଧିକତର ପିଣ୍ଡ ସର୍ବଦା ପୂର୍ବ ପାର୍ଶ୍ୱରୁ ଉଦୟ ହୋଇ ପଶ୍ଚିମ ପଟେ ଅସ୍ତ ହୋଇଥାନ୍ତି। ଏହି ପିଣ୍ଡମାନଙ୍କ ନିଜ ନିଜ ମଧ୍ୟରେ କୌଣସି ପରିବର୍ତ୍ତନ ହୁଏନାହିଁ। ଏହି ପିଣ୍ଡମାନଙ୍କୁ ତାରା କୁହାଯାଏ। କିନ୍ତୁ ଏପରି କିଛି ପିଣ୍ଡ ଅଛନ୍ତି ଯାହା ଅନ୍ୟ ପିଣ୍ଡ ମାନଙ୍କ ସାପେକ୍ଷରେ କେବେକେବେ ଆଗକୁ ଯାଆନ୍ତି ଏବଂ କେବେ କେବେ ପଛକୁ ଯାଆନ୍ତି - ଏହାର ଅର୍ଥ ଏମାନେ କେବଳ ଘୁରିଥାନ୍ତି। PLANET ଏକ ଲାଟିନ୍ ଶବ୍ଦ ଅଟେ, ଯାହାର ଅର୍ଥ ଏପଟ ସେପଟ ହୋଇ ବୁଲିବା। ଏଥିପାଇଁ ଏହି ପିଣ୍ଡର ନାମ PLANET (ଗ୍ରହ) ଅଟେ।




ଶନି ଗ୍ରହର ପରବର୍ତ୍ତୀ ଗ୍ରହକୁ ବିନା ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖାଯାଇ ପାରିବ ନାହିଁ। ଏଥିପାଇଁ ପ୍ରାଚୀନ ବୈଜ୍ଞାନିକ ମାନଙ୍କୁ କେବଳ ୫ଟି ଗ୍ରହ ବାବଦରେ ଜ୍ଞାତ ଥିଲା ଏବଂ ପୃଥିବୀକୁ ସେ ସମୟରେ ଗ୍ରହ ବୋଲି ମାନି ନ'ଥାନ୍ତି। "ଜ୍ୟୋତିଷ" ଶାସ୍ତ୍ର ଅନୁସାରେ ଗ୍ରହର ପରିଭାଷା ଅଲଗା ଅଟେ। ଭାରତୀୟ ଜ୍ୟୋତିଷ ଏବଂ ପୌରାଣିକ କଥାରେ ୯ଟି ଗ୍ରହକୁ ଗଣାଯାଏ : ସୂର୍ଯ୍ୟ, ଚନ୍ଦ୍ର, ବୁଧ, ଶୁକ୍ର, ମଙ୍ଗଳ, ଗୁରୁ, ଶନି, ରାହୁ ଏବଂ କେତୁ। ଗ୍ରହ ଦୁଇ ପ୍ରକାରର ହୋଇଥାଏ ଯଥାଃ ଆନ୍ତରିକ ଗ୍ରହ ଓ ବାହ୍ୟ ଗ୍ରହ। ଆନ୍ତରିକ ଗ୍ରହରେ - ବୁଧ,ଶୁକ୍ର, ପୃଥିବୀ, ମଙ୍ଗଳ ଏବଂ ବାହ୍ୟ ଗ୍ରହରେ - ବୃହସ୍ପତି, ଶନି, ଅରୁଣ, ବରୁଣ ଅଟେ। ୮ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରେନସ୍ ଓ ନେପଚୁନ୍ ସୂର୍ଯ୍ୟକୁ ଅଣ୍ଡାକାର ପଥରେ ପରିକ୍ରମା କରନ୍ତି। ସୂର୍ଯ୍ୟଙ୍କ ନିକଟତମ ୪ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ ଓ ମଙ୍ଗଳ ମୁଖ୍ୟତଃ କଠିନ ହୋଇଥିବା ସ୍ଥଳେ ଦୂରବର୍ତ୍ତୀ ୪ଟି ଗ୍ରହ ଯଥା ବୃହସ୍ପତି, ଶନି, ପ୍ଲୁଟୋ ଗାସୀୟ ପିଣ୍ଡ ଏବଂ ୟୁରେନସ୍ ଓ ନେପଚୁନ୍ ବରଫ ଗ୍ରହ ଭାବରେ ପରିଚିତ।

ସୌର ମଣ୍ଡଳ ଗ୍ରହରେ ପୃଥିବୀକୁ ଛାଡି ଗ୍ରୀକ ଓ ରୋମାନ ପରି ଦେବତା ମାନଙ୍କ ନାମ ରହିଛି, କାରଣ ଲୋକମାନେ ଅଜଣା ଥିଲେ ଯେ, ପୁରାତନ କାଳରେ ପୃଥିବୀ ଏକ ଗ୍ରହ ଅଟେ। ହୁଏତ, ପୃଥିବୀକୁ କେବେ କେବେ ରୋମାନ ଦେବତା "ଟେରା" ନାମରେ ଜଣାଯାଏ। ଉଦାହରଣ ପାଇଁ, ଚୀନ ମଧ୍ୟ ବିଭିନ୍ନ ନାମର ଉପଯୋଗ କରିଥାଏ। ଚନ୍ଦ୍ରମାରେ ଦେବତା ଓ ଶାସ୍ତ୍ରୀୟ ପୌରାଣିକ କଥାର ଲୋକ କିମ୍ବା ଶେକ୍ସପିୟରଙ୍କଦ୍ୱାରା ଲିଖିତ ନାଟକର ନାମ ମଧ୍ୟ ରାହିଛି। ତାରାମାନଙ୍କର ସୃଷ୍ଟି ପାରି ଗ୍ରହ ମଣ୍ଡଳର ଉତ୍ପତ୍ତି ହୋଇଛି। ଆଧୁନିକ ଖଗୋଳ ଶାସ୍ତ୍ରରେ ଯଣାଯାଇଛି ଜେ, ଯେତେବେଳେ ଅନ୍ତରିକ୍ଷରେ କୌଣସି ଆଣବିକ ବାଦଲ ଗୁରୁତ୍ୱାକର୍ଷଣ ଫଳରେ ହଠାତ ପତନ ହେବାରେ ଲାଗିଥାଏ ତ'ସେଠାରେ କୌଣସି ତାରା ଏକ ଆଦିଗ୍ରହ ଚକ୍ର (ପ୍ରୋଟୋପ୍ଲେଷ୍ଟରୀ ଡିଷ୍କ) ଭାବେ ତିଆରି କାରିଥାଏ। ପ୍ରଥମେ ଅଣୁ ଜମା ହୋଇ ଧୂଳୀର କଣିକା ବନେଇ ଦେଇଥାଏ, ପରେ କଣିକା ମିଶି ଧାତୁଖଣ୍ଡ ତିଆରି ହୋଇଥାଏ। ଗୁରୁତ୍ୱାକର୍ଷଣର ଲଗାତାର ପ୍ରଭାବ ହେତୁ ଏହି ଧାତୁଖଣ୍ଡ ମଧ୍ୟରେ ଧକ୍କା ଏବଂ ସମବେତ ହୋଇଥାଏ ଏବଂ ଧିରେ ଧିରେ ଏହା ବଡ଼ ଟୁକୁଡା ଖଣ୍ଡ ଭାବେ ତିଆରି ହୋଇଯାଏ ଯାହା ସମୟ ସହିତ ଗ୍ରହ, ଉପଗ୍ରହ ଓ ଅଲଗା ବସ୍ତୁର ରୂପ ଧାରଣ କରିଥାଏ। ଯେଉଁ ବସ୍ତୁ ବଡ଼ ହୋଇଥାଏ ସେମାନଙ୍କ ଗୁରୁତ୍ୱାକର୍ଷଣ ଶକ୍ତିଶାଳୀ ହୋଇଥାଏ ଏବଂ ସେ ନିଜକୁ ସଙ୍କୁଚିତ କରି ଏକ ଗୋଲ ଆକାର ଧାରଣ କରିଦିଅନ୍ତି। କୌଣସି ଗ୍ରହ ମଣ୍ଡଳର ସୃଜନ ପୂର୍ବରୁ ଚରଣରେ ଏହି ଗ୍ରହ ଏବଂ ଉପଗ୍ରହ କେବେ କେବେ ନିଜ ମଧ୍ୟରେ ବାଡେଇ ହୋଇଯାନ୍ତି , ଯାହାଦ୍ୱାରା ଏହା ଖଣ୍ଡ ହୋଇଯାଏ କିମ୍ବା ବେଳେବେଳେ ଜୋଡିହୋଇ ଆହୁରି ବଡ଼ ହୋଇଯାଏ। ଆମ ପୃଥିବୀ ସହିତ ଏକ ମଙ୍ଗଳ ଗ୍ରହ ପରି ବଡ଼ ବସ୍ତୁର ଭୟଙ୍କର ଧକ୍କା ହୋଇଥିଲା, ଯାହାଦ୍ୱାରା ପୃଥିବୀର ଏକ ବଡ଼ ଅଂଶ ଛାଡି ପରିକ୍ରମା ଗ୍ରହପଥକୁ ଚାଲିଯାଇଥିଲା ଏବଂ ଧିରେ ଧିରେ ଯୋଡିହୋଇ ଚନ୍ଦ୍ରମା ହୋଇଗଲା।

ତେବେ ଜ୍ୟୋତିଷ ଶାସ୍ତ୍ର ଏକ ମୂଲ୍ୟବାନ ଶାସ୍ତ୍ର ଯାହା ମନୁଷ୍ୟ ଏବେ ନିଜର ପାରିପାର୍ଶ୍ୱିକ ସ୍ଥିତି, କର୍ମକ୍ଷେତ୍ର, ସାମାଜିକ ଅବସ୍ଥା , ପାରିପାର୍ଶ୍ୱିକ ଅବସ୍ଥା, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସବୁକୁ ନିୟନ୍ତ୍ରଣ କରିପାରିବାର କ୍ଷମତା ରଖୁଛି। ନିଜ ବୁଦ୍ଧି ବଳରେ ମଣିଷ ଏବେ ସେହି ଗ୍ରହ ନକ୍ଷତ୍ରମାନଙ୍କ ପାଖରେ ପହଞ୍ଚି ବିଭିନ୍ନ ମହାଜାଗତିକ ପିଣ୍ଡ ଗୁଡ଼ିକ ବିଷୟରେ ଗବେଷଣା କରୁଛି ସତ ତଥାପି ମନୁଷ୍ୟ ନିଜ ବିଶ୍ୱାସରୁ ବାହାରି ଯାଇ ପାରି ନାହିଁ ଯେ, ଗ୍ରହ ନକ୍ଷତ୍ର ମାନଙ୍କ ଯୋଗୁଁ ତାର ଜୀବନରେ ପରିବର୍ତ୍ତନ ମଧ୍ୟ ଆସୁଛି। ତେଣୁ ଜ୍ୟୋତିଷ ଶାସ୍ତ୍ର ହେଉଛି ଏକ ଉପାଦେୟ ଗ୍ରନ୍ଥ ଯାହା ବେଦର ମଧ୍ୟ ପ୍ରଧାନ ଅଙ୍ଗ। ତେଣୁ ଜ୍ୟୋତିଷଶାସ୍ତ୍ର କେଉଁ ପୁରାତନ ଓ କେଉଁ ଅନନ୍ତ କାଳରୁ ପ୍ରଚଳିତ ଅଛି। ଆର୍ଯ୍ୟବ୍ରତର ପୂର୍ବ ଋଷିମୁନି, ଯେଉଁ ମାନେ କି ମହାଜ୍ଞାନୀ, ଜ୍ୟୋତିର୍ବିଜ୍ଞାନି ମାନେ ସେମାନେ ବିଦ୍ୟାକୁ ଆବିଷ୍କାର କରିଛନ୍ତି. ଏ ବିଦ୍ୟାର ଆବଶ୍ୟକତା ମାନବ ସମାଜ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ରହିଛି। ତେଣୁ ଜ୍ୟୋତିଷଶାସ୍ତ୍ର ସଦାସର୍ବଦା ଥିଲା, ରହିଛି ଆଉ ଯୁଗ ଯୁଗ ଧରି ରହିଥିବ ମଧ୍ୟ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୯୯୩୮୯୦୬୦୭୦**

# ଶ୍ରୀମଦଭାଗବତ ପାଲଟିଛି ପ୍ରତ୍ୟେକ ଓଡ଼ିଆଙ୍କ ଆଧ୍ୟାତ୍ମିକ ସ୍ପନ୍ଦନ



**ସନ୍ତୋଷ କୁମାର ଦାଶ**

ଆମ ରାଜ୍ୟ ରେ ଏମିତି କେଉଁ ଗାଁ ନାହିଁ ଯେଉଁଠି ଭାଗବତ ଗାଦି, ଟୁଙ୍ଗୀ ନାହିଁ। ଶ୍ରୀମଦ ଭାଗବତ ପୋଥି କୁ ଆମେ ସମସ୍ତେ ଭଗବାନ ବୋଲି ମନେ କରି ପୂଜା କରି ଥାଏ।ଏଣୁ ଏହି ଗ୍ରନ୍ଥ ଏକମାତ୍ର ଗ୍ରନ୍ଥ ଯାହାକୁ ଭାଗବତ ଗୋସାଇଁ ବୋଲି ସମ୍ବୋଧନ କରା ଯାଉଥିବା ବେଳେ ଏହି ଗ୍ରନ୍ଥ ର ଜନ୍ମ ଉତ୍ସବ ପାଳନ କରାଯାଏ। ଆଜି ହେଉଛି ଶ୍ରୀମଦ ଭାଗବତ ର ଜନ୍ମ ତିଥି। ପୁଣ୍ୟାତ୍ମା ଜଗନ୍ନାଥ ଦାସ ହେଉଛନ୍ତି ଏହି ଓଡ଼ିଆ ଭାଗବତର ରଚୟିତା। ସେ ସଂସ୍କୃତ ଭାଗବତ କୁ ଆକ୍ଷରିକ ଓଡ଼ିଆ କରିନାହାନ୍ତି। ସରଳ ଓଡ଼ିଆ ଭାଷାରେ ନବାକ୍ଷରୀ ବୃତ୍ତରେ ସେ ଓଡ଼ିଆ ଭାଗବତକୁ ଲେଖିଛନ୍ତି। ପ୍ରାୟ ପଞ୍ଚଦଶ ଶତାବ୍ଦୀ ରେ ଉତ୍କଳ ରେ ପଞ୍ଚସଖା ଙ୍କ ଆବିର୍ଭାବ ଘଟିଥିଲା ଯେଉଁ ମାନେ ଆଧ୍ୟାତ୍ମିକ ସାହିତ୍ୟ କୁ ଶିଖର କୁ ନେଇ ଯାଇଥିଲେ। ଜଗନ୍ନାଥ ଦାସ ଥିଲେ ପଞ୍ଚଶଖା ପଣ୍ଡିତ ମାନଙ୍କ ମଧ୍ୟରୁ ଅନ୍ୟତମ। ଜଗନ୍ନାଥ ଦାସଙ୍କ ଭାଗବତ ହେଉଛି ଓଡ଼ିଆ ଜାତୀୟତା ର ପ୍ରତୀକ।ଓଡ଼ିଆ ଜାତିକୁ ଏହି ଭାଗବତ ଏକତା ସୂତ୍ରରେ ବାନ୍ଧିରଖିଛି।ଯେଉଁଠି ଓଡ଼ିଆ , ଯେଉଁଠି ଶ୍ରୀ ଜଗନ୍ନାଥ ଙ୍କ ଶ୍ରୀ ମନ୍ଦିର , ସେଇଠି ରହିଛି ଏହି ଓଡ଼ିଆ ଭାଗବତ। ଏବେ ବି ମେଦିନୀପୁର ଅଞ୍ଚଳ ରେ ବଙ୍ଗଳା ଅକ୍ଷରରେ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଛପାଯାଇ ପାଠ କରା ଯାଉଛି। ଜଗନ୍ନାଥ ଦାସ ଙ୍କ ଭାଗବତରୁ ପଦିଏ କାନରେ ପଡିଲେ ମନରେ ଓଡ଼ିଆତ୍ୱ ଭାବ ସଞ୍ଚରି ଉଠେ। ଜଗନ୍ନାଥ ଦାସଙ୍କ ଭାଗବତର ଅମର ପଂକ୍ତି ଗାଉଁଲି ଖଟିଖିଆ ଚାଷୀ ଙ୍କ ମୁହଁରୁ ବାହାରି ଆସେ। ଏହି ମହାପୁରୁଷଙ୍କର ଜନ୍ମ ୧୪୯୦ ମସିହା ଭାଦ୍ର ଶୁକ୍ଳ ଅଷ୍ଟମୀ ( ରାଧାଷ୍ଟମୀ ) ତିଥିରେ। ଶ୍ରୀ କ୍ଷେତ୍ର ପୁରୀ ନିକଟସ୍ଥ କପିଳେଶ୍ୱରପୁର ଶାସନରେ ଜଗନ୍ନାଥ ଦାସ ଙ୍କ ଜନ୍ମ ହୋଇ ଥିଲା। ତାଙ୍କ ପିତାଙ୍କ ନାମ ପଣ୍ଡିତ ଭଗବାନ ଦାସ। ମାତାଙ୍କ ନାମ ପଦ୍ମାବତୀ ଦେବୀ। ପିତା ଥିଲେ ପୁରାଣ ପଣ୍ଡିତ। ସେ ଗୁଣଗ୍ରାହୀ ରାଜା ପୁରୁଷୋତ୍ତମଦେବ ଙ୍କ ଠାରୁ ଏହି ପୁରାଣ ପଣ୍ଡା ଉପାଧି ପ୍ରାପ୍ତ ହୋଇଥିଲେ। ପଣ୍ଡିତ ଜଗନ୍ନାଥ ଦାସ ରାଧାଷ୍ଟମୀ ରେ ଜନ୍ମ ହୋଇଥିବାରୁ ଲୋକେ ତାଙ୍କୁ ସାକ୍ଷାତ ରାଧାଙ୍କ ଅବତାର ବୋଲି ମାନ୍ୟ କରୁଥିଲେ। ବାଲ୍ୟକାଳରୁ ଜଗନ୍ନାଥ ଦାସ ଥିଲେ ଅଗାଧ ଜ୍ଞାନର ଅଧିକାରୀ। ପ୍ରାଥମିକ ଶିକ୍ଷା ଲାଭ କରୁଥିବା ସମୟରେ ସେ ପିତାଙ୍କ ଠାରୁ ଅମରକୋଷ ସମେତ ଅନ୍ୟ ବ୍ୟାକରଣ ପୁସ୍ତକ ଅଧ୍ୟୟନ କରି ସଂସ୍କୃତ ଓ ଓଡ଼ିଆ ଭାଷା ରେ ପ୍ରବୀଣ ହୋଇ ଯାଇଥିଲେ। ଅଠର ବର୍ଷ ବୟସରେ ସେ ପୁରାଣଶାସ୍ତ୍ରରେ ଅଦ୍ୱିତୀୟ ପଣ୍ଡିତ ଭାବେ ଖ୍ୟାତି ଅର୍ଜନ କରିଥିଲେ। ବୟସ ବୃଦ୍ଧି ଫଳରେ ପ୍ରତ୍ୟହ ଶ୍ରୀକ୍ଷେତ୍ରକୁ ଯାଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଭାଗବତ ପଢ଼ିବାରେ ଲାଗିଲେ। ବଡ଼ ଦେଉଳର ଦକ୍ଷିଣ ଦିଗରେ ବାଟ ଗଣେଶ ଙ୍କ ପାଖରେ ପୁରାଣ ପାଠ ପାଇଁ ତାଙ୍କ ନିମନ୍ତେ ସ୍ଥାନ ନିର୍ଦ୍ଦିଷ୍ଟ କରିଦିଆଗଲା। ପ୍ରତ୍ୟହ ତାଙ୍କ ମୁଖରୁ ଭାଗବତ ଶୁଣିବା ପାଇଁ ସେଠାରେ ଲୋକେ ରୁଣ୍ଡ ହେଲେ। ଫଳରେ ପୁରାଣ ପାଠ ପାଇଁ ରାଜା ତାଙ୍କ ନିମନ୍ତେ ବୃତ୍ତି ଖଞ୍ଜି ଦେଲେ। ଏବେ ବି ସେହି ବୃତ୍ତି ଖଞ୍ଜା ହୋଇ ରହିଛି। ଜଗନ୍ନାଥ ଦାସ ଙ୍କୁ ଉଣେଇଶ ବର୍ଷ ହୋଇଥିବା ବେଳର କଥା। ଏହି ସମୟରେ ବଙ୍ଗ ଦେଶରୁ ଶ୍ରୀଚୈତନ୍ୟ ଆସିଲେ ଶ୍ରୀକ୍ଷେତ୍ର ପୁରୀକୁ ବଟମୂଳ ରେ ଶ୍ରୀଚୈତନ୍ୟଙ୍କ ସହ ଜଗନ୍ନାଥ ଦାସଙ୍କ ସାକ୍ଷାତ ହେଲା। ସେତେବେଳେ ଜଗନ୍ନାଥ ଦାସ ଭାଗବତ ଦଶମ ସ୍କନ୍ଧର ବ୍ରହ୍ମସ୍ତୁତି ଗାୟନ କରୁଥାଆନ୍ତି। ତାଙ୍କର ଜ୍ଞାନ ଗରିମା ଦେଖି ଶ୍ରୀଚୈତନ୍ୟ ତାଙ୍କ ଅନୁଗାମୀ ମାନଙ୍କୁ କହିଲେ ଏ ଜଗନ୍ନାଥ ଦାସ ଏମିତି ସେମିତି ବ୍ୟକ୍ତି ନୁହନ୍ତି ସେ ମହାପ୍ରଭୁ ଜଗନ୍ନାଥ ଙ୍କର ସଙ୍ଗୀ। ଜଗନ୍ନାଥ ଶ୍ରୀଚୈତନ୍ୟ ଙ୍କୁ ଗୁରୁ ଭାବରେ ସମ୍ମାନ ପ୍ରଦର୍ଶନ କରିବାରେ ଲାଗିଲେ। ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ।ପଞ୍ଚଶଖା ର ଅନ୍ୟତମ ପଣ୍ଡିତ ବଳରାମ ଦାସ ଶ୍ରୀଚୈତନ୍ୟ ଙ୍କ ନିର୍ଦ୍ଦେଶରେ ଜଗନ୍ନାଥ ଦାସଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ।ଫଳରେ ଜଗନ୍ନାଥ ଦାସ ଶ୍ରୀଚୈତନ୍ୟ ଓ ବଳରାମ ଦାସଙ୍କୁ ଗୁରୁ ରୂପରେ ମାନିବାରେ ଲାଗିଲେ। ଜଗନ୍ନାଥ ଦାସଙ୍କ ଅସାଧାରଣ ପ୍ରେମଭକ୍ତି ଦେଖି ଦିନେ ଶ୍ରୀଚୈତନ୍ୟ ତାଙ୍କୁ ନିଜର ଗୈରିକ ଉତ୍ତରୀୟକୁ ଜଗନ୍ନାଥ ଦାସଙ୍କ ମୁଣ୍ଡରେ ବାନ୍ଧି ଦେଲେ। ସେହି ଦିନ ଠାରୁ ଲୋକେ ତାଙ୍କୁ ଅତିବଡି ବା ଅତିବଡ଼ୀ ଗୋସ୍ୱାମୀ ଭାବରେ ସମ୍ବୋଧନ କରିବାରେ ଲାଗିଲେ। ଗଜପତି ପ୍ରତାପରୁଦ୍ର ଜଗନ୍ନାଥ ଦାସଙ୍କୁ ବହୁ ସମ୍ମାନ ପ୍ରଦର୍ଶନ କରୁଥିଲେ। ନିଜ ମହାରାଣୀ ଙ୍କ ନିର୍ମିତ ପ୍ରାସାଦରେ ରହିବା ପାଇଁ ସେ ଜଗନ୍ନାଥ ଦାସଙ୍କୁ ଅନୁରୋଧ କରିବାରୁ ସେଠାରେ ଜଗନ୍ନାଥ ଦାସ କିଛି କାଳ ଅବସ୍ଥାନ କରିଥିଲେ। ସେହି ସ୍ଥାନ ଆଜି ଓଡ଼ିଆ ମଠ ଭାବରେ ପରିଚିତ। ସେଠାରେ ଜନଗହଳି ଲାଗିବାରୁ ଜଗନ୍ନାଥ ଦାସ ସମୁଦ୍ରକୂଳରେ ମଠ ନିର୍ମାଣ କରି ରହିଲେ। ସେହି ମଠ ବର୍ତ୍ତମାନ ସାତଲହଡ଼ି ମଠ ନାମରେ ପରିଚିତ। ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ସହିତ ସଂସ୍କୃତରେ ଜଗନ୍ନାଥ ଚରିତାବୋଧ ସରଣୀ, ଦହିଖେଳା, ଗୁପ୍ତ ଭାଗବତ, ତୁଳାଭିଣା ( ଗଦ୍ୟ ) ଓ ଇତିହାସ ପୁରାଣ ଆଦି ଗ୍ରନ୍ଥ ରଚନା କରିଛନ୍ତି। ୧୫୪୭ ମସିହା ମାଘ ଶୁକ୍ଳ ସପ୍ତମୀ ଚନ୍ଦ୍ରଭାଗା ସ୍ନାନ ଯୋଗ ତିଥିରେ ସାତଲହଡ଼ି ମଠରେ ଶରୀର ତ୍ୟାଗ କରିଥିଲେ। ଉତ୍କଳୀୟ ବୈଷ୍ଣବ ବାଦ ର ପ୍ରଚାରକ ଭାବେ ପଞ୍ଚ ସଖା ସୁଖ୍ୟାତି ଅର୍ଜନ କରିଥିଲେ। ଉତ୍କଳ ରେ ପ୍ରାତଃ ସ୍ମରଣୀୟ ମହାପୁରୁଷ , ସିଦ୍ଧସାଧକ , ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ଭକ୍ତ , ସଂସ୍କାର ବାଦୀ କବି ମାନଙ୍କ ମଧ୍ୟରେ ଅତିବଡ଼ି ଜଗନ୍ନାଥ ଦାସ ଥିଲେ ଅନ୍ୟତମ।ଓଡ଼ିଆ ଭାଗବତ ରଚନା ସମ୍ପର୍କ ରେ ଏକ କିମ୍ବଦନ୍ତୀ ରହିଛି। ଜଗନ୍ନାଥ ଦାସ ଙ୍କ ମାତା ପ୍ରତିଦିନ ଶ୍ରୀମନ୍ଦିର ଯାଇ ପୁରାଣ ଶୁଣୁ ଥିଲେ। ନିରକ୍ଷରା ବିଧବା ଜନନୀ ସଂସ୍କୃତ ଭାଷାରେ ପୁରାଣ ନ ବୁଝିପାରିବା ରୁ ପୁତ୍ର ଜଗନ୍ନାଥ ଦାସ ଜନନୀ ଙ୍କ ର ଅନ୍ତିମ ଅଭିଳାଷ ପୁରଣ ନିମିତ୍ତ ସଂସ୍କୃତ ଭାଗବତ କୁ ଓଡ଼ିଆ ଭାଷାରେ ନିଜସ୍ୱ ଶୈଳୀ ରେ ଅନୁବାଦ କରି ତାଙ୍କୁ ଶୁଣାଇଥିଲେ। ଶ୍ରୀମନ୍ଦିର ର ବଟଗଣେଶ ଙ୍କ ନିକଟରେ ବସି ଓଡ଼ିଆ ଭାଗବତ ପାଠ କରି ଜନ ମାନସଙ୍କ ହୃଦୟରେ ସମ୍ମାନାସ୍ପଦ ସ୍ଥାନ ଲାଭ କରିଥିଲେ। ଜଗନ୍ନାଥ ଦାସ ଙ୍କ ସମ୍ପର୍କ ରେ ଅନେକ ଲୋକ କଥା ଶୁଣିବାକୁ ମିଳେ।ଦିନେ ଜଣେ ବୋଇତ ବେପାରୀ ଶ୍ରୀକ୍ଷେତ୍ର କୁ ଜଗନ୍ନାଥ ଦର୍ଶନ ପାଇଁ ଆସିଥିଲେ। ସେ ଏକ ଚନ୍ଦନ କାଠ ଗଜପତିଙ୍କୁ ଉପହାର ସ୍ୱରୂପ ଦେଇଥିଲେ। ଗଜପତି ପ୍ରତାପ ରୁଦ୍ରଦେବ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଶ୍ରୀଅଙ୍ଗ ରେ ଲାଗି କରାଇବା ନିମିତ୍ତ ସେହି ଚନ୍ଦନ କାଠ ଟିକୁ ଅତିବଡ଼ି ଙ୍କୁ ଅର୍ପଣ କରିଥିଲେ। ଉକ୍ତ ଦିନ ରାତ୍ରୀରେ ଚନ୍ଦନ କାଠ ଟିକୁ ପୁରା ଘୋରିବା ସମୟରେ ସେ ନିଜେ ବାସ କରୁଥିବା ମଠର କାନ୍ଥରେ ବୋଳି ଦେଇଥିଲେ। ଏହା ଶୁଣି ଗଜପତି ତାଙ୍କୁ ଡକାଇ ଏପରି କରିବାର କାରଣ ପଚାରିବାରୁ ଜଗନ୍ନାଥ ଦାସ କହିଲେ , ସେ ରାତ୍ରୀ ରେ ମହାପ୍ରଭୁଙ୍କ ଅଙ୍ଗରେ ଲାଗି କରାଇଛନ୍ତି। ଗଜପତି ବିସ୍ମିତ ହୋଇ ସେବକମାନଙ୍କୁ ସତ୍ୟାସତ୍ୟ ପରୀକ୍ଷା ପାଇଁ ଆଦେଶ ହେଇଥିଲେ। ସେ ସମୟ ରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଥାନ୍ତି ମହାପ୍ରଭୁ। ସେବକମାନେ ସେଦିନ ଗର୍ଭଗୃହ ରୁ ଚନ୍ଦନ ର ମଧୁର ବାସ୍ନା ବାରି ପାରିଥିଲେ। ଗଜପତି ଏହା ଶୁଣି ଅତିବଡ଼ି ଙ୍କ ଚରଣ ବନ୍ଦନା ପୂର୍ବକ କ୍ଷମା ପାର୍ଥନା କରି ପ୍ରତି ବର୍ଷ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ସେବା ଲାଗୁ କରିଥିଲେ ଯାହା ଆଜି ମଧ୍ୟ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବଡ଼ଓଡ଼ିଆ ମଠ ଦ୍ୱାରା ସମ୍ପାଦନ ହୋଇ ଆସୁଛି। ଜଗନ୍ନାଥ ଦାସ ଥିଲେ ଜଣେ ଉଚ୍ଚକୋଟୀର ସିଦ୍ଧ ସାଧକ। ତାଙ୍କ ଦୃଷ୍ଟିରେ ବୃନ୍ଦାବନ, ଅଯୋଧ୍ୟା, ଗୋପ, ଦ୍ୱାରକା, ବଦ୍ରିକା, କାଶୀ, ଗଙ୍ଗା, ଯମୁନା, ଗୋଦାବରୀ, ସିନ୍ଧୁ ସମନ୍ୱିତ କ୍ଷେତ୍ର ହେଉଛି ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ପୁରୀ।ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ବିନା ତାଙ୍କ ହୃଦୟରେ ଅନ୍ୟ କାହାର ସ୍ଥାନ ନଥିଲା। ତାଙ୍କ ରଚିତ ଓଡ଼ିଆ ଭାଗବତ ଓଡ଼ିଶା ର ଘରେ ଘରେ ପୂଜା ପାଇଲା। ଗାଁ ଗାଁ ରେ ସ୍ଥାପନା ହେଲା ଭାଗବତ ଟୁଙ୍ଗୀ। ଭାଗବତ ଟୁଙ୍ଗୀ ମାନଙ୍କରେ ପ୍ରତ୍ୟେକ ସଂଧ୍ୟାରେ ଶ୍ରୀମଦ ଭାଗବତ ପାଠ ହେଲା। ଗାଁ ଗହଳି ର ନିରକ୍ଷର, ଗରିବ ଲୋକ ଟିଏ ଶ୍ରୀମଦ ଭାଗବତ ରେ ରହିଥିବା ବାଣୀ ସବୁକୁ ବୁଝି ନିଜ ଜୀବନ ଶୈଳୀ କୁ ଉତ୍ତମ କରିବାରେ ଲାଗିଲା। ଏହାର ବାଣୀ ଶୁଣି, ଜାଣି ଲୋକ ମାନେ ସଚେତନ ହେଲେ।ଶ୍ରୀମଦ ଭାଗବତ ପାଲଟିଗଲା ପ୍ରତ୍ୟେକ ଓଡ଼ିଆଙ୍କ ଆଧ୍ୟାତ୍ମିକ ସ୍ପନ୍ଦନ। ଜୟ ଜଗନ୍ନାଥ ସ୍ୱାମୀ।




**ତୁଳସୀପୁର, ପୁରୀ, ମୋବାଇଲ୍: ୯୪୩୯୩୭୬୧୮୮**















ଉପରାଷ୍ଟ୍ରପତି ନିର୍ବାଚନ ଅବସରରେ ଭୋଟଦାନ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହ ମନ୍ତ୍ରୀ ଅମିତ ଶାହ, ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

# ବିକ୍ଷୋଭ ତୀବ୍ର; ଅସମ୍ଭାଳ ନେପାଳ ସ୍ଥିତି



## ଭାରତ-ନେପାଳ ସୀମାରେ ହାଇ ଆଲର୍ଟ

ନୂଆଦିଲ୍ଲୀ, ୯।୯: ଅଶାନ୍ତ ନେପାଳ। କାଠମାଣ୍ଡୁ ସାରା ହିଂସା ଲାଗି ରହିଥିବାରୁ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଉଡାଣ ବନ୍ଦ କରାଯାଇଛି। ଭାରତରୁ ନେପାଳ ଯାଉଥିବା ୨ଟି ବିମାନ ମଧ୍ୟ ଅଧାରୁ ଫେରି ଆସିଛି। ଦିଲ୍ଲୀ ଓ ମୁମ୍ବାଇରୁ କାଠମାଣ୍ଡୁ ଯାଉଥିବା ୨ଟି ଇଣ୍ଡିଗୋ ବିମାନ ଫେରି ଆସିଛି। ତ୍ରିଭୁବନ ବିମାନବନ୍ଦରରେ ଅବତରଣ ଅନୁମତି ନମିଳିବାରୁ ବିମାନ ଫେରିଆସିଛି। ଏହାସହ ଦିଲ୍ଲୀରୁ କାଠମାଣ୍ଡୁ ଯିବାକୁ ଥିବା ଏୟାର ଇଣ୍ଡିଆର ୩ଟି ବିମାନ ଉଡାଣ ମଧ୍ୟ ବାତିଲ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଟିଆଇଏରୁ ସମସ୍ତ ବିମାନର ଉଡାଣ ବାତିଲ କରାଯାଇଛି। ଭାରତ-ନେପାଳ ସୀମାରେ ହାଇ ଆଲର୍ଟ ଜାରି କରାଯାଇଛି। ପ୍ରବଳ ବିକ୍ଷୋଭ ଓ ହିଂସାକାଣ୍ଡ ପରେ ଦାର୍ଜିଲିଂକୁ ଲାଗିଥିବା ସୀମାନ୍ତରେ ସେନାକୁ ଆଲର୍ଟ ରଖାଯାଇଛି। ପରିସ୍ଥିତି ଉପରେ ତୀକ୍ଷଣ୍ ନଜର ରଖାଯାଇଛି ବୋଲି କହିଛନ୍ତି ସ୍ଥାନୀୟ ଏସପି ପ୍ରବୀଣ ପ୍ରକାଶ। ନେପାଳ ପାଇଁ ହେଲପଲାଇନ ନମ୍ବର ମଧ୍ୟ ଜାରି ହୋଇଛି।

- ଭୟରେ ନେତା-ମନ୍ତ୍ରୀଙ୍କ ଇସ୍ତଫା
- ସୋଶାଲ ମିଡିଆ ଉପରୁ ବ୍ୟାନ ହଟିଲା

କାଠମାଣ୍ଡୁ,୯।୯: ନେପାଳ ସ୍ଥିତି ଅସମ୍ଭାଳ ହୋଇଛି। ସୋଶାଲ ମିଡିଆ ବ୍ୟାନକୁ ନେଇ ଆରମ୍ଭ ହୋଇଥିବା ଆନ୍ଦୋଳନ ଆଜି ଆହୁରି ଭୟଙ୍କର ରୂପ ନେଇଛି। ସରକାର ସୋଶାଲ ମିଡିଆ ଉପରକୁ ବ୍ୟାନ ହଟାଇ ଦେଇଥିଲେ ହେଁ ନେପାଳ ସ୍ଥିତିରେ ସୁଧାର ଆସିନାହିଁ। କଡ଼ା ସୁରକ୍ଷା ଓ ସେନା ମୁତୟନ ସତ୍ତ୍ୱେ ଆଜି ବିକ୍ଷୋଭକାରୀମାନେ ଦେଶର ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ଓ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ବ୍ୟକ୍ତିଗତ ଘରେ ପଶି ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଛନ୍ତି। ବିକ୍ଷୋଭକାରୀଙ୍କ ଆକ୍ରୋଶରୁ ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ଦହଲ ଓରଫ ପ୍ରଚଣ୍ଡ ଓ ଶେର ବାହାଦୁର ଦେଉବା ଓ ଶକ୍ତି ମନ୍ତ୍ରୀ ଦୀପକ ଖାଡକାଙ୍କ ଘର ମଧ ବର୍ତ୍ତି ପାରିନାହିଁ। ବିକ୍ଷୋଭକାରୀମାନେ ସେଠାରେ ଭଙ୍ଗାରୁଜା କରିଛନ୍ତି। ରାସ୍ତାଘାଟରେ ନିଆଁ ଜଳୁଛି। ଦୋକାନ ବଜାର ବନ୍ଦ ରହିଛି। ସବୁଠି ସରକାରୀ ବିରୋଧୀ ସ୍ୱର ତୀବ୍ର ହେଉଛି। ବିକ୍ଷୋଭକାରୀମାନେ ପୁଲିସ୍ ଉପରେ ଆକ୍ରମଣ କରିବା ସହ ଗାଡ଼ିମୋଟରରେ ନିଆଁ ଲଗାଇ ଦେଇଛନ୍ତି। କିଛି ସ୍ଥାନରୁ ଲୁଟପାଟର ଖବର ମଧ ମିଳିଛି।

ବିକ୍ଷୋଭ ତୀବ୍ର ରୂପ ନେଉଥିବାରୁ ସରକାରରେ ଥିବା ନେତା ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଦଳର ଅଧକ୍ଷ ଓ ଉପାଧକ୍ଷ ଇସ୍ତଫା ଦେବାରେ ଲାଗିଛନ୍ତି। ସ୍ଥିତିକୁ ଦେଖି ଦେଶର ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଲାଗୁ କରାଯାଇଛି। ପୁଲିସ୍ ଗୁଳିରେ ୨ ଜଣ ଆହତ ହୋଇଥିବା ଖବର ମିଳିଛି। ତ୍ରିଭୂବନ ଅନ୍ତର୍ଜାତୀୟ ଏୟାରପୋର୍ଟକୁ ବନ୍ଦ କରି ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ସମେତ ବିଭିନ୍ନ ମନ୍ତ୍ରୀମାନଙ୍କୁ ସେମାନଙ୍କ ବାସଭବନରୁ ହେଲିକପ୍ଟର ଯୋଗେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସମସ୍ତଙ୍କୁ ଏୟାରପୋର୍ଟ ଅଣାଯାଇ ଅନ୍ୟତ୍ର ପଠାଇବାର ବ୍ୟବସ୍ଥା କରାଯାଉଛି। ନେପାଳ ଆର୍ମିର ହେଲିକପ୍ଟର ପୂରା ଅଞ୍ଚଳରେ ପଇଁତରା ମାରୁଛି। ବୈଦେଶିକ ମନ୍ତ୍ରୀ ଅରଜୁ ରାଣା ଦେଉବା, ୟୁଏମଏଲ ନେତା ମହେଶ ବସନେଟ, ନେପାଳୀ କଂଗ୍ରେସର ଗଗନ ଥାପା, ପୂର୍ବତନ ଗୃହମନ୍ତ୍ରୀ ରମେଶ ଲେଖାକ, ନେପାଳୀ କଂଗ୍ରେସ ସଭାପତି ଶେର ବାହାଦୂର ଦେଉବା, ଟେଲିକମ୍ୟୁନୀକେସନ ମନ୍ତ୍ରୀ ପୃଥ୍ୱୀ ସୁବ୍ବା ଗୁରୁଙ୍ଗଙ୍କ ଘର ଓ କାଠମାଣ୍ଡୁରେ ଥିବା ନେପାଳି କଂଗ୍ରେସ ମୁଖ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା ଓ ପୋଡ଼ା ଜଳା ହୋଇଛି। ସରକାରୀ ପ୍ରତିଷ୍ଠାନ ଗୁଡ଼ିକ ବ୍ୟତୀତ କାଠମାଣ୍ଡୁରେ ଥିବା ହିଲଟନ ହୋଟେଲରେ ମଧ ବିକ୍ଷୋଭକାରୀ ଭଙ୍ଗାରୁଜା କରିଛନ୍ତି। ବିକ୍ଷୋଭକୁ ସମର୍ଥନ କରି ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ୨୧ ଜଣ ସାଂସଦ ଇସ୍ତଫା ଦେଇଛନ୍ତି। ଏହି ସାଂସଦମାନେ ପ୍ରଥମଥର ପାଇଁ ସଂସଦକୁ ଯାଇଥିଲେ।

## ବସ୍‌କୁ ଧକ୍କାଦେଲା ଟ୍ରେନ୍, ୧୦ ମୃତ ଏବଂ ୪୦ ଆହତ

ମେକ୍ସିକୋ,୯।୯: ମେକ୍ସିକୋ ସିଟିର ଉତ୍ତର-ପଶ୍ଚିମରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଏକ କ୍ରସିଂରେ ମାଲବାହୀ ଟ୍ରେନ୍ ଏକ ଡବଲ୍-ଡେକର ବସ୍‌କୁ ଧକ୍କା ଦେଇଥିଲା। ଏହି ଭୟଙ୍କର ଦୁର୍ଘଟଣାରେ ଅତି କମରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୪୦ ଜଣ ଆହତ ହୋଇଛନ୍ତି। ମେକ୍ସିକୋ ସିଟିରୁ ପ୍ରାୟ ୮୦ ମାଇଲ୍ ଅର୍ଥାତ୍ ୧୩୦ କିଲୋମିଟର ଦୂରରେ ଆଟଲାକୋମୁଲକୋ ସହରର ଏକ ଅଞ୍ଚଳରେ ଏହି ଧକ୍କା ଘଟିଛି। ଏଠାରେ ଗୋଦାମ ଏବଂ କାରଖାନା ମଧ ଅଛି। ମେକ୍ସିକୋର ନାଗରିକ ସୁରକ୍ଷା ଏଜେନ୍ସି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ କହିଛି ଯେ, ଅଧିକାରୀମାନେ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଏହି ସମୟରେ, ରାଜ୍ୟ ପବ୍ଲିକ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ବସ୍ ଟି 'ହେରାଡୁରା ଡି ପ୍ଲାଟା' ନାମକ ଏକ ବସ୍ ଲାଇନର ଥିଲା, ଯାହା ଧକ୍କା ପରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ଏଜେନ୍ସି ନିଶ୍ଚିତ କରିଛି ଯେ, ଦୁର୍ଘଟଣାରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୪୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସିଆଚିନରେ ହିମସ୍ଖଳନ, ୩ ଯବାନ ସହିଦ



ଲଦାଖ,୯।୯ : ଲଦାଖ ସିଆଚିନରେ ହିମସ୍ଖଳନ ଯୋଗୁଁ ଭାରତୀୟ ସେନାର ୩ ଜଣ ଯବାନ ସହିଦ ହୋଇଛନ୍ତି। ଏହା ଦୁନିଆର ସବୁଠାରୁ ଉଚ୍ଚତମ ଯୁଦ୍ଧକ୍ଷେତ୍ର। ଏଠାରେ ସୈନିକ ୬୦ ଡିଗ୍ରୀ ଥଣ୍ଡା, ପବନ ଏବଂ ବରଫକୁ ସାମ୍ନା କରୁଛନ୍ତି। ହିମସ୍ଖଳନ ଯୋଗୁଁ ସେନାର ଏକ ପୋଷ୍ଟ ନଷ୍ଟ ହୋଇଛି। ସେନାର ଉଦ୍ଧାରକାରୀ ଦଳ କାମରେ ଲାଗିପଡିଛନ୍ତି। ଏମାନେ ଲେହ ଏବଂ ଉଧମପୁରରୁ ବାହାରିଛନ୍ତି। ସିଆଚିନ ଗ୍ଲେସିୟର କାରାକୋରମ ପର୍ବତମାଳାରେ ୨୦,୦୦୦ ଫୁଟ ଉଚ୍ଚରେ ଅବସ୍ଥିତ। ସିଆଚିନରେ ପୂର୍ବରୁ ଏମିତି ଘଟଣା ଘଟିସାରିଛି। ଏଠାରେ ଭାରତୀୟ ସୈନ କେବଳ ଶତ୍ରୁ ନୁହେଁ ବରଂ ପ୍ରକୃତି ସହିତ ଲଢନ୍ତି।

## ଗୁରୁଦ୍ୱାରା ଉଡ଼ାଇଦେବାକୁ ଇମେଲ ଧମକ



ପାଟନା,୯।୯: ବିହାରର ରାଜଧାନୀ ପାଟନାରେ ତଖ୍ତ ଶ୍ରୀ ହରମନ୍ଦିର ଜୀ ପାଟନା ସାହିବ ଗୁରୁଦ୍ୱାରାକୁ ବୋମାରେ ଉଡ଼ାଇଦେବାକୁ ଆସିଛି ଇମେଲ ଧମକ। ଏହି ଧମକ ଇମେଲ୍ ମାଧମରେ ଦିଆଯାଇଛି। ଗୁରୁଦ୍ୱାରର ସରକାରୀ ଇମେଲକୁ ପଠାଯାଇଥିବା ଇମେଲରେ ସ୍ପଷ୍ଟ ଭାବରେ ଲେଖାଯାଇଥିଲା, ଲଙ୍ଗର ହଲରେ ୪ଟି ଆରଡିଏକ୍ସ ରଖାଯାଇଛି। ଏହା ସହିତ ଏହି ଇମେଲରେ ପାକିସ୍ତାନ ଜିନ୍ଦାବାଦ ଏବଂ ଆଇଏସ୍‌ଆଇ ଜିନ୍ଦାବାଦ ଭଳି ସ୍ଲୋଗାନ ମଧ ଲେଖାଯାଇଥିଲା। ଏହି ଧମକ ଗୁରୁଦ୍ୱାରା ପରିସରରେ ଭୟର ବାତାବରଣ ଖେଳାଇ ଦେଇଛି। ଧମକ ପରେ ଭିଆଇପି ଏବଂ କର୍ମଚାରୀମାନଙ୍କୁ ତୁରନ୍ତ ସେଠାରୁ ଚାଲିଯିବାକୁ ଚେତାବନୀ ଦିଆଯାଇଥିଲା। ବୋମା ନିଷ୍କ୍ରିୟକାରୀ ଦଳ ଏବଂ ଡଗ ସ୍କ୍ୱାଡ୍ ଟିମ୍ ଗୁରୁଦ୍ୱାରରେ ପହଞ୍ଚିଥିଲେ। ବହୁତ ଖୋଜାଖୋଜି କରାଯାଇଥିଲା, କିନ୍ତୁ କୌଣସି ବିସ୍ଫୋରକ ସାମଗ୍ରୀ ମିଳିନଥିଲା। ତେବେ ସମଗ୍ର ଗୁରୁଦ୍ୱାର ପରିସରରେ ହାଇ ଆଲର୍ଟ ଜାରି କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ପାଟନା ସିଭିଲ୍ କୋର୍ଟକୁ ମଧ ବୋମା ଧମକ ମିଳିଥିଲା। ଏହି ଧମକ ମେଲରେ ଦିଆଯାଇଥିଲା। ବିଚାରପତିଙ୍କ ରୁମ୍ ଏବଂ କୋର୍ଟ କ୍ୟାମ୍ପସରେ ୪ଟି ଆରଡିଏକ୍ସ ଆଇଏଲଇଡି ଲଗାଯାଇଛି। ସୂଚନା ପାଇବା ପରେ, ପାଟନା ସିଭିଲ୍ କୋର୍ଟ କ୍ୟାମ୍ପସ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଭୂସ୍ଖଳନରେ ପରିବାରର ୨ ମୃତ, ୩ ନିଖୋଜ



କୁଲ୍ଲୁ,୯।୯ : ହିମାଚଳ ପ୍ରଦେଶର କୁଲ୍ଲୁରେ ପୁଣି ଭୂସ୍ଖଳନ ହୋଇଛି। ଆନି ବିକାଶ ଖଣ୍ଡ ନିରମଣ୍ଡ ପଞ୍ଚାୟତ ଘାଟୁର ଶର୍ମାଣୀ ଗାଁରେ ଭୋରୁ ଭୋରୁ ଏଭଳି ଭୂସ୍ଖଳନ ହୋଇଥିଲା। ଏହି ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଗୋଟିଏ ପରିବାରର ୫ ଜଣ ମୃତ୍ୟୁବରଣ କରିଛନ୍ତି। ଖବର ମୁତାବକ, ଭୂସ୍ଖଳନ ଯୋଗୁଁ ଗୋଟିଏ ପରିବାରର ୫ ଜଣ ନିଖୋଜ ରହିଥିବା ବେଳେ ଘଟଣାସ୍ଥଳରୁ ସେମାନଙ୍କର ମୃତଦେହ ଉଦ୍ଧାର ହୋଇଛି। ପ୍ରବଳ ବର୍ଷା ଯୋଗୁଁ ପରିସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିଛି। ପ୍ରଶାସନ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଏବଂ ସତର୍କ ରହିବାକୁ ଅପିଲ୍ କରିଛି। ଭୂସ୍ଖଳନ ପରେ ଅନେକ ଲୋକ ଭଗ୍ନାବଶେଷ ତଳେ ପୋତି ହୋଇଯାଇଥିଲେ। ଯେଉଁମାନଙ୍କୁ ଉଦ୍ଧାର କରାଯାଇ ବାହାରକୁ ନିଆଯାଇଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ନିର୍ମାନ୍ଦ ହସ୍ପିଟାଲକୁ ପଠାଯାଇଛି। ପାଞ୍ଚଜଣ ଲୋକ ଏବେ ବି ନିଖୋଜ ଅଛନ୍ତି। ସେମାନଙ୍କୁ ଖୋଜିବା ପାଇଁ ସନ୍ଧାନ ଅଭିଯାନ ଜାରି ରହିଛି। ପୋଲିସ ପ୍ରଶାସନ, ରାଜସ୍ୱ ବିଭାଗ, ପୂର୍ତ୍ତ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ପ୍ରଭାବିତ ହୋଇଥିବା ଚମ୍ବା-ଭରମୋର ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

## ଉପରାଷ୍ଟ୍ରପତିଙ୍କୁ ମିଳିବ ଏସବୁ ସୁବିଧା

ନୂଆଦିଲ୍ଲୀ, ୯।୯: ଉପରାଷ୍ଟ୍ରପତିଙ୍କୁ ମାସକୁ ୪ ଲକ୍ଷ ଟଙ୍କା ଦରମା ମିଳିଥାଏ। ହେଲେ ତାଙ୍କୁ ନିୟମିତ ଦରମା ମିଳେନାହିଁ, କିନ୍ତୁ ସେ ରାଜ୍ୟସଭାର ପଦାଧିକାରୀ ଅଧକ୍ଷ ଭାବରେ କାମ କରିବା ପାଇଁ ଏହି ରାଶି ପ୍ରାପ୍ତ କରିଥାଆନ୍ତି। ଏହା ବ୍ୟତୀତ ମହଙ୍ଗା ଭତ୍ତା (ଡିଏ) ମଧ ଯୋଡା ଯାଇଥାଏ, ଯାହା ସମୟ ସମୟରେ ବୃଦ୍ଧି ପାଇଥାଏ। ନିର୍ବାଚନ ଜିତିବା ମାତ୍ରେ ଉପରାଷ୍ଟ୍ରପତିଙ୍କୁ ଦିଲ୍ଲୀରେ ସରକାରୀ ବାସଭବନ, ସ୍ୱାସ୍ଥ୍ୟ ସୁବିଧା, ଟ୍ରେନ୍-ବିମାନ ଯାତ୍ରା, ଲ୍ୟାଣ୍ଡଲାଇନ୍, ମୋବାଇଲ୍ ଫୋନ୍ ସେବା, ବ୍ୟକ୍ତିଗତ ସୁରକ୍ଷା ଏବଂ କର୍ମଚାରୀ ମିଳିଥାଏ। ଏହା ବ୍ୟତୀତ ଏକାଧିକ ବିଳାସପୂର୍ଣ୍ଣ କାର ସର୍ବଦା ମହଜୁଦ ରହିଥାଏ। ଶିକ୍ଷା ଦୃଷ୍ଟିରୁ ପିଲାମାନଙ୍କୁ ସରକାରୀ ସ୍କୁଲ କିମ୍ବା କଲେଜରେ ଫି ଛାଡ ଏବଂ ଅନ୍ୟାନ୍ୟ ସୁବିଧା ମିଳିଥାଏ। ବିଦେଶ ଯାତ୍ରାରେ କୂଟନୈତିକ ପାସ୍‌ପୋର୍ଟ, ହୋଟେଲ ବୁକିଂ ଏବଂ ପ୍ରୋଟୋକଲ୍ ସୁବିଧା ଉପଲବ୍ଧ ରହିଥାଏ। ପଦ ଛାଡିବା ପରେ ମଧ ପୂର୍ବତନ ଉପରାଷ୍ଟ୍ରପତିଙ୍କୁ ସରକାର ଅନେକ ସୁବିଧା ପ୍ରଦାନ କରନ୍ତି। ଯେଉଁଥିରେ ଜୀବନବ୍ୟାପୀ ପେନସନ୍ ଅନ୍ତର୍ଭୁକ୍ତ। ଯାହା ବର୍ତ୍ତମାନର ଦରମାର ୫୦ ପ୍ରତିଶତ ରହିଥାଏ। ଏହା ବ୍ୟତୀତ, ଟାଇପ୍-୮ ବଙ୍ଗଳା, ବ୍ୟକ୍ତିଗତ ସଚିବ, ସହାୟକ, ସୁରକ୍ଷା, ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସହିତ ଅନେକ ଅନ୍ୟାନ୍ୟ ସୁବିଧା ଜାରି ରହେ। ଯଦି ପୂର୍ବତନ ଉପରାଷ୍ଟ୍ରପତିଙ୍କ ମୃତ୍ୟୁ ହୋଇଥାଏ, ତାଙ୍କ ପତ୍ନୀଙ୍କୁ ଟାଇପ୍-୭ ବଙ୍ଗଳା ସହିତ ବିଶେଷ ସୁବିଧା ମିଳିଥାଏ।

### କେଦାରନାଥ ଯାତ୍ରୀଙ୍କୁ ବଡ଼ ଝଟକା

## ହେଲିକପ୍ଟରରେ ଗଲେ ପଡ଼ିବ ଅଧିକ ୫ ହଜାର



ଉତ୍ତରାଖଣ୍ଡ,୯।୯: କେଦାରନାଥ ଧାମକୁ ହେଲିକପ୍ଟରରେ ଯାତ୍ରା କରୁଥିବା ଶ୍ରଦ୍ଧାଳୁଙ୍କୁ ବଡ଼ ଝଟକା ଲାଗିଛି। ଏଣିକି ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ ଶ୍ରଦ୍ଧାଳୁ। ଉତ୍ତରାଖଣ୍ଡ ନାଗରିକ ଉଡାଣ ବିକାଶ ପ୍ରାଧିକରଣ ହେଲିକାପ୍ଟର ଭଡାକୁ ୪୯% ବୃଦ୍ଧି କରିଛି।

ସୂଚନାନୁଯାୟୀ, ବେସାମରିକ ନାଗରିକ ଉଡାଣର ମହାନିର୍ଦ୍ଦେଶାଳୟଙ୍କ ଅନୁମତି କ୍ରମେ ଏହା ସେପ୍ଟେମ୍ବର ୧୫ରୁ ଲାଗୁ କରାଯିବ। ଏଥି ସହିତ ଆଇଆରସିଟିସି ଅନୁମତି କ୍ରମେ ସେପ୍ଟେମ୍ବର ୧୦ରୁ ୱେବସାଇଟରେ ଅନଲାଇନ୍ ଟିକେଟ୍ ବୁକିଂ ମଧ୍ୟ ଆରମ୍ଭ ହେବ। ପ୍ରଥମ ହେଲି ସେବା ମଧ୍ୟ ସେପ୍ଟେମ୍ବର ୧୫ ରୁ ଆରମ୍ଭ ହେବାର ସମ୍ଭାବନା ରହିଛି। ନୂଆ ଭଡ଼ା ଅନୁଯାୟୀ ଗୁପ୍ତକାଶୀରୁ କେଦାରନାଥ ପର୍ଯ୍ୟନ୍ତ ରାଉଣ୍ଡ ଟ୍ରିପ୍ ଭଡ଼ା ୧୨,୪୪୪ ଟଙ୍କା ଧାର୍ଯ୍ୟ କରାଯାଇଛି। ଫାଟାରୁ ଭଡ଼ା ୮,୯୦୦ ଟଙ୍କା ଏବଂ ସିରସିରୁ ୮,୫୦୦ ଟଙ୍କା ହେବ। ପୂର୍ବରୁ ଗୁପ୍ତକାଶୀରୁ ୮୫୦୦ ଟଙ୍କା ଥିବାବେଳେ ଫାଟା ଏବଂ ସିରସିରୁ ୬୫୦୦ ଟଙ୍କାରେ ଟିକେଟ୍ ମିଳୁଥିଲା। ବର୍ତ୍ତମାନ କିନ୍ତୁ ଯାତ୍ରୀଙ୍କୁ ପୂର୍ବ ଅପେକ୍ଷା ୪ ରୁ ୫ ହଜାର ଟଙ୍କା ଅଧିକ ଦେବାକୁ ପଡିବ। ବାରମ୍ବାର ବିମାନ ଦୁର୍ଘଟଣା ଏବଂ ଯାନ୍ତ୍ରିକ ତ୍ରୁଟି ଦେଖାଦେଉଛି। ତେଣୁ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଥର ହେଲିକପ୍ଟର ସେବାରେ ବୈଷୟିକ ଉନ୍ନତି କରାଯାଉଛି ବୋଲି ୟୁସିଏଡିଏ ସିଇଓ ଆଶିଷ ଚୌହାନ କହିଛନ୍ତି। ଏହା ବ୍ୟତୀତ ପିଟିଜି କ୍ୟାମେରା, ଏଟିସି, ଭିଏଚଏଫ୍ ସେଟ୍ ଏବଂ ସିଲୋମିଟର ଲଗାଯିବ। ଦୁଇଟି ନିୟନ୍ତ୍ରଣ କକ୍ଷ ମଧ୍ୟ ନିର୍ମାଣ କରାଯିବ। ଗୋଟିଏ ଡେରାଡୁନର ସହସ୍ରଧାରାରେ ଏବଂ ଅନ୍ୟଟି ସିରସିରେ। ଗ୍ରାଉଣ୍ଡ କଣ୍ଟ୍ରୋଲ ପାଇଁ ୨୨ ଜଣ ଅପରେଟର ଟିମକୁ ନିୟୋଜିତ କରାଯିବ। ଫଳରେ ବିମାନର ଯାଞ୍ଚ କରାଯାଇପାରିବ। ବଦ୍ରିନାଥ ଏବଂ ଗଙ୍ଗୋତ୍ରୀ ରାସ୍ତାରେ ହେଲିକପ୍ଟର ଦୁର୍ଘଟଣା ପରେ ଡିଜିସିଏ ରାଜ୍ୟ ସରକାରଙ୍କୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦିଓ ହଠାତ୍ ଭଡ଼ା ବୃଦ୍ଧି ସାଧାରଣ ଭକ୍ତଙ୍କ ପକେଟ ଉପରେ ବୋଝ ବୃଦ୍ଧି କରିବ। ପ୍ରଶାସନ ଦାବି କରୁଛି ଯେ, ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ବ୍ୟବସ୍ଥା ସହିତ ହେଲିକପ୍ଟର ସେବା କେବଳ ସୁରକ୍ଷିତ ନୁହେଁ ବରଂ ପୂର୍ବ ଅପେକ୍ଷା

### ଆକାଶ ମାର୍ଗରୁ ବନ୍ୟା ସ୍ଥିତି ପରଖିଲେ ପ୍ରଧାନମନ୍ତ୍ରୀ

# ହିମାଚଳ ପାଇଁ ୧୫୦୦ କୋଟିର ପ୍ୟାକେଜ



ନୂଆଦିଲ୍ଲୀ,୯।୯: ହିମାଚଳରେ ହାହାକାର ସ୍ଥିତି। ଆକାଶ ମାର୍ଗରୁ ବନ୍ୟା ଓ ଭୂସ୍ଖଳନର ସ୍ଥିତି ଅନୁଧ୍ୟାନ କଲେ ପ୍ରଧାନମନ୍ତ୍ରୀ ମୋଦୀ। ପ୍ରଭାବିତଙ୍କ ସହ କଲେ ଆଲୋଚନା। ଆକାଶମାର୍ଗରୁ ଉଭୟ ପଞ୍ଜାବ ଏବଂ ହିମାଚଳ ପ୍ରଦେଶର ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି ସେ। ପ୍ରଥମେ ଆକାଶ ମାର୍ଗରୁ ହିମାଚଳ ପ୍ରଦେଶର ସ୍ଥିତି ସମୀକ୍ଷା ପରେ ପଞ୍ଜାବର ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି ମୋଦୀ। ଆଉ ହିମାଚଳ ପ୍ରଦେଶର କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକ ଦେଖି ପ୍ରଧାନମନ୍ତ୍ରୀ ଦେଢ ହଜାର କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ମୋଦୀ ହିମାଚଳ ପ୍ରଦେଶ ପାଇଁ ପ୍ୟାକେଜ ଘୋଷଣା କରିବା ସହ ବନ୍ୟାରେ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ସହ ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଭାବିତଙ୍କ ସହ କଥା ହୋଇ ଦୁଃଖ ବୁଝିଛନ୍ତି ମୋଦୀ। ମୁଖ୍ୟମନ୍ତ୍ରୀ ସହ ବୈଠକ କରି ପୂରା ରାଜ୍ୟର ଖବର ନେଇଛନ୍ତି। ତେବେ ହିମାଚଳ ପ୍ରଦେଶକୁ ଦେଢ଼ ହଜାର କୋଟି ଟଙ୍କାର ଆର୍ଥିକ ସହାୟତା ସହିତ କେନ୍ଦ୍ର ସରକାରଙ୍କ ଏସଡିଆରଏଫ୍ ଏବଂ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ଦ୍ୱିତୀୟ କିସ୍ତି ମଧ ଆଗୁଆ ଜାରି କରାଯିବ। ଏହାସହ ହିମାଚଳ ପ୍ରଦେଶରେ ଭୂସ୍ଖଳନ ଏବଂ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ପୁନଃନିର୍ମାଣ କରାଯିବ। ଜାତୀୟ ରାଜପଥ ମରାମତି କରାଯିବ, ସ୍କୁଲଗୁଡ଼ିକ ପୁନଃନିର୍ମାଣ କରାଯିବ। ଏହା ସହିତ ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି ଅଧୀନରେ ମଧ ସାହାଯ୍ୟ ମିଳିବ। ପଶୁପାଳନ ପାଇଁ ମିନି କିଟ୍ ମଧ ପ୍ରଦାନ କରାଯିବ ବୋଲି ସୂଚନା ରହିଛି। ଏହାସହ ବିଶେଷକରି ଯେଉଁ ଚାଷୀମାନଙ୍କର ବର୍ତ୍ତମାନ ବିଦ୍ୟୁତ ସଂଯୋଗ ନାହିଁ ସେମାନଙ୍କୁ ଅତିରିକ୍ତ ସହାୟତା ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ କ୍ଷତିଗ୍ରସ୍ତ ଘରଗୁଡ଼ିକର ଜିଓଟ୍ୟାଗିଂ କରାଯିବ ଏହା କ୍ଷୟକ୍ଷତିର ସଠିକ୍ ମୂଲ୍ୟାଙ୍କନ ଏବଂ ପ୍ରଭାବିତ ଲୋକଙ୍କୁ ଶୀଘ୍ର ସହାୟତା ପ୍ରଦାନ କରିବାରେ ସାହାଯ୍ୟ କରିବ। ସେପଟେ ହିମାଚଳ ପ୍ରଦେଶ ପରେ ପଞ୍ଜାବର ଗୁରୁଦାସପୁରରେ ବନ୍ୟା ପ୍ରଭାବିତଙ୍କ ସହ କଥା ହୋଇ ଫସଲ ନଷ୍ଟ ବାବଦରେ ପଚାରି ବୁଝିଛନ୍ତି ପ୍ରଧାନମନ୍ତ୍ରୀ । ତାସହ ଏନଡିଆରଏଫ, ଏସଡିଆରଏଫ ସଦସ୍ୟଙ୍କ ସହ ଉଦ୍ଧାର କାମ ନେଇ କଥା ହୋଇଛନ୍ତି ମୋଦୀ ।

## ମହିଳା ସରପଞ୍ଚଙ୍କୁ ମାଡ଼, ଏସ୍‌ପି କାର୍ଯ୍ୟାଳୟ ଆଗରେ ଧାରଣା

**କେନ୍ଦ୍ରାପଡ଼ା,୯।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ରାଜପୁର ଗ୍ରାମପଞ୍ଚାୟତର ଦଳିତ ମହିଳା ସରପଞ୍ଚଙ୍କୁ ସ୍ଥାନୀୟ କେତେକ ଅସାମାଜିକ ବ୍ୟକ୍ତି ତାଙ୍କ ଘର ଭିତରେ ପଶି ତାଙ୍କୁ ମାଡ଼ ମାରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ଅଭିଯୋଗ ହୋଇଛି। ରାଜନଗର ଥାନା ଅଧିକାରୀ ନାମକୁମାତ୍ର ଏକ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ ଗିରଫ ନ କରିବାରୁ ଜିଲ୍ଲା ସରପଞ୍ଚ ସଂଘ ତରଫରୁ ଶତାଧିକ ସରପଞ୍ଚ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି। ଜିଲ୍ଲା ସରପଞ୍ଚଙ୍କର ସଭାନେତ୍ରୀ ଚମେଲି ଓଝାଙ୍କ ନେତୃତ୍ୱରେ ସମ୍ପାଦକ ସଞ୍ଜୟ କୁମାର ସେଠୀ, ରାଜନଗର ବ୍ଲକ ସରପଞ୍ଚଙ୍କର ସଭାପତି ଅଶୋକ କୁମାର ମହାନ୍ତି, ଆଳିର ସନାତନ ସାହୁ, ଓସ୍ତପୁରର ପ୍ରସନ୍ନ ରାଉତ, ଲକ୍ଷ୍ମୀପ୍ରିୟା ଷଡଙ୍ଗୀ ପ୍ରମୁଖ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁଙ୍କୁ ଦାବିପତ୍ର ପ୍ରଦାନ କରି ମହିଳା ସରପଞ୍ଚଙ୍କୁ ମାଡ ମାରିଥିବା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହିତ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏଥି ସହିତ ସରପଞ୍ଚ ସଂଘ ତରଫରୁ ଜିଲ୍ଲାପାଳ ରଘୁରାମ୍ ଆ ?ର୍.ଆଇ.ଆ ?ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଯଦି ଅଭିଯୁକ୍ତମାନଙ୍କୁ ଧରା ନଯାଏ ତେବେ ଜିଲ୍ଲା ବନ୍ଦ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ମୁଖୀଗୁଡା, ୯।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଉଛଲା ଗ୍ରାମପଞ୍ଚାୟତ କୁଣ୍ଡିଗୁଡା ଗ୍ରାମର ଉଦେ ମାଝୀ (୬୦) ଆଜି ଭୋରରୁ ଶୌଚ ହେବାପରେ ଗାଁ ନିକଟ ନିଜ ଚାଷଜମିକୁ ଯାଉଥିବା ବେଳେ ଖାଦ୍ୟ ଅନ୍ୱେଷଣରେ ଆସିଥିବା ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଆହତ ଅବସ୍ଥାରେ ପରିବାର ଲୋକେ ଉଦେଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସା ପରେ ତାଙ୍କୁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

● ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି

## ବ୍ୟାନର ଲଗାଇବାକୁ ନେଇ ଦୁଇ ଗୋଷ୍ଠୀ ଛକାପଞ୍ଝା



**ଭଦ୍ରକ,୯।୯ (ସଂଚାର ବ୍ୟୁରୋ):** ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ତେଜିବାରେ ଲାଗିଛି। କଲେଜ ମୁଖ୍ୟ ଫାଟକରେ ଭିନ୍ନ ଭିନ୍ନ ବ୍ୟାନର ଲଗାଇବାକୁ ନେଇ ଦୁଇ ଗୋଷ୍ଠି ମଧ୍ୟରେ ଛକାପଞ୍ଝା, ଉତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସେଠାରେ ପୋଲିସ ମୁତୟନ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଗଣେଶ ପୂଜା ସମୟରେ ଗୋଟିଏ ଗୋଷ୍ଠି ପକ୍ଷରୁ କଲେଜ ଗେଟ୍ ସମ୍ମୁଖରେ ଏକ ବ୍ୟାନର ଲଗାଯାଇଥିଲା। ସେହି ବ୍ୟାନର୍ ରେ କିଲର୍ ଗ୍ରୁପ୍ ଲେଖାଯାଇଥିବାରୁ ଏହାକୁ ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ପ୍ରତିବାଦ ହେବାରୁ ସେହି ବ୍ୟାନର ସେଠାରୁ ଖୋଲା ଯାଇଥିଲା। ପରେ ଗତକାଲି ଅନ୍ୟ ଗୋଷ୍ଠି ଆଉ ଏକ ବ୍ୟାନର ଲଗାଇଥିଲେ, ଯେଉଁଥିରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଲେଖାଯାଇଥିଲା। ତେବେ ଏହି ବ୍ୟାନରଟି ଗେରୁଆ ରଙ୍ଗର ଥିବାରୁ ଅପର ଗୋଷ୍ଠି ଏହାର ପ୍ରତିବାଦ କରିଥିଲେ। ଘଟଣାକୁ ନେଇ ସେଠାରେ ଚାପା ଉତେଜନା ସହିତ ଛାତ୍ରଙ୍କ ମଧ୍ୟରେ ଅଶାନ୍ତି ଦେଖିବାକୁ ମିଳିଥିଲା। ଗତକାଲି ରାତି ଠାରୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଆଜି ମଧ୍ୟ ସକାଳ ସମୟରେ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନକାରୀ ଛାତ୍ରମାନେ ବାଉଁଶ ବାନ୍ଧିଥିଲେ ଏବଂ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଛାତ୍ର ଆନ୍ଦୋଳନ ଯୋଗୁଁ କଲେଜରେ ପାଠପଢ଼ା ଠପ୍ ହୋଇଯାଇଛି।

### ଗୋପାଳପୁର ଟସର ବସ୍ତ୍ରର ଚାହିଦା କାହିଁରେ କ'ଣ

# ବୁଣାକାର ପାଉନି ଉଚିତ ମୂଲ୍ୟ

## ସରକାରୀ ସହାୟତା ନଗଣ୍ୟ

## ବିଭିନ୍ନ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଦାବି

**ଯାଜପୁର,୯।୯(ସଂଚାର ବ୍ୟୁରୋ):** ରାଜ୍ୟରେ ଆତ୍ମନିଯୁକ୍ତି କ୍ଷେତ୍ରରେ କୃଷି ପରେ ହସ୍ତତନ୍ତ ବୁଣାକାର ଓ ହସ୍ତଶିଳ୍ପ ହେଉଛି ଦ୍ୱିତୀୟ ବୃହତ୍ତର କ୍ଷେତ୍ର। କୃଷିରୁ ଅନ୍ନପ୍ରସାଦର ଯେତିକି ଆବଶ୍ୟକତା, ବୁଣାକାରଙ୍କ ହସ୍ତତନ୍ତ ବସ୍ତ୍ରର ବି ସମାନ ଆବଶ୍ୟକତା ରହିଛି। ତେଣୁ ସରକାର ସବୁବେଳେ ବୁଣାକାରମାନଙ୍କୁ ପ୍ରାଧାନ୍ୟ ଦେଇଆସିଛନ୍ତି। ଏକ୍ଷେତ୍ରରେ ଯାଜପୁର ଜିଲ୍ଲାର ଗୋପାଳପୁର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି। ଏଠାରେ ପାଖାପାଖି ଅଢ଼େଇ ହଜାର ବୁଣାକାର ବସବାସ କରୁଥିବା ବେଳେ ସେମାନଙ୍କ ଟସର ଉତ୍ପାଦ ରାଜ୍ୟ ସହ ଦେଶ ଏପରିକି ଅନ୍ତର୍ଜାତୀୟ ସ୍ତରରେ ବି ଖ୍ୟାତି ଅର୍ଜନ କରିଛି। କୌଳିକ ବୃତ୍ତି ଭାବେ ଏଠାକାର କାରିଗରମାନେ ଏହି ବସ୍ତ୍ର ପ୍ରସ୍ତୁତି କରୁଥିବା ବେଳେ ପୂରା ପରିବାର ଏଥିପ୍ରତି ସମର୍ପିତ ଅଛନ୍ତି। କିନ୍ତୁ ସେମାନଙ୍କୁ ଉଚିତ ପାରିଶ୍ରମିକ ମିଳିବା ଦିଗରେ କେହି ବି ଗୁରୁତ୍ୱ ଦେଉନାହାନ୍ତି। ଏହା ନିଶ୍ଚିତ ଭାବେ ଏକ ବିଡ଼ମ୍ବନାର ବିଷୟ।

ଏହି ବୃତ୍ତି ବେଶ୍ କଷ୍ଟସାଧ ହୋଇଥିବା ବେଳେ ସମୟସାପେକ୍ଷ, ସୂକ୍ଷ୍ମ ଓ କଷ୍ଟଦାୟକ କାର୍ଯ୍ୟ। କିନ୍ତୁ ନିଜ କୌଳିକ ବୃତ୍ତିକୁ ଏମାନେ କଦାପି ଅବହେଳା କରିନାହାନ୍ତି। ଏହି ବୃତ୍ତିର ଇତିହାସ ଦେଖିଲେ ୧୬ ଶହ ଶତାବ୍ଦୀରେ ପଶ୍ଚିମବଙ୍ଗରୁ ଭୁଲିଆ ସମ୍ପ୍ରଦାୟର ଲୋକେ ଓଡିଶା ଆସି ଏହାର ଶୁଭାରମ୍ଭ କରିଥିଲେ। ଏହି ସମ୍ପ୍ରଦାୟର କେତେକ ଲୋକ ସ୍ୱାଧୀନତା ପୂର୍ବରୁ ଗୋପାଳପୁରରେ ବସତି ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ସେମାନେ ବଙ୍ଗୀୟ ତନ୍ତୀ ଭାବେ ପରିଚିତ ହେଲେ। ପ୍ରଥମେ ସେମାନେ ସୂତାରେ ବସ୍ତ୍ର ତିଆରି କରୁଥିଲେ। ୧୯୭୦ ପରେ ଗୋପାଳପୁରର ସ୍ୱର୍ଗତଃ ହରମୋହନ ଦାସ ପ୍ରଥମେ ବୁଣାକାରମାନଙ୍କୁ ଏକଜୁଟ କରି ବୁଣାକାର ସମବାୟ ସମିତି ଗଠନ କରିଥିଲେ।



୧୯୮୦ ପରେ ଏଠାରେ ଟସର ବସ୍ତ୍ର ଉତ୍ପାଦନ ଆରମ୍ଭ ହେଲା। ଏହି ବସ୍ତ୍ରର ଚାହିଦା ବୃଦ୍ଧି ହେବା ସହ ସମିତି ସଂଖ୍ୟା ମଧ ବଢ଼ିଚାଲିଲା। ଇତିମଧରେ ଏହି ସମିତ ସଂଖ୍ୟା ୧୮ରେ ପହଞ୍ଚିସାରିଛି। ସମିତିରେ ଅନ୍ୟୂନ ୯ ଶହ ବୁଣାକାର ରହିଛନ୍ତି। ସେହିପରି ଏଠାରେ ବସ୍ତ୍ର ବୁଣିବା ସକାଶେ ପ୍ରାୟ ୧୦୫୦ ତନ୍ତ ରହିଛି। ବର୍ଷକୁ ୨୦ କୋଟିରୁ ଉର୍ଦ୍ଧ୍ୱ ବସ୍ତ୍ର ଉତ୍ପାଦିତ ହେଉଛି। ସରକାରଙ୍କ ତତ୍ତ୍ୱାବଧାନରେ ବୟନିକା, ଓରମାସ, ସେରିଫେଡ ଆଦି ସଂସ୍ଥା ହସ୍ତତନ୍ତ ଉତ୍ପାଦିତ ବସ୍ତ୍ରର ବ୍ୟବସାୟ ଦାୟିତ୍ୱ ନେଇଛନ୍ତି। ବୁଣାକାର ମାନସ ରଞ୍ଜନ ଦାସ କହନ୍ତି ଯେ ଏଠାରେ ଉତ୍ପାଦିତ ଶାଢ଼ିର ମୂଲ୍ୟ ୪୫୦୦ରୁ ଆରମ୍ଭ କରି ୨୨ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଜଣେ ବୁଣାକାର ମାସିକ ପାରିଶ୍ରମିକ ବାବଦରେ ପ୍ରାୟ ୧୦ରୁ ୧୨ ହଜାର ଟଙ୍କା ପାଇଥାନ୍ତି। କିନ୍ତୁ ଏଥିପାଇଁ ପରିବାରର ୩ରୁ ୪ ଜଣ ସଦସ୍ୟ ନିୟୋଜିତ ହେଉଥିବାରୁ ଏତିକି ଟଙ୍କା ଚଳିବା ପାଇଁ କୌଣସି ପରିସ୍ଥିତିରେ ବି ଯଥେଷ୍ଟ ନୁହେଁ। ଗତ ୨୦୧୨ରେ ଗୋପାଳପୁରକୁ ଟସର ବସ୍ତ୍ର ଉତ୍ପାଦନ ଗ୍ରାମ ଭାବେ ମଧ ଜିଆଇ ଟ୍ୟାଗ୍ ମିଳିଛି। ଗ୍ରାମର ଶ୍ରୀକାନ୍ତ ଦାସ, ଲକ୍ଷ୍ମୀ ଦାସ ଓ ସ୍ୱର୍ଗତଃ ପଙ୍କଜ ଦାସ ଉତ୍କୃଷ୍ଟ ବୟନ କଳାକୃତି ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ବେଳେ ବେଣୁଧର ଦାସ, ଚତୁର୍ଭୁଜ ଦାସ, ଶରତ ଦାସ, ଭରତ ଦାସ,ବାବୁଲି ଦାସ, କୁଶମଣି ଦାସ ରାଜ୍ୟ ସରକାରଙ୍କଠାରୁ ପୁରସ୍କାର ପାଇଛନ୍ତି। ପରବର୍ତ୍ତୀ ସମୟରେ ଏହି ଗ୍ରାମର ଭାଗ୍ୟ ଓ ଭବିଷ୍ୟତ ବଦଳିଯାଇଛି ସତ, କିନ୍ତୁ ଏବେବି ଅନେକ ସମସ୍ୟାର ସମାଧାନ ହୋଇପାରିନାହିଁ। ଗୋପାଳପୁରକୁ ବୟନ ଗ୍ରାମ ଘୋଷଣା କରିବାକୁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲେ ମଧ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବୁଣାକାରମାନଙ୍କୁ ବଜାର ସୁବିଧା ଅଧିକ ବ୍ୟାପକ ହୋଇପାରୁନାହିଁ ବୋଲି ବୁଣାକାର ଅଶୋକ କୁମାର ଗୁଇଁ କହିଛନ୍ତି। ସେହିପରି ୬୦ ବର୍ଷରୁ ଉର୍ଦ୍ଧ୍ୱ ବୁଣାକାରଙ୍କୁ ସରକାର ୨ ହଜାର ପରିବର୍ତ୍ତେ ୫୦ ବର୍ଷରୁ ଉର୍ଦ୍ଧ୍ୱ ବୁଣାକାରଙ୍କୁ ୩ ହଜାର ଟଙ୍କା ଭତ୍ତା, ପ୍ରତ୍ୟେକ ବୁଣାକାରଙ୍କୁ ଦୈନିକ ସର୍ବନିମ୍ନ ୭ ଶହ ଟଙ୍କା ପାରିଶ୍ରମିକ ଦେବା ଓ ଅଚଳ ରହିଥିବା ୧୨ଟି ସୂତା କାରଖାନାକୁ ଚାଲୁ କରିବା ସକାଶେ ଓଡ଼ିଶା ବୁଣାକାର ମହାସଂଘର ରାଜ୍ୟ ସଭାପତି ଶ୍ରୀଧର ବେହେରା ଦାବି କରିଛନ୍ତି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ବି ଯଥେଷ୍ଟ ନୁହେଁ ବୋଲି ସ୍ଥାନୀୟ ବୁଣାକାରମାନେ କହିଛନ୍ତି। ରୋଜଗାର ଯଥେଷ୍ଟ ହେଉନଥିବାରୁ ଯୁବପିଢ଼ି ଏହି କୌଳିକ ବୃତ୍ତିକୁ ଆଗକୁ ବଢ଼ାଇବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ ଏ ଦିଗରେ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

### ଦୁଇଦିନିଆ ୟୁଏଇ ଗସ୍ତରେ କେନ୍ଦ୍ରମନ୍ତ୍ରୀ

## ଶିକ୍ଷା କ୍ଷେତ୍ରରେ ଭାରତ-ୟୁଏଇ ଦ୍ୱିପାକ୍ଷିକ ସହଯୋଗ ମଜବୁତ ହେବ



**ନୂଆଦିଲ୍ଲୀ,୯।୯:** ଭାରତ ଓ ୟୁଏଇ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜଭୂତ୍ କରିବା ତଥା ଶୈକ୍ଷିକ ଉତ୍କର୍ଷତା ଏବଂ ନବସୃଜନ ପରିସଂସ୍ଥାନ ପାଇଁ ରଣନୈତିକ ଭାଗିଦାରିତାକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେପ୍ଟେମ୍ବରେ ୧୦ରୁ ୧୧ ତାରିଖ ପର୍ଯ୍ୟନ୍ତ ଦୁଇଦିନିଆ ୟୁଏଇ ଗସ୍ତରେ ଯାଉଛନ୍ତି। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଶିକ୍ଷା, ନବସୃଜନ ଏବଂ ଜ୍ଞାନ ଆଦାନପ୍ରଦାନରେ ସହଭାଗୀତାକୁ ଆଗକୁ ବଢ଼ାଇବା ଲକ୍ଷ୍ୟରେ ୟୁଏଇର ପ୍ରମୁଖ ନେତୃତ୍ୱ, ମନ୍ତ୍ରୀ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍ ଏବଂ ଭାରତ ଓ ୟୁଏଇ ଅନୁଷ୍ଠାନର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବେ। ଶ୍ରୀ ପ୍ରଧାନ ଗସ୍ତର ପ୍ରଥମ ଦିନରେ ଆବୁଧାବିର ଶିକ୍ଷା ଏବଂ ଜ୍ଞାନ ବିଭାଗ (ଏଡିଇକେ)ର ଅଧ୍ୟକ୍ଷା ସାରା ମୁସଲ୍ଲମଙ୍କ ସହ ଆଲୋଚନା କରିବେ। ଆଇଆଇଟି ଦିଲ୍ଲୀ-ଆବୁଧାବୀ କ୍ୟାମ୍ପସ ପରିଦର୍ଶନ କରିବା ସହ ସେଠାରେ ଅଟଳ ଇନକ୍ୟୁବେସନ୍ ସେଣ୍ଟର (ପ୍ରଥମ ବିଦେଶୀ କେନ୍ଦ୍ର) ଉଦଘାଟନ କରିବା ସଙ୍ଗେସଙ୍ଗେ ପିଏଚଡି ଏବଂ ବିଟେକ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଏହି ଅବସରରେ ଶ୍ରୀ ପ୍ରଧାନ କ୍ୟାମ୍ପସର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ଆବୁଧାବିର ବାପ୍ସ ହିନ୍ଦୁ ମନ୍ଦିର ପରିଦର୍ଶନ କରିବା ସହ ସିମ୍ବିୟୋସିସ୍ ବିଶ୍ୱବିଦ୍ୟାଳୟ, ଦୁବାଇ କ୍ୟାମ୍ପସର ପ୍ରଥମ ବାର୍ଷିକ ଉତ୍ସବରେ ମଧ୍ୟ ଯୋଗଦେବେ। ସେହିପରି ଗସ୍ତର ଅନ୍ତିମ ଦିନରେ ୟୁଏଇର ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ଅବଦୁଲ ରେହମାନ ଅଲ ଆୱାରଙ୍କ ସହ ଆଇଆଇଏମ, ଅହମ୍ମଦବାଦର ଦୁବାଇ କ୍ୟାମ୍ପସର ଉଦଘାଟନୀ କାର୍ଯ୍ୟକ୍ରମରେ ସାମିଲ ହେବେ। ଉଭୟ ମନ୍ତ୍ରୀ ଦୁଇ ଦେଶ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଚାଲିଥିବା ଦ୍ୱିପାକ୍ଷିକ ସହଯୋଗ ବିଷୟରେ ବିସ୍ତୃତ ଆଲୋଚନା କରିବେ। ୟୁଏଇରେ ଭାରତୀୟ ଉଚ୍ଚ ଶିକ୍ଷାନୁଗୁଡ଼ିକର ଏକ ଗୋଲଟେବୁଲ ସମ୍ମିଳନୀରେ ମଧ୍ୟ ସେ ଯୋଗଦେବେ। ଏହାବ୍ୟତୀତ ଶ୍ରୀ ପ୍ରଧାନ କନସୁଲେଟରେ 'ଏକ ପେଡ୍ ମା କେ ନାମ' ଅଭିଯାନ ଅଧୀନରେ ଗଛ ଲଗାଇବେ। ସେଠାରେ ଶିକ୍ଷକ ଦିବସ ପାଳନ ଅବସରରେ ସିବିଏସଇ ସ୍କୁଲର ପ୍ରିନ୍ସିପାଲଙ୍କ ସହିତ ଆଲୋଚନା କରିବେ ଏବଂ ୟୁଏଇରେ ଥିବା ଭାରତୀୟ ସ୍କୁଲଗୁଡ଼ିକରେ ଅଟଳ ଟିଙ୍କରିଂ ଲ୍ୟାବର ଶୁଭାରମ୍ଭ କରିବେ। ଶେଷରେ ଦୁବାଇରେ ବସବାସ କରୁଥିବା ଭାରତୀୟ ପ୍ରବାସୀମାନଙ୍କ ସହ ଆଲୋଚନା କରିବା ସହ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

## ସହରାଞ୍ଚଳ ବିକାଶ, ସ୍ୱଚ୍ଛତା ପାଇଁ ବିଧାୟକ ଓ ଜିଲ୍ଲାପାଳଙ୍କ ପରିଦର୍ଶନ

**ନବରଙ୍ଗପୁର,୯।୯ (ସଂଚାର ବ୍ୟୁରୋ):** ସକାଳ ୭.୩୦ ମି ସମୟରେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ନବରଙ୍ଗପୁର ପୌରାଞ୍ଚଳର ସ୍ୱଚ୍ଛତା,ସାହି ରାସ୍ତା,ନାଳ ନିର୍ମାଣ,ରାସ୍ତା ଓସାର,ରିଙ୍ଗ ରୋଡ ଓସାର, ମାଝୀଗୁଡ଼ା ଓ, ସୁବାସ ବୋଷ ଚୌକ, ଚଉଁରିଆଗୁଡା ଟ୍ରାଫିକ ଜଙ୍କସନ,ଅତିରିକ୍ତ ସର୍କିଟ ହାଉସ ନିର୍ମାଣ, ଆମିଷ ବଜାର ର ନିର୍ମାଣ ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସଂପତ,ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହନିର୍ମାଣ କେ କନ୍ଧପାନି, ଅଧିକ୍ଷଣ ଯନ୍ତ୍ରୀ ଟି ପି ଏସ ଓ ଡି ଏଲ ସିବେଶ ରାମ ସାହୁ , କାଉନସିଲର ସଦସ୍ୟ, ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ପ୍ରମୁଖ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଧାକ୍ରିଷ୍ଣନ...

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, ଏଆଇସିସି ସଭାପତି ମଲ୍ଲିକାର୍ଜୁନ୍ ଖଡ୍‌ଗେ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧିଙ୍କ ପରି ସାଂସଦମାନେ ସେମାନଙ୍କ ଭୋଟ୍ ଦେଇଥିଲେ।

ଶ୍ରୀ ରାଧାକ୍ରିଷ୍ଣନ୍ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ବଧେଇ ଜଣାଇଥିଲେ। ରାଷ୍ଟ୍ରପତି ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ ଜନସେବାରେ ଜୀବନର ସିଂହଭାଗ କଟାଇଥିବା ଶ୍ରୀ ରାଧାକ୍ରିଷ୍ଣନ୍ ତାଙ୍କର ଏହି ଅଭିଜ୍ଞତାକୁ ଦେଶର ଅଗ୍ରଗତି କ୍ଷେତ୍ରରେ ଉପଯୋଗ କରିବେ। ସେ ଉପରାଷ୍ଟ୍ରପତି ଭାବେ ସଫଳ ହୁଅନ୍ତୁ, ଏହା ମୋର କାମନା ବୋଲି 'ଏକ୍ସ'ରେ ଶ୍ରୀମତୀ ମୁର୍ମୁ ଉଲ୍ଲେଖ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କ ଜୀବନ ସମାଜସେବା ଓ ଗରିବ ଏବଂ ବଞ୍ଚିତଙ୍କ ସଶକ୍ତିକରଣ ପାଇଁ ସମର୍ପିତ ରହିଆସିଛି। ସେ ଜଣେ ଅସାଧାରଣ ଉପରାଷ୍ଟ୍ରପତି ସାବ୍ୟସ୍ତ ହେବ, ଯିଏକି ସାମ୍ବିଧାନିକ ମୂଲ୍ୟବୋଧକୁ ମଜବୁତ କରିବେ। ଏଥିସହ ଶ୍ରୀ ରାଧାକ୍ରିଷ୍ଣନ୍ ସଂସଦୀୟ ବିତର୍କର ପରିସରକୁ ମଧ ବୃଦ୍ଧି କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଇଣ୍ଡି ମେଣ୍ଟର ଅନ୍ୟତମ ପ୍ରମୁଖ ସଦସ୍ୟ ଆରଜେଡି ନେତା ତେଜସ୍ୱୀ ଯାଦବ ପୂର୍ବତନ ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ ଯଦି ଶ୍ରୀ ଧନଖଡ଼ଙ୍କ ସ୍ୱାସ୍ଥ୍ୟ ବାସ୍ତବରେ ଖରାପ, ତା'ହେଲେ ସରକାର କାହିଁକି ଏନେଇ ବୁଲେଟିନ୍ ଜାରି କରିନାହାନ୍ତି। ତାଙ୍କୁ ବୋଧହୁଏ ନଜରବନ୍ଦୀ କରାଯାଇଛି, କାରଣ କେନ୍ଦ୍ର ସରକାର ଡରୁଛନ୍ତି ଯେ ସେ ପଦାକୁ ଆସିଲେ ସତ୍ୟ ଉଜାଗର ହୋଇଯିବ ବୋଲି ତେଜସ୍ୱୀ ଛଳନାପୂର୍ଣ୍ଣ ଭାବେ କହିଛନ୍ତି। ସୂଚନାଯୋଗ୍ୟ ଯେ ତାମିଲନାଡ଼ୁରେ ଜନ୍ମଗ୍ରହଣ କରିଥିବା ଶ୍ରୀ ରାଧାକ୍ରିଷ୍ଣନ ଗତବର୍ଷ ଜୁଲାଇ ୩୧ରେ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଶପଥ ନେଇଥିଲେ। ତା' ପୂର୍ବରୁ ସେ ଝାଡ଼ଖଣ୍ଡର ରାଜ୍ୟପାଳ ଥିଲେ। ସେ ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ତାମିଲନାଡୁ ବିଜେପିର ସଭାପତି ଭାବେ କାର୍ଯ୍ୟ କରିଥିଲେ। ଅନ୍ୟପକ୍ଷରେ ଶ୍ରୀ ରେଡ୍ଡୀ ୧୯୬୯ ପରେ ପ୍ରଥମ ସୁପ୍ରିମ୍‌କୋର୍ଟ ବିଚାରପତି ଭାବେ ଉପରାଷ୍ଟ୍ରପତି ନିର୍ବାଚନ ଲଢ଼ିଥିଲେ। ୧୯୬୯ରେ ଭାରତର ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ହିଦାୟତ୍‌ଉଲ୍ଲା ସବୁ ଦଳର ସହମତି କ୍ରମେ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ ୧୯୮୪ରେ କିଛି ସମୟ ପାଇଁ ରାଷ୍ଟ୍ରପତି ଭାବେ ମଧ କାର୍ଯ୍ୟ କରିଥିଲେ। ସେହିପରି ୧୯୮୨ରେ ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଏଚ୍‌ଆର୍ ଖାନ୍ନା ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଲଢ଼ିଥିଲେ ହେଁ ଜ୍ଞାନୀ ଜୈଲ୍ ସିଂହଙ୍କଠାରୁ ପରାସ୍ତ ହୋଇଥିଲେ। ହାଇଦ୍ରାବାଦ ଉପକଣ୍ଠସ୍ଥ ରଙ୍ଗାରେଡ୍ଡୀ ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ରେଡ୍ଡୀ ୨୦୦୫ରେ ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ। ସେ ୨୦୦୭ ଜାନୁଆରୀରେ ସୁପ୍ରିମ୍‌କୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ।

## ରେକର୍ଡ...

ଶେୟାର ବିକ୍ରି କରିବାରେ ଲାଗିପଡ଼ିଛନ୍ତି। ସେମାନେ ସୁନା ଭଳି ସୁରକ୍ଷିତ ନିବେଶ ଉପରେ ଧ୍ୟାନ ଦେଉଛନ୍ତି। ଚୀନ ଓ ରୁଷିଆ ଭଳି ପ୍ରମୁଖ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଏବେ ବୃହତ ମାତ୍ରାରେ ସୁନା କିଣୁଛନ୍ତି। ଫଳରେ ଏହାର ଚାହିଦା ବଢୁଛି, ଯାହା ଅନ୍ତର୍ଜାତୀୟ ବଜାରରେ ସୁନାର ଏପରି ଦରବୃଦ୍ଧିର ପ୍ରମୁଖ କାରଣ। ଏହାଛଡ଼ା ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ହେବାରୁ ମଧ ସୁନା ଦର ଉପରମୁହାଁ ହେଉଛି। ଏଭଳି ପରିସ୍ଥିତିରେ ଗରିବ ଓ ମଧ୍ୟବିତ୍ତ ପରିବାର ଲୋକଙ୍କ ପାଇଁ ସୁନା କିଣିବା ସ୍ୱପ୍ନ ହୋଇଯାଇଛି।

ଚଳିତ ବର୍ଷ ସୁନା ଦରରେ ସବୁଠାରୁ ଅଧିକ ବୃଦ୍ଧି ହୋଇଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜ ବା ଏମ୍‌ସିଏକ୍ସରେ ୧୦ ଗ୍ରାମ ସୁନା ବର୍ଷ ଆରମ୍ଭରେ ୭୯ ହଜାର ୬୭୭ ଟଙ୍କାରେ ଟ୍ରେଡ୍ କରୁଥିଲା। ଏବେ ଏହା ୧ ଲକ୍ଷ ୯ ହଜାର ୧୭୦ ଟଙ୍କାରେ ପହଞ୍ଚିଯାଇଛି। ଏଥିସହ ଗତ ୮ ମାସରେ ପ୍ରତି ୧୦ ଗ୍ରାମ ଉପରେ ଦର ୨୯ ହଜାର ୪୯୩ ଟଙ୍କା ବୃଦ୍ଧି ପାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏକ୍ସପର୍ଟ ଓ ବିଦେଶୀ ସଂସ୍ଥାଙ୍କ ମତରେ ସୁନା ଦର ଆଗକୁ ଆହୁରି ବଢ଼ିପାରେ। ତେଣୁ ଯେଉଁମାନେ ସୁନାରେ ଦୀର୍ଘ ସମୟ ପାଇଁ ନିବେଶ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଏବେ ସୁନା କିଣିବାର ଉପଯୁକ୍ତ ସମୟ। ଅନ୍ତର୍ଜାତୀୟ ବଜାରରେ ସୁନା ଦର ପ୍ରତି ଆଉନ୍ସ ୩୬୪୦ ଡଲାର୍‌ରେ ପହଞ୍ଚିପାରେ ବୋଲି ମଧ ଆକଳନ କରାଯାଉଛି।

## ନେପାଳ...

ପାରିନାହିଁ। ବିକ୍ଷୋଭକାରୀମାନେ ସେଠାରେ ଭଙ୍ଗାରୁଜା କରିଛନ୍ତି। ରାସ୍ତାଘାଟରେ ନିଆଁ ଜଳୁଛି। ଦେଶରେ ହିଂସା ବଢୁଥିବାରୁ ପ୍ରଧାନମନ୍ତ୍ରୀ ଓଲି ନିଜର ଇସ୍ତଫାପତ୍ର ରାଷ୍ଟ୍ରପତିଙ୍କ ପାଖକୁ ପଠାଇ ଦେଇଛନ୍ତି। ଇସ୍ତଫା ଦେବା ପରେ ସେ ସୁରକ୍ଷିତ ଭାବେ କେମିତି ଦୁବାଇ ପଳାୟନ କରିବେ, ସେହି ଯୋଜନାରେ ରହିଛନ୍ତି। ଏଥିପାଇଁ ସେ ସେନାର ସହାୟତା ଲୋଡ଼ିଛନ୍ତି। ସେନା ପକ୍ଷରୁ ମଧ ତାଙ୍କୁ ସୁରକ୍ଷିତ ପ୍ରଧାନମନ୍ତ୍ରୀ ବାସଭବନରୁ ବାହାର କରି ତ୍ରିଭୁବନ ଏୟାରପୋର୍ଟ ଓ ସେଠାରୁ ସ୍ୱତନ୍ତ୍ର ବିମାନରେ ଦୁବାଇ ପଠାଇବାକୁ ପଦକ୍ଷେପ ନିଆଯାଉଛି। କିନ୍ତୁ ବିକ୍ଷୋଭକାରୀ ତ୍ରିଭୂବନ ଏୟାରପୋର୍ଟ ଅଭିମୁଖେ ଯିବା ସହ ସେଠାରେ ପୋଡ଼ାଜଳା ଆରମ୍ଭ କରିଛନ୍ତି। ସେହିପରି ଲେଜର ଲାଇଟ ମାଡ଼ କରିବାରୁ ବିମାନ ଉଡ଼ାଣ ଓ ଅବତରଣରେ ସମସ୍ୟା ସୃଷ୍ଟି ହୋଇଛି। ସେହିପରି ସେମାନେ ଏୟାରପୋର୍ଟରେ ଡ୍ରୋନ ଉଡ଼ାଇଛନ୍ତି। ଏଥିପାଇଁ ଏକାଧିକ ବିମାନ ଏୟାରପୋର୍ଟରେ ଅଟକି ରହିଥିବା ବେଳେ ଓଲି ଶର୍ମା କେମିତି ଦୁବାଇ ଯିବେ, ତାହା ମଧ ବଡ଼ ପ୍ରଶ୍ନ। ସୋମବାର ଠାରୁ ଯୁବଗୋଷ୍ଠୀ ଭୟଙ୍କର ଢଙ୍ଗରେ ବିକ୍ଷୋଭ ଆରମ୍ଭ କରିଥିବା ବେଳେ ମଙ୍ଗଳବାର ଏହା ଆହୁରି ଭୀଷଣ ହୋଇଥିଲା। ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀ କେପି ଓଲି ଶର୍ମା ଓ ରାଷ୍ଟ୍ରପତିଙ୍କ ଘର ସମେତ ଏକାଧିକ ମନ୍ତ୍ରୀ, ନେତା ଓ ସରକାରୀ ପ୍ରତିଷ୍ଠାନରେ ନିଆଁ ଲଗାଇ ଦେଇଛନ୍ତି। ସୁରକ୍ଷା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ଓଲି ସେନା ଯବାନଙ୍କୁ ମୃତୟନ କରିଥିଲେ। ହେଲେ ସ୍ଥିତି ବେକାବୁ ହେଉଥିବାରୁ ନେପାଳର ସ୍ଥଳସେନା ମୁଖ୍ୟ ଜେନେରାଲ ଅଶୋକ ରାଜ ସିଗଡେଲ ପ୍ରଧାନମନ୍ତ୍ରୀ ଓଲିଙ୍କୁ ଇସ୍ତଫା ଦେବାକୁ କହିଥିଲେ। ଏହାପରେ ଓଲି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେବା ପୂର୍ବରୁ ସେ ସେନା ବାହିନୀ ଆଗରେ ସୁରକ୍ଷିତ ଭାବେ ବିଦେଶ ଯିବାକୁ ନିଶ୍ଚିତ କରିବାର ସର୍ତ୍ତ ରଖିଛନ୍ତି। ଏବେ ଏହା ଉପରେ ସେନା କାମ କରୁଛି। ସେହିପରି ଦେଶର ନିୟନ୍ତ୍ରଣ କୌଣସି ରାଜନେତା ନୁହନ୍ତି, ବରଂ ସେନା ନିଜ ହାତକୁ ନେଉ ବୋଲି ମଧ ଓଲି ଶର୍ମା କହିଛନ୍ତି। ଆର୍ମି ମୁଖ୍ୟ ଜେନେରାଲ ଅଶୋକ ଏବେ ସବୁ ନିଷ୍ପତ୍ତି ନେଇ ଦେଶକୁ ସୁରକ୍ଷା ଦିଅନ୍ତୁ ବୋଲି ଚାହୁଁଛନ୍ତି। ସେନା ମୁଖ୍ୟ ମଧ ଦାୟିତ୍ୱ ନେବାକୁ ପ୍ରସ୍ତୁତ ଥିବା ଜଣାପଡ଼ିଛି। ଓଲି ଇସ୍ତଫା ଦେଇଥିବାରୁ ଏବେ ଜେନେରାଲ ଅଶୋକଙ୍କ ଉପରେ ଜେନ ଜେଡ ଆନ୍ଦୋଳନକୁ ନିୟନ୍ତ୍ରଣ କରିବାର ସବୁ ଦାୟିତ୍ୱ ଯାଇଛି।

## ଦକ୍ଷିଣ...

ସାଂସଦ ଭାବେ ମନୋନୀତ କରିଥିଲା। ଏହାପରେ ସେ ୨୦୧୬ରୁ ୨୦୨୨ ପର୍ଯ୍ୟନ୍ତ ରାଜ୍ୟସଭା ସାଂସଦ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ହେଲେ ଏବେ ବିଜେଡିକୁ ବାଏ ବାଏ କହିଛନ୍ତି ଶ୍ରୀ ରାଓ। ସେହିପରି ଦଳର ଆଉ ଜଣେ ବରିଷ୍ଠ ନେତା ଶ୍ରୀ ହିମିରିକା ଦଳ ଛାଡ଼ିବା ଫଳରେ ସଂଗଠନକୁ ଶକ୍ତ ଧକ୍କା ଲାଗିଛି। ଉଭୟ ନେତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସେମାନଙ୍କ ଇସ୍ତଫା ପତ୍ର ପଠାଇଦେଇଥିବା ସାମ୍ବାଦିକ ସମ୍ମିଳନୀ ସୂଚନା ଦେଇଛନ୍ତି। ଶ୍ରୀ ରାଓଙ୍କ ସହ ଶ୍ରୀ ହିମିରିକା ମଧ ବିଜୁ ସ୍ୱାଭିମାନ ମଞ୍ଚରେ ସାମିଲ୍ ହେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

## ବାଣୀବିହାରରେ...

ବିଜେପି ସରକାର ଆସିବା ପରେ ବିଶ୍ୱବିଦ୍ୟାଳୟରେ ଏହି ଅଣଛାତ୍ରଙ୍କ ଦୌରାତ୍ମ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନଜରକୁ ଆସିଥିଲା। ତେଣୁ ଏମାନଙ୍କୁ ସାବାଡ କରିବାପାଇଁ ମନ୍ତ୍ରୀ ସିଧାସଳଖ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଣ୍ଟା ଭିଡିଥିଲେ। ପୁଲିସ୍ ସହାୟତାରେ ଛାତ୍ରାବାସ ଖାଲି କରିଛନ୍ତି। ପ୍ରଥମଥର ପାଇଁ ବାଣୀବିହାର ଛାତ୍ରାବାସରୁ ଅଣଛାତ୍ର ତଡା ଖାଇଛନ୍ତି। ଅବସ୍ଥା ଏଭଳି ହୋଇଥିଲା ପୁଲିସ୍‌କୁ ଦେଖି ଅନେକ ଅଣଛାତ୍ର ଚିହ୍ନା ପଡିଯିବା ଭୟରେ ଛତ୍ରଭଙ୍ଗ ଦେଇଥିଲେ। ସାମଗ୍ରୀ ଜବତରୁ ସେମାନଙ୍କ ମଧରେ ଡେଲିଭରୀ ବୟ, ଡ୍ରାଇଭର ଆଦି ଥିବା ନଜରକୁ ଆସିଛି। ମାଳ ମାଳ ହିଟର, ହୁକ୍କା ସମେତ ନିଶା ସାମଗ୍ରୀ ଓ ବେଆଇନ୍ କ୍ୟାଣ୍ଟିନ୍ ସାମଗ୍ରୀ ବି ଜବତ ହୋଇଛି। ମନ୍ତ୍ରୀଙ୍କ ସାହସ ପାଇଲାପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବି ପଛକୁ ହଟିବା ସ୍ଥିତିରେ ନାହାନ୍ତି। ଅବଶିଷ୍ଟ ହଷ୍ଟେଲରେ ଥିବା ଅଣଛାତ୍ରଙ୍କୁ ତଡିବାପାଇଁ ଯୋଜନାପ୍ରସ୍ତୁତ ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ଅଣଛାତ୍ର ଦମନ ନୀତିକୁ କେବଳ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ନୁହନ୍ତି, ସାଧାରଣ ଲୋକେ ବି ପ୍ରଶଂସା କରିବାରେ ଲାଗିଛନ୍ତି। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ପରିସରରେ ଶୈକ୍ଷିକ ବାତାବରଣ ଫେରିବା ସହିତ ଆଉ ଅଣଛାତ୍ରଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିବ ନାହିଁ ବହୁ ପୁରାତନ ଛାତ୍ରଛାତ୍ରୀ ଓ ବରିଷ୍ଠ ଶିକ୍ଷାବିତ୍‌ମାନେ ମତ ଦେବା ସହିତ ଯୁବ ମନ୍ତ୍ରୀ ଭାବେ ସୂର୍ଯ୍ୟବଂଶୀଙ୍କ ଏଭଳି ପଦକ୍ଷେପ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି କହିବାକୁ ପଛାଉନାହାନ୍ତି।

## ଓଡ଼ିଶାରେ...

ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପୂର୍ବୋଦୟ କଳ୍ପନା'ରେ ଓଡ଼ିଶାକୁ ଅଗ୍ରାଧିକାର ଦେଇ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ ସରକାର ଗୁରୁତ୍ୱ ଦେଉଛନ୍ତି। ପୂର୍ବ ସରକାର ତୁଳନାରେ ମୋଦି ସରକାରରେ ବିଗତ ୧୧ ବର୍ଷରେ ଓଡ଼ିଶାକୁ ରେଳ ବଜେଟରେ ରେକର୍ଡ ପରିମାଣର ଅର୍ଥ ମିଳିଛି। କଂଗ୍ରେସ ଅମଳରେ ଓଡ଼ିଶାରୁ ବାର୍ଷିକ ଏକ ହଜାର କୋଟି ଟଙ୍କା ମିଳୁଥିଲା ବେଳେ ମୋଦି ସରକାରରେ ପ୍ରତି ବର୍ଷ ରେଳ ବଜେଟ୍‌ରେ ଓଡ଼ିଶା ଭାଗ ବଢ଼ୁଛି। ଓଡ଼ିଶାରେ ରେଳ ବିଭାଗ ପକ୍ଷରୁ ନୂଆ ରେଳଲାଇନ, ରେଳ ଲାଇନର ଦୋହରୀକରଣ, ତୃତୀୟ ଲାଇନ, ଚତୁର୍ଥ ଲାଇନ ପାଇଁ ପାଖାପାଖି ୯୦ ହଜାର କୋଟି ଟଙ୍କାର କାର୍ଯ୍ୟ ହେଉଥିବା ନେଇ ଶ୍ରୀ ପ୍ରଧାନ କହିଛନ୍ତି।

ବୈଠକରେ ଝାରସୁଗୁଡ଼ା-ବାରକୋଟ୍ ରେଳଲାଇନ, ଅନୁଗୋଳ-ତାଳଚେର ନୂଆ ରେଳଲାଇନ, ବରଗଡ଼ ରୋଡ-ନୂଆପଡ଼ା ରୋଡ-ରାୟପୁର ରେଳଲାଇନ, ତାଳଚେର-ବିମଳାଗଡ଼ ରେଳଲାଇନ, ବହୁପ୍ରତିକ୍ଷୀତ ଖୋର୍ଦ୍ଧା—ବଲାଙ୍ଗୀର ରେଳ ଲାଇନ, ସମ୍ବଲପୁର-ଜରପଡ଼ା ତୃତୀୟ ରେଳଲାଇନ ଓ ଚତୁର୍ଥଲାଇନର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜରପଡାରୁ ତେନ୍ତୁଲୋଇ ମଧ ଦେଇ ବୁଢ଼ାପଙ୍କ ପର୍ଯ୍ୟନ୍ତ ଆଉଟର କୋଲ୍ କରିଡରର ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ବିଶେଷକରି ରେଳଲାଇନର କାର୍ଯ୍ୟକୁ ଆଗେଇ ନେବାରେ ଉପୁଜିଥିବା ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ବିଷୟରେ ବି ଆଲୋଚନା କରାଯାଇଛି। ସେହିପରି ବୈଠକରେ ଅନୁଗୋଳର ବଇଁଣ୍ଡାରୁ ଏକ ସଂଯୋଗ ଲାଇନ କିପରି ବଲାଙ୍ଗିର - ଖୋର୍ଦ୍ଧା ଲାଇନରେ ବୌଦ୍ଧ ପର୍ଯ୍ୟନ୍ତ ଯୋଡିହେବ, ତା'ର ମଧ କଳ୍ପନା କରାଯାଇଛି। ଏହା ଏକ ସେତୁ ଭାବେ କାମ କରିବ। ଦକ୍ଷିଣ ଓଡ଼ିଶାରେ ଭଞ୍ଜନଗର ଓ ଆସ୍କା ସବଡିଭିଜନ ରେଳଲାଇନରୁ ବଞ୍ଚିତ ହୋଇଆସିଛନ୍ତି। ପ୍ରସ୍ତାବିତ ତାଳଚେର-ଗୋପାଳପୁର ରେଳଲାଇନ ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼ ଏବଂ ଗଞ୍ଜାମର ଆସ୍କା ଅଞ୍ଚଳକୁ ସଂଯୋଗ ହେଲେ ଓଡ଼ିଶାର ରେଳ ନେଟୱର୍କ ସୁଦୃଢ଼ ହେବ। ଏହାଛଡ଼ା କନ୍ଧମାଳର ଫୁଲବାଣୀ ପର୍ଯ୍ୟନ୍ତ ରେଳ ନେଟୱର୍କ ସଂଯୋଗ କରିବା ଦିଗରେ ମଧ ସରକାର ଯୋଜନା କରିଛନ୍ତି। ଏହା ଉପରେ ମଧ ଆଜିର ବୈଠକରେ ବିଚାରବିମର୍ଶ ହୋଇଛି। ଓଡ଼ିଶାର କୋଇଲା ଉତ୍ପାଦନକାରୀ ଅଞ୍ଚଳଗୁଡ଼ିକରେ ନାଗରିକ ସୁବିଧା ଓ ରେଳ ପରିବହନକୁ ବିଶେଷ ଭାବେ ପ୍ରାଧାନ୍ୟ ଦିଆଯାଉଛି। ଏହିସବୁ ପଦକ୍ଷେପ ଦ୍ୱାରା ରେଳ ଲାଇନ କୋଇଲା ଉତ୍ପାଦନକାରୀ ଅଞ୍ଚଳରୁ ବନ୍ଦର ଅଞ୍ଚଳକୁ ଯୋଡିହେବ। ଏହାଦ୍ୱାରା ମାଲ ପରିବହନ ସହଜ ହେବ ଓ ଓଡ଼ିଶାର ଦ୍ରୁତ ଶିଳ୍ପାୟନର ବିକାଶରେ ସହାୟକ ହେବ। ରେଳ ଭିତ୍ତିଭୂମିକୁ ମଜବୁତ କରିବା ସହ ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ କରିବ। ଓଡ଼ିଶାର ସାମାଜିକ, ଆର୍ଥିକ ଓ ପର୍ଯ୍ୟଟନ କ୍ଷେତ୍ରରେ ମଧ ପ୍ରଗତି ଘଟିବ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ ଦେଇଛନ୍ତି। ଏହି ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ ଓ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ୨୦୪୭...

ଲକ୍ଷ ରିହାତି ଦିଆଯିବ। ଏଲେକ୍ଟ୍ରିକ ବସ ଓ ଟ୍ରକରେ ୨୦ ଲକ୍ଷ ପର୍ଯ୍ୟନ୍ତ ରିହାତି ଦେବେ ସରକାର।

ଇଭି ଗାଡି କିଣୁଥିବା ବ୍ୟକ୍ତି ୫ ବର୍ଷ ପର୍ଯ୍ୟନ୍ତ ଏହାକୁ ବିକି ପାରିବେ ନାହିଁ କିମ୍ବା ଏହାର ପଞ୍ଜିକରଣ ପରିବର୍ତ୍ତନ କରିପାରିବେ ନାହିଁ। ନୂଆ ଇଭି ଗାଡି କେବଳ ଲିଥିୟମ-ଇଅନ ବାଟେରୀ ବ୍ୟବହାର କରିପାରିବେ। ଏଥିସହିତ ନୂଆ ନୀତି କାର୍ଯ୍ୟକାରୀ ହେବାର ବର୍ଷକ ମଧରେ ସବୁ ସରକାରୀ ବୋଟକୁ ଇଭିରେ ରୂପାନ୍ତରିତ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସବୁ ସ୍କୁଲ ବସକୁ ବର୍ଷକ ମଧରେ ଇଭି କରାଯିବ। ବର୍ଷକ ମଧରେ ସବୁ ଆମ୍ବୁଲାନ୍ସ ଓ ପିସିଆର ଭ୍ୟାନକୁ ଇଭିରେ ପରିବର୍ତ୍ତନ କରାଯିବ। ରାଜ୍ୟର ସବୁ ପେଟ୍ରୋଲ ପମ୍ପ ଓ ଓଏସଆରଟିସି ବସଷ୍ଟାଣ୍ଡରେ ଇଭି ଚାର୍ଜିଂ ବ୍ୟବସ୍ଥା ରହିବ।

## କୋଉଠି...

ସନ୍ଦେହ ପ୍ରକାଶ ପାଇଛି। ଉପରୋକ୍ତ ପରିମାଣ କେବଳ ସୁନାର ମୂଲ୍ୟ ଅଢ଼େଇ କୋଟି ଟଙ୍କା ହେବ। ରୁପାକୁ ହିସାବକୁ ନେଲେ ମୂଲ୍ୟ ୫ କୋଟି ଛୁଇଁବ। ଏହି ୫ କୋଟି ଟଙ୍କାର ସୁନାରୁପା କେଉଁଠି ଓ କାହିଁକି ଖର୍ଚ୍ଚ କଲେ ସେ ନେଇ ବିବାଦ ସୃଷ୍ଟି ହୋଇଛି। ଶ୍ରୀଜଗନ୍ନାଥ ମନ୍ଦିର ରୁଲ୍, ୧୯୬୦ ଅନୁଯାୟୀ ଦାନ ସୁନା ଓ ରୁପା ରତ୍ନ ଭଣ୍ଡାରରେ ରଖାଯିବ। କିନ୍ତୁ ଏହି ନିୟମକୁ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ମାନୁ ନାହାନ୍ତି। ଏହାକୁ ରତ୍ନଭଣ୍ଡାରରେ ନ ରଖି ଲକର ଓ ନିଜ କାର୍ଯ୍ୟାଳୟରେ ରଖୁଛନ୍ତି। ଫଳରେ ମନଇଚ୍ଛା ଖର୍ଚ୍ଚ କରୁଥିବା ଦର୍ଶାଇ ହରିଲୁଟ୍ କରୁଛନ୍ତି। ଯେଉଁଥିପାଇଁ ଏହି ଖର୍ଚ୍ଚକୁ ନେଇ ଅଧିକାରୀଙ୍କ ଉପରକୁ ଆଙ୍ଗୁଠି ଉଠିଛି। ନିୟମ ମୁତାବକ ଯଦି ରତ୍ନ ଭଣ୍ଡାରରେ ରଖାଯାଏ ତେବେ ରଖିବା ବେଳେ ଓ ବାହାର କରିବା ବେଳେ ରତ୍ନ ଭଣ୍ଡାର କମିଟିର ଅନୁମୋଦନ ନେବାକୁ ପଡ଼ିବ। ଅର୍ଥାତ୍ କେତେ ସୁନା ଗଲା କେତେ ସୁନା ରହିଲା ତା'ର ହିସାବ କମିଟି ପାଖରେ ରହିବ। ଏଣୁ ଅଧିକାରୀମାନେ ଏହି ଖର୍ଚ୍ଚରେ ମନମାନୀ କରିପାରିବେ ନାହିଁ। ସେଥିପାଇଁ ଅଧିକାରୀମାନେ ଆଜି ପର୍ଯ୍ୟନ୍ତ ରତ୍ନଭଣ୍ଡାରରେ ଦାନ ସୁନା ରଖୁନାହାନ୍ତି। ଏବେ ବି ସୁନା ଲକର ଓ ନିଜ ପାଖରେ ରଖୁଛନ୍ତି। ରତ୍ନଭଣ୍ଡାର ଗଣତି ମଣତି ପ୍ରସଙ୍ଗକୁ ହାଇକୋର୍ଟ ନେଇଥିବା ଚର୍ଚ୍ଚିତ ଓକିଲ ଦିଲିପ ବରାଳ ଏ ନେଇ ପୁରୀ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ସେ ଲେଖିଛନ୍ତି ଶ୍ରୀମନ୍ଦିର ରୁଲ୍ ଅନୁଯାୟୀ ଯେତେସବୁ ସୁନା ରୁପା ଦାନ ଆସୁଛି ତାହାକୁ ରତ୍ନ ଭଣ୍ଡାରରେ ରଖାଯାଉ। ଯେବେଯେବେ ଆବଶ୍ୟକତା ପଡ଼ୁଛି ସେବେସେବେ ରତ୍ନଭଣ୍ଡାର କମିଟିର ଅନୁମତି ନିଆଯାଉ। ଠାକୁରଙ୍କ ରତ୍ନକୁ ଏଭଳି ହରିଲୁଟ୍ କରାନଯାଉ।

## କୁଜଙ୍ଗ ବ୍ଲକର ତଳିଆ ଅଞ୍ଚଳରେ ବନ୍ୟାଜଳ



**ପାରାଦ୍ୱୀପ,୯।୯ (ସଂଚାର ବ୍ୟୁରୋ):** କୁଜଙ୍ଗ ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳ ଓ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବନ୍ୟାଜଳ ଦେଖିବାକୁ ମିଳିଛି। ମହାନଦୀ ଓ ପାଇକା ନଦୀରେ ବନ୍ୟା ଆସିବାରୁ କୁଜଙ୍ଗ ବ୍ଲକର ଜିଲ୍ଲାନାସି, ବାଲିକଣି, କାଠକୋଟ, ହଂସୁରା, କୁଜଙ୍ଗ ଆଦି ପଂଚାୟତରେ ବ୍ୟାପକ ଭାବେ ଧାନ ଚାଷ ଓ ଫସଲ ପ୍ରଭାବିତ ହୋଇଛି। ଏହି ସବୁ ପଞ୍ଚାୟତରେ ଜଳବନ୍ଦୀ ଦେଖାଯାଇଛି। ବିଶେଷ କରି ଜିଲ୍ଲାନାସିର ସାହାରାଡିଆ ଓ ବରିହାଡିଆ କୁଜଙ୍ଗ ଅଞ୍ଚଳର ପନିପରିବା ପାଇଁ କେନ୍ଦ୍ରସ୍ଥଳୀ ହୋଇଥିବା ବେଳେ ବନ୍ୟାଜଳରେ ଫସଲ ସବୁ ନଷ୍ଟ ହୋଇଯାଇଛି। ହେକ୍ଟର ହେକ୍ଟର ଚାଷ ଜମି ବନ୍ୟାଜଳରେ ବୁଡି ଯାଇଛି। ସେହିପରି ରାହାମା ଅଞ୍ଚଳର ହରିପୁର, ବାଲିକଣି ମଧ ବନ୍ୟାପାଣି ଘେରରେ ରହିଛି।

## କୁନି ଓଡ଼ିଶୀ ନୃତ୍ୟଶିଳ୍ପୀ ‘ଶ୍ରୀୟାନ’ ଜାତୀୟ ମଞ୍ଚରେ ସାଉଁଟିଛନ୍ତି ପ୍ରଶଂସା



**ବ୍ରହ୍ମପୁର,୯।୯ (ସଂଚାର ବ୍ୟୁରୋ):** କଅଁଳ ବୟସରୁ କୁନି କୁନି ପାଦରେ ଘୁଙ୍ଗୁର ବାନ୍ଧିଛନ୍ତି। ଆଜି ଓଡ଼ିଶୀ ନୃତ୍ୟକୁ ସେ ଯେମିତି ସାଧନା ବୋଲି ଭାବି ନେଇଛନ୍ତି। ଏଭଳି ଜଣେ କୁନି ନୃତ୍ୟଶିଳ୍ପୀ ହିଞ୍ଜିଳିକାଟୁର ସୁନୀଲ ନାହାକ ଓ ସଂଗୀତା ରାଣୀ ନାହାକଙ୍କ ପୁଅ ଶ୍ରେୟାନ ନାହାକ। ଖୁବ୍ କମ୍ ବୟସରୁ ତାଙ୍କର ନୃତ୍ୟ ପ୍ରତି ଆଗ୍ରହ ସଭିଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଆଜିକାଲି ମୋବାଇଲ ଯୁଗରୁ ବାହାରି ପିଲାଙ୍କୁ କଳା ପ୍ରତି ମନୋଭାବ ନେବା ଏହା ଏକ ସମାଜ ପାଇଁ ଉଦାହରଣ ସୃଷ୍ଟି କରେ। ମାତ୍ର ୫ ବର୍ଷ ବୟସ ହୋଇଥିଲେ ମଧ ଜାତୀୟ ମଞ୍ଚରେ ନୃତ୍ୟ କରି ସେ ବେଶ୍ ପ୍ରଶଂସା ସାଉଁଟି ପାରିଛନ୍ତି। ପାରାଦୀପର ଆଇଓସିଏଲ୍ ଟାଉନସିପ୍ ଠାରେ ନୃତ୍ୟ ପରିବେଷଣ କରି ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ଏହି କୁନି କଳାକାର। ଦଳୀୟ ନୃତ୍ୟ ବା ଏକକ ନୃତ୍ୟରେ ନିଜର ବେଶ୍ ଦକ୍ଷତା ପ୍ରତିପାଦନ କରି ପାରିଛନ୍ତି। ଭୁବେଶ୍ୱରରେ ଗୁରୁଶ୍ରୀ ଶାଶ୍ୱତ ଯୋଶୀଙ୍କ ଲାସ୍ୟକଳା ଅନୁଷ୍ଠାନର ବାର୍ଷିକ ଉତ୍ସବରେ ମଧ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରାଇ ପାରିଛନ୍ତି।

## ଡିଜିପିଙ୍କ ଦ୍ୱାରା ସ୍ପେଶାଲ୍ ପବ୍ଲିକ୍ ପ୍ରୋସିକ୍ୟୁଟର ପାର୍ଥସାରଥୀ ସମ୍ମାନିତ



**ଯାଜପୁର,୯।୯ (ସଂଚାର ବ୍ୟୁରୋ):** ନୂଆ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଆଇନ୍ ପ୍ରଚଳ ହେବା ପରେ, ଯାଜପୁର ପୋକ୍ସୋ କୋର୍ଟର ସ୍ପେସିଆଲ୍ ପବ୍ଲିକ୍ ପ୍ରୋସିକ୍ୟୁଟର ପାର୍ଥସାରଥୀ ରାୟ ୨ଗୋଟି ପୋକ୍ସୋ କେସର ସଫଳ ପରିଚାଳନା କରିଥିଲେ। ତାଙ୍କର ସୂକ୍ଷ୍ମ ପ୍ରସ୍ତୁତି, ପ୍ରମାଣ ସାବ୍ୟସ୍ତ ଓ ଆଇନଗତ ଯୁକ୍ତିରେ, ଦୁଇଜଣ ଅଭିଯୁକ୍ତଙ୍କୁ ଦଣ୍ଡିତ କରିବାରେ କୋର୍ଟ ସମର୍ଥ ହୋଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ପାଇଁ, ଆଜି ଓଡ଼ିଶାର ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବହାଦୁର ଖୁରାନିଆ ଦ୍ୱାରା ଶ୍ରୀ ରାୟ ସମ୍ମାନିତ ହୋଇଛନ୍ତି। ଏହି ସମ୍ମାନ କେବଳ ତାଙ୍କୁ ପ୍ରେରଣା ଦେଇନାହିଁ, ବରଂ ଅନ୍ୟାୟ ବିରୋଧରେ ନ୍ୟାୟର ପଥରେ ତାଙ୍କ ଲଢେଇକୁ ଆହୁରି ଦୃଢ଼ କରିଛି ।

## ଶିକ୍ଷୟିତ୍ରୀ ସୁଜାତାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର




**ହିଞ୍ଜିଳିକାଟୁ,୯।୯ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସୁଜାତା ପ୍ରଧାନଙ୍କୁ ରାଜ୍ୟସ୍ତରୀୟ ‘ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର’ ପ୍ରଦାନ କରାଯାଇଛି। ଗୁରୁଦିବସରେ ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଏହି ପୁରସ୍କାର ସେ ଗ୍ରହଣ କରି ନିଜକୁ ଖୁସିବ୍ୟକ୍ତ କରିଛନ୍ତି। ତାଙ୍କର ବିଦ୍ୟାଳୟ ପ୍ରତି ଥିବା ଉତ୍ସର୍ଗୀକୃତ ମନୋଭାବ ଓ ତାଙ୍କ ପରାମର୍ଶରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବିଜ୍ଞାନ ବିଷୟରେ ବିଦ୍ୟାର୍ଥୀ ମାନେ ଅଧିକ ନମ୍ବର ରଖିବାରେ ସକ୍ଷମ ହୋଇଛନ୍ତି। ଖବର ପ୍ରଚାରିତ ହେବା ପରେ ଶିକ୍ଷୟିତ୍ରୀ ସୁଜାତା ପ୍ରଧାନଙ୍କୁ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ତଥା ରାୟଗଡା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନୀ, ବିଦ୍ୟାଳୟର ସହପାଠୀ ଶିକ୍ଷକ/ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି । ଏହା ହିଞ୍ଜିଳିକାଟୁ ସହର ପାଇଁ ଏକ ଗର୍ବ ଓ ଗୌରବର ବିଷୟ ଅଟେ ।

# ଯାଜପୁରର ଉନ୍ନତି ରାଜନୀତି ପଶାପାଲିରେ ବନ୍ଦୀ



**ଯାଜପୁର,୯।୯ (ସଂଚାର ବ୍ୟୁରୋ):** ଯାଜପୁର ସହରର ଉନ୍ନତି ପ୍ରକଳ୍ପଗୁଡ଼ିକ ଦଳୀୟ ଟାଣାଟଣିରେ ବନ୍ଦି ହୋଇପଡ଼ିଛି। ବିଜେଡି ଦଳର ଉପ-ସଭାପତି ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସମୟରେ ଆରମ୍ଭ ହୋଇଥିବା ଅନେକ ପ୍ରକଳ୍ପ ବର୍ତ୍ତମାନର ବିଜେପି ସରକାର ସମ୍ପୂର୍ଣ୍ଣ କରିପାରିନାହାନ୍ତି। ଏଥିରୁ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ବଢ଼ୁଥିବା ସ୍ପଷ୍ଟ।

ସହରର ରାସ୍ତା ପ୍ରଶସ୍ତିକରଣ କାମ ଦୀର୍ଘଦିନ ଧରି ଅଧାରେ ପଡ଼ିରହିଛି। ମୁଖ୍ୟ ସଡକରେ ପ୍ରତିଦିନ ଯାତାୟାତରେ ଜାମ୍, ସାଧାରଣ ଲୋକଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ଡ୍ରେନେଜ୍ ପ୍ରଣାଳୀର କାମ ମଧ ସମ୍ପୂର୍ଣ୍ଣ ହୋଇନଥିବାରୁ ବର୍ଷା ହେଲେ ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଯାଉଛି।

ସହର ମଧ୍ୟରେ କୁଶୁମା ନିକଟରେ ତିଆରି ହୋଇଥିବା ପ୍ରଶାସନିକ ଭବନ ଅଧାପନ୍ତରିଆ ହୋଇ ରହିଛି। ଯଯାତି କେଶରୀ ମେଡିକାଲ୍ କଲେଜ ନିକଟରେ ନୂଆକରି ହୋଇଥିବା ବଜାର କମ୍ପ୍ଲେକ୍ସ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପରିନଥିବାରୁ ବ୍ୟବସାୟୀ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ନରସିଂହ ଚୌଧୁରୀ +୨ କଲେଜ ପ୍ରକଳ୍ପ, ବିରଜା ମହିଳା ମହାବିଦ୍ୟାଳୟ ପ୍ରକଳ୍ପ, କୁସୁମାର ସୌନ୍ଦର୍ଯ୍ୟୀକରଣ, ଶିବା ପ୍ରକଳ୍ପ, ଖାଦ୍ୟପରିକ୍ଷା କେନ୍ଦ୍ର ପ୍ରକଳ୍ପ ଆଦି ପ୍ରକଳ୍ପ ମାନ ଅଧାରେ ରହିଯାଇଛି।

ଏହାର ମୁଖ୍ୟକାରଣ ସରକାର ଓ ସ୍ଥାନୀୟ ବିଧାୟକଙ୍କ ମଧରେ ସମନ୍ୱୟ ଅଭାବ। ବିଜେଡି ପକ୍ଷରୁ ଅଭିଯୋଗ ଯେ, ପୂର୍ବତନ ବିଧାୟକଙ୍କ ସମୟରେ ଆରମ୍ଭ ହୋଇଥିବା ପ୍ରକଳ୍ପକୁ ରାଜ୍ୟ ସରକାର ସଠିକ୍ ଭାବରେ ଫଲୋ-ଅପ୍ କରୁନାହାନ୍ତି। ଏନେଇ ବିଜେପି ପକ୍ଷରୁ କୁହାଯାଇଛି ବିପକ୍ଷ ବିଧାୟକ ଥିବାରୁ ସରକାରୀ ଅଧିକାରୀମାନଙ୍କୁ ସହଯୋଗ କରୁନାହାନ୍ତି। ଯାହାକୁ ନେଇ ଲୋକମାନଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ତେବେ ଦଳୀୟ ସ୍ୱାର୍ଥରୁ ଉପରେ ଉଠି ସରକାର ଓ ବିଧାୟକ ଲୋକହିତକୁ ଦୃଷ୍ଟି ଦେବାକୁ ଦାବି ହେଉଛି।



## ଖବର ପ୍ରକାଶ ପରେ ବ୍ରହ୍ମାକୁଣ୍ଡର ସଫେଇ ଆରମ୍ଭ କଲା ଜିଲ୍ଲା ପ୍ରଶାସନ

**ଯାଜପୁର,୯।୯ (ସଂଚାର ବ୍ୟୁରୋ):** ସଂଚାର ଖବର କାଗଜରେ ବ୍ରହ୍ମାକୁଣ୍ଡର ଅବ୍ୟବସ୍ଥିତ ଓ ପରିତ୍ୟକ୍ତ ଅବସ୍ଥାକୁ ନେଇ ଗତକାଲି ସମ୍ବାଦ ପ୍ରକାଶ ପାଇଲା ପରେ ଜିଲ୍ଲା ପ୍ରଶାସନ ତାହାକୁ ଗୁରୁତ୍ୱର ସହିତ ନେଇଛନ୍ତି। ଆଜି ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଚାଲିଥିଲା ଏବଂ ବ୍ରହ୍ମାକୁଣ୍ଡରେ ମାଳିନ୍ୟ ହଟାଇ ସଫା କରାଗଲା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଦୀର୍ଘଦିନ ଧରି ପ୍ରଶାସନର ଅବହେଳାରେ କୁଣ୍ଡ ଅବ୍ୟବସ୍ଥିତ ହୋଇପଡ଼ିଥିଲା, କିନ୍ତୁ ସଂଚାର ଖବରରେ ମୁଦ୍ଦା ଉଠିଥିବା ପରେ ପଦକ୍ଷେପ ନିଆହୋଇଛି। ଏହାକୁ ଆଗକୁ ସ୍ଥାୟୀ ଭାବରେ ସୁନ୍ଦରୀକରଣ ପ୍ରଶାସନ କରିବା ଉଚିତ।ଜିଲ୍ଲା ପ୍ରଶାସନର ଜଣେ ଅଧିକାରୀ କହିଲେ, “ବ୍ରହ୍ମାକୁଣ୍ଡର ସଫେଇ କାମ ଆରମ୍ଭ ହୋଇଗଲା। ପରବର୍ତ୍ତୀ ଦିନରେ ସୁନ୍ଦରୀକରଣ ପାଇଁ ପ୍ରକଳ୍ପ କରାଯିବ।

## ଦ୍ୱନ୍ଦ୍ୱରେ ଛାତ୍ର ସଂସଦ ନିର୍ବାଚନ
# ଚିନ୍ତାରେ ଆଶାୟୀ ଓ ଛାତ୍ର ସଂଗଠନ



**ହିଞ୍ଜିଳିକାଟୁ,୯।୯ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ମହାବିଦ୍ୟାଳୟଗୁଡିକରେ ଛାତ୍ରସଂସଦ ନିର୍ବାଚନ ହେବା ନେଇ ଖୋଦ ଉଚ୍ଚଶିକ୍ଷାମନ୍ତ୍ରୀ ଘୋଷଣା କରିବାପରେ ବିଭିନ୍ନ ଛାତ୍ର ସଂଗଠନ ସକ୍ରିୟ ହୋଇ ଉଠିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଏ ନେଇ କୌଣସି ବିଜ୍ଞପ୍ତି ପ୍ରକାଶପାଇନଥିବା ବେଳେ ହିଞ୍ଜିଳିକାଟୁ ସ୍ୱୟଂ ଶାସିତ ବିଜ୍ଞାନ ମହାବିଦ୍ୟାଳୟରେ ନିର୍ବାଚନ ଲଢ଼ିବା ପାଇଁ ଆଶାୟୀଥିବା ଛାତ୍ରଛାତ୍ରୀ ମାନେ ଦ୍ୱନ୍ଦରେ ଅଛନ୍ତି। ସାଧାରଣତଃ ଦଶହରା ଛୁଟି ପୂର୍ବରୁ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହୋଇଥାଏ। ଦଶହରା ଛୁଟିର ତିନି ସପ୍ତାହ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ କରାଯାଇ ପ୍ରକ୍ରିୟା ଆରମ୍ଭ କରାଯାଏ। ମାତ୍ର ଏଥର ସେମିତି କିଛି ସଙ୍କେତ ମିଳୁନାହିଁ। ବର୍ତ୍ତମାନ ସମସ୍ତେ ଗୁମ୍‌ସୁମ୍ ରହିଥିବା ବେଳେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଦ୍ୱନ୍ଦ୍ୱରେ ରହିଛନ୍ତି।

୨୦୧୭ ମସିହାରେ ଶେଷ ଥର ପାଇଁ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ୨୦୧୮ରୁ କୋଭିଡ୍, ଆଇନ୍‌ଶୃଙ୍ଖଳା ପରିସ୍ଥିତି, ଶୈକ୍ଷିକ ବାତାବରଣର ଆଳ ଦେଖାଇ ପ୍ରାୟ ୭ବର୍ଷ ହେବ ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହୋଇନାହିଁ। ବିରୋଧୀ ଦଳରେ ଥିବାବେଳେ ବିଜେପି ଓ ଏବିଭିପି ସମେତ ବିଭିନ୍ନ ଅଣ ବିଜେଡି ଛାତ୍ର ସଂଗଠନ ଓ ରାଜନୈତିକ ଦଳ ଛାତ୍ର ସଂସଦ ନିର୍ବାଚନ ଲାଗି ବର୍ଷବର୍ଷ ଧରି ଦାବି କରିଆସୁଥିଲେ।

## ସୋଆ ପ୍ରତିଷ୍ଠାତା ସଭାପତିଙ୍କ ଦ୍ୱାରା ‘ଡିକୋଡିଙ୍ଗ କର୍ମ-ଫ୍ରମ୍ ବାର୍ଥ ଟୁ ରିବାର୍ଥ’ ପୁସ୍ତକ ଉନ୍ମୋଚିତ




**ଭୁବନେଶ୍ୱର,୯।୯ (ସଂଚାର ବ୍ୟୁରୋ):** ମୁଁ କିଏ? ମୁଁ କେଉଁଠାରୁ ଆସିଛି? ମୃତ୍ୟୁ ପରେ ମୋ ସହିତ କ’ଣ ହେବ? ଏହା ହୁଏତ ଅତ୍ୟଧିକ ଦାର୍ଶନିକ ପ୍ରଶ୍ନ ହୋଇପାରେ, କିନ୍ତୁ ଏଭଳି ପ୍ରଶ୍ନକୁ ନେଇ ଆତ୍ମଚିନ୍ତନ କଲେ ନିଜ ମନରେ ବେଶ ପରିବର୍ତ୍ତନ ଆସିପାରିବ ବୋଲି କହିଛନ୍ତି ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଉରକେଲାର ପୂର୍ବତନ ପ୍ରଫେସର ତଥା ଲେଖକ ପ୍ରଫେସର (ଡକ୍ଟର) କାହ୍ନୁଚରଣ ପାତ୍ର। ଏହି ସବୁ ଦାର୍ଶନିକ ପ୍ରଶ୍ନର ଉତର ଖୋଜିବାକୁ ଯାଇ ପ୍ରଫେସର (ଡକ୍ଟର) ପାତ୍ର ‘ଡିକୋଡିଙ୍ଗ କର୍ମ-ଫ୍ରମ୍ ବାର୍ଥ ଟୁ ରିବାର୍ଥ’ ନାମକ ଏକ ପୁସ୍ତକ ରଚନା କରିଥିବା ବେଳେ ମଙ୍ଗଳବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ପୁସ୍ତକଟିକୁ ଚାରି ଭାଗରେ ବିଭକ୍ତ କରାଯିବା ସହ ଜୀବନର ଅର୍ଥ ଏବଂ ମଣିଷ କିଭଳି ଭାବେ ଜୀବନ ଅତିବାହିତ କରିବା ଉଚିତ୍ ସେ ସମ୍ପର୍କରେ ଅଧିକ ବ୍ୟାଖ୍ୟା କରାଯାଇଛି ବୋଲି ପ୍ରଫେସର (ଡକ୍ଟର) ପାତ୍ର କହିଛନ୍ତି। ପୁସ୍ତକଟିକୁ ଜ୍ଞାନଯୁଗ ପ୍ରକାଶନ ପକ୍ଷରୁ ପ୍ରକାଶିତ କରାଯାଇଛି।

## ସାପ କାମୁଡ଼ାରେ ଭାଇ ଭଉଣୀ ମୃତ

**ଉମରକୋଟ,୯।୯ (ସଂଚାର ବ୍ୟୁରୋ):** ବିଷାକ୍ତ ସାପ କାମୁଡ଼ାରେ ଦୁଇ ଭାଇ ଭଉଣୀ ମୃତ, ଏହିଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ରାଜପୁର ଗ୍ରାମରେ। ଠିକ୍ ସମୟରେ ସାପ କାମୁଡି ଥିବା ଦୁଇ ଶିଶୁଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ପରିବର୍ତ୍ତେ ଗୁଣିଆ ପାଖକୁ ନେଇଥିଲେ ଯାହା ଫଳରେ ସମୟ ନଷ୍ଟ ହୋଇଥିଲା। ଯେତେବେଳେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଗଲା ବିଳମ୍ବ ହୋଇଯାଇଥିଲା। ଫଳରେ ଦୁଇ ଶିଶୁଙ୍କ ଜୀବନ ଅକାଳରେ ଚାଲି ଯାଇଥିଲା। କେବଳ ସଚେତନତା ଅଭାବ ଯୋଗୁଁ ଦୁଇ ଶିଶୁ ମୃତ୍ୟୁବରଣ କରିଥିଲେ। ଅନ୍ୟ ପକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିୟମିତ ସଚେତନ କରାଯାଉଛି ହେଲେ ଲୋକମାନେ ଚିକିତ୍ସାଳୟ ଆଣିବାରେ ବିଳମ୍ବ କରୁଥିବା ଯୋଗୁଁ ଏହି ଭଳି ଅଘଟଣ ଘଟୁଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟୁତ ମଜଦୁର ମହାସଂଘର ବିକ୍ଷୋଭ



**ନୟାଗଡ଼,୯।୯ (ସଂଚାର ବ୍ୟୁରୋ):** ଅଖିଳ ଭାରତୀୟ ବିଦ୍ୟୁତ ମଜଦୁର ମହାସଂଘ ନିଷ୍ପତିକ୍ରମେ ସର୍ବଭାରତୀୟ ସ୍ତରରେ ଏକ ୬ ଦଫା ଓ ଓଡିଶା ରାଜ୍ୟ ସ୍ତରୀୟ ୪ଦଫା ଦାବୀ ସମ୍ମିଳିତ ସ୍ମାରକ ପତ୍ର କେନ୍ଦ୍ରୀୟ ଶକ୍ତିମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀଙ୍କୁ ମଧ ୪ଦଫା ଦାବୀ ସମ୍ମିଳିତ ଏକ ସ୍ମାରକପତ୍ର ଓଡ଼ିଶାର ସମସ୍ତ ଜିଲ୍ଲାପାଳଙ୍କ ମାଧମରେ ସମ୍ପାଦକ ସତ୍ୟବ୍ରତ ପରିଡା, ଭାରତୀୟ ମଜଦୁର ସଙ୍ଘ ତଥା ସାଧାରଣ ସମ୍ପାଦକ, ଅଖିଳ ଓଡିଶା ବିଦ୍ୟୁତ ମଜଦୁର ମହାସଂଘଙ୍କ ପୌରାହିତ୍ୱରେ ପ୍ରଦାନ କରାଯାଇଛି । ଏଥିସହିତ ଶାନ୍ତିପୂର୍ଣ୍ଣ ଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ମଧ କରିଥିଲେ।

ଦାବି ପତ୍ରରେ ଏନପିଏସ ଓ ୟୁପିଏସ ବଦଳରେ ପୁରୁଣା ପେନସନ ପୁନଃ ଲାଗୁ କରିବା, ଏକ ଦେଶ, ଏକ ଗ୍ରୀଡ଼, ଏକକ ଚାକିରୀ ସର୍ଭାବଳୀ ଲାଗୁକରିବା, ତ୍ରି-ପାକ୍ଷିକ ଶିଳ୍ପ ସମିତି ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବିତ୍ତରଣ କ୍ଷେତ୍ରରେ ସୃଷ୍ଟି କରିବା, ବିଦ୍ୟୁତ କ୍ଷେତ୍ରରେ ଘରୋଇକରଣକୁ ବନ୍ଦ କରିବା, ବିଦ୍ୟୁତ କ୍ଷେତ୍ରରେ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ ସହିତ ସମାନ କାର୍ଯ୍ୟ ପାଇଁ ସମାନ ଦରମା ଲାଗୁକରିବା, ଘରୋଇକରଣ ବଦଳରେ ସରକାରୀ ବିଦ୍ୟୁତ ସଂସ୍ଥା ମାଧମରେ ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବିତରଣ ପାଇଁ ବ୍ୟବସ୍ଥା କରିବା, ଓଡିଶାରେ କେନ୍ଦ୍ରୀୟ ଦରମା ସଂହିତା-୨୦୧୯ ଲାଗୁ କରିବା, କର୍ମଚାରୀଙ୍କୁ ନିଜ ଘର ପାଖାପାଖି ସ୍ଥାନକୁ ବଦଳି କରିବା, ସେସୁ ସମୟରେ ଚାକିରୀରେ ଯୋଗଦାନ କରିଥିବା କର୍ମଚାରୀଙ୍କ ପାଇଁ ଇପିଏଫ ବଦଳରେ ଏନପିଏସ/ ୟୁପିଏସ ବ୍ୟବସ୍ଥା ପ୍ରଚଳନ ଆଦି ଦାବି କରାଯାଇଛି।

## ବ୍ରାଉନ ସୁଗର ଜବତ, ୨ ଗିରଫ



**ପାରାଦୀପ,୯।୯ (ସଂଚାର ବ୍ୟୁରୋ):** ରାଜ୍ୟରେ ଅପେରସନ ‘ପ୍ରହାର’ ଚାଲିଥିବା ବେଳେ କୁଜଙ୍ଗ ଥାନା ପୁଲିସ ବିଭିନ୍ନ ଅଂଚଳରେ ନିଶା ବ୍ୟବସାୟୀଙ୍କ ଆଡ୍ଡା ସ୍ଥଳରେ ଚଢ଼ାଉ କରି ୨ ଜଣ ନିଶା ବ୍ୟବସାୟୀଙ୍କୁ ଗିରଫ କରିବା ସହ ୧୬.୫୨ ଗ୍ରାମ ବ୍ରାଉନସୁଗାର ଯାହାର ମୂଲ୍ୟ ଆନୁମାନିକ ୧ ଲକ୍ଷ ୭୦ ହଜାର ଟଙ୍କା ହେବ। ଏଥିସହିତ ନଗଦ ୧୭ ହଜାର ୪ ଶହ ଟଙ୍କା ଓ ଦୁଇଟି ମୋବାଇଲ ଫୋନ ଜବତ କରିଛି। ଏହି ବ୍ରାଉନ ସୁଗାର କାରବାରରେ ସମ୍ପୃକ୍ତି ନେଇ ଗିରଫ ଦ୍ୱୟ ହେଲେ ଚଟୁଆ ପଂଚାୟତ ନରେନ୍ଦ୍ରପୁରର ବିକାଶ ନାୟକ ଓ ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଂଚଳର ପ୍ରକାଶ କୁଆଁର। ଗତକାଲି କୁଜଙ୍ଗ ଥାନା ପୁଲିସ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତିର୍ତୋଲ ଏସଡିପିଓ ଚିନ୍ମୟ ରାଉତ ଓ ଥାନା ଆଇଆଇସି ବଂଶୀଧର ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି।

## ‘ଏକ୍ ପେଡ୍ ମା’ କେ ନାମ୍’ ପ୍ରକଳ୍ପରେ ଅନିୟମିତତା ଅଭିଯୋଗ



**ନାଉଗାଁ,୯।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ଅବସରରେ ପ୍ରତି ବ୍ଲକର ପଞ୍ଚାୟତମାନଙ୍କରେ ଚାରାରୋପଣ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏହି ନିର୍ଦ୍ଦେଶାନୁସାରେ ନାଉଗାଁର ୧୬ଟି ପଞ୍ଚାୟତରେ ଏକ ପେଡ ମା’ କେ ନାମ ପ୍ରକଳ୍ପ ଜରିଆରେ ଚାରାରୋପଣ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଏହି ଆକ୍ସନ ପ୍ଲାନ ଅନୁସାରେ ୧୬ଟି ପଞ୍ଚାୟତରେ ସ୍ଥାନ ନିରୁପଣ କରାଯାଇଥିବା ବେଳେ ପ୍ରତି ପଞ୍ଚାୟତରେ ୫ ଶହ ଚାରାରୋପଣ କରାଯିବା ପାଇଁ ପତ୍ରରେ ଉଲ୍ଲେଖ ରହିଛି। ଏଥିପାଇଁ ୩୪ ଲକ୍ଷ ୮୮ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ଚାରାରୋପଣ ପାଇଁ ଶ୍ରମିକ ବାବଦକୁ ୧୭ ଲକ୍ଷ ୪୪ହଜାର ଓ ମ୍ୟାଟେରିଆଲ ବାବଦକୁ ୧୭ ଲକ୍ଷ ୪୪ ହଜାର ଟଙ୍କା ରହିଛି। ଏହି ଚାରାରୋପଣ ପାଇଁ ୬ହଜାର ୩୮୮ଟି ଶ୍ରମ ଦିବସ ସୃଷ୍ଟି କରାଯିବାର ବ୍ୟବସ୍ଥା ରହିଛି।

ଏହି ଚାରାରୋପଣ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କରାଯିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ଏହି ପ୍ରକଳ୍ପରେ ଜବକାର୍ଡଧାରୀମାନେ କାର୍ଯ୍ୟ କରିବା ପାଇଁ ନିୟମ ରହିଛି। କିନ୍ତୁ ତାହାର ଓଲଟା ଦୃଶ୍ୟ ଏହି ବ୍ଲକରେ ଦେଖିବାକୁ ମିଳିଛି। ମୋଦିଙ୍କ ଜନ୍ମ ଦିନ ପୂର୍ବରୁ ଏହି ବ୍ଲକର କିଛି ପଞ୍ଚାୟତରେ ଚାରାରୋପଣ କରାଯାଇଥିବା ବେଳେ ଖୋଲାଖୋଲି ଭାବେ ସରକାରଙ୍କ ନିୟମକୁ ଉଲଘଂନ କରିଥିବା ଜଣାଯାଇଛି। ଏହି ବ୍ଲକର କିଛି ପଞ୍ଚାୟତରେ ତରବରିଆ ଭାବେ ଦାଦନ ଶ୍ରମିକ ଓ ମେସିନ ମାଧମରେ ଗାତ ଖୋଳୁଥିବା ବେଳେ ୪ ଫୁଟ ବ୍ୟବଧାନରେ ଚାରାରୋପଣ କରାଯାଉଛି। ସେହିପରି ଖୋଳା ଯାଉଥିବା ଗାତର ଗଭୀର ମାତ୍ର ଚାଳଣ୍ଡେ ରହୁଛି। ଯାହାଫଳରେ ଯେଉଁ ଚାରାରୋପଣ କରାଯାଇଛି ତାହା ମରିବାକୁ ବସିଲାଣି।

ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ନାଉଗାଁ ପଞ୍ଚାୟତର ସାଧୁଗୋସ୍ୱାମୀ ପୀଠ ପରିସର ଓ ଅମୃତ ସରୋବର ବନ୍ଧ ଚତୁଃପାର୍ଶ୍ୱ। ଚାରାରୋପଣ କରାଯାଇଥିବା ବେଳେ ଉକ୍ତ ସୂଚନା ବିଡିଓଙ୍କ ପାଖରେ ନଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଅସ୍ତରଙ୍ଗ ଅଞ୍ଚଳରୁ ଲୋପ ପାଇଲାଣି ଔଷଧୀୟ ବୃକ୍ଷ

**କାକଟପୁର/ଅସ୍ତରଙ୍ଗ,୯।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଉପକୂଳବର୍ତ୍ତୀ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ୧୫ ଗୋଟି ପଂଚାୟତକୁ ନେଇ ଗଠିତ। ପ୍ରାକୃତିକ ମନୋରମ ନୈଶର୍ଗିକ ପରିବେଶ ମଧ୍ୟରେ ରହିଥିବାରୁ ଏହା ସମସ୍ତଙ୍କ ପାଇଁ ଏକ ଆକର୍ଷର କେନ୍ଦ୍ର ବିନ୍ଦୁ ପାଲଟିଛି। ପ୍ରାଚୀନ କାଳରେ ଗାଁର

### ବନ ବିଭାଗ ଦୃଷ୍ଟି ଦେବାକୁ ଦାବି

ବୈଦ୍ୟମାନେ ଗଛର ଚେର, ମୂଳ, ଛେଲି ଓ ପତ୍ର ସଂଗ୍ରହ କରି ବିଭିନ୍ନ ଦୂରାରୋଗ୍ୟରେ ଆକ୍ରାନ୍ତ ଥିବା ରୋଗୀଙ୍କୁ ଚିକିତ୍ସା କରି ରୋଗ ମୁକ୍ତ କରି ପାରୁଥିଲେ। ଆଧୁନିକ ପ୍ରଣାଳୀର ଏଲୋପାଥିକ ଚିକିତ୍ସା ଭାରତକୁ ବ୍ରିଟିଶ ସାମ୍ରାଜ୍ୟର ଅଧିକାରୀମାନେ ଆସିବା ପରେ ଏହାର ପ୍ରଚାର ପ୍ରସାର କରିଥିଲେ। ଧୀରେ ଧୀରେ ଏହି ଗାଁ ବୈଦ୍ୟମାନେ ଆଉ ସେହି ବ୍ୟବସାୟ କରିବାର ଦେଖିବାକୁ ମିଳୁନାହିଁ।




ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ବିଭିନ୍ନ ଗାଁରେ ବୈଦ୍ୟମାନେ ଅସ୍ଥିଶଲ୍ୟ ଚିକିତ୍ସା କରି ବିଭିନ୍ନ ପ୍ରକାର ସେକ ମାଧ୍ୟମରେ ରୋଗୀ ମାନଙ୍କୁ ଉପଯୁକ୍ତ ଭାବରେ ରୋଗ ମୁକ୍ତ କରି ପାରୁଛନ୍ତି। ଏବେ ବି ଆୟୁର୍ବେଦିକ ପ୍ରଣାଳୀରେ ଚିକିତ୍ସା ପଦ୍ଧତି ଚାଲୁ ରହିଛି। ସାଧାରଣ ଲୋକେ ସକାଳୁ ବେଲ ପତ୍ର, ତୁଳସୀ ପତ୍ର, ସଜନା ପତ୍ର, ମେରଶୁଙ୍ଗା ପତ୍ର, ଜାମୁ ପତ୍ର ଆଦି ବିଭିନ୍ନ ପତ୍ର ସେବନ କରିବା ଦ୍ୱାରା ପେଟ ରୋଗରୁ ମୁକ୍ତ ହୋଇପାରୁଛନ୍ତି। ସଜନା ପତ୍ର ଦ୍ୱାରା ଉଚ୍ଚ ରକ୍ତଚାପ ଜନିତ ରୋଗରୁ ରୋଗୀମାନେ ଉପକୃତ ହୋଇପାରୁଛନ୍ତି। ପ୍ରତିଦିନ ଜଙ୍ଗଲ ହେଉ ଅବା ବିଭିନ୍ନ ଗାଁ ଅଂଚଳରୁ ଶହ ଶହ ସଂଖ୍ୟାରେ ଔଷଧୀୟ ବୃକ୍ଷ ଛେଦନ କରାଯାଉ ଥିବାରୁ ଧୀରେ ଧୀରେ ବିଭିନ୍ନ ଗାଁରେ ବୃକ୍ଷଶୂନ୍ୟ ହେବାକୁ ବସିଲାଣି। ଧୀରେ ଧୀରେ ଜଙ୍ଗଲରୁ ଔଷଧୀୟ ବୃକ୍ଷ ଲୋପ ପାଇଯାଉଥିବାରୁ ଗାଁ ବୈଦ୍ୟମାନେ ସେମାନଙ୍କର ବୈଦ୍ୟବୃତ୍ତି ଛାଡି ସାରିଲେଣି। ବିଭିନ୍ନ ଗାଁରେ ଔଷଧୀୟ ଗଛ ଅନେକାଂଶ ଦେଖିବାକୁ ମିଳୁନି।

ଅପରପକ୍ଷରେ ବାରମ୍ବାର ବିଭିନ୍ନ ସଚେତନ ଅନୁଷ୍ଠାନ ଓ ଗଣମାଧମରେ ଚାରା ରୋପଣ କରିବା ପାଇଁ ପ୍ରକାଶ ପାଉଥିଲେ ହେଁ ଏହାକୁ ଉପେକ୍ଷା କରାଯାଉଛି। ନିଜ ଘରବାଡ଼ି, ପଡିଆ, ଜମି ଓ ବିଭିନ୍ନ ଖାଲି ସ୍ଥାନରେ ବ୍ୟାପକ ଚାରା ରୋପଣ ଶହ ଔଷଧୀୟ ବୃକ୍ଷ ଲଗାଇବା ପାଇଁ ଜନ ସଚେତନତା ସୃଷ୍ଟି କରାଯିବା ଅପରିହାର୍ଯ୍ୟ ହୋଇପଡିଛି। ପୁରୀ ଜିଲ୍ଲା ବନ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମର ଔଷଧୀୟ ବୃକ୍ଷ ସୃଷ୍ଟି କରିବା ନିହାତି ଆବଶ୍ୟକ ହୋଇପଡିଛି ବୋଲି ପରିବେଶବିତିମାନେ ମତ ପ୍ରକାଶ କରିଛନ୍ତି।

## ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା ଓ ବାରଣାସୀ ଯାତ୍ରା



**ଖୋର୍ଦ୍ଧା,୯।୯ (ସଂଚାର ବ୍ୟୁରୋ):** ଆଜି ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଅଯୋଧ୍ୟା - ବାରାଣସୀ ବରିଷ୍ଠ ନାଗରିକ ମାନଙ୍କ ତୀର୍ଥଯାତ୍ରା ପର୍ଯ୍ୟଟନ ଅଧିକାରୀ ମୀରା ବେହେରାଙ୍କ ପରିଚାଳନାରେ ଶୁଭାରମ୍ଭ କରାଯାଇଅଛି। ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଓଡ଼ିଶାର ପରମ୍ପରା ସଂସ୍କୃତି ବାହାର ରାଜ୍ୟ ସହ ଆଦାନ ପ୍ରଦାନ ଏବଂ ଆଧାତ୍ମିକତାର ଦିବ୍ୟ ଅନୁଭୂତି ଏହି ଯୋଜନାର ମୂଳ ଲକ୍ଷ୍ୟ ଅଟେ। ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ପ୍ରତିବର୍ଷ ଚାଲୁରହିଛି। ଯେଉଁମାନେ ଚଳିତ ବର୍ଷ ଯାଇପାରି ନାହାନ୍ତି ପୁନଶ୍ଚ ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପାଇଲେ ସେମାନେ ଅନ୍ ଲାଇନ୍ ମାଧମରେ ଆବେଦନ କରି ଏହି ତୀର୍ଥ ଭ୍ରମଣର ସୁଯୋଗ ନେଇ ପାରିବେ ।

ଆଜି ଖୋର୍ଦ୍ଧା ଜିଲ୍ଲାର ୧୬୯ ତୀର୍ଥଯାତ୍ରୀ ଯେଉଁ ମାନଙ୍କ ମଧରେ ସହଯୋଗୀ ତୀର୍ଥଯାତ୍ରୀ ୦୨ ଜଣ, ଦମ୍ପତି ତୀର୍ଥଯାତ୍ରୀ ୭୦ ଜଣ ଏବଂ ଏକକ ତୀର୍ଥଯାତ୍ରୀ ୯୭ ଜଣଙ୍କୁ ନେଇ ବସ ଗୁଡ଼ିକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଠାରୁ ଭୁବେଶ୍ୱରରେ ରେଳ ଷ୍ଟେସନ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସେମାନଙ୍କର ୬ଦିବସୀୟ ତୀର୍ଥ ଯାତ୍ରା ସଫଳ କାମନା କରି ଆନନ୍ଦର ସହ ଖୋର୍ଦ୍ଧା ଫେରିବାକୁ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ରଖି ସବୁଜ ପତାକା ଦେଖାଇ ବସ୍ ଯାତ୍ରାର ଶୁଭାରମ୍ଭ କରିଥିଲେ ।

# ଆଇନ ବଳରେ ସଶକ୍ତ ହୋଇଛନ୍ତି ମହିଳା



**ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ):** ଯୌତୁକ ନିଷେଧ ଆଇନ ୧୯୬୧ ଓ ଘରୋଇ ହିଂସା ଆଇନ ୨୦୦୫ ଦେଶର ମହିଳାମାନଙ୍କୁ ସୁରକ୍ଷା ଦେବା ସହ ସଶକ୍ତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତପ୍ରକାଶ କରିଛନ୍ତି। ଆଜି ଲୋକସେବା ଭବନ ସମ୍ମେଳନ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ଅଧିନିୟମ ୨୦୦୫ ଏବଂ ଯୌତୁକ ନିଷେଧ ଅଧିନିୟମ ୧୯୬୧ ବିଷୟରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ବିପଦ ସମୟରେ ଯିଏ ପାଖରେ ରହି ଆହା କହେ, ସେ ରକ୍ତ ସମ୍ପର୍କ ଠାରୁ ବି ଅଧିକ ନିଜର। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ସଦସ୍ୟମାନେ ନିଜ ନିଜ ପ୍ରଚେଷ୍ଟାରେ ପ୍ରତି ଜିଲ୍ଲାରେ ୫ ଜଣ ନିଃସହାୟ ମହିଳାଙ୍କ ଜୀବନରେ ନୂତନ ଉର୍ଜା ଓ ଉତ୍ସାହ ଆଣନ୍ତୁ ବୋଲି କହିଥିଲେ। ମହିଳାମାନଙ୍କ ନିରାପତ୍ତା ଓ ସୁରକ୍ଷା ମହିଳାକୈନ୍ଦ୍ରିକ ଅର୍ଥନୀତି ଓ ମହିଳା କୈନ୍ଦ୍ରିକ ବିକଶିତ ଓଡ଼ିଶାର ପ୍ରାଥମିକତା ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଦୃଢ଼ ମତ ରଖିଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ତୃଣମୂଳସ୍ତରରେ ମହିଳା ସୁରକ୍ଷା କେସ ସହ ଜଡ଼ିତ ଆହ୍ୱାନଗୁଡିକ ବିଷୟରେ ପ୍ରତିନିଧିମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ଅତିରିକ୍ତ ଶାସନ ସଚିବ ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରତି ଜିଲ୍ଲାର ଶକ୍ତି ସଦନ, ୱାନ ଷ୍ଟପ ସେଣ୍ଟର, ପୋଲିସ ପ୍ରଶାସନିକ, ସୁରକ୍ଷା ଅଧିକାରୀ ଓ ସ୍ବେଚ୍ଛାସେବୀ ଅନୁଷ୍ଠାନର ୧୮୦ ଜଣ ପ୍ରତିନିଧିବୃନ୍ଦ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ବିଶିଷ୍ଟ ଆଇନଜୀବୀ ମାନସୀ ପାଢ଼ୀ ଆଇନଗତ ଢାଞ୍ଚା ଏବଂ ସୁରକ୍ଷା ଅଧିକାରୀଙ୍କ ଭୂମିକା, ଡିଆରଆଇ ଦାଖଲ, କୋର୍ଟ ସମନ୍ୱୟ ଏବଂ ରିପୋର୍ଟିଂ ବ୍ୟବସ୍ଥା ସମ୍ପର୍କରେ, କ୍ଷେତ୍ରସ୍ତରୀୟ ଆହ୍ୱାନ ଏବଂ ସମନ୍ୱୟ ମଡେଲ, ପୋଲିସର ଭୂମିକା ଏବଂ ସେବା ପ୍ରଦାନକାରୀଙ୍କ ଭୂମିକା, ଯୌତୁକ ନିଷେଧ ଆଇନର ସାରାଂଶ, ମୁଖ୍ୟ ବ୍ୟବସ୍ଥା ଏବଂ ଦଣ୍ଡ ବିଧାନ ସମ୍ବନ୍ଧରେ, ଆଇନର ଅଭିଯୋଗ ପରିଚାଳନା, ତଦନ୍ତ ଏବଂ ସମନ୍ୱୟ, ପିଡବ୍ଲୁଡ଼ିଭିଏ ଓ ଡିପି ନିୟମର ଓଭରଲାପିଙ୍ଗ ମାମଲା ସମ୍ବନ୍ଧରେ ୬ଟି ଅଧିବେଶନ ମାଧ୍ୟମରେ ସୂଚନା ଉପସ୍ଥାପନ ପ୍ରଦାନ କରିବା ସହ ବିଶଦ ବିବରଣୀ ରଖିଥିଲେ। ଶେଷରେ ବିଭାଗୀୟ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ମହିଳା ଓ ଶିଶୁ ସୁରକ୍ଷା ନିମନ୍ତେ କର୍ମଶାଳା

# ଦେଶରେ ଓଡ଼ିଶାକୁ ମହିଳା ସୁରକ୍ଷିତ ରାଜ୍ୟ ଭାବେ ଗଢ଼ିବା: ଡିଜିପି



**ଭୁବନେଶ୍ୱର,୯।୯ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ପୋଲିସ ଅପରାଧ ନିରାକରଣ ବିଭାଗ ଆନୁକୂଲ୍ୟରେ ମହିଳା ଓ ଶିଶୁ ସୁରକ୍ଷା ନିମନ୍ତେ ଏକ ଦିନିକିଆ କର୍ମଶାଳା ଭୁବନେଶ୍ୱର ସ୍ଥିତ ପୋଲିସ ଭବନ ଠାରେ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉକ୍ତ କର୍ମଶାଳାକୁ ଉଦଘାଟନ କରିଥିଲେ। ଶ୍ରୀଯୁକ୍ତ ଖୁରାନିଆ ରାଜ୍ୟର ମହିଳା ଏବଂ କନ୍ୟାମାନଙ୍କୁ ସୁରକ୍ଷିତ ରଖିବା ଆମର ପ୍ରାଥମିକ କର୍ତ୍ତବ୍ୟ ବୋଲି ଉଲ୍ଲେଖ କରିଥିଲେ। ଆଗାମୀ ଦିନରେ "ବିକଶିତ ଓଡ଼ିଶା ୨୦୩୬"ର ସ୍ୱପ୍ନକୁ ସାକାର କରିବାରେ ସେମାନଙ୍କ ଭୂମିକା ଅତୁଳନୀୟ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହ ଆଗାମୀ ଦିନରେ ସାରା ଦେଶରେ ଓଡ଼ିଶାକୁ ମହିଳା ସୁରକ୍ଷିତ ରାଜ୍ୟର ଉଦାହରଣ ରୂପେ ପରିଗଣିତ କରିବାକୁ ଓଡ଼ିଶା ପୋଲିସ ପ୍ରତିଶ୍ରୁତିବଦ୍ଧ ବୋଲି ଡିଜିପି ଶ୍ରୀ ଖୁରାନିଆ ପ୍ରକାଶ କରିଛନ୍ତି। ଏହି ଅବସରରେ ଡିଜିପି ସମସ୍ତ ପୋଲିସ ଅଧିକାରୀଙ୍କୁ ମିଳିମିଶି ଏକ ସୁରକ୍ଷିତ ଓଡ଼ିଶା ଗଢ଼ିବା ନିମନ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ସମୟରେ ମହିଳାମାନେ ଧର୍ଷଣ, ଯୌନ ଅତ୍ୟାଚାର, ଘରୋଇ ହିଂସା, ରାସ୍ତାରେ ନିର୍ଯାତନା ଏବଂ ସାଇବର ଅପରାଧର ଶିକାର ହେଉଛନ୍ତି। ଏହା ଆମ ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ ବୋଲି ଡିଜିପି କହିଛନ୍ତି। ଏହାକୁ ରୋକିବାକୁ ପ୍ରତିଟି ସ୍ତରରେ ଯତ୍ନବାନ ହେବାକୁ ଡିଜିପି ପରାମର୍ଶ ଦେଇଥିଲେ । ଏହି ସମ୍ମିଳନୀରେ ଉତ୍ତରପ୍ରଦେଶ ଡିଜିପି ରେଣୁକା ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼ଃ ମିତାଲି ଚିନାରା, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପ୍ରଫେସର ସୁମନ ଦାସ ଭଟ୍ଟମିଶ୍ର, ଡ଼ ସୁଜାତା ମିଶ୍ର, ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସୁମିତ୍ରା ପଟ୍ଟନାୟକ, ଅତିରିକ୍ତ ସଚିବ, ମହିଳା ଓ ଶିଶୁ ବିଭାଗ, ଅନନ୍ୟା ଦାସ, ନିର୍ଦ୍ଦେଶକ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମେନ୍ଦ୍ର ପ୍ରଧାନଙ୍କ ଶୁଭେଚ୍ଛା



**ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ):** ନବନିର୍ବାଚିତ ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍‌ଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ଶ୍ରୀ ପ୍ରଧାନ କହିଛନ୍ତି, ଆପଣଙ୍କର ଜ୍ଞାନ ଓ ବିଶାଳ ଅଭିଜ୍ଞତା ଗଣତନ୍ତ୍ରର ଗାରିମାକୁ ପରିବର୍ଦ୍ଧିତ କରିବ। ଆପଣଙ୍କ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଗଭୀର ପ୍ରତିବଦ୍ଧତା ସଂସଦ ତଥା ଦେଶର ମର୍ଯ୍ୟାଦା ବୃଦ୍ଧି କରିବାରେ ସହାୟକ ହେବ। ଏହି ମର୍ଯ୍ୟାଦାପୂର୍ଣ୍ଣ ପଦବିରେ ରହି ସଂସଦୀୟ କାର୍ଯ୍ୟ ସୁଚାରୁରୂପେ କରି ସଫଳତାର ସହ କାର୍ଯ୍ୟକାଳ ପୂରଣ କରିବେ ବୋଲି ମୋର ଆଶା ରହିଛି। ନିର୍ବାଚିତ ହୋଇଥିବାରୁ ଆପଣଙ୍କୁ ଅନେକ ଅନେକ ଶୁଭକାମନା।

● ଓଡ଼ିଆ ଶ୍ରମିକଙ୍କୁ ହତ୍ୟା ମାମଲା

## ଗୁଜରାଟରେ ହେଲା ଶବ ସତ୍କାର



**ବୈଶିଙ୍ଗା,୯।୯(ସଂଚାର ବ୍ୟୁରୋ):** ମାସକ ପୂର୍ବରୁ ଶେଷ ଥର ଦେଖିଥିଲେ ପୁଅର ମୁହଁ, ସ୍ତ୍ରୀଙ୍କୁ କଥା ଦେଇଥିଲେ ଏଥର ଗଲେ ଭଲ ଦୁଇ ପଇସା ରୋଜଗାର କରି ଘରକୁ ପଠେଇବି। ପୁଅ-ଝିଅଙ୍କ ସହିତ ଶେଷ ଥର ଗାଁ ମାଟିରେ ଖେଳି କହିଥିଲେ ଶୀଘ୍ର ଫେରି ଆସିବି। ହେଲେ ସବୁ ଆଶା ଆଶାରେ ରହିଗଲା। ଦାଦନ ଯାଇ ମୃତ୍ୟୁବରଣ କଲା ପରେ ବି ଫେରି ପାରିଲାନି ବୈଶିଙ୍ଗା ଥାନା ଅଧୀନ କଣ୍ଟିପୁର ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ସାନ ପୁଅ ଉତ୍ତମ ବିକାଶଙ୍କ ମରଶରୀର। ଦିନ ପରେ ଦିନ ବିତିଚାଲିଛି ହେଲେ ଘରେ ଅରନ୍ଧା ବଢ଼ା। କାହାରି ଆଖିରୁ ଶୁଖୁନି ଲୁହ। ପୁଅକୁ ଝୁରିଝୁରି ମୂକ ପାଲଟି ଗଲେଣି ବୃଦ୍ଧ ବାପା-ମା। ସେପଟେ ବ୍ୟାକୁଳ ଚିତ୍କାର କରୁଛି ବିଧବା ସ୍ତ୍ରୀ ଅନ୍ୟପଟେ ପୁଣି ବାପାଙ୍କୁ ଦେଖିବାକୁ ବ୍ୟାକୁଳ ଛୋଟ ପୁଅଝିଅ। ପରିବାରର ଦୁଃଖ ମୁଣ୍ଡକୁ ନେଇ ପୁଅ ବାହାର ରାଜ୍ୟକୁ ଯାଇଥିଲା ଦାଦନ ଖଟିବାକୁ। ଆଶା କରିଥିଲା ଦାଦନ ଖଟି ଗାଁରେ ନିଜ ଗାଁରେ ରହୁଥିବା ପରିବାର ମୁହଁରେ ହସ ଟିକେ ଦେବ। ସେଥିପାଇଁ ଗୁଜରାଟ ଯାଇ ଏକ ଟାଇଲ କମ୍ପାନିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ ଉତ୍ତମ ବିକାଶ। ହେଲେ ପାଖରେ ରହୁଥିବା ନିଜ ରାଜ୍ୟର ସାଙ୍ଗ ହିଁ ମୁଣ୍ଡରେ ଚେଞ୍ଚି ନେଇଗଲା ଜୀବନ। ଏପଟେ ସମ୍ବାଦ ଓ କନକ ନିୟୁଜରେ ଖବର ପ୍ରସାରଣ ପରେ ଗୁଜରାଟରୁ ମୃତଦେହ ଘରକୁ ଆଣିବାକୁ ସବୁ ପ୍ରକାର ବ୍ୟବସ୍ଥା କରିଦେଇଥିଲେ ସ୍ଥାନୀୟ ବିଧାୟକ ଓ ପ୍ରଶାସନିକ ଅଧିକାରୀ। ହେଲେ ଉତ୍ତମ ବିକାଶର ଭାଇ ଶବ ଆଣିବାକୁ ଯାଇ ଗୁଜରାଟ ଯାଇ ପହଁଚିଲା ବେଳକୁ ଶବ ସଢ଼ିବା ଆରମ୍ଭ ହୋଇଯାଇଥିଲା। ପୁଣି ସେଠାରୁ ଆସିବାକୁ ଆହୁରି ୩ଦିନ ଲାଗିଥାନ୍ତା। ଏଠି ପହଁଚିଲା ବେଳକୁ ଶବ ସମ୍ପୂର୍ଣ୍ଣ ପଚିସଢ଼ି ନଷ୍ଟ ହୋଇ ଯାଇଥାନ୍ତା।

## ଦୁଷ୍କର୍ମକାରୀକୁ ୨୦ବର୍ଷ କାରାଦଣ୍ଡାଦେଶ

**ବାରିପଦା, ୯।୯(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଆଡ ହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ପୋକସୋ କୋର୍ଟରେ ଏକ ମହିଳା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତକୁ ୨୦ବର୍ଷର କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀ ଜଣକ ହେଲେ ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବର୍ଡନା ଗ୍ରାମର ବିନୋଦ ରାମ(୩୫)। ସୂଚନାଯୋଗ୍ୟ, ପୀଡିତା ମହିଳାଙ୍କ ସ୍ୱାମୀ ଆନ୍ଧ୍ର ପ୍ରଦେଶର ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ସେ ଗ୍ରାମରେ ଏକୁଟିଆ ରହୁଥିଲେ। ଏହାର ସୁଯୋଗ ନେଇ ଗତ ୧୭/୧୦/୨୦୧୯ରେ ମହିଳାଙ୍କୁ ଆସାମୀ ଜଣକ ଦୁଷ୍କର୍ମ କରିଥିଲେ। ସେ ରାତିରେ ଶୋଇଥିବା ବେଳେ ଆସାମୀ ଜଣକ ଜୋର ଜବରଦସ୍ତ ଘର ମଧ୍ୟକୁ ପ୍ରବେଶ କରି ମହିଳାଙ୍କୁ ଭୁଜାଲି ଦେଖାଇ ଦୁଷ୍କର୍ମ କରିଥିଲେ। ଘଟଣା ବାବଦରେ କାହାକୁ ଜଣାଇଲେ କିମ୍ବା ଥାନାରେ ଅଭିଯୋଗ କଲେ। ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଯାହାକୁ ନେଇ ପୀଡିତା ମହିଳା ଜଣକ ଭୟଭୀତ ହୋଇ ୩/୪ଦିନ ପରେ ସ୍ଥାନୀୟ ରାସଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ପୀଡିତାର ବୟାନ ରେକର୍ଡ କରିଥିଲେ। ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତି କରି ଜଜ୍ ଉପରୋକ୍ତ ଶୁଣାଣୀ କରିଛନ୍ତି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

## ବ୍ରାଉନ ସୁଗର ବେପାରକୁ ବିରୋଧ ଯୋଗୁଁ ଯୁବକଙ୍କୁ ସଙ୍ଘବଦ୍ଧ ଆକ୍ରମଣ

**ଭଦ୍ରକ, ୯।୯(ସଂଚାର ବ୍ୟୁରୋ):** ବ୍ରାଉନ ସୁଗର ବେପାରକୁ ବିରୋଧ ଯୋଗୁଁ ଯୁବକଙ୍କୁ ସଙ୍ଘବଦ୍ଧ ଆକ୍ରମଣ ହୋଇଛି। ପରେ ତାଙ୍କୁ ଉଦ୍ଧାର କରି ଗୁରୁତର ଭାବେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ଏମିତି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନସ୍ଥ ଚରମ୍ପା ବରାଳପୋଖରୀ ଅଞ୍ଚଳରେ। ବସବାସ କରୁଥିବା ଟିକି ନାୟକ ଓ ତାଙ୍କ ମାମୁଁ ମାଧ କାହାଳି ପୂର୍ବରୁ ଏହାକୁ ବିରୋଧ କରିଥିଲେ। ସେ ରାଜ୍ୟ ବାହାରେ ରହୁଥିଲେ। କିଛି ଦିନ ତଳେ ନିଜ ଗାଁ ବରାଳପୋଖରୀକୁ ଆସିଥିବା ବେଳେ ପୂର୍ବ ଶତ୍ରୁତା ରଖିଥିବା ବ୍ରାଉନ ସୁଗର ବେପାରୀମାନେ ସଙ୍ଘବଦ୍ଧ ହୋଇ ଟିକି ନାୟକଙ୍କୁ ଆକ୍ରମଣ କରିଥିଲେ।

# ଅନ୍ତିମ ଯାତ୍ରାରେ ବିଧାୟକ ଢୋଲକିଆ




**ନୂଆପଡା,୯।୯(ସଂଚାର ବ୍ୟୁରୋ):** ଅନ୍ତିମ ଯାତ୍ରାରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କ ପାର୍ଥିବ ଶରୀର। ଆଜି ଅପରାହ୍ନ ୧ ଘଣ୍ଟାରେ ତାଙ୍କ ପାର୍ଥିବ ଶରୀର ଚେନ୍ନାଇରୁ ନୂଆପଡା ଜିଲ୍ଲା ଖରୀଆର ରୋଡ଼ ସହରରେ ପହଞ୍ଚିଥିଲା। ଏହାପରେ ଖରିଆରରୋଡ ସହରରୁ ନୂଆପଡା ସହର ଯାଏ ଦୀର୍ଘ ୧୦ କିମି ଧରି ଶୋଭାଯାତ୍ରା ହୋଇଥିଲା। ପରେ ଖରିଆର ରୋଡ ସ୍ଥିତ ଜ୍ଞାନ ଜ୍ୟୋତି ସ୍କୁଲ ପରିସରରେ ତାଙ୍କ ପାର୍ଥିବ ଶରୀରକୁ ସମସ୍ତେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଶେଷ ଦର୍ଶନ ପାଇଁ ବିଜେଡ଼ିର ସାଂଗଠାନିକ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ବିଜେଡି ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ମିଶ୍ର, ଦିବ୍ୟ ଶଙ୍କର ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ବିଧାୟକ ଅଧିରାଜ ପାଣିଗ୍ରାହୀ, ବର୍ଷାସିଂ ବରିହା, ବରିଷ୍ଠ ବିଜେଡି ନେତା ଲମ୍ବୋଦର ନିଆଲ, ଆୟୁବ ଖାନ, ପିସିସି ସଭାପତି ଭକ୍ତ ଚରଣ ଦାସ,ବିଜେପି ନେତା ବସନ୍ତ କୁମାର ପଣ୍ଡା ପ୍ରମୁଖ ଶେଷ ଦର୍ଶନରେ ସାମିଲ ଥିଲେ। ଏହାପରେ ଦିବଂଗତ ରାଜେନ୍ଦ୍ରଙ୍କ ମରଶରୀରକୁ ସ୍ଥାନୀୟ ଜୋଙ୍କ ନଦୀ କୂଳରେ ଥିବା ଶ୍ମଶାନ ଘାଟରେ ତାଙ୍କର ଅନ୍ତେଷ୍ଟିକ୍ରୀୟା କରାଯିବ। ଆଜି ହଜାର ହଜାର ଲୋକମାନେ ତାଙ୍କର ଶେଷ ଦର୍ଶନ କରିବା ସମୟରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା।

# ହେଟାବାଘ ଆକ୍ରମଣରେ ୧୫ ଆହତ

**କରଞ୍ଜିଆ,୯।୯(ସଂଚାର ବ୍ୟୁରୋ) :** ପୁଣି ହେଟା ବାଘ ଆତଙ୍କ। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଦୁଧିଆଣି ରେଞ୍ଜ ତିନିଟିଆ ଓ ତୁଳସୀପୋଷି ଗାଁରେ ହେଟାବାଘଟି ୧୫ ଜଣଙ୍କୁ ଆକ୍ରମଣ କରି ଆହତ କରିଛି। ସୂଚନାଯୋଗ୍ୟ ଯେ, ସନ୍ଧ୍ୟାରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଦୁଧିଆଣି ରେଞ୍ଜ ତିନିଟିଆ ଓ ତୁଳସୀପୋଷି ଗାଁରେ ହେଟା ବାଘ ଆତଙ୍କ ଖେଳାଇଥିଲା। ୧୫ ଜଣଙ୍କୁ ଆକ୍ରମଣ କରି ଆହତ କରିଥିବା ବେଳେ ମଙ୍ଗଳବାର ସକାଳୁ ସକାଳୁ ଆଉ ଦୁଇ ଜଣଙ୍କୁ ଆକ୍ରମଣ କରିଥିବା ନେଇ ବନ ବିଭାଗ ସୂଚନା ଦେଇଛି। ହେଟା ବାଘ ଆକ୍ରମଣରେ ଜଣେ ଯୁବକ ଓ ଜଣେ ମହିଳା ଆହତ ହୋଇଛନ୍ତି। ଦୁଇ ଆହତଙ୍କୁ ଉଦ୍ଧାର କରି କରଞ୍ଜିଆ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଗାଁରେ ମାଇକ୍ ଯୋଗେ ସଚେତନ କରିବା ସହ ରକ୍ଷକ ଗାଡି ଦ୍ୱାରା ବନ ବିଭାଗର ପାଟ୍ରୋଲିଂ ଜାରି ରଖିଛି।

# ପୁଣି ଆମ ବସ୍ ଦୁର୍ଘଟଣାଗ୍ରସ୍ତ ; ଜେଜେମା, ନାତୁଣୀ ଆହତ




**କଟକ,୯।୯(ସଂଚାର ବ୍ୟୁରୋ):** ପୁଣି ଆମ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଜେଜେମା, ନାତୁଣୀ ଆହତ ହୋଇଛନ୍ତି। କଟକ ଗଣେଶଘାଟ ନିକଟରେ ଆମ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଆହତ ଜେଜେମା ଓ ନାତୁଣୀଙ୍କୁ ସିଟି ହସପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଦେଖିବାକୁ ମିଳିଥିଲା। ବର୍ତ୍ତମାନ ପରିସ୍ଥିତି ସ୍ୱାଭାବିକ ରହିଛି।

ସେହିପରି ଆଜି ୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ଥାନା ଚଟିଲୋ ଗଡ଼ା ଛକ ନିକଟରେ ତେଲ ଟ୍ୟାଙ୍କରକୁ ଧକ୍କା ଦେଲା ଆମ ବସ୍। ଦୁର୍ଘଟଣାରେ ୧୪ଜଣ ଆହତ ହୋଇଛନ୍ତି। ୧୨ ଜଣଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟ ଦୁଇ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବହୁ କଲେଜ ଛାତ୍ରଛାତ୍ରୀ ଆମ ବସ୍ ରେ କଟକରୁ ଟାଙ୍ଗୀ ଯାଉଥିଲେ। ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏକ ତେଲ ଟ୍ୟାଙ୍କରକୁ ପଛପଟୁ ଧକ୍କା ଦେଇଥିଲା ଆମ ବସ୍। ଦୁର୍ଘଟଣା ଅତ୍ୟନ୍ତ ଭୟଙ୍କର ହୋଇଥିଲା। ବସ୍ ର ପଛ ସିଟ୍ ରେ ବସିଥିବା ବହୁ ଛାତ୍ରଛାତ୍ରୀ ଛିଟିକି ପଡ଼ିଥିଲେ। ଆଗରେ ଠିଆ ହୋଇଥିବା ଛାତ୍ରଛାତ୍ରୀ ଗାଡ଼ି ପାଇପରେ ପିଟି ହୋଇ ଗୁରୁତର ହୋଇଛନ୍ତି। ଟାଙ୍ଗୀ ପୋଲିସ ପହଞ୍ଚି ଆହତଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ଦୁର୍ଘଟଣା ପରେ ଜାତୀୟ ରାଜପଥ କିଛି ସମୟ ପାଇଁ ଜାମ ହୋଇଯାଇଥିଲା। ରାସ୍ତା ସ୍ୱାଭାବିକ କରିବାକୁ ନାକେଦମ ହୋଇଥିଲା ପୋଲିସ।

# ବ୍ରାଉନସୁଗର ବେପାରରେ ବାପା-ପୁଅ



**ଜଗତସିଂହପୁର, ୯।୯ (ସଂଚାର ବ୍ୟୁରୋ):** ପୁଲିସ ହାତରେ ପୁଣି ବ୍ରାଉନସୁଗର ବେପାରୀ ଧରା ପଡ଼ିଛନ୍ତି। ଏଥର ବାପ-ପୁଅ ଗିରଫ ହୋଇଛନ୍ତି। ଗିରଫ ବ୍ରାଉନସୁଗର ବେପାରୀ ହେଲେ ଜଗତସିଂହପୁର ଥାନା ଇଟାପଡ଼ାର ନିରଞ୍ଜନ ମହାନ୍ତି(୫୮) ଓ ପୁଅ ପବିତ୍ର ମହାନ୍ତି ଓରଫ୍ ପପୁ(୨୮)। ସେମାନଙ୍କ ଠାରୁ ୪୦ ଗ୍ରାମ ବ୍ରାଉନସୁଗର ଜବତ କରିଛି ପୁଲିସ। ଜବତ ବ୍ରାଉନସୁଗାର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ସେହିପରି ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି। ଇଟାପଡ଼ାରେ ଥିବା ଏକ ଦୋକାନରେ ବାପ-ପୁଅ ବ୍ରାଉନସୁଗାର ବିକ୍ରି କରୁଥିଲେ ବୋଲି ଜଣାପଡ଼ିଛି। ପପୁ ନାଁରେ ୨୦୧୬ ମସିହାରେ ଜଗତସିଂହପୁର ଥାନାରେ ଏକ ହତ୍ୟା ଉଦ୍ୟମ ମାମଲା ରହିଥିବା ଏସଡିପିଓ ଆଜିଙ୍କ୍ୟା ମାଣେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ମାମଲା

## ୩୪୯ ପୃଷ୍ଠାର ଚାର୍ଜସିଟ୍ ଦାଖଲ

**ବାଲେଶ୍ୱର,୯।୯(ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଚାର୍ଜସିଟ୍ ଦାଖଲ କରାଯାଇଛି। ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି। ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଥିବା ଏଚ୍‌ଓଡି ସମୀର ସାହୁ ଓ ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ବିରୋଧରେ ଚାର୍ଜସିଟ ଦାଖଲ ହୋଇଛି। ଉଭୟଙ୍କର ଜାମିନ ଜିଲ୍ଲା ଦୌରାଜଜ୍ କୋର୍ଟରେ ଖାରଜ ହୋଇଥିବା ବେଳେ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରାଯାଇଛି। ଘଟଣାରେ ୧୨୦ଜଣ ସାକ୍ଷୀଙ୍କ ବୟାନ ସହ ୩୪୯ ପୃଷ୍ଠା ସମ୍ବଳିତ ଚାର୍ଜସିଟ୍ ଦାଖଲ କରାଯାଇଛି।

# ଆଉ ଉପସ୍ଥାନ ଖାତା ରହିବନି, ଏଥର ବାୟୋମେଟ୍ରିକ୍

ଠକ ଅଧିକାରୀ ଛାନିଆ
ନ୍ୟାୟ ପାଇବେ ହିତାଧିକାରୀ



**ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ):** କୌଣସି ସରକାରୀ କାର୍ଯ୍ୟାଳୟରେ ଆଉ ରହିବନି ଉପସ୍ଥାନ ଖାତା। ଆସନ୍ତା ୧୫ ତାରିଖରୁ ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ କରିଛନ୍ତି ସରକାର। ସରକାରଙ୍କ ପାଖରୁ ସମସ୍ତ ଜିଲ୍ଲାପାଳ ଓ କମିସନରମାନଙ୍କ ପାଖକୁ ନିର୍ଦ୍ଦେଶ ଆସିବା ଠକ ଅଧିକାରୀ ଛାନିଆ ହୋଇଛନ୍ତି। ବିଭିନ୍ନ କାମ ବାହାନାରେ ନିଜର ବ୍ୟକ୍ତିଗତ କାମ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଯେଉଁଠି ମେସିନ୍ ଅଚଳ ଅଛି ସେ ସବୁକୁ ତୁରନ୍ତ ସଚଳ କରିବାକୁ କୁହାଯାଇଛି। ଯେଉଁଠି ନାହିଁ, ସେଠାରେ ତୁରନ୍ତ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୪ ତାରିଖ ପରଠାରୁ ବାୟୋମେଟ୍ରିକ୍ ଉପସ୍ଥାନ ଆଧାରରେ 'ୱାର୍କ ସାର୍ଟିଫିକେଟ୍' ପ୍ରସ୍ତୁତ କରାଯିବ। ସେହି ଅନୁସାରେ ପ୍ରସ୍ତୁତ ହେବାକୁ ସବୁ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମେ ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ତତ୍ପର ହେବା ସହ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟାଧିକାରୀ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟାଧିକାରୀ, ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ, ଆଇଡିଏଚ୍ ଅଧିକ୍ଷକଙ୍କୁ ପତ୍ର ଲେଖି ତାଗିଦ୍ କରିଥିଲେ। ୧୫ ତାରିଖ ସୁଦ୍ଧା ସବୁ କେନ୍ଦ୍ରରୁ ଉପସ୍ଥାନ ଖାତା ହଟାଇ ବାୟୋମେଟ୍ରିକ୍ ଉପସ୍ଥାନ କଡ଼ାକଡ଼ି କରିବାକୁ କହିଥିଲେ। ନ ହେଲେ ସମ୍ପୃକ୍ତ ଅଧିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବାକୁ କୁହାଯାଇଥିଲା। ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଥିବା କର୍ମଚାରୀମାନେ ଏ ନେଇ ଚିନ୍ତାରେ ପଡ଼ିଥିବା ବେଳେ ଏବେ ଅନ୍ୟ ସମସ୍ତ ସରକାରୀ ଅଫିସ୍‌ଗୁଡ଼ିକରେ ହଇଚଇ ହୋଇଛି। ସରକାରୀ ଚିଠି ମୁତାବକ, ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀମାନେ ସକାଳ ୧୦ଟାରେ ଅଫିସ୍ ପହଞ୍ଚି ଉପସ୍ଥାନ ଦେବେ। ଅଫିସ୍ ଛାଡ଼ିବା ପୂର୍ବରୁ ବା ସାଢ଼େ ୫ଟା ବେଳେ ଉପସ୍ଥାନ ଦେବେ। ଗୋଟିଏ ଦିନରେ ଏଭଳି ଦୁଇ ଥର ଦେବା ବାଧ୍ୟତାମୂଳକ କରାଯାଇଛି। ଅଫିସ୍ ଆସିବାରେ ଯଦି ଲଗାତାର ତିନିଦିନ ଅଧଘଣ୍ଟାଏ ଲେଖାଏଁ ବିଳମ୍ବ ହୁଏ ତେବେ ଗୋଟିଏ ଦିନ ଛୁଟି ବୋଲି ଧରାଯିବ। ଫେରିବା ବେଳେ ଉପସ୍ଥାନ ନଦେଲେ ସେଦିନ ଅନୁପସ୍ଥିତ ବୋଲି ଦର୍ଶାଯିବ। ସ୍ୱାସ୍ଥ୍ୟ ସେବାରେ ନିୟୋଜିତ କର୍ମଚାରୀଙ୍କ ପାଇଁ ଗୋଷ୍ଠୀ କିମ୍ବା ମୁଖ୍ୟାଳୟରେ ୮ ଘଣ୍ଟିଆ ଡ୍ୟୁଟି କରିବେ। ଏହା ବାୟୋମେଟ୍ରିକ୍ ଉପସ୍ଥାନରେ ସ୍ପଷ୍ଟ ହେବ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏପ୍ରିଲ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସକାଳ ୭ଟାରୁ ୧୧ଟା ଓ ଅପରାହ୍ନ ୪ଟାରୁ ୬ଟା ଏବଂ ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ସକାଳ ୮ରୁ ୧୨ ଓ ଅପରାହ୍ନରେ ୩ଟାରୁ ୫ଟା ପର୍ଯ୍ୟନ୍ତ ଡ୍ୟୁଟି ଟାଇମ୍ ରହିଛି। ଏଥିରୁ ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ ହେବ। ଭୁବନେଶ୍ୱରରେ ଧାର୍ଯ୍ୟ ସମୟରେ ଅଫିସ୍ ଆସୁନଥିବା କର୍ମଚାରୀ ଓ ଅଧିକାରୀମାନେ ରହିଛନ୍ତି ଇଞ୍ଜିନିୟରିଂ ବିଭାଗରେ। ପୂର୍ତ୍ତ ବିଭାଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ବିଏମ୍‌ସି, ବିଡିଏ, ଏହି କାର୍ଯ୍ୟାଳୟଗୁଡ଼ିକରେ ଅଧିକାଂଶ ଅଧିକାରୀମାନେ ଦିନର ପ୍ରଥମ ଅଧାରେ କାର୍ଯ୍ୟାଳୟ ଆସନ୍ତି ନାହିଁ। ଫିଲ୍ଡରେ ଅଛନ୍ତି ବୋଲି ଦର୍ଶାଇ ଏମାନେ ନିଜ କାମ କରୁଥିବା ଅଭିଯୋଗ ରହିଛି।

# ସୁବର୍ଣ୍ଣରେଖା ବନ୍ୟା ଭାଙ୍ଗୁଛି ଚାଷୀଙ୍କ ମେରୁଦଣ୍ଡ



**ଜଳେଶ୍ୱର,୯।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ କ୍ରମାଗତ ବନ୍ୟା, ଉତ୍ତର ବାଲେଶ୍ୱରର ଧାନଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଜଳେଶ୍ୱର, ବାଲିଆପାଳ ଏବଂ ଭୋଗରାଇ ବ୍ଲକର ହଜାର ହଜାର ହେକ୍ଟର ଜମିରେ ରୂଆ ଯାଇଥିବା ଧାନ ଗଛ ପାଣିରେ ବୁଡି ପଚି ସଢ଼ି ନଷ୍ଟ ହୋଇ ଗଲାଣି। ବାଲିଆପାଳ ବ୍ଲକର ୮ଟି ପଞ୍ଚାୟତ ବନ୍ୟା ଦ୍ୱାରା ଅଧିକ ପ୍ରଭାବିତ ହୋଇଥିବା ବେଳେ କ୍ଷତିଗ୍ରସ୍ତ ହୋଇଥିବା ଦୁଇଟି ପଞ୍ଚାୟତ ବଳରାମପୁର ଏବଂ ବାଲିକୁଟୀକୁ ବନ୍ୟା କ୍ଷତିଗ୍ରସ୍ତ ପଞ୍ଚାୟତ ତାଲିକାରୁ ବାଦ ଦିଆ ଯାଇଛି। ଯାହା ଫଳରେ ଦୁଇଟି ପଞ୍ଚାୟତର ୫୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଧାନ ଚାଷ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି। ସେପଟେ ଚାଷୀମାନେ କେମିତି କ୍ଷତିପୂରଣ ପାଇବେ ଏବଂ ଋଣ କରି ଚାଷ କାର୍ଯ୍ୟ ଆରମ୍ଭ କରିଥିବା ଚାଷୀମାନେ କେମିତି ଋଣ ପରିଶୋଧ କରିବେ ସେନେଇ ଚିନ୍ତାରେ ଦିନ କାଟୁଛନ୍ତି।

ଚଳିତ ବର୍ଷ ଜୁନ ମାସ ୨୦ ତାରିଖରେ ସୁବର୍ଣ୍ଣରେଖା ନଦୀରେ ଆସିଥିଲା ପ୍ରଥମ ବନ୍ୟା। ଚାଷୀମାନେ ଠିକ୍ ଚାଷ କାର୍ଯ୍ୟ ଆରମ୍ଭ କରିବା ସମୟରେ ବନ୍ୟା ବାଧା ଦେଇଥିଲା। ଏହାପରେ ଜୁନ ୨୮ରେ ଆସିଥିଲା ଦ୍ୱିତୀୟ ବନ୍ୟା। କେବଳ ଏତିକିରେ ପ୍ରକୃତି ର କୋପ ସରିଲାନି । ଜୁଲାଇ ୧୬ ରେ ଚତୁର୍ଥ, ୨୭ ରେ ପଞ୍ଚମ ଥର ବନ୍ୟା ଆସି ବ୍ୟାପକ ଚାଷ ନଷ୍ଟ କରିଥିଲ। ଚାଷୀମାନେ ଧାର କରଜ କରି ବିହନ କିଣି ଧାନ ତଳି ପକାଇ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଅଗଷ୍ଟ ୨୪ରେ ଆସିଥିବା ଷଷ୍ଠ ଥର ବନ୍ୟାରେ ଭାସିଗଲା ଚାଷୀଙ୍କ ଶେଷ ଆଶା । ଜଳ ନିଷ୍କାସନର କୌଣସି ବ୍ୟବସ୍ଥା ନଥିବାରୁ ଏବେ ବି ଧାନକ୍ଷେତରେ ଲହଡି ମାରୁଛି ବନ୍ୟା ପାଣି। ଯାହା ଫଳରେ ଧାନ ଗଛ ସବୁ ପଚି ସଢି ନଷ୍ଟ ହୋଇଥିବା ବେଳେ ବର୍ତ୍ତମାନ ଅଗଷ୍ଟ ଯାଇ ସେପ୍ଟେମ୍ବର ମାସ ହୋଇଥିବାରୁ ଆଉଥରେ ଚାଷ ଆରମ୍ଭ କରିବା ସମ୍ଭବପର ନୁହେଁ ବୋଲି ଚାଷୀମାନେ କହିଛନ୍ତି।

ବାଲିଆପାଳ ବ୍ଲକର ବିଷ୍ଣୁପୁର, ବାଲିଆପାଳ, ଜାମକୁଣ୍ଡା, ମଧୁପୁରା, ଅସ୍ତି, ନିଖିରା, କୁମ୍ଭାରୀ ଓ ଘଣ୍ଟୁଆ ପଞ୍ଚାୟତରେ ବ୍ୟାପକ ଚାଷ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହି ବ୍ଲକର ବଳରାମପୁର ଏବଂ ବାଲିକୁଟୀ ପଞ୍ଚାୟତରେ ମଧ୍ୟ ସୁବର୍ଣ୍ଣରେଖା ବନ୍ୟା ପାଣି ପ୍ରବେଶ କରି ୫୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ଚାଷୀମାନେ ବାରମ୍ବାର ଧାନ ତଳି ରୁଇ ଖର୍ଚ୍ଚାନ୍ତ ହୋଇଥିବା ବେଳେ ଏବେ ବି ଚାଷ ଜମିରେ ବନ୍ୟା ପାଣି ଲହଡି ମାରୁଛି। ବନ୍ୟା ପାଣି ଚାଷ ଜମିରେ ଭର୍ତ୍ତି ହୋଇ ରହିବା ଯୋଗୁଁ ସୁନାରୁଇ ଗାଁର ଉତ୍ତର ପାର୍ଶ୍ୱ ଏବଂ ବଳରାମପୁର ଗାଁର ଦକ୍ଷିଣ ପାର୍ଶ୍ୱରେ ଥିବା ଶହ ଶହ ହେକ୍ଟର ଜମିରେ କିଛି ଦିନ ପୂର୍ବରୁ ରୂଆ ଯାଇ ଥିବା ଧାନ ତଳି ସମ୍ପୂର୍ଣ୍ଣ ପଚି ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତ ଚାଷୀମାନେ ବନ୍ୟାର ସ୍ଥାୟୀ ପ୍ରତିକାର ସହ ତୁରନ୍ତ ବିଭାଗୀୟ ଅଧିକାରୀ ତଦନ୍ତ କରି କ୍ଷତିପୂରଣ ଦେବା ପାଇଁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଆମେ ଏନେଇ ବାଲେଶ୍ୱର ଜିଲ୍ଲା କୃଷି ଅଧିକାରୀ ତୁଷାର କାନ୍ତି ତୁଙ୍ଗଙ୍କୁ ପଚାରିବାରୁ ରାଜସ୍ୱ ଏବଂ କୃଷି ବିଭାଗ ପକ୍ଷରୁ ବନ୍ୟା କ୍ଷୟକ୍ଷତି ଆକଳନ ରିପୋର୍ଟ ସରକାରଙ୍କୁ ଦିଆ ଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# କ୍ରିପ୍ଟୋରେ ଭାରତ ନଂ. ୧



ନୂଆଦିଲ୍ଲୀ, ୯।୯: ଡିଜିଟାଲ ମୁଦ୍ରା କ୍ରିପ୍ଟୋକରେନ୍ସି ଗ୍ରହଣୀୟତାରେ ଭାରତ ଶୀର୍ଷ ସ୍ଥାନ ହାସଲ କରିଛି। ଏହା ପଛକୁ ଆମେରିକା ଦ୍ୱିତୀୟ ସ୍ଥାନରେ ରହିଛି। ଷଷ୍ଠ ବାର୍ଷିକ ଚେନ୍‌ଆନାଲିସିସ୍ ବିଶ୍ୱସ୍ତରୀୟ କ୍ରିପ୍ଟୋ ଗ୍ରହଣୀୟତା ସୂଚୀରୁ ଏହା ଜଣାପଡ଼ିଛି। ଏସଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କ୍ରିପ୍ଟୋକୁ ନେଇ ଅଧିକ ଆଗ୍ରହ ରହିଛି। ସେଥିରେ ଭାରତ, ଭିଏତ୍‌ନାମ ଓ ପାକିସ୍ତାନ ଭଳି ଦେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଲାଟିନ୍ ଆମେରିକାରେ କ୍ରିପ୍ଟୋ ଗ୍ରହଣୀୟତା ୬୨ ପ୍ରତିଶତ ଏବଂ ସବ୍ ସାହାରା ଆଫ୍ରିକାରେ ୫୨ ପ୍ରତିଶତ ବଢ଼ିଛି।

କଏନ୍‌ଡିସିଏକ୍ସର ସହ ପ୍ରତିଷ୍ଠାତା ସୁମିତ ଗୁପ୍ତା କହିଛନ୍ତି ଯେ ବିଶ୍ୱ କ୍ରିପ୍ଟୋ ଗ୍ରହଣୀୟତା ସୂଚୀରେ କ୍ରମାଗତ ତୃତୀୟ ଥର ପାଇଁ ଭାରତକୁ ଶୀର୍ଷ ସ୍ଥାନରେ ଦେଖି ଖୁସି ଲାଗୁଛି। ଆମ ଯୁବପିଢ଼ି ଇଣ୍ଟରନେଟ୍‌ଠାରୁ ବ୍ଲକ୍‌ଚେନ୍ ପର୍ଯ୍ୟନ୍ତ ନବସୃଜନକୁ ଲଗାତାର ଭାବେ ଗ୍ରହଣ କରୁଛନ୍ତି। ଭାରତରେ ୧୨,୦୦ରୁ ଅଧିକ ୱେବ୍‌୩ ଷ୍ଟାର୍ଟଅପ୍ ରହିଛି ଏବଂ ସେମାନେ ୩୦୦ କୋଟି ଡଲାରରୁ ଅଧିକ ପାଣ୍ଠି ହାସଲ କରିଛନ୍ତି। ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ବ୍ଲକ୍‌ଚେନ୍ ବିକାଶକାରୀ ରାଷ୍ଟ୍ର। ଏହାର ଭାଗ ୫ ପ୍ରତିଶତରୁ ୧୨ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୩୦ ସୁଦ୍ଧା ଏହା ଦେଶରେ ୮,୦୦,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଆଶା କରାଯାଉଛି ବୋଲି ଶ୍ରୀ ଗୁପ୍ତା କହିଛନ୍ତି।

**କେଉଁ ଦେଶର ର୍‍ୟାଙ୍କ କେତେ**

| ଦେଶ | ର୍‍ୟାଙ୍କ |
|---|---|
| ଭାରତ | ୧ |
| ଆମେରିକା | ୨ |
| ପାକିସ୍ତାନ | ୩ |
| ଭିଏତ୍‌ନାମ | ୪ |
| ବ୍ରାଜିଲ୍ | ୫ |
| ନାଇଜେରିଆ | ୬ |
| ଇଣ୍ଡୋନେସିଆ | ୭ |
| ୟୁକ୍ରେନ୍ | ୮ |
| ଫିଲିପାଇନ୍ସ | ୯ |
| ରୁଷ୍ | ୧୦ |

## ଜିଏସ୍‌ଟି ହାର ହ୍ରାସ ପରେ ଟାଟାରୁ ମହିନ୍ଦ୍ରା କାର ଘୋଷଣା କଲେ ଗାଡ଼ିର ନୂଆ ଦାମ

ନୂଆଦିଲ୍ଲୀ, ୯।୯: କେନ୍ଦ୍ର ସରକାର ଜିଏସ୍‌ଟି ହ୍ରାସ କରିବା ପରେ କମ୍ପାନୀଗୁଡ଼ିକ ନିଜ ନିଜ ଗାଡ଼ିଗୁଡ଼ିକର ମୂଲ୍ୟ ହ୍ରାସ କରିବା ନେଇ ଘୋଷଣା କରିଛନ୍ତି। ପ୍ରଥମେ ଟାଟା ମୋଟର୍ସ ଗାଡ଼ିମୂଲ୍ୟ ହ୍ରାସ କରିବା ନେଇ ଘୋଷଣା କରିବା ପରେ ଏବେ ମହିନ୍ଦ୍ରା, ବିଏମ୍‌ଡବ୍ଲ୍ୟୁ, ରିନୋଲ୍ଟ ଭଳି କମ୍ପାନୀ ମଧ୍ୟ ଗାଡ଼ି ମୂଲ୍ୟ ହ୍ରାସ କରିବା ନେଇ ଘୋଷଣା କରିଛନ୍ତି। ଏନେଇ ମହିନ୍ଦ୍ରା କହିଛି ଯେ କମ୍ପାନୀ ଆଜି ଠାରୁ (ସେପ୍ଟେମ୍ବର ୬ ତାରିଖ ଠାରୁ) ଏହାର ସମ୍ପୂର୍ଣ୍ଣ ଆଇସିଇ ଏସୟୁଭି ପୋର୍ଟଫୋଲିଓର ମୂଲ୍ୟ କମିଯିବ। ମଡେଲ ଏବଂ ଭାରିଆଣ୍ଟ ଅନୁସାରେ ଗାଡ଼ିଗୁଡ଼ିକ ମୂଲ୍ୟରେ ପ୍ରାୟ ୧.୫୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦାମ କମିବ। ମହିନ୍ଦ୍ରା ପ୍ରଥମ ଯାତ୍ରୀବାହୀ ଯାନ ବ୍ରାଣ୍ଡ୍ ହୋଇଛି ଯିଏ ଆଜିଠାରୁ ଏହାର ସମ୍ପୂର୍ଣ୍ଣ ICE SUV ପୋର୍ଟଫୋଲିଓରେ ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ GST ଲାଭ ପ୍ରଦାନ କରିବ ବୋଲି ଘୋଷଣା କରିଛି। ଏହା ପୂର୍ବରୁ ଟାଟା ଗାଡ଼ିଗୁଡ଼ିକର ଦାମ ହ୍ରାସ ନେଇ ଘୋଷଣା କରିଥିବା ବେଳେ କିନ୍ତୁ ଏହା ସେପ୍ଟେମ୍ବର ୨୨ ତାରିଖ ପରେ ଲାଗୁ ହେବ ବୋଲି କହିଥିଲା। ଛୋଟ SUV ଉପରେ GST ୨୯-୩୧% ରୁ ୧୮% କୁ ହ୍ରାସ ପାଇବା ପରେ ଏବଂ Scorpio N, Thar 4WD, ଏବଂ XUV700 ଭଳି ବଡ଼ ମଡେଲଗୁଡିକ ଉପରେ ୪୮% ରୁ ୪୦% ଜିଏସ୍‌ଟି ହ୍ରାସ ପାଇବା ପରେ ଗାଡ଼ିର ଦାମ କମାଇଛି କମ୍ପାନୀ। କେଉଁ ଗାଡ଼ି ଉପରେ ଗ୍ରାହକ କେତେ ସଞ୍ଚୟ କରିପାରିବେ ଆସନ୍ତୁ ଜାଣିବା।

## ହ୍ୱାଟସଆପ ୱେବରେ ଚାଟ୍ ସ୍କ୍ରୋଲିଂରେ ଦେଖାଦେଉଛି କି ସମସ୍ୟା ?

ନୂଆଦିଲ୍ଲୀ, . ୯।୯: ଆପଣଙ୍କ ହ୍ୱାଟସଆପ ୱେବରେ ଚାଟ୍ ସ୍କ୍ରୋଲ କରିବା ବେଳେ ସମସ୍ୟା ହେଉଛି କି? ଉପରକୁ କିମ୍ବା ତଳକୁ ସ୍କ୍ରୋଲ୍ କରିପାରୁନାହିଁ କି? କାରଣ ଗତ କିଛି ଘଣ୍ଟା ହେବ ହ୍ୱାଟସଆପ୍ ୱେବରେ ଏଭଳି ସମସ୍ୟା ଉପୁଜିଛି। ଏନେଇ ଅନେକ ହ୍ୱାଟସଆପ୍ ବ୍ୟବହାରକାରୀ 'ଏକ୍ସ'ରେ ଏହି ସମସ୍ୟା ବିଷୟରେ ପୋଷ୍ଟ କରିଛନ୍ତି। ଜଣେ ବ୍ୟବହାରକାରୀ ଲେଖିଛନ୍ତି, "WhatsApp web ରେ କିଛି ଅସୁବିଧା ଅଛି କି? ମୁଁ ଉପରକୁ କିମ୍ବା ତଳକୁ ସ୍କ୍ରୋଲ୍ କରିପାରୁନାହିଁ।" ସେହିପରି ଆଉ ଜଣେ ବ୍ୟବହାରକାରୀ ଲେଖିଛନ୍ତି, "ଆଜି, କେହି WhatsAppରେ ସ୍କ୍ରୋଲ୍ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି? କାରଣ ଅଫିସରେ ୩ ରୁ ୪ ଜଣ ବ୍ୟବହାରକାରୀ ଆଜି ହ୍ୱାଟ୍ସଆପ ୱେବ୍ ଟିକେ ଅଜବ ବ୍ୟବହାର କରୁଥିବାର ଅନୁଭବ କରୁଛନ୍ତି, ସାଧାରଣ ପରି ନୁହେଁ... ଯଦି ଆପଣ ମଧ୍ୟ ଏହା ଅନୁଭବ କରୁଛନ୍ତି, ଦୟାକରି ମୋତେ ଜଣାନ୍ତୁ.." ହ୍ୱାଟସଆପ ବ୍ୟବହାର ଆଜିକାଲି ସମସ୍ତଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ହ୍ୱାଟ୍ସଆପ ଏବେ କୋଟି କୋଟି ଲୋକଙ୍କ ପାଇଁ ଏକ ଅତ୍ୟାବଶ୍ୟକ ଭିତ୍ତିଭୂମି, ଯାହା ସାମାଜିକ, ବ୍ୟବସାୟିକ ଏବଂ ଜରୁରୀକାଳୀନ ଯୋଗାଯୋଗର ମାଧ୍ୟମ ପାଲଟିଛି। ଏହାର ବ୍ୟବହାର ବିଶେଷ କରି ଅଫିସିଆଲ କାମ ଠାରୁ ଆରମ୍ଭ କରି ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନ ସହ ଜଡିତ। ଏହି ଏବେ ସୋସିଆଲ ମେସେଜିଂ ଆପ୍‌କୁ ନେଇ କେତେକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୦,୨୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୧,୧୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୦,୨୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୧,୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୦,୨୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧.୦୧.୧୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୦,୪୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୧,୨୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୦,୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧.୦୧.୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୦,୨୯୦ ଓ ୧.୦୧.୧୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୩୦,୦୦୦ ଟଙ୍କା ହୋଇଛି।

# ଭିଆଇଟି ଚେନ୍ନାଇର ସମାବର୍ତ୍ତନ ଉତ୍ସବ




ଚେନ୍ନାଇ, ୯।୯: ଭିଆଇଟି ଚେନ୍ନାଇର ସମାବର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାମିଲନାଡୁର ଆଇଟି ମନ୍ତ୍ରୀ ଡ. ପଲାନିଭେଲ ଥିଆଗ ରାଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଏକ ଶତାବ୍ଦୀ ପୂର୍ବରୁ ତାମିଲନାଡୁରେ ପୁଅଝିଅଙ୍କ ଶିକ୍ଷା ବାଧ୍ୟତାମୂଳକ କରାଯାଇଥିଲା। ଶିକ୍ଷା ସମାନ ଭାବେ ପହଞ୍ଚିବା ସହ ସାମାଜିକ ନ୍ୟାୟ ଓ ସମାନତା ଆରମ୍ଭ ହୋଇଥାଏ ବୋଲି ସେ କହିଥିଲେ। ସେ ର୍‍ୟାଙ୍କ ଓ ପିଏଚ୍‌ଡିଧାରୀଙ୍କୁ ମେଡାଲ୍ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଂଲାଦେଶର ଉଚ୍ଚାୟୁକ୍ତ ଶେଲି ସାଲେହିନ୍, ଭେଲୋର ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଭିଆଇଟି)ର ପ୍ରତିଷ୍ଠାତା ଡ. ଜି ବିଶ୍ୱନାଥନ ଏବଂ ଉପସଭାପତି ଶଙ୍କର ବିଶ୍ୱନାଥନ ଓ ଡ. ଜି ଭି ସେଲଭମ୍ ଯୋଗଦେଇଥିଲେ। ଏହି ଅବସରରେ ୬୫୮୧ ଅଣ ସ୍ନାତକ, ସ୍ନାତକୋତ୍ତର ଓ ଗବେଷଣା ଛାତ୍ରଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭିଆଇଟିର କୁଳପତି ଡ. ଭି ଏସ୍ କାଞ୍ଚନ ଭାସ୍କରନ, ଭିଆଇଟି ଚେନ୍ନାଇର ପ୍ରୋ ଭାଇସ୍ ଚାନ୍‌ସେଲର୍ ଡ. ଟି ଥିଆଗରାଜନ, ଭିଆଇଟି ଭେଲୋର୍‌ର ପ୍ରୋ ଭାଇସ୍ ଚାନ୍‌ସେଲର୍ ଡ. ପାର୍ଥ ସାରଥୀ ମଲ୍ଲିକ ଓ ରିଜିଷ୍ଟ୍ରାର୍ ଡ. ଟି ଜୟଭାରତୀ ଉପସ୍ଥିତ ଥିଲେ।

# ହାଇଟେକ୍‌ରେ ଫିଜିଓଥେରାପି ଦିବସ

ଭୁବନେଶ୍ୱର, ୯।୯: ହାଇଟେକ୍ ଫିଜିଓଥେରାପି ମହାବିଦ୍ୟାଳୟରେ ବିଶ୍ୱ ଫିଜିଓଥେରାପି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରଣ ପ୍ରଫେସର ଡ. ୱାଇ ରୋଜା ରମଣି, ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ଟ୍ରଷ୍ଟି ତଥା ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ରାକେଶ କୁମାର ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ଡିନ୍ ଓ ଡାଇରେକ୍ଟର ପ୍ରଫେସର ଡ. ଅମଳେନ୍ଦୁ ଚୌଧୁରୀ, ପ୍ରିନ୍ସିପାଲ ପ୍ରଫେସର ଡ. ଦୀପକ ସାମନ୍ତରାୟ ଉପସ୍ଥିତ ଥିଲେ। ଡ. ତିରୁପତି ପାଣିଗ୍ରାହୀ କହିଥିଲେ ଯେ ଅସ୍ତ୍ରୋପଚାର ପରେ ଫିଜିଓଥେରାପି ଆବଶ୍ୟକ ହୁଏ। ବିଭିନ୍ନ ବିଭାଗରେ ଫିଜିଓଥେରାପିକୁ ସାମିଲ କଲେ ରୋଗୀମାନେ କମ୍ ସମୟରେ ସୁସ୍ଥ ହୋଇପାରିବେ। ବୟସ୍କ ଲୋକମାନଙ୍କ ଆଣ୍ଠୁ, ଗଣ୍ଠି ଓ ଅଣ୍ଟା ସମସ୍ୟାକୁ ମଧ ଫିଜିଓଥେରାପି ଜରିଆରେ ସମାଧାନ କରାଯାଇପାରିବ ବୋଲି ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ କହିଥିଲେ।




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ପଞ୍ଜାବ ଆଣ୍ଡ୍ ସିନ୍ଧ ବ୍ୟାଙ୍କ ଏମ୍‌ଡିଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୯।୯: ପଞ୍ଜାବ ଓ ସିନ୍ଧ ବ୍ୟାଙ୍କର ଏମ୍‌ଡି ଓ ସିଇଓ ସ୍ୱରୂପ କୁମାର ଶାହ ଓଡ଼ିଶା ଗସ୍ତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ସାକ୍ଷାତ କରିଛନ୍ତି। ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତୀକଣ ବଢ଼ାଇବା, କୃଷି ଆଧାରିତ ଶିଳ୍ପକୁ ସହାୟତା ଦେବା ଏବଂ ଗ୍ରାମାଞ୍ଚଳ ଓ ଆଦିବାସୀ ବହୁଳ ଅଞ୍ଚଳରେ ବ୍ୟାଙ୍କ ସେବାରେ ଉନ୍ନତି ଆଣିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବ୍ୟାଙ୍କର ଏମ୍‌ଡି ଶ୍ରୀ ଶାହ ଓଡ଼ିଶାରେ ପଞ୍ଜାବ ଆଣ୍ଡ୍ ସିନ୍ଧ ବ୍ୟାଙ୍କର ପ୍ରଦର୍ଶନର ସମୀକ୍ଷା କରିବା ସହ କର୍ମଚାରୀମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ।



## ସଜନା ପତ୍ର ବେପାର

ସମସ୍ତେ ଜାଣନ୍ତି ଯେ, ସଜନା ଛୁଇଁର ବଜାର ଦର ବର୍ଷ ସାରା ଉଚ୍ଚା ରହେ। କିନ୍ତୁ ବେଳେ ବେଳେ ସଜନା ଗଛରେ ଛୁଇଁ ଏତେ ଅଧିକ ନଦି ହୋଇଯାଏ ଯେ, ଚାହିଦା ଅପେକ୍ଷା ବଜାରକୁ ଅଧିକ ଛୁଇଁ ବିକ୍ରି ପାଇଁ ଆସେ ଏବଂ ବଜାର ଦର ଖସିଯାଏ। ଏହା ଲକ୍ଷ୍ୟ କରି ତାମିଲନାଡୁର କୃଷି ବୈଜ୍ଞାନିକ ତଥା ମୃତ୍ତିକା-ବିଜ୍ଞାନ ପ୍ରାଧାପକ ଡକ୍ଟର କାଣ୍ଡାସାମି ଶ୍ରବଣନ ସଜନା ଗଛର ପତ୍ରକୁ ନେଇ ବେପାର କରିବାକୁ ଚିନ୍ତାକରି ତାହାକୁ ମଧ କାର୍ଯ୍ୟକାରୀ କଲେ। ପତ୍ର ଅମଳ ପରେ ତାହାକୁ ପ୍ରକ୍ରିୟାକରଣ କରି ଆମେରିକା, କାନାଡ଼ା, ୟୁରୋପ ଏବଂ ଉପସାଗରୀୟ ଦେଶଗୁଡ଼ିକରେ ପୁଡ଼ିଂ, ସୁପ୍ ଏବଂ ପାଉଡର ଭଳି ମୂଲ୍ୟଯୁକ୍ତ ଉତ୍ପାଦ ବିକ୍ରୟ କରି ସଫଳତା ପାଇବା ପରେ ସଜନାଗଛର ଫଳଠାରୁ ପତ୍ରର ମୂଲ୍ୟ ବଢ଼ିଗଲା। ଆଶ୍ଚର୍ଯ୍ୟ ଲାଗୁଥିଲେ ବି କଥାଟି ସତ। ଆମେ ଯାହାକୁ ସଜନା ଗଛ କହୁ, ତାହାର ଉଦ୍ଭିଦ ବିଜ୍ଞାନ ନାମ ମୋରିଙ୍ଗା ଓଲିଫେରା। ଅନେକ ଦଶନ୍ଧି ଧରି ଡକ୍ଟର ଶ୍ରବଣନଙ୍କ ବାପ ଅଜା ପାରମ୍ପରିକ ଭାବେ ଚାଷଜମିରେ ଛୁଇଁ ପାଇଁ ସଜନା ଚାଷ କରିଆସୁଥିଲେ। କିନ୍ତୁ, ଛୁଇଁର ବଜାର ଦର କମିଯିବା ଯୋଗୁଁ ଏହି ଫସଲ କ୍ରମଶଃ ଲାଭଜନକ ହେଲାନାହିଁ। ଛୁଇଁ ବିକ୍ରି କରି ଚାଷୀମାନେ କିଲୋଗ୍ରାମ ପ୍ରତି ୧୦୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିଲା ବେଳେ ଉତ୍ପାଦନ ହଠାତ୍ ବଢ଼ିଯିବା ବେଳେ ଏହାର ମୂଲ୍ୟ ୫-୧୦ ଟଙ୍କାକୁ କମିଯାଉଥିଲା। ଛୁଇଁରେ ପୁଷ୍ଟି ତତ୍ତ୍ୱ ଅଧିକ ଥିବା ସତ୍ତ୍ୱେ ସଜନା ଚାଷ ବାଣିଜ୍ୟିକ ଦୃଷ୍ଟିରୁ ଚାଷୀଙ୍କ ପାଇଁ ଲାଭଜନକ ହୋଇପାରୁନଥିଲା।



## ବରଗଡ଼ରେ ଶ୍ରୀ ଶିବମ ଡିଜାଇନର୍ ପ୍ରଦର୍ଶନୀ

ବରଗଡ଼, ୯।୯: କେନ୍ଦ୍ରୀୟ ଭାରତର ସବୁଠୁ ବଡ଼ ଫାମିଲି ଷ୍ଟୋର୍ ଶ୍ରୀ ଶିବମ୍ ପକ୍ଷରୁ ବରଗଡ଼ର ସରସ୍ୱତୀ ଏନ୍‌କ୍ଲେଭ୍ ରୋଡ୍‌ରେ ଥିବା ହୋଟେଲ୍ ଅନ୍ନପୂର୍ଣ୍ଣା ପ୍ୟାଲେସ୍‌ରେ ଡିଜାଇନର୍ କଲେକ୍ସନର ପ୍ରଦର୍ଶନୀ ଆୟୋଜନ କରାଯାଇଛି। ଏଥିରେ ଗ୍ରାହକମାନେ ଶାଢ଼ି, ସୁଟ୍, କୁର୍ତ୍ତା, ଷ୍ଟାଇଲିସ୍ କ୍ରପ୍ ଟପ୍, ଡ୍ରେସ୍ ମ୍ୟାଟେରିଆଲ୍ ଓ ଇଣ୍ଡୋ-ୱେଷ୍ଟର୍ଣ୍ଣର ବ୍ୟାପକ ସଂଗ୍ରହ ପଶାଇପାରିବେ। ଆଗକୁ ଆସୁଥିବା ବିବାହ ଋତୁକୁ ନଜରରେ ରଖି ଏହି ପ୍ରଦର୍ଶନୀ ଆୟୋଜନ କରଯାଇଛି ଯାହା ଚଳିତ ମାସ ୧୦ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ଡିସେମ୍ବରରୁ ଫେବ୍ରୁଆରି ମଧରେ ଯେଉଁମାନଙ୍କ ବିବାହ ହେବାର ଅଛି, ସେମାନେ ଏହି ପ୍ରଦର୍ଶନୀରୁ ନିଜ ଆବଶ୍ୟକତାର ସମସ୍ତ ପୋଷାକ ପାଇପାରିବେ। ଏହି ପ୍ରଦର୍ଶନୀ ଆୟୋଜନ କରିବାର ଉଦ୍ଦେଶ୍ୟ ହେଉଛି ଫ୍ୟାସନକୁ ଲୋକମାନଙ୍କ ନିକଟତର କରିବା ଏବଂ ସେମାନଙ୍କୁ ମୁମ୍ବାଇ ଓ ଦିଲ୍ଲୀ ଭଳି ବଡ଼ ସହରର ସପିଂ ଅନୁଭୂତି ପ୍ରଦାନ କରିବା।

ସଂଚାର THE SANCHAR

# ରାଇଗୁଡ଼ାବାସୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ସାତସପନ

**ଫିରିଙ୍ଗିଆ,୯।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ୪ ନମ୍ବର ୱାର୍ଡର ରାଇଗୁଡ଼ା ଗ୍ରାମରେ ପାଦେରୀପଡ଼ା-ସରୁପଡ଼ା ଓ ଦାଲାପଡ଼ା ସାହିରେ ମିଶି ୩ ଗୋଟି ନୂତନ ନଳକୂପ ଖନନ କରାଯାଇଥିଲା। କିନ୍ତୁ ଆଜିକୁ ଦୀର୍ଘ ଦିନ ହେବ ପାନୀୟ ଜଳ ଅଭାବ ଯୋଗୁଁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି।

ରାଜ୍ୟ ଓ କେନ୍ଦ୍ର ସରକାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ଗରିବ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ଅନେକ ଯୋଜନା କରି ବିଭିନ୍ନ ପ୍ରକଳ୍ପ ମାଧମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରିଥିବା ବେଳେ ଆଜି ପର୍ଯ୍ୟନ୍ତ ରାଇଗୁଡ଼ା ଗ୍ରାମରେ ଯେକୌଣସି ସରକାର ଯୋଜନା ପହଞ୍ଚି ପାରିନଥିବା ଅଭିଯୋଗ କରିଛନ୍ତି ରାଇଗୁଡ଼ା ଗ୍ରାମବାସୀ। ଯାହା ଫଳରେ ଏହି ଗ୍ରାମରେ ଥିବା ୩ ଗୋଟି ନଳକୂପ ଉପରେ ନିର୍ଭର କରିଥାନ୍ତି।



କିନ୍ତୁ କିଛି ମାସ ହେବ ଉକ୍ତ ନଳକୂପରୁ ବାହାରୁ ଥିବା ପାଣି ବ୍ୟବହାର କରିବା ଉପଯୁକ୍ତ ହୋଇ ପାରୁନଥିବା ଅଭିଯୋଗ କରିଛନ୍ତି ରାଇଗୁଡ଼ା ଗ୍ରାମବାସୀ।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ନଳକୂପରୁ ବାହାରୁ ଥିବା ପାଣି ହଣ୍ଡା, ବାଲ୍ଟି, କିମ୍ବା ମାଠିଆରେ କିଛି ସମୟ ରହିଲା ପରେ ପାଣି ଗୋଳିଆ ଓ ତେଲ ଅଂଶ ହେବା ସହିତ ଦୁର୍ଗନ୍ଧ ହେଉଥିବାରୁ ବ୍ୟବହାର କରିବା ଉପଯୁକ୍ତ ହୋଇ ପାରୁନାହିଁ। ଯାହା ଫଳରେ ଉକ୍ତ ଗ୍ରାମର ଜନସାଧାରଣ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

ଏ ସମ୍ପର୍କରେ ଫିରିଙ୍ଗିଆ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯନ୍ତ୍ରୀଙ୍କୁ ବାରମ୍ବାର ଫୋନ୍ ମାଧମରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନଥିବା ରାଇଗୁଡ଼ା ଗ୍ରାମବାସୀ କହିଛନ୍ତି। ଯାହା ଫଳରେ ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେଣୁ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିବା ରାଇଗୁଡାବାସୀଙ୍କ ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ନଳକୂପକୁ ମରାମତି କରିବା ପାଇଁ ରାଇଗୁଡ଼ା ଗ୍ରାମବାସୀ ସମେତ ସମାଜସେବୀ ରାଜିବ ଦିଗାଲ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ପ୍ରଶାସନର ନିଦ କେବେ ଭାଙ୍ଗୁଛି ଓ ଏହି ସମସ୍ୟାର କେବେ ସମାଧାନ ହେଉଛି।

## ଖୁଦୁରୁକୁଣୀ ଭସାଣି ହେଲା କାଳ
# ପାଣିରେ ବୁଡ଼ି ନାବାଳକ ମୃତ

**ଭେଡେନ,୯।୯ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ଉପର ପଡାରେ ଖୁଦୁରୁକୁଣୀ ଭସାଣିରେ ଏକ ଅଭାବନୀୟ ଘଟଣା ଘଟିଛି। ଖୁଦୁରୁକୁଣୀ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିକଟସ୍ଥ ଦନ୍ତା ନଦୀକୁ ଯାଇଥିବା ନାବାଳକ ସ୍ୱାଧୀନ ଭୁକ୍ତା (୧୩) ପାଣିରେ ବୁଡି ମୃତ୍ୟୁବରଣ କରିଛି। ଖଗେଶ୍ୱର ଭୁକ୍ତାଙ୍କ ପୁଅ ସ୍ୱାଧୀନ ଅନ୍ୟ ବାଳକ ବାଳିକା ସହ ବିସର୍ଜନ ପାଇଁ ଦନ୍ତା ନଦୀକୁ ଯାଇଥିବା ବେଳେ ଆଉ ଫେରି ନ ଥିଲା। ଖବର ପାଇଁ ଗ୍ରାମବାସୀ ନଦୀ ପାଣିରେ ଖୋଜାଖୋଜି କରି ପ୍ରାୟ ତିନି ଘଣ୍ଟା ପରେ ନଦୀ ତଳମୁଣ୍ଡରୁ ତାକୁ ଉଦ୍ଧାର କରି ଭେଡେନ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଏ ନେଇ ଭେଡେନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହକୁ ପୋଷ୍ଟ ମାର୍ଟମ ପାଇଁ ବରଗଡ଼ ପଠାଯାଇଛି।

# ଜୁଆ ଆଡ୍ଡା ଉପରେ ଚଢ଼ାଉ




**ଭେଡେନ,୯।୯ (ସଂଚାର ବ୍ୟୁରୋ):** ବରଗଡ଼ ଜିଲା ଭେଡେନ ଥାନା ଅଧୀନ କୁଦୋପାଲି ନିକଟରେ ଚାଲିଥିବା ଏକ ବଡ଼ ଧରଣର ଜୁଆ ଆଡ୍ଡା ଉପରେ ଭେଡେନଥାନା ଓ ରଷୁଡା ଫାଣ୍ଡି ପୋଲିସ ଚଢାଉ କରି ବିପୁଳ ପରିମାଣର ନଗଦ ଟଙ୍କା ଜବତ କରିବା ସହ ୧୨ଜଣକୁ ଗିରଫ କରିଛି। ଏନେଇ ଭେଡେନ ଥାନାରେ ଏକ ପ୍ରେସମିଟ୍‌ରେ ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ସୂଚନା ଦେଇ କହିଛନ୍ତି ଯେ କୁଦୋପାଲି ଠାରେ ଘୁଡଘୁଡୁ ପଟି ଜୁଆ ଖେଳ ହେଉଥିବା ସୂଚନା ପାଇଁ ଭେଡେନ ପୋଲିସ ଚଢ଼ାଉ କରି ୧୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନଗଦ ୧ ଲକ୍ଷ ୭୬ ହଜାର ୯୬୦ ଟଙ୍କା, ୨୧ଟି ମୋଟର ସାଇକେଲ, ୩ଟି ଚାରି ଚକିଆ ଗାଡି (ଗୋଟିଏ ବୋଲେରୋ, ଗୋଟିଏ ଏରଟିକା କାର ଓ ଗୋଟିଏ ଟାଟା ନେକ୍ସନ କାର), ୧୫ଟି ମୋବାଇଲ, ଗୋଟିଏ ଘୁଡଘୁଡୁ ପଟି, ଛଅଟି ଗୁଟି ଏବଂ ଗୋଟିଏ ବାଉଁଶ ବାସ୍କେଟ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୁଆ ଖେଳିବା ପାଇଁ ଆସିଥିବା ବିଭିନ୍ନ ଅଂଚଳର ଜୁଆଡି ଭେଡେନ ଜାମଡୋଲ ଗ୍ରାମର ଶୁକ୍ରୁ ଭୁଏ(୫୦), ଗବକ୍ଷୟ ଜଗତ(୪୨)ଦୁଲେସର ଗ୍ରାମ ଝାରସୁଗୁଡା, ଜଗନ୍ନାଥ ଛାତ୍ରୀଆ(୫୦) ଦୁଲେସର ଗ୍ରାମ ଝାରସୁଗୁଡା, ଲିଙ୍ଗରାଜ କର୍ତା(୪୯) କନକରାମୁଣ୍ଡା ଝାରସୁଗୁଡା, ପଞ୍ଚୁ ସାହୁ(୩୬) ଚେରୁପାଲି ବିନକା, ସୁଦାମ କାଣ୍ଡ(୪୦) ହୁତମା ବିନକା, ବିଶ୍ୱଜିତ ଖମାରି(୪୫)ଡାଲବ ଭେଡେନ, ଦେବରାଜ ବଣିଆ(୩୮) ଲିମଛୋଡ ଭେଡେନ, ସୁନୁ ବେହେରା(୩୫) ସୁଲେହି ଝାରସୁଗୁଡା, ବାବୁଲାଲ ସେଟ(୩୪)ଡାଲବ ଭେଡେନ, ଗୌତମ ଗୁରୁ(୪୫)ଲାଇକେରା ଝାରସୁଗୁଡା, ଧନେଶ୍ୱର ପୋଡ଼(୪୮) କାଣ୍ଡପାଲି ଭେଡେନ। ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରି ଭେଡେନ ଥାନାରେ ଏକ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ଜିଲ୍ଲାସ୍ତରୀୟ ସିପକଟାକ୍ରୋ ଚୟନ ପ୍ରତିଯୋଗିତା



**ସୁନ୍ଦରଗଡ଼,୯।୯ (ସଂଚାର ବ୍ୟୁରୋ):** ସେପ୍ଟେମ୍ବର ୯ ତାରିଖ ମଙ୍ଗଳବାର ସକାଳ ୭ଟା ସମୟରୁ ଜିଲ୍ଲାସ୍ତରୀୟ ବରିଷ୍ଠ ଓ ଉପ କନିଷ୍ଠ ସିପକଟାକ୍ରୋ ଚୟନ ପ୍ରତିଯୋଗିତା ହୋଇ ଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରୁ ୮୦ ଜଣ ଖେଳାଳି ଅଂଶ ଗ୍ରହଣ କରି ନିଜ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶାରିରୀକ ଶିକ୍ଷା ନିରୀକ୍ଷକ ଅଧିକାରୀ ଅଜୟ ପ୍ରଧାନ ଯୋଗଦାନ କରି ଖେଳ ଉଦ୍‌ଘାଟନ କରିଥିଲେ। ଜାତୀୟ ରେଫରୀ ରମେଶ ଚନ୍ଦ୍ର ନାଏକ ଏବଂ କିରଣଶିଳା ବାର୍ଲା ଉତ୍ତମ ଖେଳ ପରିଚାଳନା କରିଥିବା ବେଳେ ବିଜୟାଲକ୍ଷ୍ମୀ ନାଏକ, ରଜନୀକାନ୍ତ ପଟେଲ, ହେମ ସାଗର ପଟେଲ, ଶିଳା ପଟେଲ, ବିନତା ପଟେଲ ଓ କୋଚ୍ ଲିପ୍ସା ଷଡଙ୍ଗୀ ସହଯୋଗ କରିଥିଲେ। ଯେଉଁ ଖେଳାଳିମାନେ ଚୟନ ହୋଇଛନ୍ତି ସେମାନେ ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ପୁରୀରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଚୟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସେକ୍ରେଟାରୀ ସୁଶାନ୍ତ କୁମାର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘ ସଭାପତି ସିଦ୍ଧାର୍ଥ ବକ୍ସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚୟନ ପ୍ରତିଯୋଗିତା ସଫଳ ହୋଇଥିଲା। ଉପ ସଭାପତି ସୁଜିତ ଗୋସାଇଁ ମିଞ୍ଜ, ବିକାଶ କୁଆଙ୍କ ସହିତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗାଁ ଦାଣ୍ଡରେ ଲହଡ଼ି ମାରୁଚି ବର୍ଷାପାଣି

**ମ. ରାମପୁର,୯।୯ (ସଂଚାର ବ୍ୟୁରୋ):** ମଦନପୁର ରାମପୁର ବ୍ଲକ ନୁନପୁର ଗାଁ ପୋଷ୍ଟ ଅଫିସପଡା ମୁଖ୍ୟ ରାସ୍ତାର କିଛି କଂକ୍ରିଟ ଅଂଶ ନୀଚ ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଉକ୍ତ ପଡ଼ା ମଝିରେ ପ୍ରାୟ

**ପ୍ରଶାସନର ଦୃଷ୍ଟି ପଡ଼ିବ କେବେ ?**

୧୦୦ ମିଟର ଜାଗାରେ ପାଖାପାଖି ୧ ଫୁଟ ପାଣି ରହି ରାସ୍ତାରେ କୃତିମ କେନାଲର ଭ୍ରମ ସୃଷ୍ଟି ହେବା ସହ ପାଣି ନିଷ୍କାସନ ହୋଇ ନପାରି ଦାଣ୍ଡରେ ଅହରହ ଜମି ରହିଛି । ଯାହା ପାଖାପାଖି ୫ ବର୍ଷରୁ ଅଧିକ ହେବ ଏଇ ସମସ୍ୟା ଲାଗି ରହିଛି। ଏବେ ଉକ୍ତ ରାସ୍ତା ଦେଇ ଯିବା ଆସିବା କରିବା ପାଇଁ ପଡ଼ାବାସୀ ପାଣି କାଦୁଅର ଅସହ୍ୟ ଯନ୍ତ୍ରଣାରେ ନୟାନ୍ତ ହେଲେଣି। ଅନ୍ୟ ପଟେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜର କୌଣଷି ବ୍ୟବସ୍ଥା ନଥିବା ଓ ପଡ଼ାର ଦୁଇ ପାର୍ଶ୍ୱର ଉଚ୍ଚ ସ୍ତରରେ ପିଚୁ ହେବା ଫଳରେ ପଡ଼ା ମଝିର କଂକ୍ରିଟ ରାସ୍ତା ଖାଲୁଆ ହେଇ ଏହି ସମସ୍ୟା ହେଉଥିବା



ପଡାବାସୀ କହିଛନ୍ତି।

ଉକ୍ତ ରାସ୍ତା ଦେଇ ଗୋଟିଏ ପେଟ ଜାତୀୟ ରାଜପଥ ୫୯ ନମ୍ବରକୁ ସଂଯୋଗ କରୁଥିବା ବେଳେ ଅନ୍ୟପଟେ ଶ୍ରୀ ଏଜୁକେଶନ ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଛି। ଏହାସହ ନୁନପୁର, ଉଲୁରୁପି, ଜାମବାହାଲି, ଗାଁର ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସକାଶେ ଉକ୍ତ ରାସ୍ତାଦେଇ ମ. ରାମପୁର ସହରକୁ ଯାଇଥାନ୍ତି। ତା ସହ ସାଧାରଣ ଲୋକେ ଯିବା ଆସିବା ସଙ୍ଗେ ସ୍କୁଲ , କଲେଜ୍ ଛାତ୍ର ଛାତ୍ରୀ ମାନେ ସେହି ଆଣ୍ଠୁଏ ପାଣି ଭିତର ଦେଇ ପ୍ରତିଦିନ ସ୍କୁଲ, କଲେଜକୁ ପାଠ ପଢିବାକୁ ଯାଇଥାନ୍ତି। ବିଶେଷ କରି ପୋଷ୍ଟ ଅଫିସକୁ ଆସୁଥିବା ଲୋକେ ଏଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏଣୁ ଏ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ବ୍ଲକ ପ୍ରଶାସନ ଗ୍ରାମ୍ୟ ସଡ଼କ ଯୋଜନା ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉକ୍ତ ପଡ଼ା ଭିତରେ ଜମି ରହୁଥିବା ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା କରିବା ସହ ନୂତନ ଭାବେ ଏହାରି ଉପରେ କଂକ୍ରିଟ ପକେଇ ଉଚ୍ଚ କରିବା ସହ ଲୋକଙ୍କ ଗମନା ଗମନରେ ସୁଧାର ଆଣିବାକୁ ସର୍ବସାଧାରଣରେ ଦାବି ହେଉଛି।



## ଜଙ୍ଗଲୀ ହାତୀପଲଙ୍କ ଉତ୍ପାତ
# ଭାଙ୍ଗିଲେ ଘର ; ଅଳ୍ପକେ ବର୍ତ୍ତିଲେ ଦୁଇ ପରିବାର

**କଳାହାଣ୍ଡି,୯।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜରେ ବର୍ଷ ସାରା ଜଙ୍ଗଲୀ ହାତୀ ଉପଦ୍ରବ ଜାରି ରହିଛି। ଦିନକୁଦିନ ଜଙ୍ଗଲୀ ହାତୀପଲ ଗାଁ ମୁହାଁ ହୋଇ ଫସଲ ନଷ୍ଟ କରିବା ସହ ଅନେକ ଲୋକଙ୍କ ଘରଦ୍ୱାର ଭଙ୍ଗାରୁଜା କରୁଛନ୍ତି । ହାତୀର ଉପଦ୍ରବକୁ ସହ୍ୟ କରିନପାରି ଦୁର୍ଗମ ଅଞ୍ଚଳରେ ଲୋକେ ତ୍ରାହି ତ୍ରାହି ଡାକୁଥିବା ବେଳେ ବନ ବିଭାଗ ନିଦାବିଷ୍ଟୁ ସାଜିଛି । ଏପରି ଏକ ଅଭାବନୀୟ ଘଟଣା ମୁଷାନାଲ ସେକ୍ସନ୍ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଜୋଡ଼ୱାଲୀ ଗାଁରେ ଘଟିଛି।

ସୂଚନାମତେ ପାହାଡ଼ ପଦର ପଞ୍ଚାୟତ ଅନ୍ତର୍ଗତ ପଟାଙ୍ଗପଦର ଗାଁର ଦୁଇ ପରିବାର କିଛି ବର୍ଷ ହେବ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଜୋଡ଼ୱାଲୀ ଗାଁରେ ରହି ପୋଡୁ ଚାଷ କରୁଥିଲେ। ହେଲେ ରବିବାର ବିଳମ୍ବିତ ରାତିରେ ୨୨ ଟିକିଆ ହାତୀ ପଲ ଝିମିରି ଜଙ୍ଗଲରୁ ଗାଁ ମୁହାଁ ହୋଇ ଗାଁ ନିକଟରେ ଭୀଷଣ ଗର୍ଜନ କରିଥିଲେ। ଗର୍ଜନ ଶୁଣି ଦୁଇ ପରିବାର ଜୀବନ ବିକଳରେ ଘର ଛାଡ଼ି ନିକଟସ୍ଥ ଘୋଡ଼ାପୋଖରୀ ଗାଁକୁ ପଳାଇବାରୁ ଅଳ୍ପକେ ବର୍ତି ଯାଇଥିଲେ। ହେଲେ ସକାଳୁ ଗାଁକୁ ଆସିଲା ବେଳକୁ ଦୁଗୀ ମାଝୀ ଓ ପୁରାଣା ମାଝୀଙ୍କ ଘର ସମ୍ପୂର୍ଣ ଭାଙ୍ଗିବା ସହ ଧାନ, ଚାଉଳ, ମାଣ୍ଡିଆ, ବିରି ଓ ଆସବାପତ୍ରକୁ ନଷ୍ଟ ହୋଇ ଯାଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ହାତୀପଲ ଗାଁ ନିକଟରେ ଥିବା ଝିମିରି ଜଙ୍ଗଲରେ ରହିଥିବା ବେଳେ ଲୋକେ ଲାଞ୍ଜିଗଡ଼ରୁ ବେନଗାଁ ଦେଇ ସେହି ରାସ୍ତାରେ ଯାତାୟାତ ପାଇଁ ଭୟଭୀତ ହୋଇପଡ଼ିଛନ୍ତି।

**ନାବାଳିକାକୁ ଦୁଷ୍କର୍ମ ଓ ମାଡ଼ ଘଟଣା**

# ଅଭିଯୁକ୍ତକୁ ଗିରଫ କରାନଗଲେ ଥାନା ଘେରିବାକୁ କଂଗ୍ରେସର ଚେତାବନୀ



**ଫୁଲବାଣୀ,୯।୯ (ସଂଚାର ବ୍ୟୁରୋ):** ଦାରିଙ୍ଗିବାଡି ନାବାଳିକାକୁ ଟେକି ନେଇ କାର ଭିତରେ ଦୁଷ୍କର୍ମ ଓ ମାଡ଼ ମାରିବା ଘଟଣାରେ ପୋଲିସର ପାରିବ ପଣିଆକୁ ଜିଲା କଂଗେସ ସନ୍ଦେହ ପ୍ରକାଶ କରିବା ସହ ୪୮ ଘଣ୍ଟା ମଧରେ ଅଭିଯୁକ୍ତକୁ ଗିରଫ ନ କଲେ ଦାରିଙ୍ଗିବାଡି ଥାନା ଘେରାଉ କରାଯିବାକୁ ଧମକ ଦେଇଛି। ବିଜେପି ଡବଲ ଇଞ୍ଜିନ ସରକାର ଆସିବା ଠାରୁ ନାରୀ ନିର୍ଯ୍ୟାତନା, ଦୁଷ୍କର୍ମ ଓ ହତ୍ୟା ବଢ଼ିଚାଲିଥିବା କହିଛନ୍ତି ଘୁ,ଉଦୟଗିରି ବିଧାୟକ।

ସୂଚନା ପ୍ରକାରେ ଗାଁରେ ଚାଲିଥିଲା ଗଣେଶ ଭସାଣି ଉତ୍ସବ। ସାହିଠାରୁ ମୁଖ୍ୟ ବଜାର ସବୁଠି ପ୍ରବଳ ଭିଡ଼ ଥିଲା। ଜଣେ ନାନାବାଳିକା ପ୍ରସାଦ ସେବନ ସାରି ଘରକୁ ଫେରୁଥିବା ବେଳେ କାରରେ ଉଠାଇ ନେଇ ଦୁର୍ବୃତ୍ତମାନେ ଦାରିଙ୍ଗବାଡ଼ି ଥାନାଠାରୁ ଦୁଇ ତିନି କିଲୋମିଟର ଦୂର ଦବେରୀ ଗାଁ ନିକଟରେ କାର ଭିତରେ ଦୁଷ୍କର୍ମ କରିଥିବା ଏବଂ ଚୁଟିକୁ ଘୋଷାଡ଼ି ମାଡ଼ ମାରିଥିବା ନେଇ ଦାରିଙ୍ଗିବାଡ଼ି ଥାନାରେ ଅଭିଯୋଗ ହୋଇଛି। ଘଟଣା ଘଟିଛି ଦାରିଙ୍ଗିବାଡି ଥାନା ଅଂଚଳରେ ଘଟିଥିବାରୁ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୁଲିସରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏସ୍‌ଆଇ ଜୟନ୍ତ ସେଠୀ କହିଛନ୍ତି।

# ନାବାଳିକା ଉଦ୍ଧାର, ଜଣେ ଅପହରଣକାରୀ ଗିରଫ

**କଣାସ,୯।୯ (ସଂଚାର ବ୍ୟୁରୋ):** କଣାସ ଥାନା ଆଇ.ଆଇ.ସି ପ୍ରଶନ୍ନ ନାୟକ କଣାସ ଥାନାରେ ନୂତନ ଭାବେ ଯୋଗଦେବାପରେ ଅପହରଣ ହୋଇଥିବା ନାବାଳିକାଙ୍କୁ ଉଦ୍ୟମ ଚଳାଇ ଦୁଇଦିନ ହେଲା ଦୁଇଜଣ ଅପହରଣ ହୋଇଥିବା ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଜଣଙ୍କୁ ଗିରଫ କରି କୋଟଚାଲଣ କରିଛି। ପୋଲିସ୍ ସୂତ୍ରରୁ ପ୍ରକାଶ ୨୦୧୯ ମସିହାରେ କଣାସ ଅଞ୍ଚଳରୁ ଜଣେ ନାବାଳିକା ଅପହରଣ ହୋଇଥିବା କଣାସ ଥାନାରେ ଅଭିଯୋଗ ହେବାପରେ କଣାସ ଥାନା କେସ୍ ନଂ-୯୦/୨୦୧୯ରେ ମକଦମା କରାଯାଇ କେସ୍ ପଡ଼ିରହିଥିଲା। ଶ୍ରୀନାୟକ କାର୍ଯ୍ୟରେ ଯୋଗଦେବାପରେ ଘନଘନ ତଦନ୍ତ କରି ଗତକାଲି ଅପହରଣ ହୋଇଥିବା ନାବାଳିକାକୁ ଜଟଣିରୁ ଉଦ୍ଧାର କରି ଅଭିଯୁକ୍ତ ଜଟଣି ଗୁପବନ୍ଧୁନଗରର ସଞ୍ଜୟ ନାୟକଙ୍କୁ ଗିରଫ କରି କୋଟଚାଲଣ କରିଛନ୍ତି। ସେହିପରି କଣାସ ଅଞ୍ଚଳରୁ ୨୦୨୫ ମସିହାରେ ଅପହରଣ ହୋଇଥିବା ଏକ ନାବାଳିକାକୁ ଭୁବନେଶ୍ୱରରୁ ଉଦ୍ଧାର କରିବା ପରେ ତାଙ୍କର ଅଭିଭାବକଙ୍କୁ ହସ୍ତାନ୍ତର କରିଥିବା ବେଳେ ଅପହରଣକାରୀ ଧରାପଡ଼ିନାହାଁ।



# ଗଞ୍ଜେଇ ଜବତ, ଜଣେ ଗିରଫ



**ନୀଳଗିରି,୯।୯ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ପୋଲିସ ଏକ ସ୍କୁଟି ସହିତ ୧ କିଲୋ ୩୦୦ ଗ୍ରାମର ଗଞ୍ଜେଇ ଜବଦ କରିବା ସହିତ ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାଯାଇଛି । ଖବର ରୁ ଜଣାଯାଇଛି ଯେ ଗତ ରବିବାର ଏକ ବିଶେଷ ସୁତ୍ରରୁ ଖବରପାଇ ନୀଳଗିରି ପୋଲିସ ମିତ୍ରପୁର ହାଟ ଛକ ନିକଟରୁ ନୀଳଗିରି ଧାନା ଅଧିନ ବେଗୁନିଆ ଗ୍ରାମର ଲକ୍ଷ୍ମୀଧର ଜେନା (୪୮) ଙ୍କୁ ଧରିବା ସହ ତାଙ୍କ ନିକଟରୁ ଏକ ସ୍କୁଟି ସହିତ, ପାଖାପାଖି ୧ କିଲୋ ୩୦୦ ଗ୍ରାମର ଗଞ୍ଜେଇ, ଚିଲିମ, ଗଞ୍ଜେଇ ଗ୍ରାଇଣ୍ଡର ଜବଦ କରିଥିଲେ। ନୀଳଗିରି ଥାନା ପକ୍ଷରୁ ୩୫୮/୨୫ ଏକ ମାମଲା ରୁଜୁ କରି ସୋମବାର ଅଭିଯୁକ୍ତ ଙ୍କୁ ଅଧିକ ପଚରା ଉଚୁରା କରୁଛନ୍ତି । ନୀଳଗିରି ଥାନାର ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକଙ୍କ ଏପରି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

# ରାସ୍ତା ଅବସ୍ଥା ଶୋଚନୀୟ, ଜିଲ୍ଲାପାଳଙ୍କୁ ଅଭିଯୋଗ

**ରାସ୍ତା ମରାମତି ନାମରେ ଗୁପ୍ତ ଟେଣ୍ଡର କରି ମାଲେମାଲ ଠିକାଦାର, ଯନ୍ତ୍ରୀ**



**ବିଞ୍ଝାରପୁର,୯।୯ (ସଂଚାର ବ୍ୟୁରୋ):** ପୂର୍ତ୍ତ ବିଭାଗ ରାସ୍ତା ସାଜିଛି ଦୁର୍ଘଟଣାର ମାଧମ। ଦୀର୍ଘ ଦିନ ଧରି ରାସ୍ତାର ଅବସ୍ଥା ବିପର୍ଯ୍ୟୟ ଅବସ୍ଥାରେ ଥିବା ବେଳେ ବଢ଼ି ଚାଲିଛି ଦୁର୍ଘଟଣାମାନ। ଶୁଣୁଛି ପୂର୍ତ୍ତ ବିଭାଗ ନା ବଦଳୁଛି ରାସ୍ତାର ଅବସ୍ଥା। ଅନ୍ୟପଟେ ରାସ୍ତାକୁ ପୂର୍ତ୍ତ ବିଭାଗ ଦ୍ୱାରା ମରାମତି ଓ ପୁନଃନିର୍ମାଣ ନାମରେ ଗୁପ୍ତ ଟେଣ୍ଡର ନାମରେ ଲକ୍ଷାଧିକ ଟଙ୍କାର ହରିଲୁଟ ହେଉଥିବା ଅଭିଯୋଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ସ୍ଥାନୀୟ ବାସିନ୍ଦା।

ଅଭିଯୋଗ ଅନୁଯାୟୀ ବିଞ୍ଝାରପୁର ବ୍ଲକ ମାଁସଡାଠାରୁ ଦଶରଥପୁର ବ୍ଲକର ମଧୁପୁର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଅଧିନସ୍ଥ ରାସ୍ତାର କପିଳାଠାରୁ ପ୍ରୀତିପୁର ପର୍ଯ୍ୟନ୍ତ ପ୍ରାୟ ୫ କିମି ରାସ୍ତା ଗମନା ଗମନ ଓ ପରିବହନ ପାଇଁ ସମ୍ପୂର୍ଣ ଅନୁପଯୋଗୀ ହୋଇପଡିଛି। ରାସ୍ତାର ବହୁ ସ୍ଥାନରେ ଫୁଟେ, ଦୁଇ ଫୁଟ ଗଭୀରର ଖାଲଖମା ହୋଇଥିବାରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଦେଇ ସବୁ ସମୟରେ ହାଇୱା ଯୋଗେ ଓଭର ଲୋଡ କରି ବାଲି ବୁହା ହେଉଥିବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବା ଅଭିଯୋଗ ହୋଇଛି।

ଦୁଇଟି ବ୍ଲକ୍ ଅର୍ଥାତ୍ ବିଞ୍ଝାରପୁର ଏବଂ ଦଶରଥ ପୁରକୁ ସଂଯୋଗ କରୁଥିବା ଏହି ରାସ୍ତାର ଅବସ୍ଥାକୁ ଲକ୍ଷ କଲେ ବିଭାଗ ଏନେଇ କେତେ ତତ୍ପର ତାହା ସ୍ପଷ୍ଟ ଜଣାପଡୁଛି। ବାରମ୍ବାର ଅଞ୍ଚଳବାସୀଙ୍କ ତରଫରୁ ରାସ୍ତାର ସ୍ଥାୟୀ ମରାମତି ତଥା ପୁନଃନିର୍ମାଣ ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କଲେ ମଧ ଅର୍ଥ ନଥିବା ଆଳରେ ଆଜକୁ ଏକ ବର୍ଷ ହେବ ରାସ୍ତା ମରାମତି କରୁନାହାନ୍ତି। ଅନ୍ୟପଟେ ଭଲ ଥିବା ରାସ୍ତାକୁ ପୂର୍ତ୍ତ ବିଭାଗ ଦ୍ୱାରା ମରାମତି ଓ ପୁନଃନିର୍ମାଣ ନାମରେ ଗୁପ୍ତ ଟେଣ୍ଡର କରାଯାଇ କୋଟିକୋଟି ଟଙ୍କା ଠିକାଦାର, ରାଜନେତା ଓ ଯନ୍ତ୍ରୀ ହରିଲୁଟ କରୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏଣୁ ରାସ୍ତାର ଦୂରବସ୍ଥାକୁ ଦେଖି ଏହାର ତୁରନ୍ତ ମରାମତି ଓ ପୁନଃନିର୍ମାଣ ପାଇଁ ସମାଜସେବୀ ଭୁବନାନନ୍ଦ ସାମଲ, ବଳରାମ ବଳ, ସନାତନ ସାହୁ, ଅମୂଲ୍ୟ ଦେବତା, ନିହାର ରଞ୍ଜନ ସାମଲ, ଧନେଶ୍ୱର ସାମଲ, ପ୍ରଦୀପ ସାମଲ, ନବକିଶୋର ଜେନା, କୁଶ ମଲିକ ପ୍ରମୁଖ ବିଂଝାରପୁର ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।

ଜିଲ୍ଲାପାଳ ଅମ୍ବର କୁମାର କର ଅଭିଯୋଗର ଗୁରୁତ୍ୱକୁ ଅନୁଭବ କରି ଆସନ୍ତା ଦୁଇ ସପ୍ତାହ ମଧରେ ରାସ୍ତା ମରାମତି କାର୍ଯ୍ୟ ସାରିବାକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଲିଖିତ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ପୂର୍ତ୍ତ ବିଭାଗ କେତେ କାର୍ଯ୍ୟକାରୀ କରୁଛି ତାହା ଦେଖିବାକୁ ବାକି ରହିଲା।

# ସମ୍ ହସ୍ପିଟାଲ୍‌ରେ ଅଙ୍ଗଦାନକାରୀଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ

**ଭୁବନେଶ୍ୱର,୯।୯ (ସଂଚାର ବ୍ୟୁରୋ):** ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ସୋମବାର ଜଣେ ୫୨ ବର୍ଷୀୟ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଠାରୁ ଯକୃତ ବାହାର କରାଯାଇ ଭୁବନେଶ୍ୱରର ଅନ୍ୟ ଏକ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବା ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ ନିମନ୍ତେ ପ୍ରେରଣ କରାଯାଇଥିବା ବେଳେ ମଙ୍ଗଳବାର ହସ୍ପିଟାଲ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ ଶରୀରକୁ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଛି।



ଗତ ଅଗଷ୍ଟ ୩୧ରେ ଏକ ସଡ଼କ ଦୁର୍ଘଟଣାରେ ଗଭୀର ଆଘାତ ପାଇଥିବା ଜଣେ ସୁରକ୍ଷାକର୍ମୀଙ୍କୁ ଚିକିତ୍ସା ନିମନ୍ତେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ରବିବାର ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା। ତାଙ୍କ ମୃତ୍ୟୁ ପରେ ପରିବାର ସଦସ୍ୟମାନେ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ତାଙ୍କର ଅଙ୍ଗଦାନ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଗାର୍ଡ ଅଫ୍ ଅନର ପ୍ରଦାନ ସମୟରେ ସମ୍ ହସ୍ପିଟାଲ୍ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ଗ୍ୟାଷ୍ଟ୍ରୋ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଜ୍ୟୋତିର୍ମୟ ଜେନା, ଡିଜିଏମ୍ ଅପରେସନ୍ସ ଶ୍ରୀମତି ପୁଷ୍ପାଞ୍ଜଳୀ ରାଉତ, ଡେପୁଟି ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି କାବେରୀ ରାଣୀ ସାହୁ ଓ ତାଙ୍କ ଟିମ୍, ଜୁନିୟର ହସ୍ପିଟାଲ୍ ଆଡମିନିଷ୍ଟ୍ରେଟର ଶ୍ରୀ ସାଗର ପାଇକରାୟ ଓ ଶ୍ରୀ ସରୋଜ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରୁ ଦୁଇ ଦିନରେ ଦୁଇଟି ଶବ ଉଦ୍ଧାର

**ପାରାଦୀପ,୯।୯ (ସଂଚାର ବ୍ୟୁରୋ):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରୁ ଦୁଇ ଦିନରେ ଦୁଇଟି ଶବକୁ ଉଦ୍ଧାର କରାଯାଇଛି। ଗତ ଗୁରୁବାର ଦିନ ଜାହାଜରୁ ଗଳି ନିଖୋଜ ଥିବା ଚାଇନା ନାବିକ ଝାଙ୍ଗ ତାଇଙ୍କର ଶବ ଗତକାଲି ଉଦ୍ଧାର କରାଯାଇଥିବା ବେଳେ ଆଜି ପାଞ୍ଚ ନମ୍ବର ଗେଟ ଭିତର ପାଖରୁ ଏକ ଅଜଣା ଶବକୁ ପୋଲିସ ଜବତ କରିଛି। ଏହା ଜଣେ ପୁରୁଷଙ୍କ ଶବ ହୋଇଥିବା ବେଳେ କିଭଳି ଓ କେଉଁ ପରିସ୍ଥିତିରେ ଏହି ଶବ ଏଠାକୁ ଆସିଲା ତାହାର ତଦନ୍ତ ଆରମ୍ଭ କରିଛି ଜଟାଧାରୀ ମୁହାଣ ପୋଲିସ।

ପୋଲିସ ଏହାର ପରିଚୟ ପାଇନଥିବା ବେଳେ କିଏ ଆତ୍ମହତ୍ୟା କରିଥାଇ ପରେ କିମ୍ବା କେହି ଦୁର୍ବୃତ୍ତ କାହାକୁ ମାରି ଏଠାରେ ପାଣିରେ ଫିଙ୍ଗି ଦେଇ ଯାଇଥାଇ ପାରେ ବୋଲି ସନ୍ଦେହ ସୃଷ୍ଟି ହୋଇଛି। ଚାଇନା ନାବିକଙ୍କ ମୃତ ଦେହକୁ ଆଜି ବ୍ୟବଚ୍ଛେଦ କରିବା ପରେ ତାହା କଲିକତା ପ୍ୟାକିଂ ନିମନ୍ତେ ପଠାଯାଇଛି ଓ ଆସନ୍ତା କାଲି ତାହା ଚାଇନା ଯିବ ବୋଲି ମଧ ଜଣାପଡିଛି ।



## ଗୁରୁଦିବସର ସ୍ମୃତି

### ଜୟଶ୍ରୀ ପଟ୍ଟନାୟକ

ମନେ ପଡେ ଖଡ଼ି ସିଲଟ କଥା ମନେ ପଡ଼େ ବହି ପାଠ
ମନେପଡ଼େ ସେହି କାଦୁଅ ରାସ୍ତା ମନେପଡ଼େ ସେହି ଚାଟ
ଗୁରୁ ବ୍ରହ୍ମା ପରି ସ୍ରଷ୍ଟା ଥିଲେ ବିଷ୍ଣୁ ପରି ପାଳନ କରତା
ଅଜ୍ଞାନ ଅନ୍ଧାର ନାଶ କରି ଆମ ହେଉଥିଲେ ଭାଗ୍ୟ ବିଧାତା।
ତାଙ୍କରି ଠାରୁ ଶିଖିଥିଲୁ ସବୁ ନମ୍ରତା, ଆଦର୍ଶ ଗୁଣ
ଗୁରୁ ଶିଷ୍ୟଙ୍କ ପବିତ୍ର ସମ୍ପର୍କେ ଚରିତ୍ର କଲୁ ଗଠନ
ଯେତେ ଯିଏ ବଡ଼ ହେଉ ପଦବୀରେ ଗୁରୁ ପାଦେ ଥାଏ ଧ୍ୟାନ
ଆଜି କାହିଁ ସମ୍ପର୍କ ମଳିନ ଦିଶଇ ପରମ୍ପରା ଲାଗେ ନ୍ୟୁନ।
ଚାହାଳୀରେ ମନ ଲାଗେନି ସଦା ଲାଗୁଥାଏ ମୋବାଇଲରେ
ସ୍କୁଲ ନ ଯାଇ ପିଲାଙ୍କ ସମୟ କଟେ ଖେଳ ରାସ୍ତା ଘାଟରେ
ବିଶୃଙ୍ଖଳ ହୋଇ ଜୀବନ କେତେକ କରିଥାନ୍ତି ହୀନିମାନ
ନିଜ ଭାଗ୍ୟକୁ ମାଟି କରି ନିଜେ ଦୁଃଖେ କାଟନ୍ତି ଜୀବନ।
ସମୟକୁ ଧ୍ୟାନ ଦେଇଛି ଯିଏ ହୋଇଛି ବଡ଼ ଜୀବନେ
ଗୁରୁଜନ ଆଜ୍ଞା ମାନିଛି ଯିଏ ଜିତିଛି ବାଜି ଜୀବନେ
ଉଚିତ ଶିକ୍ଷା ନେଇ ବିଦ୍ୟାଳୟୁ ପାଠରେ ଲଗାଅ ମନ
ଆଜି ସମୟଟା ଚାଲିଗଲେ ବନ୍ଧୁ କାଲି ମିଳେନା ସେ ଦିନ।
ସବୁଠାରୁ ସୁଖୀ ବିଦ୍ୟାର୍ଥୀ ଜୀବନ ଲଗା ତାକୁ ହିତ କାମେ
ବାକି ଜୀବନ ତ ଚିନ୍ତାରେ ସରେ ଅନ୍ନ ଜୀବିକା ନାମେ
ମନେ ରଖ ତୁମ ଚରିତ୍ର ଅଟଇ ମୁଖ ଦରପଣ ସମ
ଯାହା କରିଥିବ ବାଲ୍ୟ ବୟସେ ହୁଏ ଭବିଶ୍ୟେ ପ୍ରତିଫଳନ।

**ଗଙ୍ଗନଗର ଛକ, ଭୁବନେଶ୍ୱର**





## ଯେଉଁ ଅପେକ୍ଷାରେ ତୁମେ...

### ସ୍ୱାଗତିକା ସାହୁ

ତୁମରି ପରିଭାଷାରେ
ମୁଁ କାଳେ ଅପରୂପା, ଚିନ୍ମୟୀ,ତପସ୍ୱିନୀ
ଭିଜା ସକାଳର ଅଳସୁଆ ଆଖିର ପ୍ରେମ
ତୁମ ରେଶମ ରାତିର ସାଇତା ସ୍ୱପ୍ନ
ସେଥିପାଇଁ ତ ମୋ ହୃଦୟ ଆଳିନ୍ଦର
ଦୁଆର ତୁମ ଆକ୍ତିଆରରେ...
ଅଦିନରେ ବି ମନ ଡାଳରେ
ଭରୁଥିଲା ପେଣ୍ଠା ପେଣ୍ଠା ବଉଳ
ହେଲେ ଏ ସବୁ ବାହାରେ....
ତୁମେ ମୋତେ ଲାଗ କେବେ କେବେ
ପ୍ରବଞ୍ଚକ ମିଛ ପ୍ରେମର ଯାଦୁଗର...!

ନିର୍ଭୁଲ ନୁହେଁ ଭୁଲ ଥିଲା
ମୋ ସମସ୍ତ ଗଣିତ....
ତୁମ ନାମର ସିନ୍ଦୂର,କଜ୍ଜଳ,ଅଳତା
ବିଶ୍ୱାସର ତାଳମେଳେ ନପାଇ
ନିରାଶା କାନ୍ଦୁଛି ଗୁମୁରି....!
ଆଲୁଅର ପରିପାଟୀ ବି କାଠ
ଦେଖି ସେ ନିଖୁଣ ଅଭିନୟ !
ନିଇତି ନୂଆଁ କଣ୍ଟେଇର ଆବଶ୍ୟକ...
ହଳଦୀ,ଧଳା,କଳା,ନାଲି,ନେଳି
ନିସର୍ତ୍ତରେ ବନ୍ଧା ପଡ଼େ ତୁମ ଶବ୍ଦ ଜାଲରେ
ଏବେ କାଟୁଛି ଜୀଅନ୍ତା ରାତି ଏକା...
ଯେଉଁ ଅପେକ୍ଷାରେ ତୁମେ ଆସିବେନି
ଅପେକ୍ଷା କରିବି କାହିଁକି ???

କେବେ ଲାଗେ ଅଗ୍ନିକୁ ସାକ୍ଷୀ ରଖି ବିବାହ
ଆଉ ଆମ ରୋମାଞ୍ଚ ମିଳନ,
ଥିଲା ଏକ ଦୁଃଖଦ ସମ୍ଭାବନା...!
ଆଉ ତୁମେ ଆରୋହଣର ଉପଭୋକ୍ତା
ତଥାପି ମୁଁ ତୁମର ସେ ଚିର ଅର୍ଦ୍ଧାଙ୍ଗିନୀ
ତୁମ ଦୁଇଟି ସନ୍ତାନର ଜନନୀ...
ଏବେବି ମୁଣ୍ଡରେ ଉଠେଇ ରଖିଛି
ତୁମ ସଂସାର ଶାଳଗ୍ରାମ
ଭିତରେ କୁହୁଳେ ହତଭାଗାର ଭାଗ୍ୟ ନେଇ
ନାରୀ ହୁଏ ଏଠି ଜୀଅନ୍ତା କାଠ...!
ଯେଉଁଠି ଅନେକ ପକ୍ଷୀ ଆସନ୍ତି
କିଚିରି ମିଚିରି ଗୀତ ଗାଇ ଗାଇ
ଏ ବୁଢ଼ା ବୃକ୍ଷଟି ଆଦରି ଆଲିଙ୍ଗନ କରେ
ସମସ୍ତ କାମୁକ ଜ୍ୱାଳାକୁ ଜୁଟାଇ...!
ସେ ବୃକ୍ଷ ମୋର ନଥିଲା...
ସବୁ ଜାଣି ଶୁଣିବି ନୀରବ ସ୍ଥାଣୁ...
କେତେ ଭାଙ୍ଗିବି ଉଖାଡ଼ିବି
ପୁରାତନ,ନୂତନ ଘାଆକୁ...!
ମଶାଣିରେ ଧୂଆଁ ହୋଇ
ମିଳେଇ ଯିବା ଯାଏଁ ବଞ୍ଚିବି
ଦାୟିତ୍ୱବର ଅଭେଦ ବନ୍ଧନ ଭିତରେ...
ଏକ ନିର୍ଯାତିତ ନିଃଶବ୍ଦ କାହାଣୀଟିଏ ହୋଇ...!

**ଉମରକୋଟ, ନବରଙ୍ଗପୁର**



## ଆଜିର ସମାଜ

### ରିମା ପାଣ୍ଡା

କଳି କାଳର ଏ ମଣିଷ ସମାଜ
ମଣିଷ ପଣିଆ ନାହିଁ
ଭରିଛି ମନରେ ଛନ୍ଦ କପଟ
ନିରୀହ ମଣିଷ କାହିଁ।

ଗୋଟିଏ ମିଛକୁ ଲୁଚାଇବା
ପାଇଁ ସତ ମିଛ କହି ଥାଏ
ସେହି ମିଛ ଦିନେ ସତ୍ୟ ହୋଇ ପୁଣି
ତାକୁ ଗ୍ରାସ କରି ଥାଏ।

ସତ୍ୟ ପଥକୁ ଚାଲି ଯିବା
ଆମେ ମିଛ କୁ ଲୁଚାଇ ଦେବା
ଜୀବନ ପଥରେ ହସି ହସି ଆମେ
ହରି ନାମ ଜପୁ ଥିବା। !

**ବରଗଡ଼, ଗୋବିନ୍ଦପାଲି**



## ଗୁରୁ ପିତାମାତା ଗୁରୁ ବନ୍ଧୁ ସଖା

### ନିବେଦିତା ପଣ୍ଡା

ଗୁରୁ ପିତାମାତା ଗୁରୁ ବନ୍ଧୁ ସଖା
ଦେଖାନ୍ତି ଆଲୋକ ପଥ,
ଆଲୋକ ଶିଖାର ପଥ ପ୍ରଦର୍ଶକ
ହୋଇ ଦିଅନ୍ତି ଇଙ୍ଗିତ

ଅନୁଶାସନର ଡୋରିରେ ସର୍ବଦା
ବାନ୍ଧି ରଖି ସଂସ୍କାରରେ,
ମାର୍ଗଦର୍ଶନ ବି କରାନ୍ତି ସଭିଙ୍କୁ
ଶିକ୍ଷା ଦିକ୍ଷାର ଆଳରେ।

ଈଶ୍ୱରଙ୍କ ପ୍ରତିନିଧି ରୂପେ ସିଏ
ସାଜନ୍ତି ଆମ ମାଧମ,
ଅନୁଶାସିତ ସେ କରିଥାନ୍ତି ବୋଲି
ପଥ ହୁଅଇ ସୁଗମ।

ହସ୍ତକ୍ଷେପ ପରି ଲାଗଇ ଆମକୁ
ସେ ଅନୁଶାସନ ଡୋରି,
ଜୀବନେ ଶୃଙ୍ଖଳା ଆସିଥାଏ ପରା
ଥିଲେ ସିଏ ସ୍ନେହେ ଧରି।

ଶୁଭେଚ୍ଛୁ ଭାବରେ କରିଥାନ୍ତି ପରା
ଆମକୁ ଅନୁଶାସନ,
ଗୁରୁ ପିତାମାତା ଗୁରୁ ବନ୍ଧୁ ସଖା
ମଙ୍ଗଳର ନିଦର୍ଶନ।

ଜୀବନରେ ପଥପଦର୍ଶନ ସିଏ
କରନ୍ତି ସୁଜ୍ଞାନ ବଳେ,
ଶାନ୍ତି ଶୃଙ୍ଖଳାରେ ବିତେ ଏ ଜୀବନ
ଝୁଣ୍ଟି ପଡୁନା ବି ତଳେ।

ସ୍ୱାର୍ଥପରତାକୁ ଆପଣେଇ ନେଇ
ଭୂଲିଲେ ଗୁରୁ ମହତ୍ତ୍ୱ,
ହଜିଯିବ ଦିନେ ସବୁ ମୂଲ୍ୟବୋଧ
ମାନବ ଧର୍ମ ଗୁରୁତ୍ୱ ।

ଗୁରୁଙ୍କ ଶାସନ ଡୋରିରେ ସର୍ବଦା
ବନ୍ଧା ଆମରି ଜୀବନ,
ଅନୁରାଗ ହୀନ ଆଜିର ମଣିଷ
ଦେଉନି ତାହାର ଧ୍ୟାନ।

ଦରକାର ପଡୁନି ଗୁରୁ ଶିକ୍ଷା,ଦିକ୍ଷା
ଦୁର୍ବଳତା ତା' ବିଚାରେ,
ମୂଲ୍ୟହୀନ ଲାଗେ ଗୁରୁ ଉପଦେଶ
ବିବଶ ଅଜ୍ଞାନତାରେ।

ଜ୍ଞାନର ଚକ୍ଷୁଟି ଖୋଲିବା ଜରୁରୀ
ଅବିବେକୀ ଜନ ପାଇଁ,
ବଞ୍ଚିବ ଭଲରେ ଶାନ୍ତି ଓ ସୁଖରେ,
ଗୁରୁଙ୍କ ଆଶ୍ରିତ ହୋଇ।





## କବିତା

### ଡ.ଭାରତୀ ହୋତା

କବିତା...
କିଛି କୋହର
କିଛି ଲୁହର
କିଛି ଆବେଗର ସାଉଁଟା
ହସ କାନ୍ଦର ସମାହାର ।।

କବିତା ..
କିଛି ଘଟଣା ଅଘଟଣର
ଆଙ୍କି ଦେଇଥିବା ଅନେକ କ୍ଷତ
ଛାତିର
କେତେ ଅବ୍ୟକ୍ତ ଯନ୍ତ୍ରଣା
ଗୁନ୍ଥି ଆଣିଥିବା ଛନ୍ଦର ଛାନ୍ଦର
ଖୋଜି ବୁଲୁଥିବା ଶବ୍ଦ ବ୍ରହ୍ମର
ମୌନ ମୁହଁରେ
ନିଜେ ନିଜର ସମାଧି ସ୍ତୁପରେ
କିଛି ଅଙ୍କୁର ସ୍ୱପ୍ନିଳ
ସମ୍ଭବନାର.... ।

କବିତା...
ଅକ୍ଷର ଗୁଡ଼ିକୁ ଧୋଇ ପୋଛି
ଲୁହରେ
ଲହୁରେ ଭିଜାଇ ଦେଇଥିବା
ଶବ୍ଦପୁଞ୍ଜାର
ସ୍ୱେଦର ବିନ୍ଦୁ ବିନ୍ଦୁ ଟୋପାରେ
ମହକେଇ ଦେଇଥିବା
ଧାଡ଼ିଧାଡ଼ି ଅକ୍ଷରର
ଭାବରେ ବିଭୋର କରିବାକୁ
କେହି ନା କେହି
ପାଠକର ଦରଦୀ ଆତ୍ମାକୁ
ଅର୍ଥରେ, ଅର୍ଥାନ୍ତରରେ... ।

କବିତା....
କାଗଜ ଉପରେ
ଭାବ ଅଭାବର ଶବ୍ଦର ସଜ
ବାଜ
ତହିଁରେ ତିକ୍ତ -ମଧୁର
କୋହ-ମୋହର ମୂରୁଜ ,
କବିତା ଛାତି ତଳେ ଲୁକ୍କାୟିତ
ଡେଣାଲଗା ପ୍ରଜାପତିଙ୍କ ସ୍ୱପ୍ନ
ସମାହାର
କିଛିଟା ଆତ୍ମଗ୍ଲାନି,
ନାତିଶୀତୋଷ୍ମ ପାପ ପୁଣ୍ୟର
କାକର କବର..... ।

କବିତା....
ପ୍ରିୟ ଅପ୍ରିୟ
ଅଙ୍ଗେନିଭା ଅନେକ କ୍ରିୟା
ପ୍ରତିକ୍ରିୟାର
ପ୍ରତ୍ୟକ୍ଷ -ପରୋକ୍ଷ ଅନୁଭବ,
ସଫଳ ହେଉ କି ବିଫଳ
ବାସ୍ତବରେ ବଞ୍ଚୁଥିବା ବହୁବିଧ
ଜୀବନର
ଚିତ୍ର ଓ ଚରିତ୍ର ସମୂହର
ସମାହାର... ।

କବିତା...
ମେଞ୍ଚାଏ ଅନ୍ଧାର ଛାତିତଳର,
ଭଙ୍ଗା ଦଦରା ପଞ୍ଜରା କୋଣ
ଅନୁକୋଣର
ସାଉଁଟା ହାହାକାର,
ଅଳିନ୍ଦ ନିଳୟର ମୁଠାଏ ଅଳନ୍ଦୁ
ମେଘ ମାଘ ବୈଶାଖର
ବୁଢିଆଣୀ ଜାଲ... ।

କବିତା....
ଝାଳ ବତୁରା ଲାଞ୍ଛିତ
ଭାଗ୍ୟଲେଖି,
ଭାବ ଅଭାବ ଶବ୍ଦର ଶିଖର
ସମ୍ମିଳନୀ,
ବେଦନାସିକ୍ତ ଛାୟାପଥ
ଚିତ୍ରିତ ଜହ୍ନରାତି, ପ୍ରେମର ପଦ୍ମ
ପୋଖରୀ,
ଆଉ କିଛି ମୂକ ବିଦ୍ରୋହର
ଇସ୍ତାହାର... ।

**ଖରିଆର ରୋଡ଼**
**ନୂଆପଡ଼ା**



## ସୁଖ ଦୁଃଖ

### ସନ୍ତୋଷ କୁମାର ସାହୁ

ଦୁଃଖରୁ ସାଉଁଟି ସୁଖକୁ ପାଛୋଟି
ଦେଖେ ମୁଁ ଆଶାର ଛାଇ
ଅନୁରାଗ ମନେ ଦେଖୁଛି ସପନେ
ସୁଖରେ ବିଭୋର ହୋଇ....

ନିଦ ଭାଙ୍ଗିଗଲେ ସପନ ଚହଲେ
ଅସ୍ଥିର ହେଉଛି ମନ
ଦୁଃଖରେ ସୁଖକୁ ନିତି ଦେଖିବାକୁ
ନିଃଶ୍ୱାସ ହୁଏ ମୋ ଘନ....

ସୁଖ ସବୁ ଦେଖି ମନ ଯାଏ ଲାଖି
ସପନର ବିଛଣାରେ
ଅତୀତର ସ୍ମୃତି ହୋଇଲେ ବି ଇତି
ଲୋତକ ଆଖିରୁ ଝରେ....

ଲୁହ ବରଷାରେ ପଉଷ କାକରେ
ସର୍ବାଙ୍ଗ ଶରୀର ଭିଜେ
ଦୁଃଖ ସବୁ ଭୁଲି ଏକାଏକା ଚାଲି
ସୁଖର ଉପାୟ ଖୋଜେ....

ରଖି ମୋର ପ୍ରାଣ କରି ଅନ୍ୱେଷଣ
ଗଢ଼ିବି ଛୋଟିଆ ଘର
ଯେଉଁଠାରେ ଥିବ ମମତାର ଭାବ
ନଥିବ ଦୁଃଖର ଡର....

ଦୁଃଖକୁ ପାଶୋରି ସୁଖକୁ ସୁମରି
ବଞ୍ଚିଥିବି ଆନନ୍ଦରେ
ନଥିଲେ ବି ଧନ ଥାଉ ସ୍ୱଚ୍ଛ ମନ
ଏତିକି ମୁଁ ଆଶା କରେ...

**ଗାନ୍ଧୀ ନଗର,କୋରାପୁଟ**
**୯୪୩୭୪୩୩୬୫୭**



## କାଳ ନାଗୁଣୀ

### ଡ. ଶୁଭେନ୍ଦୁ ମେହେର

ବର୍ଷଣ ମୁଖର ଅମାବାସ୍ୟା ରାତ୍ରିର
ନିଶାର୍ଦ୍ଧରେ ବୋଧେ ତା'ର ଜନ୍ମ !
ଜାରଜର ଜରାୟୁରୁ ଜନ୍ମବୋଲି
ପରିବାରକୁ ବି ପରବାୟ ନାଇଁ ତା'ର ।

ଦୁନିଆଁ ଦେଖିବା ଆଗରୁ
ସେ' ଦଂସିବା ଶିଖିଛି
ଦେବା ଓ ପାଇବା ବଦଳରେ
ଫାସ ଖେଳିଛି ।

ସେ'
ନିମିଷେ ମଧରେ ନିଜର କରିପାରେ
ତା'ର କାଉଁରୀ କଳାରେ,
ଗଣିକମାନଙ୍କୁ ମାତାଲକରେ
କ୍ଷଣିକ ମଧରେ ।

ଭାଗ ପାଇବା ଆଶାରେ
ଭୋଗର ପ୍ରତିଶୃତି ଦିଏ
ରାତିରେ ରତି ବାଣ୍ଟେ,
ଯୁଆଡେ ଯାଏ,
ପାଣି ପବନ ବିଷାକ୍ତ କରେ !

ତା'ର ଦେହର ଚମଡ଼ାରେ
କାଳ ସର୍ପର ବିଷ,
ନାଭି ଭଉଁରୀରେ
ବାହୁ ବନ୍ଧନରେ ଫାସ ।

ମାନ ମର୍ଯ୍ୟାଦାର ସେ' ପାରିରେ
ଅଭିଳାଷର ଐଶ୍ୱର୍ଯ୍ୟ ଗଢେ,
ଅନିମନ୍ତ୍ରିତ ଆଗନ୍ତୁକ ହୋଇ
ସବୁଆଡ଼େ ପାଦକାଢ଼େ ।

ତା' ଓଠରେ
ପଦ୍ମତୋଳାର ଚୋଟ,
ସହଜେ ଆପଣେଇ ନେବାର କଳା
ତା' ପାଖରେ ଖୁବ ଯଥେଷ୍ଟ ।

ସେଥିପାଇଁ ସେ'
ସହଜେ ଆଦର ପାଏ,
ଆଙ୍ଗୁଠି ବଦଳରେ କହୁଣୀଭରେ
ତା' ବିକଳ ଅଭିନୟ ଆଗରେ
କରୁଣାର ବର୍ଷା ହୁଏ ।

ତଥାପି ସେ'
ଦଂସିବାରେ କ'ଣ
କାହାକୁ ବାଦ ଦିଏ ???

**ଯାଲୋଏ, ସୁବର୍ଣ୍ଣପୁର**



## ବାପା

### ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ

ପାଆନ୍ତାରୁ ଉଠି ନିତ୍ୟକର୍ମ ସାରି
ଯାଇଥାନ୍ତି ବାପା କାମକୁ ,
ନିଜ ସୁଖ ଭୁଲି ଖୁସିରେ ଟିକିଏ
ଦେଖିବା ପାଇଁକି ଆମକୁ ।
ସଞ୍ଜକୁ ଫେରିଲେ ଶୁଖିଯାଇଥାଏ
ତାଙ୍କର ଚମକ ମୁହଁଟି ,
ଦରଜ ଶରୀର ବହୁ କଥା କୁହେ
ତାଙ୍କ ପରି କେହି ନୁହଁଟି ।
ଅସହ୍ୟ ଯନ୍ତ୍ରଣା ସହିଯାଇ ସବୁ
ଦୁଃଖ କରନ୍ତିନି କେବେବି ,
ପ୍ରତିଟି ମୁହୂର୍ତ୍ତେ ସାଥିରେ ଅଛନ୍ତି
ବିପଦ ଆସିଛି ଯେବେବି ।
ଫାଟି ଯାଇଥିବା ମସିଆ ପୋଷାକ
ପିନ୍ଧିକି ସବୁଠି ଯାଆନ୍ତି ,
ହେଲେ ସେ ଆମକୁ ଭଲ ପିନ୍ଧାଇକି
ବହୁତ ଆନନ୍ଦ ପାଆନ୍ତି ।
ଅଧାପେଟ ଖାଇ ରହିଯାନ୍ତି, ପୁରା
ଆମକୁ ଖୋଇବା ପାଇଁକି ,
ତଥାପି ଦୁଃଖ ନ' କରି ହସି ହସି
କାମକୁ ଯାଆନ୍ତି ଧାଇଁକି ।
ମେଳା ଯାନି ଯାତ ବୁଲେଇ ନିଅନ୍ତି
ଆମକୁ କାନ୍ଧରେ ବସେଇ ,
ଅଳିକଲେ କାନ୍ଦି ଦରକାର ଯାହା
କିଣିକି ଦିଅନ୍ତି ହସେଇ ।
ପାଠ ପଢିବାକୁ ବହି ଖାତା କିଣି
ଦିଅନ୍ତି ଆଣିକି ହାତରେ ,
ବଡ଼ ମଣିଷଟେ ହେଉ ଆମେ ଦିନେ
ଡାକନ୍ତି ପ୍ରଭୁଙ୍କୁ କାତରେ ।
ଆମ ଭବିଷ୍ୟତ ସୁଖ ଚିନ୍ତା ଖାଲି
ନିତିଦିନ ସିଏ କରନ୍ତି ,
ଅବାଟରେ ପାଦ କେବେବି ନ' ଯାଉ
ଏଇକଥା ପାଇଁ ଡରନ୍ତି ।
ସତରେ ବିଶାଳ ହୃଦୟ ତାଙ୍କର
କରିହେବନି ତା' କଳନା ,
ଯେଉଁଥିରେ ଭରି ଅଛି ସ୍ନେହ, ଶ୍ରଦ୍ଧା
ନାହିଁ ଟିକେ ହେଲେ ଛଳନା ।।

**ସମ୍ପାଦକ: ଝୁମୁରୀପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର**
**ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର**
**ଫୋନ-୭୯୦୪୩୯୨୬୮୬**



## ବାଟରେ ଚାଲୁ ଚାଲୁ

### ଡ଼ଃ ଅନୁପମା ବିଶ୍ୱାଳ

ବାଟ ଲମ୍ବିଥାଏ ଦୂର ଦୂରାନ୍ତର
ନଥାଏ ଆରମ୍ଭ ଶେଷ
ଭିନ୍ନ ଭିନ୍ନ ପଥେ ଭିନ୍ନ ଭିନ୍ନ ରୂପେ
ଥାଏ ତା ବିଭିନ୍ନ ବେଶ।
ଚାଲୁଥିବା ଲୋକ ଅଟଇ ପଥିକ
ଇଚ୍ଛାରେ ଧରେ ସଡ଼କ
ଚାଲିଲେ ଜାଣଇ ଅବା ସେ ବୁଝଇ
ସେଇ ରାସ୍ତାର ମହକ।
ଚଲାବାଟ ଅଟେ ସାକ୍ଷୀ ଚାଲିବାର
ବାଟୋଇର ଆପଣାର
ବାଟୋଇ ସାଧନା ମାରଗ ସାଧନ
ପ୍ରାପତ ଆଶା ତାହାର।
ପଥ ମନୋରଥ ମିଶେ ଯେଉଁଠାରେ
ତୃପ୍ତି ସେହି ପଥ ଧାରେ
ଅଚିହ୍ନା ବି ଚିହ୍ନା ଚିହ୍ନା ଯେ ଅଚିହ୍ନା
ହୁଅନ୍ତି ଭାଗ୍ୟ ଆଧାରେ।
ଆପଣାର ଭାବେ ଛନ୍ଦି ହେଲେ କେହି
ନୂଆ ଭାବନା ଉଦୟ
ମନ ହୃଦୟରେ ହୃଦୟ ମନରେ
ଖୋଜେ ନିଜ ପରିଚୟ।
ଅମା ଅନ୍ଧାରରେ ଆଲୋକିତ ହୁଏ
ମରୁଦ୍ୟାନେ ସୃଜେ ପ୍ରାଣ
ଜୀବନ ଗଣିତେ ନୂଆ ପ୍ରକ୍ରିୟାରେ
ହୁଏ ପୁଣି ମୂଲ୍ୟାୟନ।

**ସମ୍ବଲପୁର**
**ମୋବାଇଲ୍: ୭୯୭୮୫୬୮୩୨୨**





## ତହସିଲଦାରଙ୍କ ସରକାରୀ ଗୃହରୁ ନାଗସାପ ଓ ଛୁଆ ଉଦ୍ଧାର

**ବାରିପଦା,୯।୯ (ସଂଚାର ବ୍ୟୁରୋ):** ଆଜି ତହସିଲଦାରଙ୍କ ସରକାରୀ ବାସଗୃହ ରୁ ନାଗ ସାପ ଏବଂ ଛୁଆ କୁ ସ୍ନେକ ହେଲପ୍ କର୍ମଚାରୀ ଉଦ୍ଧାର କରିଛନ୍ତି।ସୂଚନାଯୋଗ୍ୟ ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଦିର୍ଘ ୩ ମାସ ହେଲା ପ୍ରଶିକ୍ଷଣ ପାଇଁ ଭୁବନେଶ୍ୱର ଯାଇଥିଲେ। ଆସନ୍ତାକାଲି ସେ ନିଜ କାର୍ଯ୍ୟରେ ଯୋଗଦାନ କରିବେ।ଏଥିପାଇଁ ଆଜି ତହସିଲ ରାଜସ୍ୱ ପର୍ଯ୍ୟବେକ୍ଷକ ଇଂ ନିହାର ରଞ୍ଜନ ପାତ୍ର, ଏବଂ ସଫେଇ କର୍ମଚାରୀ ତାଙ୍କ ବାସ ଭବନକୁ ଯାଇଥିଲେ। ସଫେଇ କର୍ମଚାରୀ କବାଟ ଖୋଲି ସଫେଇ ପାଇଁ ଉଦ୍ୟମ ହେଉଥିବାବେଳେ ଘର ଭିତରୁ ସୁଁ ସୁଁ ଶବ୍ଦ ଶୁଣି ଡରି ଯାଇଥିଲେ। ପରେ ଡରି ଯାଇ ସ୍ନେହ ହେଲପ୍ ଲାଇନକୁ ଫୋନ କରିଥିଲେ।ସ୍ନେହ ହେଲପ ଲାଇନ ସଦସ୍ୟ ଚିରଞ୍ଜିବୀ ସିଂ ଘଟଣାସ୍ଥଳରେ ପହଞ୍ଚି ଏକ ନାଗ ସାପ ଏବଂଛୁଆକୁ ଧରି ଦୁବୁଲାବେଡା ସଂରକ୍ଷିତ ଜଙ୍ଗଲରେ ଛାଡିଛନ୍ତି। ଆହୁରି ମଧ୍ୟ ଘରେ ଛୋଟ ସାପ ଅଛନ୍ତି ବୋଲି ଆଶା କରାଯାଉଛି । ତେଣୁ ସମ୍ପୃକ୍ତ ଘରକୁ ତାଲା ବନ୍ଦ କରାଯାଇଅଛି।

## ବିଜେପିର ନୂଆଁଖାଇ ଭେଟଘାଟ



**ଭବାନୀପାଟଣା,୯।୯(ସଂଚାର ବ୍ୟୁରୋ):** ନୂଆଁଖାଇ ଏକ ଏମିତିକା ପର୍ବ ଯାହା ଭାଇଚାରା, ପରମ୍ପରା ଓ ସାମାଜିକ ନିଦର୍ଶନ କୁ ଏକ ସୂତ୍ରରେ ବାନ୍ଧି ନିଜର ପରିବାର ଜାତି ସମାଜ କୁ ଏକ ସୂତ୍ରରେ ଏକତା ର ବାର୍ତ୍ତା ଦେଇଥାଏ। ସେ ରାଜନୀତି କ୍ଷେତ୍ରରେ ହେଉ ଅବା ସାମାଜିକ କ୍ଷେତ୍ରରେ ହେଉ ନୂଆଁଖାଇ ପର୍ବ ର ଗାରିମାମୟ ଇତିହାସ ସବୁବେଳେ ପଶ୍ଚିମ ଓଡ଼ିଶାର ଲୋକଙ୍କ ମନରେ ଏକ ପ୍ରମୁଖ ସ୍ଥାନ ନେଇ ପରମ୍ପରା କୁ ବଜାୟ ରଖିବା ପ୍ରୟାସ ଜାରି ରହିଛି। ସେହି ନିଆଁରା ପରମ୍ପରା କୁ ବଜାୟ ରଖିବା ପାଇଁ ମଙ୍ଗଳବାର କୋକସରା ବ୍ଲକ ଭାରତୀୟ ଜନତା ପାର୍ଟି ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କୋକସରା ଧାନ ମଣ୍ଡିରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଭାଜପା ସଭାପତି ଯୁଗଳ କିଶୋର ପୋଢ଼ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ଜିଲ୍ଲା ସଭାପତି ଧନଞ୍ଜୟ ପାତ୍ର, ବିଜେପି ଜିଲ୍ଲା ଉପ ସଭାପତି ମୁକେଶ ଅଗ୍ରୱାଲ, ଲକ୍ଷ୍ମୀକାନ୍ତ ବାଗ, ଜିଲ୍ଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ଯୁବମୋର୍ଚ୍ଚା ବଲାଙ୍ଗୀର ପ୍ରଭାରୀ ହିମାଂଶୁ ପଣ୍ଡା, ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ନରହରି ପଟ୍ଟନାୟକ, ଧର୍ମଗଡ଼ ବ୍ଲକ ରୁ ଅପ୍ରେସ ସ୍ୱାଇଁ, ଗରୁଡ଼ ଧ୍ୱଜ ମାଝୀ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା କୁନ୍ତୀ ପାଳ ମଞ୍ଚାସିନ ରହିଥିବା ବେଳେ କୋକସରା ବ୍ଲକ ର ବିଭିନ୍ନ ପଞ୍ଚାୟତ ର ସରପଞ୍ଚ ଓ ଅନ୍ୟ ଜନ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ସେମାନଙ୍କୁ ମଧ୍ୟ ଦଳ ପକ୍ଷରୁ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ବୋଲଂଚକ ଗାଁର ଭାଗ୍ୟ ବଦଳିବ କେବେ

# ଦୋଳାରେ ବୁହାହୋଇ ଡାକ୍ତରଖାନା ଗଲେ ରୋଗୀ

**ବାଲିଆପାଳ,୯।୯ (ସଂଚାର ବ୍ୟୁରୋ):** ମାଳମାଳ ସମସ୍ୟା ଭିତରେ ହଜିଯାଇଛି ବିକାଶର ଚିହ୍ନ ବର୍ଣ୍ଣ। ସତେଯେମିତି ବିକାଶ ଏଠି ବାଟବଣା। ଗ୍ରାମାଞ୍ଚଳର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଗ୍ରାମାଞ୍ଚଳରେ ସେସବୁ ଟଙ୍କା ଠିକ୍ ଭାବରେ ପହଞ୍ଚି ପାରୁନାହିଁ। ଏମିତି ଏକ ବିକାଶର ନଗ୍ନ ଚିତ୍ର ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବୋଲଂ ପଞ୍ଚାୟତର ବୋଲଂ ଚକ ଗାଁ ରେ।ବୋଲଂ ଚକ ଗାଁ ଟି ବାଲିଆପାଳ ର କଷାଫଳ ରୁ ଲଙ୍ଗଳେଶ୍ୱର ସଂଯୋଗ କରୁଥିବା କରଣ ଛକ ଠାରୁ ୩ କିଲୋମିଟର ପର୍ଯ୍ୟନ୍ତ ଜନବସତି ରହିଛି। ୧୧ ଓ ୧୨ ନମ୍ବର ୱାର୍ଡରେ ୩୦୦ ପରିବାରରେ ପ୍ରାୟ ୧୫୦୦ ଶହ ଲୋକେ ବସବାସ କରିଥାନ୍ତି। ସେଥିମଧ୍ୟରୁ ୯୫ ଶତକଡା ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ବିତାଉଛନ୍ତି। ଏହି ଗାଁର ଲୋକେ ରାସ୍ତା, ପାନୀୟ ଜଳ, ନେଟୱର୍କ, ଶିକ୍ଷା ଦାନରୁ ଏବେବି ବଞ୍ଚିତ ରହିଛନ୍ତି। ସବୁ ସମସ୍ୟା ମଧ୍ୟରୁ ଅଧିକ ଜରୁରୀ ହୋଇପଡ଼ିଛି ଗାଁ କୁ ରାସ୍ତା। ଗ୍ରାମବାସୀ ଙ୍କ ଉଦ୍ୟମରେ ୩ କିଲୋମିଟର ପର୍ଯ୍ୟନ୍ତ ମାଟି ରାସ୍ତା ତିଆରି ହୋଇଛି ମାତ୍ର ଏହି ରାସ୍ତା ବର୍ଷା ଦିନେ ମରଣଯନ୍ତା ପାଲଟିଛି। ଚାରିଆଡ଼େ କାଦୁଅ ପଚପଚ। ଶୋଚନୀୟ ରାସ୍ତାରେ ପାଦରେ ଚାଲି ଚାଲି ଯିବା କାଠି କର ପାଠ ହୋଇପଡ଼ିଥିବା ବେଳେ ଜରୁରୀ କାଳୀନ ଆମ୍ବୁଲାନ୍ସ, କିମ୍ବା ଅଗ୍ନିଶମ ଗାଡ଼ି ଯିବା ସାତସପନ। ରୋଗୀଙ୍କୁ ତିନି କିଲୋମିଟର କରଣ ଛକ ପର୍ଯ୍ୟନ୍ତ ଆଣିବା ପାଇଁ କେବଳ ଖଟିଆ ହିଁ ସାହା ଭରଷା। ସରକାରୀ ପ୍ରାଥମିକ ବିଦ୍ୟାଳୟ,



ଅଙ୍ଗନୱାଡି କେନ୍ଦ୍ର ରହିଛି ମାତ୍ର ପିଲା ମାନେ କାଦୁଅ ସର ସର ହୋଇ ଘରକୁ ଫେରି ଆସନ୍ତି। ବାରମ୍ବାର ଦୁର୍ଘଟଣାର ଶିକାର ହେଉଥିବାରୁ ପିଲାମାନଙ୍କୁ ଅଭିଭାବକ ମାନେ ବିଦ୍ୟାଳୟକୁ ଛାଡିବା ପାଇଁ ମଧ୍ୟ ନାରାଜ। ବଡ଼ ପିଲାଙ୍କୁ ନିକଟସ୍ଥ ଛଆଳିଆ ହାଇସ୍କୁଲ ଆସିବା ପାଇଁ ପଡ଼ିଥାଏ। ମାତ୍ର ବିଦ୍ୟାଳୟ କୁ ଆସିବା ପାଇଁ କେବଳ ସେହି ମାଟି ପଚପଚ କାଦୁଅ ରାସ୍ତା ବାଧକ ସାଜିଛି। ଗ୍ରାମବାସୀଙ୍କ କହିବା କଥା ଏହି ରାସ୍ତା ରେ କେବେ ବି ଝୋଡାଏ ମୁରମ କି ରାବିସ ପଡ଼ିନାହିଁ। ହାଟ ବଜାର ହେଉ କି ଡାକ୍ତରଖାନା ଯିବାକୁ ହେଉ ବହୁ ହଇରାଣ ହେଉଛନ୍ତି ଗ୍ରାମବାସୀ। ଏହାଛଡା ପାନୀୟ ଜଳ ପାଇଁ ଗ୍ରାମ ପଞ୍ଚାୟତ ପକ୍ଷରୁ ଟିବଲ୍ ମରାଯାଇଛି ମାତ୍ର ତାହା ଉପଯୋଗୀ ହୋଇନଥିବା ରୁ ପୋଖରୀ ପାଣି ଲୋକଙ୍କ ଶୋଷ ମେଣ୍ଟାଉଛି।ତେବେ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ କାର୍ତ୍ତିକ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି ମାଟି ରାସ୍ତା ପାଇଁ ପଞ୍ଚାୟତ ପକ୍ଷରୁ ସାହାର୍ଯ୍ୟ କରାଯାଇଛି, ପଞ୍ଚାୟତ ପାଣ୍ଠିରେ ଏହି ରାସ୍ତା ନବନିର୍ମିତ କରିବା ସମ୍ଭବ ନୁହେଁ। ଏହି ରାସ୍ତା ଯଦି ପ୍ରଶାସନ ହାତକୁ ନେଇ ଆ.ର.ଡ଼ି ବା ପିଡବ୍ଲୁ ହସ୍ତାନ୍ତର କରିବେ ତାହେଲେ ରାସ୍ତା କାମ ସମ୍ଭବ ହୋଇପାରିବ।

## ବରିଷ୍ଠ ନାଗରିକମାନଙ୍କ ଅଯୋଧ୍ୟା-ବାରଣାସୀ ଅଭିମୁଖେ ତୀର୍ଥଯାତ୍ରା



**ଜଗତସିଂହପୁର,୯।୯(ସଂଚାର ବ୍ୟୁର):** ଆଜି ଅପରାହ୍ନରେ ଜଗତସିଂହପୁର ଜିଲ୍ଲାରୁ ୮୫ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ସାମିଲ ହୋଇ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା କରିଛନ୍ତି । ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ ଗୋଟି ବସ୍ ଓ ଏକ ବୋଲେରୋ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତୀଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଏବଂ ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀ ହରପ୍ରିୟା ପୃଷ୍ଟି ଯୋଗଦାନ ପୂର୍ବକ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିବା ସହିତ ତୀର୍ଥଯାତ୍ରୀ ମାନଙ୍କୁ ଆଧ୍ୟାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ । ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀ ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ସାରଦା ପ୍ରସନ୍ନ ସାହୁ ଓ ରାଧା ମୋହନ ଜେନା ଗସ୍ତ କରିଛନ୍ତି ।

## ଓଭରବ୍ରିଜ ନିର୍ମାଣ ପାଇଁ ସାଂସଦଙ୍କ ରେଳମନ୍ତ୍ରୀଙ୍କୁ ଚିଠି

**ବେତନଟୀ,୯।୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ-ବଡ଼ସାହି ରାସ୍ତାର କଙ୍କା କାଳିଆ ଛକ ନିକଟରେ ଦକ୍ଷିଣ ପୂର୍ବ ରେଳ ପଥର ରେଲୱେ କ୍ରସିଂ ଗେଟ ଏଲ ସି ନଂ ୧୬ ନିକଟରେ ଏକ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ବେତନଟୀ ଅଞ୍ଚଳ ବାସୀ ଦୀର୍ଘ ଦିନ ଧରି ଦାବି କରି ଆସୁଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବେତନଟୀ ବ୍ଲକର ପୂର୍ବତନ ମଣ୍ଡଳ ସଭାପତି ରାଜକିଶୋର ସାହା ବେତନଟୀ ଅଞ୍ଚଳ ବାସୀଙ୍କ ପକ୍ଷରୁ ଏକ ଲିଖିତ ଦରଖାସ୍ତ ଏହି ବିଧାନସଭା ଅଧୀନ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ପ୍ରଦାନ କରିଛନ୍ତି। ଶତାଧିକ ଅଞ୍ଚଳ ବାସୀ ଙ୍କ ଦସ୍ତଖତ ହୋଇଥିବା ଦରଖାସ୍ତ କୁ ମଣ୍ଡଳ ସଭାପତି ଦିଲ୍ଲୀ କୁ ଯାଇ



ବାଲେଶ୍ୱର ସାଂସଦଙ୍କୁ ସାକ୍ଷାତ କରି ଓଭରବ୍ରିଜ ସମ୍ପର୍କିତ ସମସ୍ୟା ଅବଗତ କରିବା ସହ ଲିଖିତ ଦରଖାସ୍ତ ମଧ୍ୟ ପ୍ରଦାନ କରିଛନ୍ତି। ଏହାକୁ କେନ୍ଦ୍ରକରି ସାଂସଦ ପ୍ରତାପ ଷଡ଼ଙ୍ଗୀ ଭାରତର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ପ୍ରଦାନ କରିଛନ୍ତି ବୋଲି ମଣ୍ଡଳ ସଭାପତି ବେତନଟୀ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଏହି ୧୬ନମ୍ବର ଗେଟ ଦେଇ ପ୍ରତିଦିନ ରୁପ୍ସା ବାଙ୍ଗରିପୋଷୀ, ବାଙ୍ଗରିପୋଷୀ ବାଲେଶ୍ୱର, ଲୋକାଲ ଟ୍ରେନ ଦିନ ସାରା ଯିବା ଆସିବା କରୁଥିବା ବେଳେ ଦ୍ରୁତଗାମୀ ଟ୍ରେନ ମଧ୍ୟରେ ବାଙ୍ଗରିପୋଷୀ ଭୁବନେଶ୍ୱର, ଭଂଜପୁର ପୁରି, ଭଂଜପୁର ସାଲିମର ଟ୍ରେନ ଯାତାୟାତ କରୁଛି। ଏହି ରାସ୍ତା ଟି ରାଜ୍ୟ ରାଜପଥ ହୋଇଥିବା ବେଳେ ବେତନଟୀର ଏକ ମାତ୍ର ମୁଖ୍ୟ ରାସ୍ତା। ବାରମ୍ବାର ଟ୍ରେନ ଯିବା ଆସିବା କରିବା ଦ୍ୱାରା ଟ୍ରେନ ଗେଟ ପଡ଼ିବା ପରେ ଯାତାୟାତରେ ଟ୍ରାଫିକ ସମସ୍ୟା ଅତି ମାତ୍ରା ରେ ବୃଦ୍ଧି ପାଉଛି।

### ସହରରେ ୯ ବର୍ଷର ବାଳକ ନିଖୋଜ

## ବାପା ମା'ଙ୍କୁ ଟଙ୍କା ମାଗି ଧମକ ଦେଲା ଅପହରଣକାରୀ

**ସୁବର୍ଣ୍ଣପୁର,୯।୯(ସଂଚାର ବ୍ୟୁରୋ):** ଜିଲ୍ଲା ସଦର ମହକୁମାର ପଟାଭାଡ଼ି ଅଞ୍ଚଳ ରୁ ଜଣେ ବ୍ୟବସାୟୀ ଙ୍କ ପୁଅ (ନଅ ବର୍ଷ ର ନାବାଳକ) ଙ୍କୁ କିଛି ଦୁର୍ବୃତ୍ତ ଅପହରଣ କରି ଥିବା ବିଷୟ ଗତ କାଲି ରବିବାର ରାତି ୧୨ ଟା ସ୍ଥାନୀୟ ଥାନା ରେ ଅଭିଯୋଗ ହୋଇଛି। ଛୋଟ ଛୁଆ ଟି ବାପା ଙ୍କୁ କହି ନିକଟସ୍ଥ ଏକ ଫାଷ୍ଟ ଫୁଡ୍ ଦୋକାନ କୁ ମଞ୍ଚୁରାନ ଖାଇବାକୁ ଯାଇ ରାତି ୯ ଟା ଯାଏ ଆଉ ଫେରି ନ ଥିବାରୁ ପିଲା ର ବାପା ମାଆ ପାଖ ପଡ଼ିଶା ବହୁ ଖୋଜା ଖୋଜି କରିଥିଲେ। ଖୋଜା ଖୋଜି କଲା ବେଳେ ରାତି ୯ ଟା ରେ ଉକ୍ତ ବ୍ୟବସାୟୀ ଙ୍କ ପାଖ କୁ ଏକ ଅଜଣା ଫୋନ କଲ୍ ରୁ




୨୦ ଲକ୍ଷ ଟଙ୍କା ଦେଲେ ତୁମ ଛୁଆ କୁ ନେବ ବୋଲି ଧମକ ଆସିଥିବା ବିଷୟ ଆଜି ସକାଳେ ପିଲା ର ବାପା ଶ୍ରଦ୍ଧା କର ନାଏକ ମିଡିଆ ଙ୍କୁ ପ୍ରକାଶ କରିଥିଲେ। ଏ ଖବର ପ୍ରସାରିତ ହେବା ପରେ ଚନ୍ଦ୍ର ଗ୍ରହଣ ଛୁଇଁ ଥିବା ସତ୍ତ୍ୱେ ବି ପଟା ଭାଡ଼ି ଅଞ୍ଚଳ ରେ ହଜାର ଲୋକ ଙ୍କ ଭିଡ଼ ହୋଇଥିଲା। ପୋଲିସ ପି ସି ଆର ପହଞ୍ଚିବା ପରେ ରାସ୍ତା ଭିଡ଼ କୁ ନିୟନ୍ତ୍ରଣ କରି ଥିଲେ। ନିଖୋଜ ବାଳକ ର ବାପା ମା ଙ୍କୁ ନେଇ ପୋଲିସ ର ଏକ ସ୍ୱତନ୍ତ୍ର ଟିମ ଗତ ରାତି ରେ ଓ ଆଜି ଦିନ ସାରା ଅନେକ ଅଞ୍ଚଳ ରେ ଖୋଜା ଖୋଜି କରିବା ପରେ ମଧ୍ୟ ୨୪ ଘଣ୍ଟା ଯାଏ ପୋଲିସ ର ହାତ ଖାଲି ନେଇ ସହର ଲୋକେ ପୋଲିସ ଉପରେ ଭରଷା ତୁଟାଇ ଦେଇଛନ୍ତି। ଥାନା ଅଧିକାରୀ ଙ୍କୁ ଆଜି କିଛି ମିଡିଆ ଯୋଗାଯୋଗ କରିବା ରୁ ନାବାଳକ ନିଖୋଜ ବୋଲି ଅଭିଯୋଗ ହୋଇଥିବା ଓ ପୋଲିସ ର ଛାନ ଭିନ୍ ଜାରି ରହିଥିବା ବିଷୟ ପ୍ରକାଶ କରିଛନ୍ତି।

## ତେଲ ଟ୍ୟାଙ୍କର ଧକ୍କାରେ ବାଇକ ଚାଳକ ମୃତ

**ନର୍ଲା,୯।୯(ସଂଚାର ବ୍ୟୁରୋ):** ନର୍ଲା ରାଜରାସ୍ତାରେ ଏକ ତେଲ ଟ୍ୟାଙ୍କର ସହ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ସମରକଟା ଗାଁର ଖଗେ ଗହୀର ବୋଲି ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁସାରେ ବାଇକ ଚାଳକ ଯୁବକ ଜଣକ ଭବାନୀପାଟଣା ପଟୁ ନିଜ ହିରୋ ବାଇକ (ନଂ ଓଡ଼ି ୦ ୧୮ ଡି ୭୬୬୮)ରେ ଆସୁଥିଲେ। ଏହି ସମୟରେ ନର୍ଲା ଚାରିଛକ ନିକଟସ୍ଥ ମାଉଣ୍ଟେନ କିଡସ ସ୍କୁଲ ପାଖରେ ବିପରୀତ ଦିଗରୁ କ୍ଷୀପ୍ର ଗତିରେ ଯାଉଥିବା ଜିଓ ତେଲ ଟ୍ୟାଙ୍କର (ନଂ ଏନଏଲ ୧୧ ଏ ଏ ୮୭୮୩) ସହ ଧକ୍କା ହେବାରୁ ଯୁବକ ଜଣକ ବାଇକରୁ ଛିଟିକି ପଡ଼ି ଟ୍ୟାଙ୍କର ଚକ ତଳେ ପଡ଼ି ଯିବାରୁ ତାଙ୍କ ମୁଣ୍ଡରେ ଚକ ଚଢ଼ି ଯାଇ ମୁଣ୍ଡ ଚୁନା ହୋଇଯାଇଅଛି। ଘଟଣା ସ୍ଥଳରେ ହିଁ ଯୁବକଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ନର୍ଲା ପୋଲିସ ଟ୍ୟାଙ୍କରକୁ ଥାନାରେ ଅଟକ ରଖି ଅଧିକ ତଦନ୍ତ କରିବା ସହ ଯୁବକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇଥିବା ଜଣା ପଡ଼ିଛି।

## ପ୍ରତି ଗାଁରେ ରୋପଣ ହେବ ଗଛ ଚାରା

**ପାଟଣା,୯।୯(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ପରିସରରେ ମଙ୍ଗଳବାର ବଡପାଟଣା, ଟାଙ୍ଗରପଡ଼ା ଏବଂ ସରାସ କୋଲା ପଞ୍ଚାୟତକୁ ୫ଶହ ଲେଖାଏଁ ଚାରା ଗଛ ପ୍ରେରଣ କରାଯାଇଛି। ଏକ ପେଡ ମା' କି ନାମପର କାର୍ଯ୍ୟକ୍ରମରେ ଆସନ୍ତା ୧୭ରେ ପ୍ରତି ପଞ୍ଚାୟତ ଅଞ୍ଚଳରେ ଚାରା ରୋପଣ କରାଯିବ। ରେଞ୍ଜ କାର୍ଯ୍ୟାଳୟରୁ ବାରିଥିବା ଚାରା ବଣ୍ଟନ ଗାଡ଼ିକୁ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣା ପାଣି ନାୟକ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବଡ ପାଟଣା ସରପଞ୍ଚ ବିନତୀ ବାନରା, ପାଟଣା ତହସିଲ ଦାର ଅଶିନୀ କୁମାର ନାଏକ, ବିଡିଓ ମାନସ ଦଣ୍ଡପାଟ, ରେଞ୍ଜର ବନ ବିହାରି ସର୍ଦ୍ଦାର, ପାଟଣା ବନପାଳ ନିରଞ୍ଜନ ସେଠୀ, ପାଟଣା ଗାର୍ଡ ହୃଦାନନ୍ଦ ମହାନ୍ତି, ଦେବଯାନୀ ମହାନ୍ତ, ରାଜେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରା ଦେଶୀ ମଦ ବେପାରୀଙ୍କ ନିଦ ହଜାଉଛନ୍ତି ଅବକାରୀ ଅଧିକାରୀ



**ଯାଜପୁର ରୋଡ଼,୯।୯(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀ ଦିବ୍ୟକିଶୋର ଟଣ୍ଡେଲ'ଙ୍କ ନିର୍ଦ୍ଦେଶ କ୍ରମେ ଡୋଲୀପୁର ଅବକାରୀ ଅଧିକାରୀ ଶ୍ରୀ ବିଭୁପ୍ରସାଦ ସାହୁ କୌଣସି ଏକ ବିଶେଷ ସୂତ୍ରରୁ ଖବର ପାଇ ତାଙ୍କ ଟିମ୍'ଙ୍କ ସହିତ କୋରେଇ ଅଞ୍ଚଳର ରଗଡ଼ି ଠାରେ ଚଢ଼ାଉ କରି ଏକ ଇଣ୍ଡିଗୋ କାରକୁ ଜବତ କରିବା ସହିତ ସେଥିରୁ ୪୦୦ ଲିଟର ଦେଶୀ ମଦ ସହ ଦୁଇ ଅଭିଯୁକ୍ତ'ଙ୍କୁ ଗିରଫ କରିଛନ୍ତି। ଅବକାରୀ ଥାନା କେଶ ନମ୍ବର ୧୪୧/୨୬ ରେ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରି ଆଜି କୋର୍ଟ ଚାଲାଣ କରିଥିବା ଡୋଲୀପୁର ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଧର୍ମଶାଳା ଅଞ୍ଚଳ ଅନ୍ତର୍ଗତ ଶ୍ରୀବନ୍ତପୁର ଅଞ୍ଚଳରେ ଅଭିଯୁକ୍ତ ଜଣକ ଆନନ୍ଦପୁର ଭାଟିରୁ ଦେଶିମାଲ ଆଣି ବିକ୍ରି କରୁଥିବା କହିଛନ୍ତି। ଏଥି ସହିତ କୌଣସି କ୍ଷେତ୍ରରେ ଚୋରା ବେପାରୀଙ୍କୁ ପ୍ରଶୟ ଦିଆଯିବ ନାହିଁ ଏବଂ ଏହି ଚଢ଼ାଉ ଆଗକୁ ଜୋରଦାର ହେବ ବୋଲି ଅଧିକାରୀ ଶ୍ରୀ ବିଭୁପ୍ରସାଦ ସାହୁ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଚଗଲା ମଳିକ ସହଯୋଗ କରିଥିଲେ।

## ଚାକିରି କରିବାକୁ ଆସିଥିଲେ ବେକରେ ଗାମୁଛା ଲଗାଇ ପଙ୍ଖାରେ ଝୁଲିପଡ଼ିଲେ

**ଲାଞ୍ଜିଗଡ,୯।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ସହର ପୂଜାରୀପଡା ଠାରେ ରହୁଥବା ଏକ ଘରେ ଜଣେ ଯୁବକ ରବିବାର ବେକରେ ଗାମୁଛା ଦେଇ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିଲେ। ଯୁବକ ଜଣକ ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ପୋଡାଡିହ ଗ୍ରାମର କୈଳାସ ଚନ୍ଦ୍ର ପରିଡାଙ୍କ ପୁତ୍ର କମଳାକାନ୍ତ ପରିଡା (୩୦)। କମଳାକାନ୍ତ ଲାଞ୍ଜିଗଡ ବେଦାନ୍ତର ସହଯୋଗୀ ପାୱାରମେକ କମ୍ପାନୀରେ ଟେକନିସିଆନ ଭାବେ କାର୍ଯ୍ୟରତ ଥିଲେ। ପାୱାରମେକ କମ୍ପାନୀର କେତେଜଣ କର୍ମଚାରୀ ଏବଂ ମୃତ କମଳାକାନ୍ତ ଗୋଟିଏ ଭଡ଼ାଘରେ ରହୁଥିଲେ।

## ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି, ଡ଼ ଶତ୍ରୁଘ୍ନ ପାଣିଗ୍ରାହୀ



**ନୟାଗଡ଼,୯।୯ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାର ଗର୍ବ ଓ ଗୌରବ ଖବର। ଓଡ଼ିଆ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ହେଲେ ନୟାଗଡ଼ ଜିଲ୍ଲା ମାଟିର ପୁଅ ଡ଼ ଶତ୍ରୁଘ୍ନ ପାଣିଗ୍ରାହୀ। କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କମ୍ଭମପତି ୬ ମାସ ନିମନ୍ତେ ଶତ୍ରୁଘ୍ନଙ୍କୁ ଏହି ନିଯୁକ୍ତି ଦେଇଛନ୍ତି।ଏବେ ସେ ଜଗନ୍ନାଥ ବିଶ୍ୱବିଦ୍ୟାଳୟ ପୁରୀରେ ବେଦ ଓ ଉପନିଷଦ ବିଭାଗର ବିଭାଗୀୟ ମୁଖ୍ୟ ଭାବରେ କାର୍ଯ୍ୟରତ ଅଛନ୍ତି।ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକ କୁରାଳ ଗ୍ରାମ ତୋଟାସାହିର ମୂଳବାସିନ୍ଦା ପ୍ରଫେସର ଡ଼ ଶତ୍ରୁଘ୍ନ ପାଣିଗ୍ରାହୀ ସଂସ୍କୃତ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଅଧ୍ୟୟନ କରିବା ସହ ବିଶେଷ କରି ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ 'ବେଦ ଉପରେ ମହିଳାଙ୍କ ଅଧିକାର' ସମ୍ପର୍କରେ ଅଧ୍ୟାପନା ସହ ଗବେଷଣା ମଧ୍ୟ କରିଛନ୍ତି। ଏହି ଖବର ପ୍ରସାରିତ ହେବା ପରେ କୁରାଳ ଅଞ୍ଚଳର ବହୁ ବୁଦ୍ଧିଜୀବୀଙ୍କ ମହଲରୁ ପ୍ରଫେସର ପାଣିଗ୍ରାହୀଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ଚଢ଼ାଉ କରି ଜଣଙ୍କ ପରେ ଜଣଙ୍କୁ ଧରିଲା ଅବକାରୀ ଟିମ୍

**ମୋରଡ଼ା,୯।୯(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ମୋରଡା ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ, ଅବକାରୀ ବିଭାଗ କପୋଇ ଏବଂ ଅଙ୍ଗାରିଆ ଗ୍ରାମରେ ଚଢ଼ାଉ କରି ମୋଟ ୫୩ ଲିଟର ଦେଶୀ ମଦ ଜବତ କରିବା ସହିତ ଖୁଣ୍ଟିଆ ମୁର୍ମୁ, ଗଣେଶ ମହାନ୍ତ ଓ ରାଜୀବ କୁମାର ମହାନ୍ତଙ୍କୁ ଗିରଫ କରିଛି। ଏନେଇ ଅବକାରୀ ଥାନାରେ ୧୦୧, ୧୦୨, ୧୦୩/୨୫ରେ ମାମଲା ରୁଜୁ ହୋଇଛି ।

## କାମରେ ଲାଗିପାରିଲାନି ଭେଣ୍ଡିଂ ଜୋନ୍



**ରାୟଗଡ଼ା,୯।୯ (ସଂଚାର ବ୍ୟୁରୋ):** ରାସ୍ତା କଡ଼ରେ ବସୁଥିବା ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ଭେଣ୍ଡିଂ ଜୋନ୍‌ରେ ବିକ୍ରି ବଟା ହେବ। ଏହା ଦ୍ୱାରା ସହରର ଉପୁଜୁଥିବା ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ଏମିତି କିଛି ଉଦ୍ଦେଶ୍ୟ ନେଇ ନିର୍ମାଣ ହୋଇଥିଲା ଭେଣ୍ଡିଂ ଜୋନ୍। ହେଲେ ଏସବୁ ପାଣି ଫୋଟକା ପରି ମିଳେଇଯାଇଛି । ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ । ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନାରେ ସହରଠାରୁ କିଛି ଦୂରରେ ନିର୍ମାଣ ହୋଇଛି ଭେଣ୍ଡିଂ ଜୋନ୍। ୩୦ଟି ଦୋକାନ ଘର ରହିଛି । ହେଲେ ନିର୍ମାଣର ଦୀର୍ଘବର୍ଷ ପରେ ବି ଏଗୁଡ଼ିକୁ ବ୍ୟବସାୟୀଙ୍କୁ ବଣ୍ଟନ କରାଯାଇନାହିଁ। ବ୍ୟବହାରରେ ନଲାଗି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ଦୋକାନ ଚାରିପଟ କୃତ୍ରିମ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି । କାର୍ଯ୍ୟକ୍ଷମ ନହୋବାରୁ ସଞ୍ଜ ହେଲେ ଏଠି ଜମୁଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ। ୨୦୨୦-୨୧ ଆର୍ଥିକ ବର୍ଷରେ ୬୪ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ହୋଇଥିଲା ଭେଣ୍ଡିଂ ଜୋନ୍। ଉଠା ଦୋକାନୀଙ୍କ ସୁବିଧା ପାଇଁ ପୌର ପରିଷଦ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନେଇଥିଲା ଏହାର ନିର୍ମାଣ ଦାୟିତ୍ୱ । ହେଲେ ଏବେ ଏହା ବ୍ୟବହାର ଅନୁପଯୋଗୀ ।

## କାର୍ଯ୍ୟରତ ସାମ୍ବାଦିକଙ୍କୁ ସୁରକ୍ଷା ଦେବ ଆନ୍ତର୍ଜାତିକ ସାମ୍ବାଦିକ ସଂଘ ଭଏସ ଅଫ ମିଡ଼ିଆ



**ଫୁଲବାଣୀ,୯।୯(ସଂଚାର ବ୍ୟୁରୋ):** କନ୍ଧମାଳ ର କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ସୁରକ୍ଷା ର ଢାଲ ହୋଇ ଠିଆ ହେବା ସହ ସାମ୍ବାଦିକ ଙ୍କ ପରିବାର କୁ ୧୦ ଲକ୍ଷ ଟଙ୍କା ର ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବାକୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ଆନ୍ତର୍ଜାତିକ ସାମ୍ବାଦିକ ସଂସ୍ଥା ଭଏସ ଅଫ ମିଡ଼ିଆ ର ରାଜ୍ୟ ସଭାପତି ଡ଼ଃ ପ୍ରଭାତ କୁମାର ମିଶ୍ର। ଆଜି ଏକ ଦିନିକିଆ ଫୁଲବାଣୀ ଗସ୍ତ କରି ଏଠାକାର କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଭେଟି ସାମ୍ବାଦିକତା କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଆଲୋଚନା କରି, ପ୍ରତି ସାମ୍ବାଦିକ ର ବାପା, ମା ଓ ପରିବାରକୁ ୧୦ ଲକ୍ଷ ଟଙ୍କା ର ସ୍ୱାସ୍ଥ୍ୟ ବୀମା, ଆର୍ଥିକ ଦୃଷ୍ଟି କୋଣରୁ ଅକ୍ଷମ ଥିବା ସାମ୍ବାଦିକ ଙ୍କ ପିଲା ମାନଙ୍କୁ ପାଠ ପଢିବା ପାଇଁ ଆର୍ଥିକ ସହାୟତା, ଓ ୬୦ ବର୍ଷ ର ଊର୍ଦ୍ଧ୍ୱ ସାମ୍ବାଦିକ ଙ୍କୁ ପେନସନ ଯୋଗାଇ ଦେବାପାଇଁ କହି ଆଜି ପୂର୍ବରୁ ଆବେଦନ କରିଥିବା ସାମ୍ବାଦିକ ଗୋପାଳ ପଟ୍ଟନାୟକ ଙ୍କୁ ଆଗାମୀ ପ୍ରେସ ଡେ ଠାରୁ ପେନସନ ସଂଘ ପକ୍ଷରୁ ଦେବାପାଇଁ ଘୋଷଣା କରିଥିଲେ। କନ୍ଧମାଳ ରେ ଏହି ସୁବିଧା ର ଲାଭ ଉଠାଇବା ପାଇଁ ଅନ୍ୟ ସାମ୍ବାଦିକ କୁ ଏହି ସଂଗଠନ ରେ ସାମିଲ କରିବା ପାଇଁ ଅନୁରୋଧ କରି ସଭାପତି ଶିବାନନ୍ଦ ପଟ୍ଟନାୟକ ଓ ସମ୍ପାଦକ ଅଜିତ ମହାରଣା ଙ୍କୁ ଦାଇତ୍ୱ ଦେଇଥିଲେ। ଆଜି ସ୍ଥାନୀୟ ସର୍କିଟ ହାଉସ ଠାରେ ବସିଥିବା ବୈଠକ ରେ ବରିଷ୍ଠ ସାମ୍ବାଦିକ, ଉପଦେଷ୍ଟା ଗୋପାଳ ପଟ୍ଟନାୟକ, ସୁବାସ ପ୍ରଧାନ, ଫିଲିମୋହନ ନାୟକ, ପ୍ରଶାନ୍ତ ପଣ୍ଡା ଙ୍କ ସହ ସହସମ୍ପାଦକ ରମେଶ ପ୍ରଧାନ, ସାଗର ପ୍ରଧାନ, ରମେଶ ନାୟକ, ବି ଭି ଶଙ୍କର, ପ୍ରଶାନ୍ତ ଜେନା, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଆଦି ୨୦ ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିଲେ।

# ୩୨୮ କିଲୋ ଗଞ୍ଜେଇ ଜବତ ସହ ୩ ବାଇକ

**ଫୁଲବାଣୀ,୯।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ପୋଲିସ କୁ ମିଳିଛି ଏକ ବଡ଼ ସଫଳତା । ରାଜ୍ୟ ପୋଲିସ ମୁଖିଆ ଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଅପରେସନ ପ୍ରହାର ଆରମ୍ଭ କରାଯାଇଥିବା ବେଳେ ଅନୁରୂପ ଭାବରେ କନ୍ଧମାଳ ଜିଲ୍ଲାରେ ମଧ୍ୟ ଜିଲ୍ଲା ଏସପି ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଛି। ତେବେ ଗୋଛାପଡା ପୋଲିସ ମଧ୍ୟ ଏହି ଅଭିଯାନ ଆରମ୍ଭ କରିଥିବା ବେଳେ ପୋଲିସ ଗୋଟିଏ ଦିନରେ ତିନୋଟି ବାଇକ ସହ ୩୨୮ରୁ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଥିବା ବେଳେ ଗଞ୍ଜେଇ ଚାଲାଣ ଅଭିଯୋଗ ରେ ସାତ ଜଣ ଗଞ୍ଜେଇ ମାଫିଆ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହାସହ



ଗୋଛାପଡା ଥାନାରେ ଏହି ଘଟଣାକୁ ନେଇ ୧୯୩ ଓ ୧୯୪ / ୨୦୨୫ ରେ ଦୁଇଟି ମାମଲା ରୁଜୁ କରାଯାଇଥିବା ଗୋଛାପଡା ପୋଲିସ ପକ୍ଷରୁ ସୂଚନା ଏଇଆଯାଇଛି । ତେବେ ପୋଲିସ ର ସୂଚନା ଅନୁସାରେ ଗୋଛାପଡା ଥାନା କୁମ୍ଭାରଖୋଲ ଅଂଚଳରୁ କିଛି ଗଞ୍ଜେଇ ମାଫିଆ ବୌଦ ଜିଲ୍ଲା କୁ ଗଞ୍ଜେଇ ଚାଲାଣ କରୁଥିବା ପୋଲିସ କୁ ସୂଚନା ମିଳିଥିଲା । ସୂଚନା ପାଇବା ପରେ ଥାନା ଅଧିକାରୀ ଚିରଞ୍ଜିବ ବେହେରା ଙ୍କ ସହ ଏକ ଟିମ ଗୋଛାପଡା ଥାନା କାତ୍ରାମାଲା ନିକଟରେ ଛପି ରହିଥିଲେ । ପ୍ରଥମେ ଦୁଇଟି ବାଇକ ସହ ଦୁଇଜଣ ମାଫିଆ ଙ୍କୁ ଧରିବାରେ ସଫଳ ହେବା ସହ ତାଙ୍କ ପାଖରୁ ୧୨୦ କିଲୋ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଥିଲେ । ତେବେ ଏହି ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ଦୁଇଜଣ ଗୋଛାପଡା ଥାନା ଅଧୀନରେ ଥିବା ବାଲନ୍ଦାପଡ଼ା ପଞ୍ଚାୟତ ବାଘଡୁଙ୍ଗୁରି ଗାଁ ର ଗଣେଶ ନାଏକ ଓ ପରମା ନାଏକ ବୋଲି ଜଣାପଡିଛି । ଅନୁରୂପ ଭାବରେ ଏହି ଘଟଣା ର କିଛି ସମୟ ପରେ ଗଞ୍ଜେଇ ଚାଲାଣ ପାଇଁ ସେହି କାତ୍ରାମାଲା ଗାଁ ନିକଟରେ ଜଗି ରହିଥିବା ବେଳେ ପୋଲିସ ଅତର୍କିତ ଚଡାଉ କରି ପାଞ୍ଚ ଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ସେମାନଙ୍କ ପାଖରୁ ପୋଲିସ ୨୦୮ କିଲୋ ଗଞ୍ଜେଇ ଜବତ କରିଛି । ତେବେ ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଏରେଡା ଗାଁ ର ବିଜୁ ବେହେରା, ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଉସ୍ତମେଲିକା ଗାଁ ର ବିବେକାନନ୍ଦ ତଣ୍ଡାଇ, ଗୋଛାପଡା ଥାନା ପିଡିଆପାଙ୍ଗା ଗାଁ ର ଗୁପନ ଭୋଇ ଓ ବିକାରୁ ଚରଣ ସାହୁ ବୋଲି ଜଣାପଡିଥିବା ବେଳେ ଅନ୍ୟଜଣେ ଗୋଛାପଡା ଥାନା କୁମ୍ଭାରଖୋଲ ଗାଁ ର ମଗର କହଁର ବୋଲି ଜଣାପଡିଛି । ସେପଟେ ସୋମବାର ସମସ୍ତ ଅଭିଯୁକ୍ତଙ୍କୁ ଜବତ ଗଞ୍ଜେଇ ସହ ମହିଷ୍ଟ୍ରେଟ ଙ୍କ ଉପସ୍ଥିତିରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଚିରଞ୍ଜୀବ ବେହେରା ।